RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-218 ◆TUESDAY ◆3 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ବର୍ଷ-୪୩ ◆ସଂଖ୍ୟା-୨୧୮ ◆ମଙ୍ଗଳବାର ◆୩ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




୨୦୨୭ରେ
'ବାରାଣସୀ'
▶ପୃଷ୍ଠା ୧୧ ଦେଖନ୍ତୁ...

# ରାଜ୍ୟରେ ୧୭ ନୂଆ ରେଳ ପ୍ରକଳ୍ପ

## ୨୦୨୬-୨୭ ରେଳ ବଜେଟରେ ଓଡ଼ିଶା ପାଇଁ ୧୦ ହଜାର ୯୨୮ କୋଟିର ବ୍ୟୟ ବରାଦ

■ ଭୁବନେଶ୍ୱର, ୨।୨ (ସମିସ): ୨୦୨୬–୨୭ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ଭାରତୀୟ ରେଳବାଇ ପାଇଁ ୨,୯୩,୦୩୦ କୋଟି ଟଙ୍କାର ରେକର୍ଡ ପୁଞ୍ଜି ବ୍ୟୟ ଯୋଜନା କରାଯାଇଛି। ଏହା ଭାରତୀୟ ରେଳବାଇ ପାଇଁ ଏ ପର୍ଯ୍ୟନ୍ତ ସର୍ବାଧିକ ପୁଞ୍ଜି ଖର୍ଚ୍ଚ ଏବଂ ଆବଣ୍ଟନ ବୋଲି କୁହାଯାଉଛି। ଏଥିରେ ଓଡ଼ିଶା ପାଇଁ ରେଳ ବଜେଟରେ ୧୦,୯୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ଗତ ବର୍ଷ ମିଳିଥିବା ଅନୁଦାନଠୁ ଅଧିକ।୨୦୨୫-୨୬ ଆର୍ଥିକବର୍ଷର ରେଳ ବଜେଟରେ ଓଡିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଥିଲା। ଚଳିତ ଥର ରେଳ ବଜେଟରେ ଓଡ଼ିଶା ପାଇଁ ୧୭ ନୂଆ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରହିଛି। ଏହାଛଡା ଅମୃତ ଷ୍ଟେସନ ଯୋଜନା ଅଧୀନରେ ରାଜ୍ୟରେ ୫୯ଟି ଷ୍ଟେସନର ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଥିବା ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକାଶ କରିଛନ୍ତି।

ଚଳିତଥର ବଜେଟରେ ଏକ ନୂତନ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ଘୋଷଣା କରାଯାଇଛି, ଯାହା ରେଳବାଇର ମାଲ ପରିବହନକୁ ଦ୍ରୁତ, ଶସ୍ତା ଏବଂ ଅଧିକ ଦକ୍ଷ କରିବ। ପୂର୍ବ-ପଶ୍ଚିମ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ସୁରତ (ଗୁଜରାଟ) ରୁ ଡାଙ୍କୁନି (ପଶ୍ଚିମବଙ୍ଗ) ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ ▶ପୃଷ୍ଠା-୭

- ପୁନଃବିକାଶ ପାଇଁ ୫୯ଟି ଷ୍ଟେସନ୍ ଚିହ୍ନଟ
- ୯୦,୬୫୯ କୋଟି ମୂଲ୍ୟର କାର୍ଯ୍ୟ ଜାରି
- ଚଳିତବର୍ଷ ଶେଷ ହେବ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ
- ହାତୀ ମୃତ୍ୟୁ ରୋକିବାକୁ ବିଛାହେବ ଅପ୍ଟିକାଲ ଫାଇବର
- ଲାଗିବ ଏଆଇ ଥର୍ମାଲ କ୍ୟାମେରା



# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର



୭ ପ୍ରତିଶତ ଶୁଳ୍କ ହ୍ରାସ କଲା ଆମେରିକା

ମୋଦୀଙ୍କ ସହ ଫୋନ୍‌ରେ କଥା ହେଲେ ଟ୍ରମ୍ପ



■ ୱାସିଂଟନ, ୨।୨ (ଏଜେନ୍ସି): ଦୀର୍ଘ ଦିନର ମୂଲଚାଲ ପରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ରାତିରେ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ସେ ଭାରତ ଉପରୁ ଜବାବୀ ଶୁଳ୍କ (ରେସିପ୍ରୋକାଲ) ମଧ୍ୟ ହ୍ରାସ କରିଦେଇଛନ୍ତି। ୨୫ ପ୍ରତିଶତ ଶୁଳ୍କକୁ ୭% ହ୍ରାସ କରି ୧୮% କରିଛନ୍ତି। ମାତ୍ର ରୁଷରୁ ଅଶୋଧିତ ତୈଳ କିଣିବା ନେଇ ଭାରତ ଉପରେ ଲଗାଯାଇଥିବା ୨୫ପ୍ରତିଶତ ଶୁଳ୍କକୁ ଆମେରିକା ଅପରିବର୍ତ୍ତିତ ରଖିଛି। ଫଳରେ ଭାରତ ଉପରେ ଆମେରିକା ଲଗାଇଥିବା ମୋଟ ଶୁଳ୍କ ୪୩ପ୍ରତିଶତକୁ ଖସି ଆସିଛି। ଏହା ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ।

ଟ୍ରମ୍ପ କହିଛନ୍ତି ଯେ ସେ ଆଜି ସକାଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ। ସେ ମୋଦୀଙ୍କୁ ମହାନ ବନ୍ଧୁ, ଶକ୍ତିଶାଳୀ ନେତା କହିଛନ୍ତି। ଉଭୟ ନେତା ବାଣିଜ୍ୟ, ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଆଦି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରୁଷରୁ ତୈଳ କ୍ରୟ ବନ୍ଦ କରିବା ପାଇଁ ମୋଦୀ ରାଜି ହୋଇଛନ୍ତି। ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ତୈଳ କ୍ରୟ କରିବାକୁ କହିଛନ୍ତି। ଏହା ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ। ଏହି ଯୁଦ୍ଧରେ ପ୍ରତ୍ୟେକ ସପ୍ତାହରେ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି। ମୋଦୀଙ୍କ ଅନୁରୋଧରେ ତୁରନ୍ତ ବାଣିଜ୍ୟ ଚୁକ୍ତି କରିବାକୁ ସହମତି ପ୍ରକାଶ ପାଇଛି। ଏହି କ୍ରମରେ ଆମେରିକା ରେସିପ୍ରୋକାଲ ଶୁଳ୍କକୁ ହ୍ରାସ କରିଛି। ଏହା ବଦଳରେ ଆମେରିକା ସାମଗ୍ରୀ ଉପରେ ଭାରତ ଶୂନ ପ୍ରତିଶତ ଶୁଳ୍କ ଲଗାଇବ। ଅଧିକ ଆମେରିକୀୟ ସାମଗ୍ରୀ କିଣିବା ପାଇଁ ମଧ୍ୟ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି। କୃଷି, ପ୍ରଯୁକ୍ତିବିଦ୍ୟା, କୋଇଲା, ଶକ୍ତି ଆଦିର ୫୦୦ ବିଲିୟନ ଡଲାରର ଅତିରିକ୍ତ କାରବାର କରାଯିବ ବୋଲି କହିଛନ୍ତି। ଦୁଇ ଦେଶର ବନ୍ଧୁତା ଆହୁରି ନିବିଡ଼ ହେବ। ମୋଦୀ ଏବଂ ମୁଁ କାମ କରି ଦେଖାଉ ବୋଲି ଟ୍ରମ୍ପ କହିଛନ୍ତି।

## ଓଡ଼ିଶାରେ ଜାତୀୟ ଜଳପଥ-୫

# ଖାତା ପୁରୁଣା; ମଲାଟ ନୂଆ

■ ଭୁବନେଶ୍ୱର, ୨।୨ (ସମିସ): ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ଉପସ୍ଥାପନ ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ନୂଆ ୨୦ଟି ଜାତୀୟ ଜଳମାର୍ଗକୁ ବିକାଶ କରି କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ଜାତୀୟ ଜଳମାର୍ଗ ୫କୁ ସାମିଲ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ଓଡ଼ିଶାରେ ଶାସକ ଦଳର ନେତାମାନେ ଆନନ୍ଦରେ କୁରୁଳି ଉଠୁଛନ୍ତି। ମାତ୍ର ୨୦୦୮ ମସିହାରେ ତତ୍କାଳୀନ ୟୁପିଏ ସରକାରଙ୍କ ଦ୍ୱାରା ଘୋଷିତ ଏହି ଜଳପଥ ୧୮ ବର୍ଷ ପରେ ବି କେନ୍ଦ୍ର ସରକାରଙ୍କ ▶ପୃଷ୍ଠା-୭

- କାଣିଚାଏ ଆଗେଇନି ୨୦୦୮ରୁ ଘୋଷିତ ଜଳପଥ ପ୍ରକଳ୍ପ
- କାର୍ଯ୍ୟାନ୍ୱୟନରେ ରହିଛି ଏକାଧିକ ଭୌଗୋଳିକ ବାଧକ
- ଶୁଷ୍କ ନଦୀରେ କେମିତି ଚାଲିବ ମାଲ୍ ବୋଝେଇ ଜାହାଜ
- ଦଶନ୍ଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ଆଶଙ୍କା

# ଦଲାଇ ଲାମାଙ୍କୁ 'ଗ୍ରାମୀ'



■ ଏସ୍ ଏଞ୍ଜେଲ୍ସ, ୨।୨(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲ୍ସରେ ୬୮ତମ ଗ୍ରାମୀ ପୁରସ୍କାର ୨୦୨୬ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆମେରିକୀୟ ର୍‍ୟାପର ତଥା ଗୀତିକାର କେଣ୍ଡ୍ରିକ ଲାମାର 'ବେଷ୍ଟ ର୍‍ୟାପ୍ ଆଲବମ୍' ପୁରସ୍କାର ଜିତି ଇତିହାସ ସୃଷ୍ଟି କରିଛନ୍ତି। କେଣ୍ଡ୍ରିକ ଲାମାର ଏହି ବର୍ଷ ୯ଟି ବିଭାଗରେ ମନୋନୀତ ହୋଇଥିଲେ। ତାଙ୍କ ପାଖରେ ଏବେ ମୋଟ୍ ଉପରେ ୨୮ଟି ଗ୍ରାମୀ ପୁରସ୍କାର ଅଛି। ବେଷ୍ଟ ର୍‍ୟାପ୍ ଆଲବମ୍ ଓ ବେଷ୍ଟ ର୍‍ୟାପ ସଙ୍ଗ ଜିତି ସେ ହିପ୍- ହପ୍ ସଙ୍ଗୀତ ଦୁନିଆରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିସହ କେଣ୍ଡ୍ରିକ ପ୍ରସିଦ୍ଧ ର୍‍ୟାପର୍ ଜେ- ▶ପୃଷ୍ଠା-୭

# ରାହୁଲଙ୍କ ପାଇଁ ସଂସଦ ଅଚଳ



■ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପାଇଁ ଆଜି ଲୋକସଭା ଅଚଳ ହୋଇପଡ଼ିଛି। ୨୦୨୦ରେ ଲଦାଖରେ ଭାରତ-ଚୀନ ସଂଘର୍ଷ ନେଇ ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଏମ୍‌ଏନ୍ ନର୍ବାଣେ ତାଙ୍କ ଅପ୍ରକାଶିତ ପୁସ୍ତକରେ ଲେଖିଥିବା କିଛି ଅଂଶକୁ ପଢ଼ିବା ଲାଗି ରାହୁଲ ଉଦ୍ୟମ କରିବାରୁ ଗୃହରେ ହଙ୍ଗାମା ସୃଷ୍ଟି ହୋଇଥିଲା। ପ୍ରକାଶ ପାଇନଥିବା ପୁସ୍ତକର କୌଣସି ଲେଖାକୁ ଗୃହରେ ଉଦ୍ଧାର କରାଯାଇପାରିବ ନାହିଁ ବୋଲି ସରକାରୀ ଦଳ ଯୁକ୍ତି କରି ରାହୁଲଙ୍କୁ ବିରୋଧ କରିଥିଲେ। ଏହାସତ୍ତ୍ୱେ ରାହୁଲ ପଢ଼ିବାକୁ ଚେଷ୍ଟା କରିବାରୁ ହଙ୍ଗାମା ପରିସ୍ଥିତି ସୃଷ୍ଟି ▶ପୃଷ୍ଠା-୭

- ଜେନେରାଲ ନର୍ବାଣେଙ୍କ ଲେଖାକୁ ନେଇ ସରକାର-ବିରୋଧୀ ମୁହାଁମୁହିଁ
- ରାହୁଲଙ୍କୁ ବିରୋଧ କଲେ ରାଜନାଥ, ଅମିତ୍ ଶାହା

# ସମ୍ବଲପୁର ଓ ପୁରୀ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

- ୱାର୍ଡ ବିଭାଜନ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ
- ମାର୍ଚ୍ଚ ୨ ଅଭିଯୋଗ ଦାଖଲ କରିବାର ଶେଷ ତାରିଖ

■ ଭୁବନେଶ୍ୱର, ୨।୨ (ସମିସ): ସମ୍ବଲପୁର ମହାନଗର ନିଗମ ଏବଂ ପୁରୀ ମହାନଗର ନିଗମରେ ନିର୍ବାଚନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଜାରି ଏକ ଚିଠିରେ ଉଭୟ ମହାନଗର ନିଗମରେ ସହରକୁ ୱାର୍ଡରେ ବିଭାଜନ ଏବଂ ଆସନ ▶ପୃଷ୍ଠା-୭

## ନୂଆ ପୌରାଞ୍ଚଳରେ ବି ହେବ ନିର୍ବାଚନ

■ ଭୁବନେଶ୍ୱର, ୨।୨ (ସମିସ): ରାଜ୍ୟରେ ନୂଆକରି ଘୋଷିତ ହୋଇଥିବା ୨୮ଟି ନୂତନ ଏନ୍‌ଏସି ସମେତ ଓଡ଼ଗାଁ ଏନ୍‌ଏସି ଏବଂ ୭ଟି ପୌରପାଳିକାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ନୂତନ ସ୍ଥାନୀୟ ▶ପୃଷ୍ଠା-୭

- ସୀମା ପୁନଃ ନିର୍ଦ୍ଧାରଣ, ସଂରକ୍ଷଣ ପ୍ରକ୍ରିୟା ମାର୍ଚ୍ଚ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ
- ମାର୍ଚ୍ଚ ୩୧ରେ ଚୂଡ଼ାନ୍ତ ବିଜ୍ଞପ୍ତି


SIKSHA 'O' ANUSANDHAN
SAAT-2026
Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


ସରକାରଙ୍କୁ ରାଜସ୍ୱ ଚିନ୍ତା

## ରୟାଲଟିର ୨ ଗୁଣ ହେବ ଲଘୁ ଖଣିଜ ଅତିରିକ୍ତ ଶୁଳ୍କ

■ ଭୁବନେଶ୍ୱର, ୨।୨ (ସମିସ): ଲଘୁ ଖଣିଜ ଉତ୍ସରୁ ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଏହାର ବୃଦ୍ଧି ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜସ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଲଘୁ ଖଣିଜର ଅତିରିକ୍ତ ଶୁଳ୍କକୁ ରୟାଲଟିର ଦୁଇ ଗୁଣ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏନେଇ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ (ଓଏମ୍‌ଏମ୍ସି ନିୟମ, ୨୦୧୬)ର ଉପନିୟମ ୧୧ର ଧାରା (ବିଏ) ଅନୁଯାୟୀ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ ଲଘୁ ଖଣିଜର ଅତିରିକ୍ତ ଶୁଳ୍କ ରୟାଲଟିର ଦୁଇ ଗୁଣ ହେବ। ଏହି ଅତିରିକ୍ତ ଶୁଳ୍କକୁ ରାଜ୍ୟ ସରକାର ସମୟାନ୍ତରରେ ସମୀକ୍ଷା କରିବେ ଏବଂ ଆବଶ୍ୟକ ପରିବର୍ତ୍ତନ କରିପାରିବେ। ନିର୍ଦ୍ଦେଶନାମା ଉଲ୍ଲଙ୍ଘନ କଲେ, ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।








# ସିଟି କଟକ

## କେନ୍ଦ୍ର ବଜେଟରେ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ: ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ

**ଭୁବନେଶ୍ୱର, ୨।୨(ସମିସ):** ଚଳିତ କେନ୍ଦ୍ର ବଜେଟରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରକାଶ କରିଛନ୍ତି। ବଜେଟ୍ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାକୁ 'ରେୟାର୍ ଆର୍ଥ କରିଡର୍'ରେ ସାମିଲ କରିଛନ୍ତି, ଯାହା ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟମାନଙ୍କ ସହ ଓଡ଼ିଶାକୁ ଉପକୂଳ ବିକାଶ କ୍ଷେତ୍ରରେ ଏକ ନୂତନ ପରିଚୟ ଦେବ। ଏହି କରିଡର୍ ମାଧ୍ୟମରେ ଧାମରାଠାରୁ ଗୋପାଳପୁର ପର୍ଯ୍ୟନ୍ତ ବିସ୍ତୃତ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ମାଟିତଳେ ଥିବା ବିରଳ ଖଣିଜ ସମ୍ପଦର ସଠିକ୍ ଉପଯୋଗ ସହିତ ଏହାର ଉତ୍ପାଦନ ଓ ପରିବହନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆସିପାରିବ। ଶ୍ରୀ ସିଂହଦେଓ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର ଶିଳ୍ପ ସମୃଦ୍ଧ ସହରଗୁଡ଼ିକର ବିକାଶ ପାଇଁ ବଜେଟରେ ନଦୀ ସଂଯୋଗୀକରଣ ଯୋଜନାକୁ ଅନୁମୋଦନ ମିଳିଛି। ଏହି ଯୋଜନା ଦ୍ୱାରା ନିକଟସ୍ଥ ନଦୀଗୁଡ଼ିକରୁ ଜଳପଥ ସୃଷ୍ଟି କରାଯାଇ ଶିଳ୍ପାଞ୍ଚଳକୁ ପାଣି ଯୋଗାଇ ଦିଆଯିବା ସହ ଜଳ ପରିବହନ କ୍ଷେତ୍ରରେ ମଧ୍ୟ ସୁବିଧା ହେବ। ଏହା ବ୍ୟତୀତ ପରିବେଶ ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଓଡ଼ିଶାରେ 'ଇକୋ ଟୁରିଜିମ୍ କରିଡର୍'ର ବିକାଶ ପାଇଁ ବଜେଟରେ ଯଥେଷ୍ଟ ବ୍ୟବସ୍ଥା କରିଛନ୍ତି। ଏହିସବୁ ପଦକ୍ଷେପ ଆଗାମୀ ଦିନରେ ଓଡ଼ିଶାର ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଗତିକୁ ଏକ ନୂଆ ଦିଗ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।




## ଓଡ଼ିଶା ପ୍ରତି କେନ୍ଦ୍ର ବଜେଟ ନୈରାଶ୍ୟଜନକ: ମେୟର ସୁବାସ ସିଂ

**କଟକ, ୨।୨(ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ଚଳିତ ବଜେଟ୍ ଓଡ଼ିଶା ପାଇଁ ଘୋର ଉପେକ୍ଷା ଏବଂ ନୈରାଶ୍ୟଜନକ ବୋଲି କଟକ ମେୟର ସୁବାସ ସିଂ କହିଛନ୍ତି। ସରକାର ଦେଇଥିବା 'ଡବଲ୍ ଇଞ୍ଜିନ୍'ର ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ନିଯୁକ୍ତି, କୃଷି, ରେଳବାଇ ଓ ଶିଳ୍ପ ଭଳି ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ମେୟର ଶ୍ରୀ ସିଂ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟରୁ ସର୍ବାଧିକ ୨୦ ଜଣ ବିଜେପି ଏମ୍‌ପି ନିର୍ବାଚିତ ହୋଇଥିଲେ ହେଁ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କେହି ପାଟି ନ ଖୋଲିବା ପରିତାପର ବିଷୟ। ବଜେଟରେ ଘୋଷଣା କରାଯାଇଥିବା 'ବିରଳ ମୃତ୍ତିକା କରିଡର୍'କୁ ସେ ପୁନର୍ବାର ଆଉ ଏକ ପ୍ରତାରଣା ବୋଲି ଆଖ୍ୟା ଦେଇଛନ୍ତି। କେନ୍ଦ୍ର ସରକାର ବିହାର, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜୁରାଟ ଭଳି ରାଜ୍ୟକୁ ପ୍ରାଧାନ୍ୟ ଦେଉଥିବା ବେଳେ ଓଡ଼ିଶା ପ୍ରତି ଏଭଳି ବୈମାତୃକ ମନୋଭାବ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ରେଳବାଇ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ନିଜସ୍ୱ ପାଣ୍ଠିରୁ ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ବିଜେପି ସରକାର ବନ୍ଦ କରିଦେଇଛନ୍ତି। ଦେଶର ୨୫ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଚାଲିଥିବା ବେଳେ ଓଡ଼ିଶାକୁ ଏଥିରୁ ବାଦ୍ ଦେବା ରାଜ୍ୟବାସୀଙ୍କ ପ୍ରତି ଅନ୍ୟାୟ। କଟକ ରେଳ ଷ୍ଟେସନ ନବୀକରଣ କାର୍ଯ୍ୟ ମଧ୍ୟ ସ୍ଥାଣୁ ପାଲଟିଛି। ଏହିସବୁ ଘଟଣା ସ୍ପଷ୍ଟ କରୁଛି ଯେ କେନ୍ଦ୍ର ବଜେଟରେ ଓଡ଼ିଶାକୁ କେବଳ ପ୍ରତିଶ୍ରୁତି ମିଳିଛି, ବାସ୍ତବିକ ବିକାଶ ନୁହେଁ।



## ୭୬ ଲକ୍ଷ ପେନ୍‌ସନର୍ସଙ୍କୁ ନିରାଶ କରିଛି ବଜେଟ: ସିପିଆଇ

**କଟକ, ୨।୨(ସମିସ):** ସର୍ବଭାରତୀୟ ସ୍ତରରେ ୭୬ ଲକ୍ଷ ସ୍ୱଳ୍ପ ପେନସନର୍ସଙ୍କ ସର୍ବନିମ୍ନ ପେନସନ ଏକ ହଜାର ଟଙ୍କାରୁ ନଅ ହଜାର ଟଙ୍କାକୁ ବୃଦ୍ଧି ବଜେଟ୍ ଉପସ୍ଥାପନା କରାଯାଇନାହିଁ। ଓଡ଼ିଶାରେ ଦୀର୍ଘ ଦିନ ଧରି ଚାଲିଥିବା ପେନସନ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହାନ୍ତି। ନିଯୁକ୍ତି, ଶିକ୍ଷା, ବିଜୁଳି ୩୦୦ ୟୁନିଟ ଛାଡ଼ କରିବା, ଭତ୍ତା ୩ ହଜାରକୁ ବୃଦ୍ଧି କରିବା ଇତ୍ୟାଦି ସରକାରଙ୍କ ପ୍ରତିଶ୍ରୁତି ପାଳନ କରିବାରେ ବ୍ୟର୍ଥ ହୋଇଛି। ଆଗାମୀ ଫେବୃଆରୀ ୧୨ରେ ଜନଗଣଙ୍କ ଅସନ୍ତୋଷ ଯୋଗୁଁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ତିବ୍ର ହେବ। ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଓ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି।

## ହ୍ୟୁମାନଙ୍କ ମୃତ୍ୟୁ ଘଟଣା

# ପୁଲିସର ହସ୍ତଗତ ହେଲା ଚିକିତ୍ସା ସମ୍ପର୍କିତ ରିପୋର୍ଟ

କଟକ, ୨।୨(ସମିସ)

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗର ରହସ୍ୟ ଏପର୍ଯ୍ୟନ୍ତ ଫିଟି ପାରୁନାହିଁ। ମର୍କତନଗର ଥାନାରେ ରୁଜୁ ହୋଇଥିବା ମାମଲାରେ ଆଜି ପୁଲିସ ହ୍ୟୁମାନଙ୍କ ମେଡିକାଲ୍ ରିପୋର୍ଟ ହସ୍ତଗତ ହୋଇଛି। ହ୍ୟୁମାନ୍ ଚିକିତ୍ସିତ ହେଉଥିବା ଗଣ୍ଡରପୁରସ୍ଥିତ ଏକ ବେସରକାରୀ ହସ୍ପିଟାଲ୍ ଏହି ରିପୋର୍ଟ ପ୍ରଦାନ କରିଛି। ଲିଭର୍ ସିରୋସିସ୍ ହେବା ପରଠୁ ଉକ୍ତ ହସ୍ପିଟାଲ୍‌ରେ ହ୍ୟୁମାନ୍ ଚିକିତ୍ସିତ ହେଉଥିଲେ। ଉକ୍ତ ହସ୍ପିଟାଲ ଲିଭର୍ ରୋଗର ସ୍ୱତନ୍ତ୍ର ଚିକିତ୍ସା ପାଇଁ ରହିଥିବାରୁ ହ୍ୟୁମାନ୍ ସେଠାରେ ନିଜର ରେଗୁଲାର ଟ୍ରିଟ୍‌ମେଣ୍ଟ କରାଉଥିଲେ ବୋଲି ପୁଲିସ କହିଛି।

ହ୍ୟୁମାନ୍ ଗୁରୁତର ହେବାର କିଛି ଦିନ ପୂର୍ବରୁ ଉକ୍ତ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ଗତ କିଛି ବର୍ଷର ଚିକିତ୍ସା ତଥ୍ୟ ଉକ୍ତ ରିପୋର୍ଟରେ ହସ୍ପିଟାଲ୍ ପକ୍ଷରୁ ପ୍ରଦାନ କରାଯାଇଛି। ଅନ୍ୟପଟେ ଗତ ନଭେମ୍ବର ମାସ ୧୭ ତାରିଖରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ହେବାର କିଛି ଦିନ ପୂର୍ବରୁ ସେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ତେଣୁ ଏମ୍ସରେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ମେଡିକାଲ୍ ରିପୋର୍ଟ ରହିଛି। ଯାହାକୁ ପାଇବା ପାଇଁ ମର୍କତନଗର ଥାନା ପୁଲିସ ଚିଠି ଲେଖି ଏମ୍ସକୁ ଅନୁରୋଧ କରିଥିଲା। ଗତ ମାସେରୁ ଅଧିକ ସମୟ ହେବ ଏହି ଚିଠି ଲେଖାଯାଇଥିଲେ ବି ଏପର୍ଯ୍ୟନ୍ତ ଏମ୍ସ ପକ୍ଷରୁ କୌଣସି ଉତ୍ତର ପ୍ରଦାନ କରାଯାଇ ନାହିଁ। ଏହି କ୍ରମରେ ଟଙ୍କା କାରବାର ବିଷୟ ଜାଣିବା ପାଇଁ ଥାନା ପକ୍ଷରୁ ୮ଟି ବ୍ୟାଙ୍କ୍‌କୁ ଟ୍ରାଞ୍ଜାକସନ ତଥ୍ୟ ମଗାଯାଇଥିଲା। ହେଲେ ଗୋଟିଏ ବି ବ୍ୟାଙ୍କ୍ ତଥ୍ୟ ପ୍ରଦାନ କରିନାହିଁ। ଫଳରେ ହ୍ୟୁମାନଙ୍କ ଟଙ୍କା କାରବାର ତଥ୍ୟ ପୁଲିସ ଏଯାବତ୍ ଜାଣିପାରିନାହିଁ। ମର୍କତନଗର ଥାନା ପୁଲିସ କେବଳ କିଛି ଅଭିଯୁକ୍ତ ଓ ହ୍ୟୁମାନଙ୍କ ଫୋନ୍ କଲ୍ ରେକର୍ଡ ଧରି ବସିଛି। ତେଣୁ ମା' ଶେଫାଳି ସୁନା ଦେଇଥିବା ଏତଲାକୁ ଏହା ମଧ୍ୟରେ ମାସେରୁ ଅଧିକ ସମୟ ବିତିଥିଲେ ବି ମାମଲାରେ ଅଗ୍ରଗତି ହୋଇନାହିଁ।

ଗତ ଡିସେମ୍ବର ୨୧ ତାରିଖରେ ତାଙ୍କ ମା' ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ପୁଲିସ ୯ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ୨ଦିନ ମଧ୍ୟରେ ସମସ୍ତଙ୍କୁ ନୋଟିସ୍ ଦିଆଯାଇ ଜେରା କରାଯିବ ବୋଲି କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ପୁଲିସ ନୋଟିସ୍ ଦେଇନାହିଁ। ଏତଲାର ୧୫ଦିନ ବିତିଯାଇଥିଲେ ମଧ୍ୟ କାହାରିକୁ ଜେରା କରାଯାଇ ପାରିନାହିଁ। ତଦନ୍ତରେ ବିଳମ୍ବ ହେବାରୁ ଏହା ବାଟବଣା ହେବା ସହ ଅଭିଯୁକ୍ତମାନେ ଖସିଯିବାର ସମ୍ଭାବନା ରହିଛି। ଏହି ମାମଲାର ତଦନ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କେନ୍ଦ୍ରିତ ହୋଇଥିଲା। ପ୍ରଥମ ଦିଗଟି ଥିଲା ମାନସିକ ନିର୍ଯାତନା। ଏଥିପାଇଁ ପୁଲିସ ମୁଖ୍ୟତଃ ହ୍ୟୁମାନଙ୍କ ମୋବାଇଲ୍ ସିଡିଆର୍ ଏବଂ ହ୍ୱାଟସଆପ୍ ଚାଟ୍ ଯାଞ୍ଚ କରିବା ସହ ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସବୁ ଅଭିଯୋଗ ହୋଇଥିଲା ସେମାନଙ୍କ ବୟାନ ରେକର୍ଡ କରିବାର ଥିଲା। ଦ୍ୱିତୀୟ ଦିଗଟି ଟଙ୍କା ପଇସା ହଡ଼ପ ବା ଆର୍ଥିକ ହେରଫେର। ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପୁଲିସ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବା ସହିତ ସନ୍ଦେହଜନକ ବ୍ୟକ୍ତିଙ୍କ ନାମରେ ହୋଇଥିବା ନୂଆ ଦିଗ ଖୋଜିବାର ଯୋଜନା ରହିଥିଲା। ଏବଂ ତୃତୀୟ ଦିଗଟି ଥିଲା, ବିଷକ୍ରିୟା ସନ୍ଦେହ, ଯାହାର ତଦନ୍ତ କରିବା ପୁଲିସ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଏମ୍ସରେ ହ୍ୟୁମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇନଥିଲା ଏବଂ ମରଶରୀରକୁ କବର ଦିଆସରିଛି। ଏହା ତଦନ୍ତରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହୋଇଥିଲା।



**ଏପର୍ଯ୍ୟନ୍ତ ମିଳିନାହିଁ ଏମ୍ସ ରିପୋର୍ଟ: ଗଣ୍ଡରପୁର ଘରୋଇ ହସ୍ପିଟାଲ୍ ରିପୋର୍ଟ ଦେଲା**

**ମିଳିପାରି ନାହିଁ ୮ ଟି ବ୍ୟାଙ୍କ୍‌ର ଟ୍ରାଞ୍ଜାକସନ୍ ତଥ୍ୟ**

## ୧୧ ଦିନରେ ଶୈଳବାଳା ଛାତ୍ରୀ ଆନ୍ଦୋଳନ

# ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବାରବାଟୀ-କଟକ ବିଧାୟିକା

**କଟକ, ୨।୨(ସମିସ):** ବିଶ୍ୱବିଦ୍ୟାଳୟ ଦାବିରେ ଶୈଳବାଳା ଛାତ୍ରୀ ଆନ୍ଦୋଳନ ଆଜି ୧୧ ଦିନରେ ପହଞ୍ଚିଛି। ଛାତ୍ରୀ ଆନ୍ଦୋଳନରେ କଲେଜ କ୍ୟାମ୍ପସ୍‌କୁ ଆସି ନିଜର ସମର୍ଥନ ଜଣାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍। ଆନ୍ଦୋଳନରତ ଛାତ୍ରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ବିଧାୟିକାଙ୍କୁ ତାଙ୍କ ଜନଶୁଣାଣି ଶିବିରରେ ଭେଟି ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହ ଛାତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟିକାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମଧୁବାବୁଙ୍କୁ ସମ୍ମାନ ଜଣାଇ ସରକାର ୧୧୩ ବର୍ଷ ପୁରୁଣା ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଅନ୍ତୁ ବୋଲି ବିଧାୟିକା କହିଥିଲେ। ଆଗାମୀ ବିଧାନସଭା ଅଧିବେଶନରେ ସେ ଏନେଇ ଗୃହରେ ପ୍ରଶ୍ନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥି ସହ କଲେଜ କ୍ୟାମ୍ପସ୍‌ରେ ଥିବା ବିଭିନ୍ନ ମୌଳିକ ସୁବିଧା ସୁଯୋଗର ଅଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆଜିର ଆନ୍ଦୋଳନରେ ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ସମ୍ପାଦିକା ପୁଷ୍ପା ସାମଲ, ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ତପତୀ ଦାସ, ସ୍ନିଗ୍ଧା ରାୟ ସମେତ ବହୁ ପୁରାତନ ଓ ନୂତନ ଛାତ୍ରୀ ଯୋଗଦେଇଥିଲେ।




## ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସମ୍ମିଳନୀ

# ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**କଟକ, ୨।୨(ସମିସ):** ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ଆନୁକୂଲ୍ୟରେ ଏକ ସମ୍ମିଳନୀ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଡ. ମିହିର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିନିଧିମାନେ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏତଦଭିନ୍ନ ଓଡ଼ିଆ ଅସ୍ମିତାର ପ୍ରବାଦ ପୁରୁଷ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ନାରୀଶିକ୍ଷାର ପ୍ରାଣକେନ୍ଦ୍ର ଶୈଳବାଳା କଲେଜକୁ ଐତିହ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ସର୍ବସମ୍ମତି କ୍ରମେ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଥିଲା। ଏହି ସମ୍ମିଳନୀରେ ଡ. ନିତ୍ୟାନନ୍ଦ ଦାସ, ଡ.ସନତ୍ ଦାସ ପଟ୍ଟନାୟକ, ଡ. ସୁବାସିନୀ ଲେଙ୍କା, ଡ.ଅମିୟ ମହାନ୍ତି, ଡ.ନାରାୟଣ ମହାନ୍ତି, ଡକ୍ଟର ସୁନାମଣି ରାଉତ, ଡ.ଗୋପା ଦାସ, ପ୍ରତାପ ପଟ୍ଟନାୟକ, ଡ. ଧନେଶ୍ୱର ସାହୁ, ଡ. ବୃନ୍ଦାବନ ରଥ, ଡ. ଦୀନେଶ ପଟ୍ଟନାୟକ, ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ଡ. ଇନ୍ଦିରା ମିଶ୍ର, ବିଜୟିନୀ ସିଂଦେଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ସରକାର ଉଦ୍ୟମ କରିବାକୁ ଅନୁରୋଧ କରାଯାଇଥିଲା। ଶେଷରେ ଡ. ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶ୍ରୀ କଳ୍ପତରୁ ସେବା ସଂଘ ସୋସାଇଟିର ବାର୍ଷିକ ଅଧିବେଶନ



**କଟକ, ୨।୨(ସମିସ):** କଟକ ଦରଖାପାଟଣାସ୍ଥିତ ଶ୍ରୀ କଳ୍ପତରୁ ଆଶ୍ରମ ତଥା ଶ୍ରୀ ବାୟାବାବା ମଠ ପରିସରରେ ଶ୍ରୀ କଳ୍ପତରୁ ସେବା ସଂଘ ସୋସାଇଟିର ବାର୍ଷିକ ସାଧାରଣ ସଭା ଏବଂ ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜଙ୍କ ଏକାଦଶ ବାର୍ଷିକ ସ୍ମରଣୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବା ସଂଘର ସଭାପତି ନରେନ୍ଦ୍ର ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବୈଷ୍ଣବ ବିପିନ ବିହାରୀ ଦାସ ବାବାଜୀ, ହୃଷୀକେଶ ଦାସ ବାବାଜୀ ଏବଂ ନୀଳାଚଳ ଦାସ ବାବାଜୀ ପ୍ରମୁଖ ଯୋଗଦେଇ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ଦିବଙ୍ଗତ ସଦସ୍ୟ ସନାତନ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସମ୍ପାଦକ ଶ୍ରୀ ଶ୍ୟାମାନନ୍ଦ ଦାସ ବାବାଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ଶାଖାର ପ୍ରତିନିଧିମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେମାନଙ୍କ ମଧ୍ୟରେ କଟକ ଶାଖାର ରବୀନ୍ଦ୍ର ନାଥ ମହାପାତ୍ର, କୁଜଙ୍ଗ ଶାଖାର କୃଷ୍ଣଚନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଡ଼ା କାକଟପୁର ଶାଖାର ବାଣୀଭୂଷଣ ନାୟକ, ଆଶ୍ରମ ବାଲିକୁଦାର ରାଜେନ୍ଦ୍ର ରାଉତରାୟ, ପୁରୁଷୋତ୍ତମପୁର ଶାଖାର ଅଭୟ ମହାନ୍ତି ଏବଂ ବୟାଳିଶ ମୌଜାର ବୁଲୁ ଭାଇ ପ୍ରମୁଖ ସାମିଲ ଥିଲେ। ଦରଖାପାଟଣା ଶାଖାର ରୋହିତ ବେଉରା, ଯଶୋବନ୍ତ ଜେନା ଓ ଶଶିଭୂଷଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ଶ୍ରୀପାଦ ନାମାଚାର୍ଯ୍ୟ ବାୟାବାବାଙ୍କ ଅନୁଗତ ଭକ୍ତମାନେ ଯୋଗଦେଇଥିଲେ। ସଂଘର କୋଷାଧ୍ୟକ୍ଷ ବାଣୀ ଭୂଷଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମହାନଦୀବିହାରରେ ଶ୍ରୀ ଜଗନ୍ନାଥ ଉଦ୍ୟାନ ଲୋକାର୍ପିତ




**କଟକ, ୨।୨(ସମିସ):** ସିଏମସି ୪୭ନଂ ୱାର୍ଡସ୍ଥିତ ମହାନଦୀବିହାରରେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନର ସହଯୋଗରେ ୪୨ହଜାର ବର୍ଗଫୁଟ ପରିମିତ ଜାଗାରେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁଲିସ ହାଉସିଂ କର୍ପୋରେସନ ଦ୍ୱାରା ନିର୍ମିତ ଜଗନ୍ନାଥ ଉଦ୍ୟାନଟି ଆଜି ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ ଉଦଘାଟକ ଭାବେ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ସିଏମସି ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଭାବେ ସିଏମସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଉଦ୍ୟାନରେ ମର୍ଣ୍ଣିଂ ୱାର୍କ ନିମନ୍ତେ ପାଥୱେ, ଓପନ ଜିମ୍, ଛୋଟ ପିଲାଙ୍କ ଖେଳ ଉପକରଣ, ଉଦ୍ୟାନ ମଝିରେ ଅତ୍ୟାଧୁନିକ ଝରଣା, ଉନ୍ନତ ଘାସ, ମାଟି, ଶୌଚାଳୟ ଏବଂ ସୌନ୍ଦର୍ଯ୍ୟକରଣ ଆଲୋକ ଆଦି ମହଜୁଦ ରହିଛି। ଆଜିର ଏହି କାର୍ଯ୍ୟକ୍ରମରେ ଏମଡିଏର ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ତାପସ ସାମନ୍ତ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଗୋପାଳ କୃଷ୍ଣ ବେହେରା, ପ୍ରମୋଦ ଦାସ, ଚତୁର୍ଭୁଜ ମହାପାତ୍ର, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ବିଦ୍ୟା ପରିଡ଼ା, ଭାଗିରଥୀ ସାମଲ, ବିଜୁ ପ୍ରସାଦ କର, ସିଡିଏର ଅତନୁ ସାମନ୍ତ, ଡେପୁଟି ମ୍ୟାନେଜର ମାନସ ରଞ୍ଜନ ବେହେରା, ଆସିଷ୍ଟାଣ୍ଟ ଡେପୁଟି ମ୍ୟାନେଜର ଶ୍ରୀନିବାସ ଦାସ, ବିଭୂତି ଭୂଷଣ ଦାସ ଉପସ୍ଥିତ ଥିବା ବେଳେ ଏମଡିଏର ସଭାପତି ସଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ।

## କଟକ ଜିଲ୍ଲା ପ୍ରଶାସନରେ ସଂସ୍କାର

# ଆଉ ଟେବୁଲ୍‌କୁ ଟେବୁଲ୍ ଘୂରିବନି ଫାଇଲ୍

କଟକ, ୨।୨(ସମିସ)

- ଲାଗୁ ହେଲା ସରଳୀକରଣ ବ୍ୟବସ୍ଥା
- ତହସିଲ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଶୀଘ୍ର ମିଳିବ ସେବା
- ଇ-ମେଲ୍‌ରେ ମଗାଯିବ ସ୍ପଷ୍ଟୀକରଣ, ତ୍ୱରିତ ହେବ ନିଷ୍ପତ୍ତି
- ନିର୍ଦ୍ଦେଶ ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ସରକାରଙ୍କ 'ସହଜରେ ବ୍ୟବସାୟ କରିବା' (ଇଜ ଅଫ ଡୁଇଙ୍ଗ ବିଜନେସ) ଅଭିଯାନକୁ ଅଧିକ ପ୍ରଭାବଶାଳୀ ଓ ତ୍ୱରିତ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲାପାଳଙ୍କ ନୂତନ ନିର୍ଦ୍ଦେଶ ଅନୁଯାୟୀ, ଏଣିକି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଫାଇଲ୍ ଚଳାଚଳ ପ୍ରକ୍ରିୟାକୁ ଅତ୍ୟନ୍ତ ସରଳ କରାଯାଇଛି। ବିଭିନ୍ନ ପ୍ରସ୍ତାବ, ଅନୁମୋଦନ କିମ୍ବା କେସ୍ ରେକର୍ଡରେ କୌଣସି ତ୍ରୁଟି ବା ଦସ୍ତାବିଜ୍‌ର ଅଭାବ ଥିଲେ, ସେହି ଫାଇଲ୍‌କୁ ଆଉ ପୂର୍ବଭଳି ତଳ କାର୍ଯ୍ୟାଳୟକୁ ଫେରାଇ ଦିଆଯିବ ନାହିଁ। ଏହା ବଦଳରେ କେବଳ ଔପଚାରିକ ଚିଠି କିମ୍ବା ଇ-ମେଲ୍ ମାଧ୍ୟମରେ ଆବଶ୍ୟକ ତଥ୍ୟ ମଗାଯାଇ କାର୍ଯ୍ୟ ସମ୍ପାଦନ କରାଯିବ। ସାଧାରଣତଃ କୌଣସି ସ୍ପଷ୍ଟୀକରଣ ପାଇଁ ଫାଇଲ୍‌ଟିଏ ତହସିଲ କିମ୍ବା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରିଗଲେ, ତାହା ପୁନର୍ବାର ଜିଲ୍ଲାପାଳଙ୍କ ପାଖକୁ ଆସିବା ପାଇଁ ଅନେକ ସମୟ ଲାଗିଥାଏ। ଏହି ବିଳମ୍ବକୁ ରୋକିବା ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଜୋର୍ ଦିଆଯାଇଛି। ଏହି ନୂତନ ପ୍ରଣାଳୀ ଦ୍ୱାରା ଅନାବଶ୍ୟକ କାଗଜପତ୍ର କାର୍ଯ୍ୟ ହ୍ରାସ ପାଇବା ସହ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଅଧିକ ଶୀଘ୍ର ହେବ। ଏହା ଜିଲ୍ଲାରେ ଏକ ନିବେଶ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି। ଏହି ଆଦେଶ ତୁରନ୍ତ ପ୍ରଭାବୀ ହୋଇଥିବା ବେଳେ ଜିଲ୍ଲାର ସମସ୍ତ ସଂଲଗ୍ନ ଓ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକୁ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଅଧିକାରୀ ବା କର୍ମଚାରୀ ଏହି ସରଳୀକରଣ ବ୍ୟବସ୍ଥାକୁ ଅଣଦେଖା କରନ୍ତି କିମ୍ବା ଜାଣିଶୁଣି ଫାଇଲ୍ ଅଟକାଇ ରଖନ୍ତି, ତେବେ ସେମାନଙ୍କ ବିରୋଧରେ ଗୁରୁତର ଅନୁଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଶାସନର ଏହି ପଦକ୍ଷେପ ଫଳରେ ସାଧାରଣ ଜନତା ଓ ବ୍ୟବସାୟୀମାନେ ଅଯଥା ହଇରାଣ ହେବାରୁ ମୁକ୍ତି ପାଇବେ ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆସିବ।

## ମହାନଦୀ ବିହାରରେ ଖୋଲିଲା 'ଚାଏ କଲିଂ'

**କଟକ, ୨।୨(ସମିସ):** ୪୭ନଂ ୱାର୍ଡ ସ୍ଥିତ ମହାନଦୀବିହାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରିଦ୍ଧିସିଦ୍ଧି ସିଡିଏ କଲ୍ୟାଣ ମଣ୍ଡପ ଆଉ ପାଦେ ଆଗକୁ ଯାଇ ରିଦ୍ଧିସିଦ୍ଧି ଫୁଡ ଆଣ୍ଡ ବେଭରେଜ ପକ୍ଷରୁ ଆଜି ଉଦଘାଟିତ ହୋଇଯାଇଛି ଚାୟେ କଲିଂ। ଏହି ଉଦଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସର୍ଜରି ବିଶେଷଜ୍ଞ ଡାକ୍ତର ଶକ୍ତି ପ୍ରସାଦ ସାହୁ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂହ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସମଗ୍ର ଭାରତ ବର୍ଷରେ ଚାଏ କଲିଂ ନାମରେ ଏକ ବ୍ରାଣ୍ଡ ରହିଥିବା ବେଳେ ମହାନଦୀବିହାରରେ ଚାୟେ କଲିଂ ୧୨୨ ତମ ଆଉଟଲେଟ ଅଟେ। ୧୫ ପ୍ରକାରର ଭିନ୍ନ ଭିନ୍ନ ସ୍ୱାଦଯୁକ୍ତ ରେଗୁଲାର ଚା, ମସଲା ଚା, ଅଦରକ ଚା, ତୁଳସୀ ଚା, ଗୁଡ ଚା, ଚକୋଲେଟ ଚା, ଇଲାଇଚି ଚା, କଫି, କେଶରୀ ଚା, ତୁଳସୀ ଗ୍ରୀନ ଚା, ବ୍ଲାକ ଲେମନ ଚା, ଜସ୍ମିନ ଗ୍ରୀନ ଚା, ରୋଜ ଚା, ବ୍ଲାକ ଏବଂ ଦାର୍ଜିଲିଂ ଚା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ଥିବା ବେଳେ ପାର୍ସଲ ନେବା ପାଇଁ ହାଇଜିନିକ ପେପର ଯୁକ୍ତ ବ୍ୟାଗ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ଏଥିସହିତ ଲଣ୍ଡନ ଷ୍ଟ୍ରବେରୀ ଚକଲେଟ, ଦୁବାଇ କୁନାଫା ବ୍ରାଉନୀ, ଷ୍ଟ୍ରବେରୀ ୱାଫେଲ, ଗ୍ରୀଲ ଚିକେନ ନ୍ୟାଫ, ଗ୍ରୀଲ ଭେଜ ବ୍ୟାଫ, ପ୍ରନ ପଫକର୍ଣ୍ଣ, ଚିକେନ ପଫକର୍ଣ୍ଣ, ଚିକେନ ୱିଙ୍ଗୁ, ଚିକେନ କ୍ରିପସି ବର୍ଗର, ଚିକେନ ୱାର୍ପ, ମସଲା କୋଲ୍ଡ ଡ୍ରିଙ୍କସ ଆଦି ଉପଲବ୍ଧ ଅଛି ବୋଲି ପ୍ରୋପାଇଟର ରିତେଶ ଗୌରବ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ତାପସ ମହାନ୍ତି, ମହମ୍ମଦ ସକିଲ, ରାଜେଶ ରଣା, ବିକାଶ ମଲ୍ଲିକ, ପ୍ରଭାକର ରଣା, ମହମ୍ମଦ ଫରିଦ, ସୁଶାନ୍ତ ଘୋଷ, ରାକେଶ ତ୍ରିପାଠୀ, ସଂଗ୍ରାମ ସ୍ୱାଇଁ, ଇଂ ଆଶିଷ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ଶରତ ଚନ୍ଦ୍ର କୁଣ୍ଡୁ, ପ୍ରଶାନ୍ତ ପ୍ରଧାନ, ରାଧାକାନ୍ତ ଶତପଥୀଙ୍କ ସମେତ ବହୁସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



# ‘ଆନନ୍ଦପୁରବାସୀଙ୍କ ଆଶା ଧୂଳିସାତ୍ ହୋଇଛି’



ଆନନ୍ଦପୁର,୨।୨(ସମିସ): ରେଳ ବଜେଟରେ ଆନନ୍ଦପୁରକୁ ରେଳପଥ ସଂଯୋଗ ପ୍ରସ୍ତାବ ନଥିବାରୁ ଆନନ୍ଦପୁରବାସୀ ନିରାଶ ହୋଇଛନ୍ତି। ରେଳପଥ ପ୍ରସଙ୍ଗ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବ ବିଜେଡି ସରକାରକୁ ଏ ପ୍ରସଙ୍ଗରେ ବିଜେପି ନେତାମାନେ କଟାକ୍ଷ କରିଆସୁଥିବାବେଳେ ଏବେ ଡବଲ ଇଞ୍ଜିନ ସରକାର ସମୟରେ ଶାସନରେ ଥାଇ ବିଜେପି ସରକାର ଦ୍ୱାରା ହୋଇପାରୁନି କାହିଁକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି। କେନ୍ଦୁଝର ସଂସଦୀୟ କ୍ଷେତ୍ରରୁ ବିଜେପିର ଅନନ୍ତ ନାୟକ ନିର୍ବାଚିତ ହୋଇଛନ୍ତି। ଡବଲ ଇଞ୍ଜିନ ସରକାରରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ସହଜ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ। ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ରେଳପଥ ସମ୍ପ୍ରସାରଣ ସହ ଆନନ୍ଦପୁର ଉପଖଣ୍ଡ ଓ ଘଟଗାଁର ମା’ ତାରିଣୀ ପୀଠକୁ ରେଳପଥ ସଂଯୋଗ ହେବ ବୋଲି ଚର୍ଚ୍ଚା ହୋଇଥିଲା। ବର୍ଷ ୨୦୨୪ ଯାଇ ୨୦୨୫ ଚାଲିଗଲା; ୨୦୨୬ବଜେଟରେ ଏ ନେଇ ସବୁଜ ସଙ୍କେତ କିମ୍ବା ନିର୍ଭର ପ୍ରତିଶ୍ରୁତି ମିଳିବ ବୋଲି ଥିବା ଆଶା ଧୂଳିସାତ ହେଲା। କେନ୍ଦୁଝର ଜିଲ୍ଲାରେ ୧୬୪୮୨କିମି ରେଳପଥ ରହିଛି। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ରହିଥିବା ବେଳେ ଆନନ୍ଦପୁରର ଜନସାଧାରଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡର ଲୋକେ ଯାଜପୁରରୋଡ ଓ ଭଦ୍ରକ ରେଳଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ରେଳପଥ ନଥିବାରୁ ଏହି ଅଞ୍ଚଳର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ହୋଇପାରୁନି। ୨୦୦୫ରେ କେନ୍ଦୁଝରରୋଡ ଷ୍ଟେସନରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳପଥ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳପଥ ସଂଯୋଗ ହେଲେ ଉଭୟ ବ୍ୟବସାୟିକ ଓ ଯାତ୍ରୀ ସୁବିଧା ହୋଇପାରିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ୧୫ବର୍ଷ ହେଲା ଆନ୍ଦୋଳନ ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତିନିଥର ରେଳ ମନ୍ତ୍ରଣାଳୟକୁ ଆନନ୍ଦପୁରର ଦାବି ସମ୍ପର୍କରେ ବିଚାର କରିବାପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଅଗ୍ରଗତି ହୋଇପାରୁନି। ଅନ୍ୟପକ୍ଷରେ ପୂର୍ବରୁ ରେଳପଥ ସଂଯୋଗ ପାଇଁ ହୋଇଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଶାସକ ଦଳର ନେତାମାନେ ଏବେ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ରେଳପଥ ସଂଯୋଗ ଦାବି ଲୋକଙ୍କ ଭାବାବେଗ ସହ ଜଡ଼ିତ ବୋଲି ଆନନ୍ଦପୁର ବିକାଶ ପରିଷଦ ସଭାପତି ପ୍ରାଧାପକ ରମାକାନ୍ତ ନାୟକ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା

## ରେଳବଜେଟ ନୈରାଶ୍ୟଜନକ

ସଂଯୋଗ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୦୧୩-୧୪ରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରକୁ ରେଳପଥ ସଂଯୋଗ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ନିକଟରୁ ପ୍ରସ୍ତାବ ଆସିଥିଲା। ଏ ନେଇ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଲିଫିତା ତଳେ ରହିଛି। ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଓ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏହାକୁ ସମର୍ଥନ ଜଣାଇଥିଲେ ଓ ଆନନ୍ଦପୁରକୁ ରେଳ ସଂଯୋଗ ହେଲେ ଅଞ୍ଚଳର ଦ୍ରୁତବିକାଶ ହୋଇପାରିବ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସାଂସଦ ଅନନ୍ତ ନାୟକ ଏ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ବହୁ ବର୍ଷର ଦାବି କେବେ ପୂରଣ ହେବ ବୋଲି ଆନନ୍ଦପୁରବାସୀ ପ୍ରଶ୍ନ କରିଛନ୍ତି।



ବହୁଦିନରୁ କେନ୍ଦୁଝର ଜିଲ୍ଲା ବିକାଶ ପରିଷଦ ଓ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ଆନନ୍ଦପୁର ସହିତ ରେଳପଥ ସଂଯୋଗ ପାଇଁ କ୍ରମାଗତ ଭାବରେ ଦାବି ହୋଇ ଆସୁଛି। ଏହି ଦାବି ପ୍ରତି ବର୍ତ୍ତମାନ ଶାସକଦଳ ସମେତ ସାଧାରଣଜନତାଙ୍କର ଦୃଢ଼ ଭାବରେ ସମର୍ଥନ ରହିଛି। ସେଥିପାଇଁ ଲୋକେ ଏହି ବଜେଟକୁ ଚାତକ ପରି ଅପେକ୍ଷା କରିଥିଲେ। ମାତ୍ର ବିଡମ୍ବନାର ବିଷୟ ଯେ ଆନନ୍ଦପୁରବାସୀଙ୍କ ଏହି ଦାବି ଅନ୍ୟ ଥର ପରି ଏଥର ମଧ୍ୟ ଅଗ୍ରାହ୍ୟ ହୋଇଛି। ଏଣୁ ଏହି ରେଳ ବଜେଟ ଆମ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ସାବ୍ୟସ୍ତ ହୋଇଛି।

**-ରମାକାନ୍ତ ନାୟକ, ସଭାପତି, ଆନନ୍ଦପୁର ବିକାଶ ପରିଷଦ**



ରେଳବଜେଟ କେବଳ ଅଦାନୀ ଅମ୍ବାନୀ ଓ ଅଗ୍ରୱାଲ କମ୍ପାନୀ ଭଳି ବଡ଼ ବଡ଼ କର୍ପୋରେଟ ହାଉସକୁ ସୁହାଇଲା ଭଳି ହୋଇଛି। ଓଡ଼ିଶାରେ ବିଜେଡି ସରକାର ସହଯୋଗ କରୁନାହିଁ ବୋଲି କହୁଥିଲେ, ବର୍ତ୍ତମାନ ତ ଡବଲ ଇଞ୍ଜିନ, ଅସୁବିଧା କେଉଁଠି? ବୋଲି ପ୍ରଶ୍ନ କରିଛନ୍ତି ଦୀର୍ଘ ୧୫ ବର୍ଷ ଧରି ଆନ୍ଦୋଳନ ଚଳାଇଥିବା ଆନନ୍ଦପୁରବାସୀ ବହୁତ ଆଶାବାଦୀ ଥିଲେ। ହେଲେ ତାହା ପାଣିରେ ମିଳାଇ ଯାଇଛି।

**-ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ପିସିସି ସଭାପତି**



ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ ଓ ସାଂସଦ କେନ୍ଦୁଝର ଜିଲ୍ଲାର ହୋଇ ମଧ୍ୟ ଆନନ୍ଦପୁର ଦାବି ପୂରଣ ହୋଇପାରିଲାନି। ଓଡ଼ିଶାରେ ଥିବା ବିଜେଡି ସରକାର ସହଯୋଗ କରୁନାହିଁ ବୋଲି ବିଜେପି ନେତା କଟାକ୍ଷ କରୁଥିଲେ। ଏବେ ଅସୁବିଧା କୋଉଠି?

**-ଭାଗିରଥି ସେଠୀ, ପୂର୍ବତନ ବିଧାୟକ, ଆନନ୍ଦପୁର**



କେନ୍ଦୁଝର ସାଂସଦ ଆମ ଦାବିକୁ ଠିକ୍ ଭାବେ ଉପସ୍ଥାପନ କରିନାହାନ୍ତି। ମୋର ଅନୁଭବ ହୋଇଛି ଦୀର୍ଘଦିନର ଆନ୍ଦୋଳନ ପରେ ବି ସରକାର ଶୁଣିଲେନି। ଯାହା ଆନନ୍ଦପୁରବାସୀଙ୍କ ପାଇଁ କୁଠାରଘାତ ହୋଇଛି। ରେଳ ବଜେଟ ସାଧାରଣ ଲୋକଙ୍କ ପାଇଁ ନୁହେଁ, କେବଳ ବିତ୍ତଶାଳୀଙ୍କ ପାଇଁ।

**-ସୁଶୀଲ କୁମାର ହୋତା, ବିଜେଡି, କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ**

# ୯୪ ବର୍ଷୀୟ ସଂଯୁକ୍ତାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ଆନନ୍ଦପୁର,୨।୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମରେ ଜଣେ ବୃଦ୍ଧା ବର୍ଦ୍ଧିତ ଭତ୍ତା ପାଇବାକୁ ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟକୁ ଧାଉଁଥିଲେ ବି ତାଙ୍କୁ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ଟୋଲଙ୍କପଡ଼ା ଗ୍ରାମର ୯୪ ବର୍ଷୀୟା ସଂଯୁକ୍ତା ଦାସଙ୍କୁ ଦୀର୍ଘଦିନ ହେବ ନିଜ ପୁଅ ବୋହୁଙ୍କଠାରୁ ଅଲଗା ହୋଇ ଏକ ପରିତ୍ୟକ୍ତ କୋଠରିରେ ଦୟନୀୟ ଅବସ୍ଥାରେ ଏକାକୀ ପଡ଼ିରହିଛନ୍ତି। କେବଳ ନାବାଳିକା ନାତୁଣୀ ହିଁ ତାଙ୍କର ସାହାଭରସା। ଏଭଳି ଦୁଃଖଦ ଘଟଣା ଜାଣିବା ପରେ ଆନନ୍ଦପୁର ଉପଖଣ୍ଡର ସମାଜସେବୀ ଦମୟନ୍ତୀ ସେଠୀ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ ଓ ତାଙ୍କ ସହ ସାମିଲ ହୋଇଥିଲେ ଶିଶୁ ମଙ୍ଗଳ ସମିତି କେନ୍ଦୁଝରର କର୍ମକର୍ତ୍ତା ମାନେ। ସଂଯୁକ୍ତାଙ୍କୁ ଯଥା ସମ୍ଭବ ସହଯୋଗ କରିବା ସହିତ ୧୫ବର୍ଷୀୟା ନାତୁଣୀର ପାଠ ପଢ଼ା ଓ ସୁରକ୍ଷା ଦାୟିତ୍ୱ ନେବାର ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଓ ସାମାଜିକ ସଂଗଠନଗୁଡ଼ିକ ଏଭଳି ଅସହାୟଙ୍କ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ହାତୀ ଆକ୍ରମଣରେ ଗୁରୁତର ଉମାମଣିଙ୍କ ମୃତ୍ୟୁ

ତେଲକୋଇ,୨।୨(ସମିସ): ତେଲକୋଇ ବନାଞ୍ଚଳ ଦେଉଳଡିହା ଗ୍ରାମରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଉମାମଣି ପାତ୍ରଙ୍କ ମୃତ୍ୟୁ ଘଟିଛି। ବନ ବିଭାଗର ଦାୟିତ୍ୱହୀନତା ଓ ଅବହେଳା ପାଇଁ ଉମାମଣିଙ୍କ ଜୀବନ ଅକାଳରେ ଚାଲି ଯାଇଥିବା ଅଭିଯୋଗ ହୋଇଛି। ତେବେ ସୂଚନା ମୁତାବକ ଗତ ମାସ ୧୩ ତାରିଖ ବିଳମ୍ବିତ ରାତିରେ ଉମାମଣିଙ୍କୁ ତାଙ୍କ ଘର ଅଗଣାରୁ ଏକ ଗୋଠ ଛଡ଼ା ଦନ୍ତା ଆକ୍ରମଣ କରି ଗୁରୁତର କରିଥିଲା। ପରିବାର ଲୋକେ ଓ ବନ କର୍ମଚାରୀ ତାଙ୍କୁ ଉଦ୍ଧାର କରି ତେଲକୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ଘଟିବାରୁ କଟକ ସ୍ଥାନାନ୍ତର ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କେନ୍ଦୁଝର,୨।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ରାଜସ୍ୱ, ଆବାସ, ପାନୀୟ ଜଳ, ରାସ୍ତା, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ଏହି ଶିବିରରେ ମୋଟ ୧୭୬ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୯ଟି, ସାମୂହିକ ଅଭିଯୋଗ ୨୭ଟି, ରେଡକ୍ରସ ସହାୟତା ପାଇଁ ୧୪ଟି ଆବେଦନ ଗ୍ରହଣ କରାଯାଇଛି। ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଏହି ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଫେବୃଆରୀ ମାସର ପରବର୍ତ୍ତୀ ଶୁଣାଣି ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ୯ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଷିପୁରା, ୧୬ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ ୨୩ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁରରେ ଶିବିର କରାଯିବ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

# ମୋହନ ବାବାଙ୍କ ପରଲୋକ; ଶେଷଦର୍ଶନ କଲେ ଅନୁଗାମୀ



ହାଟଡ଼ିହୀ,୨।୨(ସମିସ): ଶୈଳଙ୍ଗ ମଠର ବାବା ତଥା ହାଟଡ଼ିହୀ ବ୍ଲକ୍ ନୀଳାପୁର ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ମୋହନ ବାବାଙ୍କ ଦେହାନ୍ତ ଘଟିଛି। ସେ ଗତ କିଛିଦିନ ପୂର୍ବରୁ ହୃଦ୍‌ଘାତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ତେବେ ଶନିବାର ରାତିରେ ତାଙ୍କର ଦେହାନ୍ତ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ଶୈଳଙ୍ଗ ସମେତ ପଞ୍ଚୁଗୋଛିଆ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। କଟକ, ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୁଳ, ତାଳଚେର, ଭଦ୍ରକ ଆଦି ଅଞ୍ଚଳରୁ ହଜାର ହଜାର ଅନୁଗାମୀ ନୀଳାପୁର ଗ୍ରାମରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇବା ସହ ମନ୍ଦିର ନିକଟରେ ସମାଧି ଦିଆଯାଇଥିଲା। ଏଥିରେ ଶୈଳଙ୍ଗ ବାଇଆ ବାବା ଆଶ୍ରମର ଈଶ୍ୱର ବାବା, ଝାଡେଶ୍ୱର ମନ୍ଦିରର ପ୍ରଫୁଲ୍ଲ ବାବାଙ୍କ ସମେତ ଅନେକ ବାଇଆ ଅବଧୂତ ସାଧୁସନ୍ଥ ଯୋଗ ଦେଇଥିଲେ। ପଞ୍ଚୁଗୋଛିଆ, ନୀଳାପୁର, ଆଡ଼ହୁରିଆ, ଯଶୋବନ୍ତପୁର, ବଳଭଦ୍ରପୁର, ହୀରାପୁର, ସର୍ବେଶ୍ୱରପୁର, ତରଭା, ବରେଶ୍ୱର, କଣ୍ଡିଆଡ଼ିହି, ମୁଗୁପୁର, ସୁଲଣ, ଆବୁଲପୁରା, ଜଳସରପୁର, ବଞ୍ଚୋ ଆଦି ଗ୍ରାମର ଆବାଳ ବୃଦ୍ଧବନିତା ଯୋଗ ଦେଇଥିଲେ। ମୋହନ ବାବାଙ୍କ ଉଦ୍ୟମରେ ନୀଳାପୁରଠାରେ ମିନି ଶ୍ରୀକ୍ଷେତ୍ର ଭବ୍ୟ ଜଗନ୍ନାଥ ମନ୍ଦିର, କାଳୀମନ୍ଦିର, ଯଶୋବନ୍ତପୁରରେ ଶନି ମନ୍ଦିର, ଆଡହୁରିଆରେ ମଙ୍ଗଳା ମନ୍ଦିର ଓ ଶୈଳଙ୍ଗ ମନ୍ଦିରର ପୁନଃରୁଦ୍ଧାର ଆଦି କାର୍ଯ୍ୟ କରାଇଥିବା ବେଳେ ପୁରୀରେ ଏକ ବାଇଆ ବାବାଙ୍କ ଆଶ୍ରମ କାର୍ଯ୍ୟ ଚାଲୁ ରହିଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗରେ ତାଙ୍କର ହଜାର ହଜାର ଭକ୍ତ ଅଛନ୍ତି। ସେ ଜଣେ ଦିବ୍ୟଦ୍ରଷ୍ଟା ଥିଲେ ବୋଲି ଲୋକଙ୍କ ବିଶ୍ୱାସ ଥିଲା।

# ନାଟକ ‘କୋଣାର୍କ’ ମଞ୍ଚସ୍ଥ

ଆନନ୍ଦପୁର,୨।୨(ସମିସ): ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ପୁରୀ କୋଣାର୍କ ସମୁଦ୍ର କୂଳରେ ଚାଲିଥିବା ଇକୋ ରିଟ୍ରିଟ୍ ମଞ୍ଚରେ ନୃତ୍ୟାଭିନୟ “କୋଣାର୍କର ରୂପରେଖ’ ଉପସ୍ଥାପନା କରି ଉପସ୍ଥିତ ଅତିଥିଙ୍କ ମନୋରଞ୍ଜନ କରିଛନ୍ତି। ଉତ୍କଳର ଗୁଣଗରିମା, କୋଣାର୍କ ମନ୍ଦିରର ପ୍ରତିଟି କୋଣର ଛବିର ସୁକ୍ଷ୍ମ କାରୁକାର୍ଯ୍ୟ ଦୃଶ୍ୟ, ମହୋଦଧିର ରୂପ ରେଖ ମଧ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଦୃଶ୍ୟପଟ୍ଟକୁ ଅତି ନିଖୁଣ ଭାବରେ ପ୍ରଦର୍ଶିତ କରିଛନ୍ତି। ନୃତ୍ୟ ଶିଳ୍ପୀ ମୋନିକା ଦାଶ, ଲିଜାରାଣୀ ସାହୁ, ଦେବାହୂତି ପଟ୍ଟନାୟକ, ଆରୋସ୍ମିତା ତ୍ରିପାଠୀ, କ୍ରିଷ୍ଟା ପ୍ରିୟଦର୍ଶନୀ ସାହୁ, ସାଇ ସମ୍ପନ୍ନ ଚକ୍ର, ଶ୍ରାବଣୀ ପାଢ଼ୀ, ବିନୋଦ ଓଝା ନିଖୁଣ ଅଭିନୟ କରିଥିଲେ। ପୁରୀର ମାଲଖମ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା ମିଳିଥିଲା। ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ପାଟଣାରେ ଧୃତିପାଳି ମହୋତ୍ସବ

ତୁରୁମୁଙ୍ଗା,୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଥିବା ସତସଙ୍ଗ କେନ୍ଦ୍ରରେ ଶନିବାର ଧୃତିପାଳି ମହୋତ୍ସବ ପାଳିତ ହୋଇଯାଇଛି। ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମବାର୍ଷିକୀ ଏବଂ ସତ୍‌ସଙ୍ଗ ଶ୍ରୀମନ୍ଦିର ମୁରୁସୁଆଁର ତୃତୀୟ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ଉପଲକ୍ଷେ ଧୃତିପାଳୀ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ଯାଜକ, ରିତିକ୍, ପଞ୍ଝାଧାରି, ଗୁରୁ ଭାଇ ଓ ମା’ମାନେ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସହ ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ବ୍ଲକ୍ ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ସନାତନ ଦାଶ, ତୁଷାର କାନ୍ତ ତ୍ରିପାଠୀ, ଅଜୟ କୁମାର ଦାଶ, ସୁବେଦାର ନାରାୟଣ ବାରିକ୍‌ଙ୍କ ସହ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ନଗର ପରିକ୍ରମା କରାଯାଇଥିଲା। ଶତାଧିକ ନୂତନ ଭକ୍ତ ଦୀକ୍ଷା ଗ୍ରହଣ କରିବା ସହ ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ସକାଳୁ ଉଷା କୀର୍ତ୍ତନଠାରୁ ଆରମ୍ଭ କରି ସମବେତ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ଶୋଭାଯାତ୍ରା, ସାଧାରଣ ସଭା, ଚିକିତ୍ସକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ମା’ ମାନଙ୍କର କୀର୍ତ୍ତନ, ସାନ୍ତାଳି ଢୋଲ, ଝୁମୋର ନୃତ୍ୟ ଓ ଠାକୁରଙ୍କ ଫୁଲ ସଜା ଆଦି ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଧୃତିପାଳି ମହୋତ୍ସବ ଶେଷ ହୋଇଥିବା ବେଳେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



# ହାତୀକୁଚା ଗାଁରେ ଲକ୍ଷ୍ମୀନାରାୟଣ ପୂଜା



କେନ୍ଦୁଝର,୨।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ହାତୀକୁଚା ଗ୍ରାମର ଲକ୍ଷ୍ମୀନାରାୟଣ ଯୁବକ ସଂଘ ଆନୁକୂଲ୍ୟରେ ୪୫ତମ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଛି। ବାରଖଣ୍ଡିଆ ବନ୍ଧରୁ ଜଳ କୋଳସ ଅଣାଯିବା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ରବିବାର ରାତି ୮ଟା ବେଳେ ପୂଜକ ସଞ୍ଜୟ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଝୁମର ନୃତ୍ୟ ପରିବେଷଣ ହୋଇଥିଲା। ମଙ୍ଗଳବାର ଗାଁ କଳାକାର ଙ୍କୁ ନେଇ ଏ ଆଖି ଖୋଜୁଛି ତତେ ଅପେରା ମଞ୍ଚସ୍ଥ ହେବ। ହାତୀକୁଚା ଲକ୍ଷ୍ମୀନାରାୟଣ ଯୁବକ ସଂଘ ର ପରିଚାଳନା ସଭାପତି ପ୍ରଶାନ୍ତ କୁମାର ମହାନ୍ତ, ସମ୍ପାଦକ ହୃଷିକେଶମହାନ୍ତ, ପୂଜାସମ୍ପାଦକଗୋସ୍ୱାମୀମହାନ୍ତ, ସଦସ୍ୟକେଶବନୀଳମାଧବମହାନ୍ତ, ବେଣୁଧରମହାନ୍ତ, ବ୍ରଜ ମୋହନ ମହାନ୍ତ, ଗୋପବନ୍ଧୁ ମହାନ୍ତ, ଡମ୍ବୁରୁଧର ମହାନ୍ତ, ଅଭିମନ୍ୟୁ ମହାନ୍ତ, ସଞ୍ଜୀବ ମହାନ୍ତ, ସତ୍ୟାନନ୍ଦ ମହାନ୍ତ, ଗୌରହରି ମହାନ୍ତ, ବସନ୍ତ ମହାନ୍ତ, ଭାଗୀରଥି ମହାନ୍ତ, ତରୁଣ କୁମାର ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ନିହାର ରଞ୍ଜନ ମହାନ୍ତ, ରାଷ୍ଟ୍ରପତି ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ସହଯୋଗ କରୁଛନ୍ତି।

# ୫ମ ବୀର ବିର୍ସାମୁଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଯୋଡ଼ା,୨।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ୧୨ ନମ୍ବର ୱାର୍ଡ ଖୁଣ୍ଟପାଣି ଗ୍ରାମର ନୂତନ ଖେଳପଡ଼ିଆଠାରେ ବୀର ବିର୍ସାମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ତିନିଦିନ ଧରି ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରବିବାର ଏହା ଉଦ୍‌ଯାପିତ ହୋଇଛି। ଏଥିରେ ଝାଡ଼ଖଣ୍ଡ ସମେତ ଓଡ଼ିଶାର ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ କମାରଯୋଡ଼ା ଓ ଟିକର ଚାମ୍ପି କଡ଼ା ମୁକାବିଲା ହୋଇଥିଲା। ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ କେହି କାହାକୁ ଗୋଲଦେଇ ପାରିନଥିବା ବେଳେ ପେନାଲଟି ସଟ୍‌ରେ ୧-୦ ଗୋଲରେ ଟିକର ଚାମ୍ପି ବିଜୟ ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଯୋଗଦେଇଥିବା ବେଳେ ଯୋଡ଼ା ଟ୍ରକ୍ ମାଲିକ ସଙ୍ଘ ସମ୍ପାଦକ ସୁଶାନ୍ତ ବାରିକ, ୧୨ ନମ୍ବର ୱାର୍ଡ କାଉନସିଲର ଲିଲିମଣି ମୁଣ୍ଡା, ବରିଷ୍ଠ ନାଗରିକ ଅଚନ ମୁଣ୍ଡା, ଯୋଡ଼ା ମାଇନିଂ ଏରିଆ ଟ୍ରକ୍ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇ, ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ବିଜେତା ଦଳ ଟିକର ଚାମ୍ପିକୁ ନଗଦ ୮୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ୍ କମାର ଯୋଡ଼ା ଦଳକୁ ନଗଦ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀ ଅଂଶୁ ସୁପର କିଙ୍ଗ ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ଦଳ ଡାଳିମ୍ବ ଏସ୍‌ପିଏକୁ ନଗଦ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିରଜୁ ମୁଣ୍ଡା, ନିତିଶ ମାଝୀ, ବିଜୟ ବିରୁଆ, ଟୁନୁ ସିଂ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ବୀର ବିର୍ସା ମୁଣ୍ଡା ଯୁବକ ସଂଘର ସଭାପତି ଦାଶରାମ ମୁଣ୍ଡା, ଉପସଭାପତି ବୁଧୁରାମ ମୁଣ୍ଡା, ସମ୍ପାଦକ ରମେଶ ମୁଣ୍ଡା, ଆସିଷ୍ଟାଣ୍ଟ ସେକ୍ରେଟାରୀ ସନାତନ ମୁଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ମୁଣ୍ଡାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବାୟାପଣ୍ଡାଦରରେ ଡକାୟତି

# ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍‌ର ତନାଘନା



କେନ୍ଦୁଝର,୨।୨(ସମିସ): କେନ୍ଦୁଝର ଜିଲ୍ଲା ସଦର ଥାନା ଶୁଆକାଟି ଫାଣ୍ଡି ବାୟାପଣ୍ଡାଦର ଗାଁରେ ସଶସ୍ତ୍ର ଡକାୟତି ହୋଇଛି। ଗାଁର ସଂଗ୍ରାମ କେଶରୀ ନାଏକଙ୍କ ଘରେ ପଶି ୮ ଜଣ ମୁଖାପିନ୍ଧା ବନ୍ଧୁକଧାରୀ ଡକାୟତି କରି ଫେରାର ହୋଇଯାଇଛନ୍ତି। ପ୍ରଥମେ ଫାଙ୍କା ଗୁଳି ଚାଳନା କରି ଘରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଘରେ ପୂରାଇ ଦେଇଥିଲେ। ପରେ ଘରେ ଥିବା ୬ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୧୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଇଛନ୍ତି। ଏଇ ଡକାୟତି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବାୟାପଣ୍ଡାଦର ଡକାୟତି ଘଟଣା ପରେ କେନ୍ଦୁଝର ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କାରଣ ସମାନ ଢଙ୍ଗରେ ଗୋଟିଏ ଦିନ ପୂର୍ବରୁ ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରି ଗାଁର ଜଣେ ବ୍ୟବସାୟୀଙ୍କ ଘରୁ ମଧ ଡକାୟତି ହୋଇଥିଲା। ସେଠାରୁ ମଧ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଓ ଟଙ୍କା ନେଇଯାଇଥିଲେ। ସେହି ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବାବେଳେ ପୁଣି ଏକ ବଡ଼ ଧରଣର ଡକାୟତି ପୁଲିସର ନିଦ ହଜାଇଦେଇଛି। ତେବେ ବାୟାପଣ୍ଡାଦର ଡକାୟତି ଘଟଣାରେ ଘର ମାଲିକଙ୍କ କହିବା ଅନୁଯାୟୀ ରାତି ପ୍ରାୟ ସାଢ଼େ ୧୦ଟାରେ ଜାତୀୟ ରାଜପଥ ୪୯ରେ ଏକ ଦୁର୍ଘଟଣା ହୋଇଛି କହି ପାଣି ମାଗିଥିଲେ ଦୁର୍ବୃତ୍ତ। ତା’ ପରେ ନିକଟରେ ଛକି ରହିଥିବା ୮ଜଣ ଲୋକ ହଠାତ୍ ଘରେ ପଶି ସାଙ୍ଗରେ ଆଣିଥିବା ବନ୍ଧୁକରୁ ବ୍ଲାଙ୍କ ଫାୟାରିଂ କରିଥିଲେ। ପରେ ଘର ଲୋକଙ୍କୁ ଭୟଭୀତ କରାଇ ଘରର ସମସ୍ତଙ୍କୁ ଗୋଟିଏ ଘରେ ପୂରାଇ ସବୁ କିଛି ଲୁଟି ନେଇଥିଲେ। ରାତି ପ୍ରାୟସାଢ଼େ ୧୧ଟାରେ ସଂଗ୍ରାମ ବହୁ କଷ୍ଟରେ ବନ୍ଦ ଘରୁ ବାହାରି ପୁଲିସକୁ ଯୋଗଯୋଗ କରିଥିଲେ। ପୁଲିସ ପହଞ୍ଚି ବିଭିନ୍ନ ସ୍ଥାନରେ ନକବନ୍ଦୀ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଠାବ କରିପାରିନଥିଲା। ସକାଳେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ଯାଞ୍ଚ କରିଛି। କେନ୍ଦୁଝର ଏସ୍‌ପି ନିତିନ କୁଶଲକର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରବା ସହ ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ କିଛିଦିନ ପୂର୍ବରୁ ବଡ଼ବିଲରେ ଏକ ଘରୋଇ ବ୍ୟାଙ୍କରୁ ମଧ୍ୟ ସଶସ୍ତ୍ର ଡକାୟତି ହୋଇଥିଲା। ଏହି ଘଟଣାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇନଥିବାବେଳେ ପୁଣି ଏଭଳି ବାରମ୍ବାର ଡକାୟତି ଘଟଣା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝର ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ



**ଜଗତସିଂହପୁର, ୨।୨(ସମିସ)**

'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷର ବାର ମାସରେ ୧୨ଟି ଐତିହ୍ୟ ପଦଯାତ୍ରା ସଫଳତାର ସହିତ ସମ୍ପନ୍ନ ହେବା ପରେ, ଐତିହ୍ୟପ୍ରେମୀ ଉଦ୍ୟମୀ ଯୁବମାନଙ୍କ ଦ୍ୱାରା ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଥିଲେ। ଉତ୍ସବ ଆରମ୍ଭରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ମେମୋରିଆଲ ମହାବିଦ୍ୟାଳୟର ଛାତ୍ର ସେକ୍ ସାହିଲ ମହମ୍ମଦଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ ରୂପେ ଜଗନ୍ନାଥାଷ୍ଟକ ପରିବେଷଣ ହୋଇଥିଲା। ମୁସଲମାନ ପରିବାରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କ ନୃତ୍ୟାଭିନୟରେ ତାଲ୍ଲୀନ ଭାବ ଓ ବିଭୁ ପ୍ରେମ ସ୍ପଷ୍ଟ ରୂପେ ଝଲସି ଉଠିଥିଲା। ମଙ୍ଗଳାଚରଣ ପରେ ପରେ ଜଗତସିଂହପୁରର ପ୍ରସିଦ୍ଧ ମା' ଶାରଳାଙ୍କ ଘଣ୍ଟ ପାଟୁଆ ନୃତ୍ୟ, ସଭାଗୃହରେ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିବା ସହିତ ବିମୁଗ୍ଧ କରିଥିଲା। ଏହାପରେ ଶିକ୍ଷାବିତ ଡ. ବସନ୍ତ ମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଡ. ଦୀପକ୍ ସାମନ୍ତରାୟ, ଅମ୍ବିକା ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା, ଭଗବାନ ଦାଶ ଆଦି ଅତିଥି ଭାବେ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉତ୍ସବ ଉପଲକ୍ଷେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ବର୍ଷିଆନ କଳାକାର ସାଗରବାଳା ପଟ୍ଟନାୟକ, ଜଗତସିଂହପୁର ଝଙ୍କଡ଼ ପ୍ରସିଦ୍ଧ ମା' ଶାରଳାଙ୍କ ଘଣ୍ଟପାଟୁଆ ନୃତ୍ୟକୁ ଦେଶ ବିଦେଶରେ ପ୍ରସିଦ୍ଧି ଆଣିଦେଇଥିବା ମିହିର ନନା ଏବଂ ତାଙ୍କ ସହକାରୀ ବୃନ୍ଦ, ଦୃଷ୍ଟିବାଧିତ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶ୍ୟାମ ଚାଚା, ଜଗତସିଂହପୁର ସହର ଅନ୍ତର୍ଗତ ବଡ଼ବାଗ ଗ୍ରାମର ହସ୍ତତନ୍ତ ସମିତିର କର୍ମକର୍ତ୍ତା, ଘୋଡ଼ାନାଚ କଳାକାର ଶିଶିର କୁମାର ପଣ୍ଡା, ପାଲା ଗାୟକ ହେମନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବିଭୁତି ବାରିକ ଏବଂ ଯୁବ ସାମ୍ବାଦିକ ସୌମ୍ୟ ନାୟକ। ସେହିପରି ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଯତ୍ନବାନ ଥିବା ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ଆଧୁନିକ ଯୁଗର ସାଲବେଗ ସାମ୍ ଚାଚାଙ୍କ ଜଗନ୍ନାଥ ଭଜନ ଶ୍ରୋତାଙ୍କୁ ମୁଗ୍ଧ କରିଦେଇଥିଲା। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବଡ଼ବାଗର ହସ୍ତତନ୍ତ ଲୁଗା ଓ ପୁସ୍ତକ ପ୍ରଦର୍ଶନୀ। ଏହି ଅବସରରେ 'କଟକ ଐତିହ୍ୟ ପଦଯାତ୍ରା', 'ଢେଙ୍କାନାଳ ଐତିହ୍ୟ ପଦଯାତ୍ରା', ଏବଂ 'ପୁରୀ ଐତିହ୍ୟ ପଦଯାତ୍ରା'ର କର୍ମକର୍ତ୍ତାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ବ୍ୟବସାୟୀଙ୍କୁ ଆକ୍ରମଣ ମାମଲା
# ଅଭିଯୁକ୍ତକୁ ୩ ବର୍ଷ ଜେଲ

**ଜଗତସିଂହପୁର, ୨।୨(ସମିସ):** ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅଞ୍ଚଳରେ ଗତ ୨୦୨୫ ମସିହା ଅଗଷ୍ଟ ମାସରେ ସଂଗଠିତ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି ଅଦାଲତ। ସୂଚନା ଅନୁସାରେ ଗତ ୨୦୨୫ ମସିହା ଅଗଷ୍ଟ ୧୦ ତାରିଖ ରାତି ପ୍ରାୟ ୧୦ ଘଣ୍ଟା ସମୟରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିରିତୋଳ ଗ୍ରାମର ବ୍ୟବସାୟୀ ରାକେଶ ବେହେରା ନିକଟସ୍ଥ ରସଲପୁର ସ୍କୁଲ ନିକଟରେ ଥିବା ତାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ବିରିତୋଳ ଗ୍ରାମର ଅସିତ୍ ରଞ୍ଜନ ବିଶ୍ୱାଳ ତାଙ୍କ ବାଇକ୍ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲା। ଏହାର ପ୍ରତିବାଦ କରିବାରୁ ଅସିତ୍ ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲା। ରାକେଶ ହାତ ଦେଖାଇବାରୁ ଛୁରୀ ଆଘାତରେ ତାଙ୍କର ଏକ ଆଙ୍ଗୁଠି କଟିଯାଇଥିଲା। ଜୀବନ ବିକଳରେ ବାଇକ୍ ଛାଡି ରାକେଶ ବେହେରା ଛକ ଆଡକୁ ଦୌଡି ପଳାଇବା ବେଳେ ଅସିତ୍ ମଧ୍ୟ ତାଙ୍କୁ ମାରିବା ଉଦ୍ଦେଶ୍ୟରେ ପିଛା କରିଥିଲା। ତେବେ ପାଟିଶୁଣି ଲୋକମାନେ ପହଞ୍ଚିଯିବାରୁ ଅସିତ ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲା। ଲୋକମାନେ ଅସିତକୁ କାବୁ କରି ପୋଲିସଦ ଜିମା ଦେଇଥିଲେ। ଘଟଣା ସମ୍ପର୍କରେ ରାକେଶ ୧୧ ତାରିଖରେ ତିର୍ତ୍ତୋଲ ଥାନାରେ ଏତଲା ଦେବାପରେ ପୋଲିସ ବିଧିବଧ ଭାବେ ଅସିତ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାରକରି ତିର୍ତ୍ତୋଲ ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତ ଅସିତ୍ ବିଶ୍ୱାଳକୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଥିବା ପବ୍ଲିକ୍ ପ୍ରସିକ୍ୟୁଟର ତପନ କୁମାର ପାଲ ସୂଚନା ଦେଇଛନ୍ତି।

# ଟ୍ୟାଙ୍କର ଧକ୍କାରେ ଲୁନା ଚାଳକ ଗୁରୁତର

**ପାରାଦୀପ, ୨।୨ (ସମିସ):** ଆଜି ଅପରାହ୍ନରେ ପାରାଦୀପ ପିପିଏଲ ରାସ୍ତାର ବାଲିଝରା ନିକଟରେ ଏକ ଟ୍ୟାଙ୍କଲର ଲୁନାକୁ ଧକ୍କା ଦେବାରୁ ଲୁନା ଆରୋହୀ ଗୁରୁତର ହୋଇଛି। ଖବରରୁ ଜଣାପଡ଼ିଛିଯେ ଅପରାହ୍ନରେ ଝିମାଣିର ଅଜୟ ଲେଙ୍କା ନିଜର କ୍ଷୀର ବ୍ୟବସାୟ ସାରି ପିପିଏଲ ଗେଟ୍ ଦେଇ ଗାଁକୁ ଯିବା ବାଟରେ ବାଲିଝରା ନିକଟରେ ଏକ ଟ୍ୟାଙ୍କଲର ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଥିଲା ଏବଂ ଲକ୍‌ଥାନାରେ ଆତ୍ମସମର୍ପଣ କରିଥିଲା। ଖବର ପାଇ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଘଟଣାସ୍ଥଳରେ ପହଞ୍ଚି ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ପରେ ଥାନା ଗାଡ଼ିରେ ଉକ୍ତ ବ୍ୟକ୍ତିଙ୍କୁ ଅଠରବାଙ୍କୀ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା କରାଇବା ସହିତ ଆମ୍ବୁଲାନ୍ସ ଡାକି କଟକର ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ସେହି ବ୍ୟକ୍ତି ଜଣକ ଜଣେ କ୍ଷୀର ବ୍ୟବସାୟୀ ବୋଲି ଜଣାପଡ଼ିଛି। ତେବେ ତାଙ୍କର ବାମ ଗୋଡ଼ରେ ଶକ୍ତ ଧକ୍କା ଲାଗିଛି। ଦୁର୍ଘଟଣା ଘଟାଇ ଥିବା ଟ୍ୟାଙ୍କଲର ଡ୍ରାଇଭରକୁ ଆଦର୍ଶ ଥାନା ପୁଲିସ ଆଜି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ପୁରାତନ ବିଦ୍ୟାର୍ଥୀ ସମାବେଶ

**କୁଜଙ୍ଗ, ୨।୨(ସମିସ):** ପଙ୍କପାଳ ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏ ନେଇ କବିତା ପାଠ, ଆଲୋଚନାଚକ୍ର, ବୃକ୍ଷରୋପଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କନାଥ ଓଝା, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ କୁମାର ସାହୁ, କୃଷ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ସାମନ୍ତରାୟ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ମିଶ୍ର, ଅଜିତ କୁମାର ବିଶ୍ୱାଳ, କ୍ଷୀରୋଦ କୁମାର ନାୟକ, ଅଶ୍ୱିନୀ ନାୟକ, ପ୍ରିୟମ୍ବଦା ଷଡଙ୍ଗୀ, ସଂଘମିତ୍ରା ସାମନ୍ତରାୟ, ମିନର୍ଭା ଦାଶ ଓ ଅହଲ୍ୟା ଦାସ ପ୍ରମୁଖ ଏକାଠି ହୋଇ ନିଜ ପୁରୁଣା ଦିନର ସ୍ମୃତି ସାଉଁଟିଥିଲେ। ଆସନ୍ତା ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ମଧ୍ୟ କରିଥିଲେ।

# ଜୈବ ବିବିଧତାର ଗନ୍ତାଘର ଆର୍ଦ୍ରଭୂମି

**ଜଗତସିଂହପୁର, ୨।୨(ସମିସ):** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଜାହାନପୁର ପଞ୍ଚାୟତ ସୋମନାଥ ସରକାରୀ ବିଦ୍ୟାପୀଠରେ ୩୦ତମ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଳାଶୟ ଓ ତା'ର ଚତୁଃପାର୍ଶ୍ୱ ସଫେଇ, ବୃକ୍ଷରୋପଣ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା ସହିତ ଓ ଆର୍ଦ୍ର ଭୂମିମିତ୍ର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ଉତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଢ଼ଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜୈବବିଧତାର ଗନ୍ତାଘର, ପ୍ରାକୃତିକ ଜଳ ପରିଶୋଧନ କରୁଥିବା ପୃଥିବୀର ବୃକକ୍ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଭୟାବହ ସମସ୍ୟାକୁ ପ୍ରତିହତ କରୁଥିବା ଅଦ୍ୱିତୀୟ ଉତ୍ସ ଆର୍ଦ୍ରଭୂମିର ସୁରକ୍ଷା ଓ ବିକାଶ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଅତିଥିମାନେ। ଏହି ଅବସରରେ ପ୍ରକୃତିପ୍ରେମୀ ଶ୍ୟାମସୁନ୍ଦର ମହାନ୍ତି ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରଙ୍କନ ପ୍ରତିଯୋଗିତାରେ ଶାନ୍ତନୁ ମଲ୍ଲିକ, ବିଶ୍ୱଜିତ୍ ରାୟ ଓ ସାହିସ୍ତା ବେଗମ୍ ଏବଂ କୁଇଜ୍ ପ୍ରତିଯୋଗିତାରେ ଶ୍ରୁତିସୁମନ ସ୍ୱାଇଁ, ଆଦ୍ୟାଶା ପ୍ରିୟଦର୍ଶିନୀ ଭୋଇ ଓ ସ୍ମୃତିପ୍ରଜ୍ଞା ମହାରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ଅଞ୍ଜଳି ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମିତାଲି ପ୍ରିୟଦର୍ଶିନୀ ବେହେରା, ସସ୍ମିତା ଦାସ ଓ ପିଙ୍କି ମହାକୁଡ ଏବଂ ଶିକ୍ଷକ ରାଜକିଶୋର ବେହେରା, ବିଶ୍ୱନାଥ ପରିଡ଼ା, ଧ୍ରୁବଚରଣ ସ୍ୱାଇଁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଗୀତାଜ୍ଞାନ ପରୀକ୍ଷା

**ନାଉଗାଁ, ୨।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଅବଦଲପୁର ନିକଟରେ ଥିବା ହରିହାର ନନ୍ଦ ଆଶ୍ରମ ପରିସରରେ ରାଜ୍ୟସ୍ତରୀୟ ପଞ୍ଚମ ଗୀତାଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ଆରମ୍ଭ ପୂର୍ବରୁ ଅନୁଷ୍ଠାନିକ ଭାବେ ସନ୍ୟାସିନୀ ମା' ଶିବମୟୀ ଓ ଉମାମୟୀ ମା'ଙ୍କ ଦ୍ୱରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉକ୍ତ ପରୀକ୍ଷାକୁ ବ୍ଲକ ସଂଯୋଜକ ବାବାଜୀ ଚରଣ ଦାସ, ଗୟାଧର ଦାସ ଓ ଆଶ୍ରମର ଗୁରୁ ଭାଇ ଓ ଭଉଣୀମାନେ ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଏକାଠି ହେଲେ ଏସଭିଏମ୍‌ର ପୁରାତନ ଛାତ୍ରଛାତ୍ରୀ

**ଜଗତସିଂହପୁର, ୨।୨(ସମିସ):** ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ୧୯୯୫ ରୁ ୨୦୦୦ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ପୁରାତନ ବନ୍ଧୁମାନେ ଯୋଗଦେଇ ଅତୀତର ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ମହାବିଦ୍ୟାଳୟର ସେ ସମୟର ଦୃଶ୍ୟପଟ ଏବଂ ବର୍ତ୍ତମାନ ଦୃଶ୍ୟପଟରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ହୋଇଥିଲା। କଲେଜ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ପରିଶେଷରେ ସମସ୍ତେ ଏକତ୍ରିତ ହୋଇ ଆଗାମୀ ଦିନରେ କିପରି ନିଜ ଭିତରେ ବନ୍ଧୁତା ଚିରସ୍ଥାୟୀ ହୋଇ ରହିବ ସେ ବିଷୟରେ ମତାମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିପ୍ଳବ ଚୌଧୁରୀ, ରଜନୀକାନ୍ତ ଚୌଧୁରୀ, ଚିନ୍ମୟ ନାୟକ, ନିହାର ଦାସ, ଚିରଞ୍ଜିବି ମହାପାତ୍ର, ପ୍ରତ୍ୟୁଷ ମହାରଣା, ସୁଧୀର ପାତ୍ର, ସଞ୍ଜୟ ମହାନ୍ତି, କ୍ଷିରୋଦ ସାହୁ, ମାନସ କାନୁନଗୋ, ବିକ୍ରମ ପରିଜା, ପ୍ରଶାନ୍ତ ମହାପାତ୍ର, ଶାନ୍ତନୁ ଦାସ, ନଳିନୀ ପ୍ରଧାନ, ରଶ୍ମି ପ୍ରଧାନ, ସନ୍ଧ୍ୟାରାଣୀ ରଥ, ପ୍ରତିମା ମିଶ୍ର, ପରୀମିତା ସାହୁ, ଆଲୋକପ୍ରଭା ଦାସ, ସସ୍ମିତା ଲେଙ୍କା, ଅନୂଜା ମହାନ୍ତି, ପ୍ରଶାନ୍ତ ଶତପଥୀ, ରାଧାକାନ୍ତ ନାୟକ, ଶ୍ରୀବତ୍ସ ଅମାନ୍ତ, ବିକାଶ ସାହୁ, ଶ୍ରାବଣୀ ମେଘାମାଳା, ସୁଶାନ୍ତ କୁମାର ଦାସ, ଶୁଭେନ୍ଦୁ ପଟ୍ଟନାୟକ, ଅରୁଣ ମହାନ୍ତି, ଚିନ୍ମୟ ପାତ୍ର ଓ ସଚ୍ଚିକାନ୍ତ, ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୨।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମାଲଣ୍ଡ ଗ୍ରାମସ୍ଥିତ ଭାରତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି। ଶିକ୍ଷାବିତ୍ ଝୁଲରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଓଡ଼ିଶା ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ, ମୁଖ୍ୟବକ୍ତା ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲକ ବିହାରୀ ପଲାଇ, ସମ୍ମାନିତ ଅତିଥି ସାହିତ୍ୟିକ ମହେନ୍ଦ୍ର ଆଚାର୍ଯ୍ୟ, ନିଖିଳ ଉତ୍କଳ ଟିଜି ଶିକ୍ଷକ ସଂଘ ପ୍ରତିଷ୍ଠାତା ସଭାପତି ଲକ୍ଷ୍ମଣ ମହାନ୍ତି, ସର୍ବଭାରତୀୟ ଶିକ୍ଷକ ମହାସଂଘ ସଭାପତି ଜାକିର ହୁସେନ, ବିଶିଷ୍ଟ ଅତିଥି ପ୍ରାକ୍ତନ ବିଇଓ ପବିତ୍ର କୁମାର କର ଓ ବାଇଧର ତ୍ରିପାଠୀ ପ୍ରାକ୍ତନ ଏବିଇଓ ଗୋପବନ୍ଧୁ ନାୟକ, ରାମଚନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ସାହୁ, ସୁରେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ନାୟକ, ସରପଞ୍ଚ ବିଭୁ ପ୍ରସାଦ ମହାନ୍ତି, ପରିଚାଳନା କମିଟି ସଭାପତି ବିଜୟ ନନ୍ଦି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ ସ୍ୱାଇଁ, ବିଜୟ ରାଜଲକ୍ଷ୍ମୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ନାରାୟଣ ପ୍ରସାଦ ପଣ୍ଡା, ପ୍ରାକ୍ତନ ଶିକ୍ଷକ ଧିରେନ୍ଦ୍ର ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦୀପକ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅଭୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁରରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ



**ଜଗତସିଂହପୁର, ୨।୨(ସମିସ):** ଜଗତସିଂହପୁର ସହରର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ପ୍ରତୀକ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମହିଳା ମାନେ ଆତ୍ମନିର୍ଭର ହୋଇପାରିଲେ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା ଉପସ୍ଥିତଥିଲେ। ସଭାରେ ସମ୍ମାନିତ ଅତିଥି ରୂପେ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ନବକୃଷ ଚୋଧୁରୀ ଷ୍ଟାଡିୟମ୍ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ୩୦ ଜିଲ୍ଲାର ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଛନ୍ତି। ୨୦ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି। ବିଭିନ୍ନ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଓରମାସ ସହଯୋଗରେ ଆୟୋଜିତ ଏହି ମେଳା ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ, ପ୍ରଶାସନିକ ଅଧିକାରୀ, ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବନା ଘର ପକ୍ଷରୁ ରବି ସିଂହଙ୍କ ପୁଣ୍ୟତିଥି



**କୁଜଙ୍ଗ, ୨।୨(ସମିସ):** କୁଜଙ୍ଗ ଲୋକନାଥ ଭବନରେ ବିପ୍ଳବୀ କବି ରବି ସିଂହଙ୍କ ଷଷ୍ଠ ବାର୍ଷିକ ପୁଣ୍ୟ ଦିବସ ପାଳିତ ହୋଇଯାଇଛି। ଶରତ ବଳିୟାରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ କୃଷକ ନେତା ଶ୍ରୀନିବାସ ଯୁଝାରସିଂ ଓ ଶରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅବନା ଘର ପ୍ରମୁଖ ଗିରିଧାରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ମହାପାତ୍ର, ବିଷ୍ଣୁ ସାମଲ, ରବୀନ୍ଦ୍ର ମହାପାତ୍ର, ରବି ମାଝୀ, କର୍ବୋଲିନ ପାରମନିକ, ସଲିଳ ସମନ୍ତରାୟ, ରବୀନ୍ଦ୍ର ପଲାଇ, ପ୍ରଶାନ୍ତ ସ୍ୱାଇଁ ଅଜୟ ବେହେରା, ଅଶୋକ ସାହୁ, ଗୀତା ଦାସ, ମାନସ ସାମଲ, ପ୍ରଶାନ୍ତ ସ୍ୱାଇଁ, ମାଗୁ ସାହୁ, ବାବାଜୀ ସାହୁ ଗୋପୀନାଥ ସାମଲ ପ୍ରମୁଖ ବିପ୍ଳବୀ କବିଙ୍କ ବିଭିନ୍ନ କବିତା ପଙ୍କ୍ତି ଆଲୋଚନା କରିବା ସହ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

# ନାଉଗାଁରେ ଜନ ଅଭିଯୋଗ ଶୁଣାଣି ଶିବିର




**ଜଗତସିଂହପୁର/ନାଉଗାଁ, ୨।୨(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ଟି, ଭତ୍ତା ପାଇବା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ ଉନ୍ନୟନ ଅଧିକାରୀ ନାଉଗାଁ ନିରଞ୍ଜନ ପରିଡ଼ା, ତହସିଲଦାର ଅକ୍ଷୟ କୁମାର ବଡୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ମାଣେ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# 'ବନ୍ଦେ ମାତରମ୍' ତଟୀୟ ସାଇକଲ ଶୋଭାଯାତ୍ରା

**ପାରାଦୀପ, ୨।୨ (ସମିସ):** ବନ୍ଦେ ମାତରମ୍ ତଟୀୟ ସୁରକ୍ଷା, ପରିବେଶ ସୁରକ୍ଷା ସଚେତନତା ଓ ଜାତୀୟ ସଂହତି ବଜାୟ ରଖିବାର ବାର୍ତ୍ତା ନେଇ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ପକ୍ଷରୁ ଏକ ସାଇକଲ ଶୋଭାଯାତ୍ରାକାରୀ ଦଳ ପାରାଦୀପ ବନ୍ଦରରେ ପହଞ୍ଚିଛନ୍ତି। ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ଏହି ସାଇକଲ୍ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ପଶ୍ଚିମବଙ୍ଗର ବଖାଲି ବିଚ୍‌ରୁ ଆରମ୍ଭ ହୋଇଥିବା ଏହି ସାଇକଲ୍ ଶୋଭାଯାତ୍ରା ୨୨ ତାରିଖରେ ଉଦଯାପିତ ହେବ। ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଅତିକ୍ରମ କରି ଏହା କେରଳର କୋଚିନ୍‌ରେ ପୂର୍ଣ୍ଣାଙ୍ଗ ହେବ। ସୋମବାର ସକାଳେ ପୂର୍ବତଟ ଟିମ୍‌କୁ କୋଣାର୍କ ଯିବା ପୂର୍ବରୁ ପାରାଦୀପ ସମୁଦ୍ର ବେଳାଭୂମିରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱାଗତ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ। ଏହି ସମାରୋହରେ ତଟରକ୍ଷୀ ବାହିନୀ ଡିଆଇଜି ସଞ୍ଜୟ ନେଗୀ, ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏକେ ବୋଷ, ପିପିଏଲ୍ ୟୁନିଟ୍ ହେଡ୍ ପଲାନିସ୍ୱାମୀ ଭେଲୁସ୍ୱାମୀ ଯୋଗ ଦେଇ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିବା ସହିତ ଆଗାମୀ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସିଆଇଏସଏଫ କମାଣ୍ଡା ସନତ କୁମାର ପଟେଲ। ଏହି ପୂର୍ବତଟ ଟିମ୍‌କୁ ଉତ୍ସାହିତ କରିବା ପାଇଁ ପାରାଦୀପ ସମୁଦ୍ରକୂଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




## ୨୫ତମ ଆନ୍ତର୍ଜାତିକ ନାଟକ ଉତ୍ସବ 'ରଙ୍ଗ ମହୋତ୍ସବ' ଉଦ୍‌ଘାଟିତ
# ହିନ୍ଦୀ ଭାଷାରେ ନାଟକ 'ଜମ୍ପ' ମଞ୍ଚସ୍ଥ

**ପାରାଦୀପ, ୨।୨(ସମିସ)**

ଜାତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ, ପାରାଦୀପ ବନ୍ଦର ଓ କାନମାସ ପାରାଦୀପର ମିଳିତ ଆନୁକୂଲ୍ୟରେ ପାରାଦୀପର ଜୟଦେବ ସଦନ ଠାରେ ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ରଙ୍ଗ ମହୋତ୍ସବ' ଆଜି ଉଦ୍‌ଘାଟିତ ହୋଇଯାଇଛି। କାନମାସର ଉପଦେଷ୍ଟା କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଓସିଏଲର ଇଡି କୌଶିକ ବସୁ, କଳାକାର କେ. ଶ୍ରୀନିବାସ ରାଓ, ଗାଳ୍ପିକ ତଥା ସ୍ତମ୍ଭକାର ଗୌରହରି ଦାସ, ଓଡ଼ିଆ ସିନେ କଳାକାର ସମରେଶ ରାଉତରାୟ, ବନ୍ଦର ସଚିବ କେ. ବାପି ରାଜୁ, ସିଏମ୍‌ଇ ସୁଶିଲ ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର। ଉଦଘାଟନୀ କାର୍ଯ୍ୟକ୍ରମ ସନ୍ଧ୍ୟାରେ କଲେକ୍ଟିଭ ମ୍ୟାଡ୍‌ନେସ ଷ୍ଟୁଡିଓ, ମୁମ୍ବାଇର କଳାକାରମାନେ ମନୀଷ ବର୍ମାଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାର ନାଟକ 'ଜମ୍ପ' ମଞ୍ଚସ୍ଥ କରିଥିଲେ। ଆତ୍ମହତ୍ୟା ଏକ ମହାପାପ ଏବଂ ଏହା ମଣିଷ ଜୀବନ ତଥା ସମାଜକୁ କିପରି ପ୍ରଭାବିତ କରେ ତାହାକୁ କଳାକାର ମାନେ ଦର୍ଶାଇଥିଲେ। ଜୀବନର ସବୁ ଝଡ଼ ଝଞ୍ଜାକୁ ସାମନା କରି ଆତ୍ମହତ୍ୟା ଠୁ ଦୂରେଇ ରହିବା ହିଁ ମଣିଷର ସଂକଳ୍ପ ହେବା ଆବଶ୍ୟକ। ନାଟକଟି ଦୀର୍ଘ ସମୟ ପର୍ଯ୍ୟନ୍ତ ଉପସ୍ଥିତ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା।




# ରାଧାନାଥ ରଥଙ୍କ ସ୍ମୃତିସଭା

**ଜଗତସିଂହପୁର, ୨।୨(ସମିସ):** ବିଶିଷ୍ଟ ଜନନାୟକ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ପଦ୍ମଭୂଷଣ ଡ. ରଧାନାଥ ରଥଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ମୂଳିସିଂହ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଆଲୋଚନାରେ ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଓ ଅଧ୍ୟକ୍ଷା ଜୋର୍ତିମୟୀ ମହାରଣା ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ।

## ଡିବି ଟେକ୍‌ର ଯୁବ ଦକ୍ଷତା ବିକାଶ




**ମହୁଲଡିହା, ୨।୨(ସମିସ):** ଡନ୍ ବୋସ୍କୋ ଟେକର ୨୦ ବର୍ଷର ସ୍କିଲ୍ ଶିକ୍ଷା ଓ ଯୁବ ସଶକ୍ତିକରଣ ଯାତ୍ରା ଅବସରରେ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ପୋଷ୍ଟର ମେକିଂ ଓ ରିଲସ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାଫିକ୍ ଡିଜାଇନ୍, ଆଇଟି କଷ୍ଟମର କେୟାର, ଗେଷ୍ଟ ସର୍ଭିସ୍ ଆସୋସିଏଟ୍, ହାଉସ କିପିଂ ଆସିଷ୍ଟାଣ୍ଟ ଓ ଇଲେକ୍ଟ୍ରିସିଆନ୍ (ଡୋମେଷ୍ଟିକ୍ ସୋଲୁସନ୍ସ) ଭଳି ବିଭିନ୍ନ ବ୍ୟବସାୟିକ ଭୂମିକାରେ ପ୍ରଶିକ୍ଷଣ ନେଉଥିବା ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ତିଆରି କରାଯାଇଥିବା ରିଲ୍ ଓ ପୋଷ୍ଟର ମାଧ୍ୟମରେ ସେମାନେ ଡିବି ଟେକରେ ଶିକ୍ଷା ପାଇବା ପୂର୍ବରୁ ଓ ପରେ ତାଙ୍କ ଜୀବନର ପରିବର୍ତ୍ତନ ଅନୁଭୂତି ସେୟାର କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍କିଲ୍ ଟ୍ରେନିଂ ଦ୍ୱାରା ଯୁବକମାନେ କିପରି ଆପବିଶ୍ୱାସ, ନିଯୁକ୍ତି ସୁଯୋଗ ଓ କାମର ଗରିମା ବିଷୟରେ ଆଲୋକପାତ କରିବା। ଡିବି ଟେକର ୨୦ ବର୍ଷ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁବ ସଶକ୍ତିକରଣ ଓ ଜୀବିକା ସୃଷ୍ଟି ପ୍ରତି ଡିବି ଟେକ୍‌ର ଦୁଇ ଦଶକର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା।

## ଶରତ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ସର୍କଲ



**ଶରତ, ୨।୨(ସମିସ):** କପ୍ତିପଦା ବ୍ଲକ ଅଧୀନସ୍ଥ ଶରତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ସର୍କଲ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ପ୍ରଦର୍ଶନୀ ମେଳାକୁ ଶରତ କ୍ଲଷ୍ଟର ସିଆରସିସି ବସନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବର୍ଣ୍ଣାଡ ଏକ୍କାଙ୍କ ଆହ୍ୱାନକ୍ରମେ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ବାସନ୍ତୀଲତା ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ୧୫ଟି ଗ୍ରୁପ ଗଠନ କରି ୧୫ଟି ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା। କୁନି ବୈଜ୍ଞାନିକମାନେ ସେଥିରେ ସେମାନଙ୍କର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୁନି ବୈଜ୍ଞାନିକଙ୍କ ମଧ୍ୟରୁ ସଫଳ ପ୍ରକଳ୍ପକୁ ଚୟନ କରିବା ପାଇଁ ଜୁରୀ ମେମ୍ବର ଭାବେ ବଡସିମୁଳିଆ ଓ କଟୁରିଆ (ହୁଡିସାହି)ର ବିଜ୍ଞାନ ଶିକ୍ଷକ ଜଗନ୍ନାଥ ଟୁଡୁ ଓ ଭବାନୀଶଙ୍କର ମହାନ୍ତ ଯୋଗ ଦେଇଥିଲେ। ପାଖ ବିଦ୍ୟାଳୟର ଛାତ୍ରଛାତ୍ରୀ ଆସି ପ୍ରକଳ୍ପ ପରିଦର୍ଶନ କରିଥିଲେ। ସଫଳ ପ୍ରକଳ୍ପର କୃତୀ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଦର୍ଶ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଆମରା, ୨।୨(ସମିସ):** ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଆଦର୍ଶ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରୂପସୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାର ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ ମିଶ୍ର ଓ ପରିଚାଳନା କମିଟି ସଭାପତି ପୀତାମ୍ବର ମହାନ୍ତ ଯୋଗଦେଇ ସଫଳ ଲକ୍ଷ୍ୟ ପଛରେ ପ୍ରତ୍ୟେକ କାର୍ଯ୍ୟରେ କର୍ତ୍ତବ୍ୟନିଷ୍ଠ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ କୁମାର ଡୋରା ପରିଚାଳନା କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ୮୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ପୁରୁଣିଆ ହାଇସ୍କୁଲରେ ବିଶ୍ୱ ଆର୍ଦ୍ରଭୂମି ଦିବସ

**ପୁରୁଣିଆ, ୨।୨(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବିଦ୍ୟାରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ ବେହେରା ପରିଚାଳନା କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦେବବ୍ରତ ମହାପାତ୍ର ଓ ଅଣଶିକ୍ଷା କର୍ମଚାରୀ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଲୁବୁନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟନାଥ ନାଏକ ଶୁକ୍ଳିର ନୂଆ ବିଡିଓ

**ଶୁକ୍ଳି, ୨।୨(ସମିସ):** ସତ୍ୟନାଥ ନାଏକ ଶୁକ୍ଳି ବ୍ଲକର ନୂତନ ବିଡିଓ ଭାବେ ନିଯୁକ୍ତି ପାଇଛନ୍ତି। ସେ ଏହା ପୂର୍ବରୁ ସୋର ବ୍ଲକର ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ଳି ବିଡିଓ ବ୍ରହ୍ମାନନ୍ଦ ବେହେରାଙ୍କ ଯାଜପୁର ସଦର ବ୍ଲକକୁ ବଦଳି ହୋଇଛି। ସୋମବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପ୍ରକାଶିତ ଓଏସ ଅଧିକାରୀଙ୍କ ବଦଳି ତାଲିକା ଅନୁଯାୟୀ ନୂତନ ସ୍ଥାନରେ ତୁରନ୍ତ ଯୋଗଦେବାକୁ ନିର୍ଦ୍ଦେଶ ରହିଛି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୭୬ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ବାରିପଦା, ୨।୨(ସମିସ)**



ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୭୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୦ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ଦ୍ରୁତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ସବିତା ମାଝୀ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ତତସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପରବର୍ତ୍ତୀ ଜନଶୁଣାଣି ଆସନ୍ତା ସୋମବାର ୯ ତାରିଖରେ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ତୃତୀୟ ସୋମବାର ୧୬ ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଓ ଚତୁର୍ଥ ସୋମବାର ୨୩ ତାରିଖରେ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ।

## ମାରାଙ୍ଗବୁରୁ ପୂଜକଙ୍କ ପରଲୋକ



**ଠାକୁରମୁଣ୍ଡା, ୨।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡା ପଞ୍ଚାୟତର ଭୀମକୁଣ୍ଡଠାରେ ଥିବା ମାରାଙ୍ଗବୁରୁ ବୁରୁସ୍ୱତି ଘାଟର ପୂଜକ ବଳଭଦ୍ର ଟୁଡୁଙ୍କ ରବିବାର ଦିନ ପରଲୋକ ଘଟିଛି। ତିନିମାସ ହେବ ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସାନ୍ତାଳୀ ସମାଜରେ ଶୋକର ଛାୟା ଖେଳିଯାଇଛି। ସେ ୨୦୧୩ରୁ ମାରାଙ୍ଗବୁରୁ ମନ୍ଦିର (ଦାନ୍ଦେଧର)ରେ ପୂଜା କରିଆସୁଥିଲେ। ଏ ବର୍ଷ ଅସୁସ୍ଥତା କାରଣରୁ ପୂଜା କରିପାରି ନ ଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କ ପୈତୃକ ଗ୍ରାମ ଚତ୍ରିସାହିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ମା' କିଚକେଶ୍ୱରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଖୁଣ୍ଟି, ୨।୨(ସମିସ):** ଖୁଣ୍ଟିଠାରେ ୧୯୮୫ରେ ପ୍ରତିଷ୍ଠିତ ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମା' କିଚକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମୁକେଶ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ସଦସ୍ୟ ବିକାଶ ସି ଯୋଗ ଦେଇଥିବାବେଳେ ପୂର୍ବତନ ପ୍ରଧାନଶିକ୍ଷକ କୀର୍ତ୍ତନ ନାଏକ ମୁଖ୍ୟବକ୍ତା, ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡାଇ, ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଧବଳେଶ୍ୱର ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୋଲକ ବିହାରୀ ନାୟକ, ଖୁଣ୍ଟି ସରପଞ୍ଚ ଅଙ୍କିତା ବେହେରା, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସହ ସଚିବ ରୋହିତାଶ୍ୱ ନାଏକ, ବିଶିଷ୍ଟ ସମାଜସେବୀ ସଚ୍ଚିଦାନନ୍ଦ ଦେବ, ପୂର୍ବତନ ପ୍ରାଧ୍ୟାପକ ମିତ୍ରଭାନୁ ପ୍ରଧାନ, ଘନଶ୍ୟାମ ମହାନ୍ତ, ଲାଇବ୍ରେରିଆନ ମୋହନ ବେହେରା, ଖେଳ ଶିକ୍ଷକ ଅଜୟ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ବହୁମୂଲ୍ୟ ଉପଦେଶ ପ୍ରଦାନ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସଭା କାର୍ଯ୍ୟ ପରେ ସୁସଜ୍ଜିତ ମଞ୍ଚରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ନୃତ୍ୟକଳା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଇତିହାସ ବିଭାଗ ଶିକ୍ଷକ ଉଗ୍ରସେନ ନାଏକ, ଇଂରାଜୀ ବିଭାଗ ଶିକ୍ଷୟିତ୍ରୀ ମୋନାଲିସା ମହାକୁଡ଼, ଓଡିଆ ବିଭାଗ ଶିକ୍ଷକ ଗଣେଶ ଓରାମ, ଅର୍ଥନୀତି ବିଭାଗ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଭଞ୍ଜ, ରାଜନୀତି ବିଭାଗର ଶିକ୍ଷକ ମାୟାଧର ବେହେରା, ସଂସ୍କୃତ ବିଭାଗର ଶିକ୍ଷୟିତ୍ରୀ ପ୍ରିୟଙ୍କା ମାନ୍ଧାତାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଦୁଆରଶୁଣି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

**ମହୁଲଡିହା, ୨।୨(ସମିସ):** ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଦୁଆରଶୁଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାତକୋଶିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିରଞ୍ଜନ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦୁଆରଶୁଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଦୁରା ସାମରାଇ ସଭାପତିତ୍ୱ କରିଥିଲେ। ସାତକୋଶିଆ କ୍ଲଷ୍ଟର ଅଧୀନରେ ଥିବା ୧୪ଟି ବିଦ୍ୟାଳୟରୁ ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଚଳିତ ଶିକ୍ଷାବର୍ଷରେ ହେବାକୁ ଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷା ପଦ୍ଧତିରେ ଶିକ୍ଷକଙ୍କ ଭୂମିକା, ଏଫଏଲଏନ ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଏକକ ଶ୍ରେଣୀ ଓ ବହୁ ଶ୍ରେଣୀ ପାଠଦାନ କରାଯାଇଥିଲା। ଦୁଆରଶୁଣି ସ୍କୁଲର ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଥ ମହାକୁଡ ଛାତ୍ରଛାତ୍ରୀଙ୍କୁ ନେଇ ସକାରାତ୍ମକ ଓ ବହୁଶ୍ରେଣୀୟ ଶିକ୍ଷାଦାନ କାର୍ଯ୍ୟ କରାଇଥିଲେ। ଏହି ଶିକ୍ଷାଦାନ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।



## ବାରିପଦା ଡିଗ୍ରୀ କଲେଜରେ କ୍ୟାରିୟର କାଉନ୍‌ସେଲିଂ




**ବାରିପଦା, ୨।୨(ସମିସ):** ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ଓ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ମିଳିତ ସହଯୋଗରେ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶେଷବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ପ୍ରବୋଧ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ରିସର୍ସ ପର୍ସନ ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ସିଭିଲ ସର୍ଭିସର ଗୁରୁତ୍ୱ ଆବଶ୍ୟକତା, ଯୋଗ୍ୟତା ଓ ପ୍ରସ୍ତୁତିପ୍ରକ୍ରିୟା ବିଷୟରେ ସବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାଡେମୀର ଚେୟାରମ୍ୟାନ ଅଧ୍ୟାପକ ଅଶୋକ ପୃଷ୍ଟି, ଅଧ୍ୟାପକ ସରୋଜ ବେହେରା, ଅଧ୍ୟାପିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ଅଧିକାରୀ ଅଧ୍ୟାପକ ବିପ୍ଳବ ରଞ୍ଜନ ବିଦ୍ଧାଣି ଓ ଏକାଡେମୀର ଅଧିକାରୀ ପ୍ରୀତି ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମାଝିଆଣିତୋଫା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଶୁଳିଆପଦା, ୨।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ମାଝିଆଣିତୋଫା ଗ୍ରାମର ମାଝିଆଣିତୋଫା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୋନାମଣି ହାଁସଦାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମମତା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସାରସ୍ୱତ ସମାରୋହରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଅନୀଲ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ଭଞ୍ଜ ଓ ସନତ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅତିଥିମାନେ ଶିକ୍ଷାର ମହତ୍ତ୍ୱ ସହିତ ଗୁରୁ-ଶିଷ୍ୟ ପରମ୍ପରା, ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଆସାମର ପୀଡ଼ିତ ଆଦିବାସୀ ପରିବାରଙ୍କୁ ସେଙ୍ଗେଲର ଆର୍ଥିକ ସହାୟତା

**ବାରିପଦା, ୨।୨(ସମିସ):** ଜାନୁଆରୀ ୧୯ ତାରିଖରେ ଆସାମର କଳାଝାର ଜିଲ୍ଲାର କାରିଗାଁଓ ଗ୍ରାମରେ ଗୋରୁ ବଳଦ ଚୋରି ମାମଲାରେ ଜାତି ସମୁଦାୟର ବିବାଦ ସୃଷ୍ଟି ହୋଇ ସାଲଡାଲ ଆଦିବାସୀଙ୍କ ୨୯ ପରିବାରର ଘରକୁ ନିଆଁ ଲଗାଇ ଜାଳି ପାଉଁଶ କରାଯାଇଥିବା ଘଟଣାକୁ ଆନ୍ତର୍ଜାତିକ ଆଦିବାସୀ ସମାଜ ଦୁଃଖ ପ୍ରକାଶ କରାଯାଇଛି। ଆଦିବାସୀ ସେଙ୍ଗେଲ ଅଭିଯାନ ଓଡ଼ିଶା ପ୍ରଦେଶ କମିଟି ନିର୍ଦ୍ଦେଶ ଓ ନିଷ୍ପତ୍ତି ଅନୁସାରେ ଓଡ଼ିଶାର ୮ଟି ଜିଲ୍ଲାର ଅଧିକାଂଶ ବ୍ଲକର ସମସ୍ତ ସେଙ୍ଗେଲ ନେତାଙ୍କ ପାଖରୁ କିଛି କିଛି ଟଙ୍କା ସଂଗ୍ରହ କରାଯାଇ ଉକ୍ତ ହୃଦୟ ବିଦାରକ ଦୁର୍ଘଟଣାରେ ଅସହାୟ ହୋଇଥିବା ଆସାମ ରାଜ୍ୟର ୨୯ ଆଦିବାସୀ ପରିବାରଙ୍କ ପାଇଁ ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ଜରିଆରେ ୧୬୦୦୦ ଟଙ୍କା ଆର୍ଥିକ ସହାୟତା ଆସାମ ରାଜ୍ୟ ସେଙ୍ଗେଲ ସଭାପତି ସହନ ହେମ୍ବ୍ରମଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ମୁର୍ମୁ କହିଛନ୍ତି, ଆସାମର ଆଦିବାସୀଙ୍କୁ ଆଜି ସୁଦ୍ଧା ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରା ନ ଯାଇ ବାରମ୍ବାର ତାଙ୍କ ଉପରେ ଅତ୍ୟାଚାର କରାଯାଉଛି। ସେମାନଙ୍କ ବାସଗୃହକୁ ଜାଳି ଦେଇ ବିସ୍ଥାପିତ କରାଯାଉଛି। କିନ୍ତୁ ଭାରତର ଆଦିବାସୀଙ୍କୁ ତାଙ୍କର ଭାଷାକୁ ରାଜଭାଷା, ସାର୍ନା ଧର୍ମ କୋଡ ଓ ସଂସ୍କୃତିକୁ ସରକାରୀ ମାନ୍ୟତା ନ ଦେଇ ଜିଅନ୍ତା ହତ୍ୟା କରାଯାଉଛି। ଖଣି, ଖାଦାନ, କାରଖାନା, ଡ୍ୟାମ ଆଦି କରାଯାଇ ବିସ୍ଥାପନ କରାଯାଉଛି। ଅର୍ଥାତ୍ ଆଦିବାସୀଙ୍କୁ ବିକାଶ ନାମରେ ବିନାଶ କରାଯାଉଛି। ତେଣୁ ଦେଶ, ବିଦେଶର ଆଦିବାସୀଙ୍କ ଉପରେ ଏଭଳି ଅନ୍ୟାୟ, ଅତ୍ୟାଚାର କାର୍ଯ୍ୟକୁ କେନ୍ଦ୍ର ସରକାର ଓ ସମସ୍ତ ରାଜ୍ୟ ସରକାର ସହ ସମସ୍ତ ଦେଶବାସୀ ବିଚାର କରିବା ଉଚିତ ବୋଲି କହିଛନ୍ତି। ଟଙ୍କା ପଠାଇବା ବେଳେ ବାରିପଦା ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ମାଝୀ ପାର୍ଗାନା ମାଡୱା ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ ନେତା ଉପସ୍ଥିତ ଥିଲେ।

## ଭଙ୍ଗା ଘରେ ଚାଲିଛି ନଳଗଜା ପ୍ରାଣୀ ଚିକିତ୍ସାଳୟ

**ରାସଗୋବିନ୍ଦପୁର, ୨।୨(ସମିସ)**




ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନଳଗଜା ପଞ୍ଚାୟତରେ ଅବସ୍ଥିତ ନଳଗଜା ପ୍ରାଣୀ ଚିକିତ୍ସାଳୟ ବର୍ତ୍ତମାନ ଭଙ୍ଗା ଦଦରା ଅବସ୍ଥାରେ ପଡ଼ି ରହିଛି। ପ୍ରାୟ ୩୦ ବର୍ଷ ପୂର୍ବେ ନିର୍ମିତ ଏହି ଚିକିତ୍ସାଳୟର ଅବସ୍ଥା ଏପରି ଦୟନୀୟ ଯେ, ଜରାଜୀର୍ଣ୍ଣ ଘର ମଧ୍ୟରେ ଦୈନନ୍ଦିନ ପ୍ରାଣୀ ଚିକିତ୍ସା ଚାଲୁଥିବା ଦେଖିବାକୁ ମିଳୁଛି। ଏହି ପ୍ରାଣୀ ଚିକିତ୍ସାଳୟ ଉପରେ ରାସଗୋବିନ୍ଦପୁର ବ୍ଲକର ନଳଗଜା ଓ ଉଦୁଆଶୋଳ ଦୁଇଟି ପଞ୍ଚାୟତ ସହ ୨୨ଟି ଗାଁ ନିର୍ଭର କରୁଛନ୍ତି। ଏହି ପ୍ରାଣୀ ଚିକିତ୍ସାଳୟ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତୀ ଅଞ୍ଚଳର ହୋଇଥିବାରୁ ସୀମାନ୍ତବର୍ତ୍ତୀ ଅଞ୍ଚଳ ଗାଁର ଗୃହପାଳିତ ପଶୁ ମଧ୍ୟ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଚିକିତ୍ସାଳୟର ଏଜବେଷ୍ଟ ଛାତ ଫାଟିଯାଇଥିବାରୁ ବର୍ଷାଦିନେ ପାଣି ସିଧାସଳଖ ଭିତରକୁ ପଡୁଛି। ଏଭଳି ସ୍ଥିତିରେ ଛେଳି, ଗୋରୁ, ଘୁଷୁରୀ ଓ ମେଣ୍ଢା ଚାଷୀମାନେ ବର୍ଷାରୁ ବଞ୍ଚିବା ପାଇଁ ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ଜାଗା ପାଉନଥିବା ଦେଖାଯାଉଛି। ବର୍ଷାରୁ ରକ୍ଷା ପାଇଁ ଏଜବେଷ୍ଟ ଉପରେ ପଲିଥିନ ଟାଙ୍ଗି ଚିକିତ୍ସା କାର୍ଯ୍ୟ ଚାଲିଥିବା ଦୃଶ୍ୟ ଚାଷୀଙ୍କ ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି।

ଚିକିତ୍ସାଳୟର କାନ୍ଥ ଫାଟି ଯାଇଥିବାରୁ କେବେ ଯେ କାନ୍ଥ ଭୁଷୁଡି ପଡ଼ିବ, ସେ ଆଶଙ୍କା ଲୋକଙ୍କ ମନରେ ଭୟ ଘାରିଛି। ଏହି ପ୍ରାଣୀ ଚିକିତ୍ସାକେନ୍ଦ୍ର ଅଧୀନରେ ୨୦୦୦ରୁ ଅଧିକ ଗୋରୁ, ୨୫୦୦ରୁ ଅଧିକ ଛେଳି, ୬୦୦ରୁ ଅଧିକ ମେଣ୍ଢା ଓ ୬ଟି କୁକୁଡ଼ା ଫାର୍ମ ରହିଥିବାବେଳେ ଜଣେ ମାତ୍ର ପଶୁଧନ ପରିଦର୍ଶକ (ଏଲ୍.ଆଇ.)ଙ୍କ ଦ୍ୱାରା ସମ୍ପୂର୍ଣ୍ଣ କେନ୍ଦ୍ର ଚାଲିଛି। ଫଳରେ ଚାଷୀମାନେ ଉପଯୁକ୍ତ ଓ ସମୟୋଚିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ହୋଇନାହିଁ। ଏ ପରିପ୍ରେକ୍ଷୀରେ ଅଞ୍ଚଳବାସୀ ଓ ଚାଷୀମାନେ ଉପରସ୍ତ କର୍ମଚାରୀ, ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନଜର ଆକର୍ଷଣ କରି ଯଥାଶୀଘ୍ର ଚିକିତ୍ସାଳୟ ମରାମତି, ନୂତନ ଭବନ ନିର୍ମାଣ ଓ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ପାଇଁ ଜୋରଦାର ଦାବି କରିଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦୁ-ଚାନ୍ଦାନ ପୂଜା



**ବାରିପଦା, ୨।୨(ସମିସ):** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାନ୍ତାଳ ବିଭାଗ ପକ୍ଷରୁ ମାଘ ପୂର୍ଣ୍ଣିମା ଅବସରରେ ବିଦ୍ୟାଦାତ୍ରୀ ଦେବାଦେବୀ ବିଦୁ-ଚାନ୍ଦାନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ପାର୍ସି ସିଂ ଚାନ୍ଦ ପଣ୍ଡିତ ରଘୁନାଥ ମୁର୍ମୁ ବିଦୁ-ଚାନ୍ଦାନ ଦେବାଦେବୀଙ୍କ ପୂଜା କରି ଅଲଚିକି ଲିପିର ଉଦ୍ଭାବନ କରିଥିଲେ। ସେହି ମାନ୍ୟତା ଅନୁସାରେ ପ୍ରତ୍ୟେକ ବର୍ଷ ସାନ୍ତାଳୀ ରୀତିନୀତି ଅନୁସାରେ ସାନ୍ତାଳୀ ସମ୍ପ୍ରଦାୟ ପକ୍ଷରୁ ବିଦ୍ୟାଦାତ୍ରୀ ଦେବାଦେବୀ ବିଦୁ-ଚାନ୍ଦାନଙ୍କ ପୂଜାପାଠ କରାଯାଇଥାଏ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ସାନ୍ତାଳୀ ବିଭାଗ ମୁଖ୍ୟ ଡଃ ରାଇମଣି ମାର୍ଣ୍ଡି, ଅଧ୍ୟାପକ ଡଃ ଲକ୍ଷ୍ମଣ ବାସ୍କେ, ବିଶୁ ହାଁସଦା, ରାଇମଣି ହେମ୍ବ୍ରମ, ସିମାଲ ସୋରେନ, ଭୀମ ମୁର୍ମୁଙ୍କ ତତ୍ତ୍ୱାବଧାନରେ ପୂଜକ ପାଞ୍ଜୁ ମୁର୍ମୁ ଓ ସହଯୋଗୀ ପୂଜକ ଉଦୟନାଥ ମୁର୍ମୁ ସାନ୍ତାଳୀ ରୀତିନୀତିରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ନାତକୋତ୍ତର ଛାତ୍ରୀ ସ୍ୱର୍ଣ୍ଣମୟୀ ଟୁଡୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ପୂଜାରେ ଅଂଶଗ୍ରହଣ କରିବା ସହିତ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜବରଦଖଲକାରୀଙ୍କ କବ୍‌ଜାରେ ଲହୁଣିପଡ଼ା ସାପ୍ତାହିକ ହାଟ

**ଲହୁଣିପଡ଼ା, ୨।୨(ସମିସ)**



ଲହୁଣିପଡ଼ା ସାପ୍ତାହିକ ହାଟ ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ସାଧାରଣ ଚାଷୀ ହନ୍ତସନ୍ତ ହେବା ସହ ଶୋଷଣର ଶିକାର ହୋଇଥିବା ଦେଖିବାକୁ ମିଳିଛି। ହାଟକୁ ପରିବା ବିକ୍ରି କରିବା ପାଇଁ ଆସୁଥିବା ଚାଷୀଙ୍କ ଠାରୁ ମହାସୁଲ ନାମରେ ଦୁଇ ଥର ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଲହୁଣିପଡ଼ା ସାପ୍ତାହିକ ହାଟ ପ୍ରତ୍ୟେକ ସପ୍ତାହର ବୁଧବାର ଏବଂ ରବିବାର ବସିଥାଏ। ଏହି ସାପ୍ତାହିକ ହାଟ ଉପରେ ଲହୁଣୀପଡ଼ା ବ୍ଲକ ସମେତ ଅନ୍ୟାନ୍ୟ ଅଞ୍ଚଳର ଗ୍ରାମବାସୀ ନିର୍ଭରଶୀଳ ରହିଥାନ୍ତି। ତେବେ ଏବେ କିଛି ବର୍ଷ ହେବ ହାଟ ଭିତର ଜମିକୁ କିଛି ବ୍ୟବସାୟୀ ଜବରଦଖଲ କରି ଘର ତିଆରି କରିଥିବାରୁ ହାଟର ଅଞ୍ଚଳ ସଙ୍କୁଚିତ ହୋଇଯାଇଛି। କିଛି ବ୍ୟବସାୟୀ ହାଟ ରାସ୍ତାକୁ ମଧ ଅବରୋଧ କରି ନିଜ ବ୍ୟବସାୟ ଚଳାଉଛନ୍ତି। ଫଳରେ ହାଟକୁ ବିକ୍ରି ପାଇଁ ଅସୁଥିବା ସାଧାରଣ ଗରିବ ପରିବା ବ୍ୟବସାୟୀ ଜବରଦଖଲ ଯୋଗୁଁ ବସିବା ପାଇଁ ସ୍ଥାନ ନ ପାଇ କେନାପାଲିକୁ ସଂଯୋଗ କରୁଥିବା ଆରଡି ରାସ୍ତା ଉପରେ ବସି ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଉକ୍ତ ରାସ୍ତା କଡରେ ବସି ପରିବା ବିକ୍ରି କରିବା ପାଇଁ ସେମାନଙ୍କଠାରୁ ଦୁଇଥର ମହାସୁଲ ଆଦୟ କରି ସାଧାରଣ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ରାସ୍ତା କଡରେ ରହିଥିବା ଘର ମାଲିକମାନେ ଆମର ପଟା ଜାଗା କହି ଚାଷୀଙ୍କ ଠାରୁ ଜୋର ଜବଦସ୍ତ ଟଙ୍କା ଆଦୟ କରୁଥିବା ବେଳେ ବଜାର ଠିକାଦାର ମଧ ମହାସୁଲ ଆଦୟ କରୁଛନ୍ତି। କିଛି ବ୍ୟବସାୟୀଙ୍କୁ ହାଟ ମଧରେ ଅଧିକ ଅନୁକମ୍ପା ଦେଖାଇ ୨୫ ରୁ ୩୦ ଫୁଟ ସ୍ଥାନରେ ବ୍ୟବସାୟ ପାଇଁ ଅନୁମତି ଦିଆଯାଉଥିବା ବେଳେ ସେହି ଅନୁପାତରେ ଟିକସ ମଧ ତାଙ୍କ ପାଖରୁ ଆଦୟ କରାଯାଉ ନାହିଁ। କିନ୍ତୁ ଜଣେ ସାଧାରଣ ଆଦିବାସୀ ଗରିବ ପରିବା ବ୍ୟବସାୟୀ ମାତ୍ର ୪ରୁ ୫ ଫୁଟ ଜାଗାରେ ରାସ୍ତା କଡରେ ବସି ବ୍ୟବସାୟ କରୁଥିବା ବେଳେ ସେମାନଙ୍କ ପାଖରୁ ଜୋର ଜବରଦସ୍ତ ଅତ୍ୟଧିକ ଟିକସ ଆଦୟ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଲହୁଣିପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଉଲ୍ଲେଖନୀୟ ଯେ, କିଛି ଦିନ ତଳେ ଗମଲେଇ ସାପ୍ତାହିକ

**ଚାଷୀଙ୍କୁ ଶୋଷଣ ଅଭିଯୋଗ**

ହାଟରେ ଏଭଳି ରାସ୍ତା ଉପରେ ବସି ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ଉପରେ କାର ଚଢି ଯିବାରୁ ଚାଷୀଙ୍କର ମୃତ୍ୟୁ ଘଟିଥିଲା। ଏଣୁ ଏହି ଘଟଣାର ପୁନରାବୃତ୍ତି ନ ହେବାକୁ ଆଗୁଆ ପଦକ୍ଷେପ ନିଆଯାଇ ହାଟକୁ ଜବରଦଖଲ ମୁକ୍ତ କରାଯିବା ସହ ହାଟ ମଧରେ ସମସ୍ତ ବ୍ୟବସାୟୀ ବସି ବ୍ୟବସାୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି।

## ଷ୍ଟିଲ୍ ମେଲ୍ଟିଂ ସପ୍-୧ରେ 'ପାମ୍ ଟ୍ରି ଗାର୍ଡେନ୍' ଉଦ୍‌ଘାଟିତ



**ରାଉରକେଲା, ୨।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସଏମଏସ-୧) ସାମୁହିକଙ୍କ ନିଜସ୍ୱ ସମ୍ବଳରେ ବିକଶିତ 'ପାମ୍ ଟ୍ରି ଗାର୍ଡେନ୍' କୁ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସଏମଏସ-୧ ବିଭାଗର ସିଜିଏମ ବି ସୁନୀଲ କାର୍ଥୀଙ୍କ ସହ ବହୁ ସିଜିଏମ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ କାର୍ଯ୍ୟକ୍ଷେତ୍ର ମଧ୍ୟରେ ସବୁଜିମାକୁ ପ୍ରୋତ୍ସାହିତ କରିବାରେ ଏସଏମଏସ-୧ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ପଲାଇ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉଦ୍ୟାନରେ ପାମ୍ ବୃକ୍ଷରୋପଣ କରିଥିଲେ। ଏହି ଉଦ୍ୟାନ ପୂର୍ବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଘାସବୁଦାରେ ପରିପୂର୍ଣ୍ଣ ହୋଇ ରହିଥିଲା। ଯାହାକୁ ଏସଏମଏସ-୧ ସାମୁହିକଙ୍କ ମିଳିତ ପ୍ରୟାସରେ ଏକ ସୁପରିଚାଳିତ ସବୁଜ ସ୍ଥାନରେ ପରିଣତ କରାଯାଇଛି। ଯାହା ସପ ପରିସରର ସୌନ୍ଦର୍ଯ୍ୟ ଏବଂ ପରିବେଶଗତ ଗୁଣବତ୍ତା ଉଭୟକୁ ବୃଦ୍ଧି କରିଛି।

## ଆଜିଠୁ ରାଉରକେଲା ପୁସ୍ତକ ମହୋତ୍ସବ

**ରାଉରକେଲା, ୨।୨(ସମିସ):** ରାଉରକେଲା ପୁସ୍ତକ ମହୋତ୍ସବ-୨୦୨୬ ଚଳିତ ଫେବୃଆରୀ ୩ ଆର୍ଥାତ୍ ମଙ୍ଗଳବାର ଶୁଭାରମ୍ଭ ହେବ। ଏହି ମହୋତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଉରକେଲାର ସେକ୍ଟର-୫ ସ୍ଥିତ ଭଞ୍ଜ ଭବନରେ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ରାଉରକେଲା ଭଞ୍ଜ ସାଂସ୍କୃତିକ ନ୍ୟାସ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ସହଭାଗିତାରେ ଆୟୋଜିତ ହେଉଥିବା ଏହି ୧୦ ଦିନିଆ ପୁସ୍ତକ ମହୋତ୍ସବରେ ପ୍ରାୟ ୧୧୪ଟି ଷ୍ଟଲ୍ ରହିବା ସହ ଏଥିରେ ସାରା ଦେଶର ପ୍ରମୁଖ ପ୍ରକାଶକ ଏବଂ ପୁସ୍ତକ ବିକ୍ରେତାମାନେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ଏବଂ କଟକର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ପୁନେ ସହ ଅନ୍ୟାନ୍ୟ ପ୍ରମୁଖ ସହରରୁ ପ୍ରସିଦ୍ଧ ପ୍ରକାଶକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ମହୋତ୍ସବକୁ ମଙ୍ଗଳବାର ସନ୍ଧ୍ୟାରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବେ। ମହୋତ୍ସବର ଶେଷ ସନ୍ଧ୍ୟାରେ ବିଶିଷ୍ଟ ଲେଖକ, ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟକାର ଲଲାଟେନ୍ଦୁ ରଥଙ୍କୁ 'ରାଉରକେଲା ପୁସ୍ତକ ମହୋତ୍ସବ ସମ୍ମାନ' ରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୁସ୍ତକ ପ୍ରଦର୍ଶନୀ, ବିକ୍ରୟ ବ୍ୟତୀତ ଏଥିରେ ବିଭିନ୍ନ ପ୍ରକାରର ସାହିତ୍ୟିକ ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ମଧ ଅନୁଷ୍ଠିତ ହେବ। ଏଥିରେ ସାହିତ୍ୟିକ କର୍ମଶାଳା, କବିତା ପାଠୋତ୍ସବ ସହ ପ୍ରତ୍ୟେକ ସନ୍ଧ୍ୟାରେ ଲେଖକଙ୍କ ସହିତ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହେବ। ମହୋତ୍ସବ ସମୟରେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସ୍ପଟ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚାଯାଇଛି। ଏହା ପ୍ରତ୍ୟହ ଅପରାହ୍ନ ୨ ଟାରୁ ସନ୍ଧ୍ୟା ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

## ଜନତା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ




**ବଣାଇଁ, ୨।୨(ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ରୁଗୁଡା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୂରଲୀଧର ବାଙ୍କଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡର ସହକାରୀ ବନ ସଂରକ୍ଷକ ରବିକାନ୍ତ ମିନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାଏକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବାଙ୍କ ସମସ୍ତ ଅତିଥିବୃନ୍ଦଙ୍କୁ ସ୍ୱାଗତ କରିବା ସହ ଦିବସର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ରେଞ୍ଜ ଅଧିକାରୀ ଶ୍ରୀ ନାଏକ ଓଡ଼ିଶାରେ ଥିବା ବିଭିନ୍ନ ଆର୍ଦ୍ରଭୂମି ପରିବେଶକୁ କିପରି ପ୍ରଭାବିତ କରିଥାଏ, ସେ ସମ୍ବନ୍ଧରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ମୁଖ୍ୟଅତିଥି ଏସିଏଫ୍ ଶ୍ରୀ ମିନା ଜଙ୍ଗଲ, ବୃକ୍ଷରାଜି, ଭୂମଣ୍ଡଳରେ ଥିବା ଆର୍ଦ୍ରଭୂମି ସମୂହ କିଭଳି ପରସ୍ପର ସହିତ ସମ୍ପର୍କ ରକ୍ଷାକରି ଜନ ଜୀବନକୁ ସହାୟ ହୋଇଥାନ୍ତି ସେ ଉପରେ କହିଥିଲେ। ବଣାଇଁ ବନ ବିଭାଗର ଜୀବ ବିଜ୍ଞାନୀ ସଞ୍ଜୟ ପାଇରା ବଣାଇଁ ବନଖଣ୍ଡକୁ ଆସୁଥିବା ବିଭିନ୍ନ ପକ୍ଷୀ ସମୂହର ଜୀବନ ଶୈଳୀ ସମ୍ବନ୍ଧରେ ଭିଡିଓ ଚଳଚ୍ଚିତ୍ର ମାଧ୍ୟମରେ ସଚେତନ କରାଇଥିଲେ। ପରେ ମହୁଲଡିହା ବନପାଳ ସ୍ନେହମୟୀ ସାହୁ ଆର୍ଦ୍ରଭୂମି ଗୁଡ଼ିକର ଉପଯୋଗିତା ଉପରେ କହିଥିଲେ। ପରେ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ମୂରଲୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ତନୁଜ କୁମାର ପ୍ରଧାନ, ମୁକେଶ ମାଝୀ, ଅଜୟ କୁମାର ସ୍ୱାଇଁ, ଲିଙ୍ଗରାଜ ପାତ୍ର, ସୀମା ପ୍ରଧାନ, ସରିତା ମିଞ୍ଜ, ଦ୍ରୌପଦୀ ସାହୁ, ଦମୟନ୍ତୀ କୈବର୍ତ୍ତ, ଦ୍ରୌପଦୀ ସାହୁ, ଇକୋ କ୍ଲବର ଛାତ୍ରଛାତ୍ରୀ, ସବୁଜ ବାହିନୀ ଓ ସ୍କାଉଟ ଗାଇଡ୍ ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଲହୁଣିପଡ଼ା, ୨।୨(ସମିସ):** ଲହୁଣିପଡ଼ା ଥାନା ଅନ୍ତର୍ଗତ ଶଙ୍ଖପେଷ ପଞ୍ଚାୟତ କିଷାନ ଟାଙ୍ଗରପାଲି-ଶଙ୍ଖପେଷ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତକ ଲାଇପେଷ ଗ୍ରାମର ଫଗୁ କିଷାନ। ସୂଚନାନୁଯାୟୀ, ଗତ ୩୦ ତାରିଖରେ ବାଇକ ଯୋଗେ ଲାଉପୋଷ ଗ୍ରାମର ଫଗୁ କିଷାନ (୪୦) ଟାଙ୍ଗରପୋଲିରୁ ଶଙ୍ଖପେଷ ପଟକୁ ଯାଉଥିବା ବେଳେ କୈଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଲହୁଣିପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ହାଇଟେକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଲହୁଣିପଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

## ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ



**ରାଉରକେଲା, ୨।୨(ସମିସ):** ଓଡ଼ିଶାରେ କମୁନିଷ୍ଟ ପାର୍ଟିର ପ୍ରଥମ ସମ୍ପାଦକ ତଥା ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ପାଣିଗ୍ରାହୀଙ୍କ ୧୧୯ତମ ଜନ୍ମ ଜୟନ୍ତୀ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ଅଧକ୍ଷତାରେ ଶକ୍ତି ନଗର ସ୍ଥିତ ପାର୍ଟିର ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା ଯୋଗଦେଇ ଭଗବତୀଙ୍କ ତ୍ୟାଗ, ସଙ୍ଘର୍ଷ ଏବଂ ସାଧନାର ଅମ୍ଳାନ ସ୍ମୃତି ସର୍ବଦା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ରାଉରକେଲା ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ବାସୁଦେବ ସାହୁ, ବୁବୁନ ମାଇତି, ପ୍ରମୋଦ ପରିଡ଼ା, ପ୍ରଦୀପ ଗୌଡ, ଅନିଲ୍ ଭୋଳ, ରାଜୀବ ବସନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



**ରାଉରକେଲା, ୨।୨(ସମିସ):** ସବଡେଗା ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ ୬୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଆବେଦନ ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାନ୍ତାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉଚ୍ଚ ବିଦ୍ୟାଳୟରେ ଆଦ୍ରଭୂମି ସଂରକ୍ଷଣ ସଚେତନତା




**କୁତ୍ରା, ୨।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଆନୁକୂଲ୍ୟରେ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ୍ ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ନିକଟସ୍ଥ ନଦୀର ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। ନଦୀର ଯତ୍ନ ଓ ସୁରକ୍ଷା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଆଡପ୍ଟ ଏ ରିଭର' ନାମକ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁ ଆର୍ଦ୍ରଭୂମି ଜଳକୁ ବିଶୁଦ୍ଧ କରିବା ସହ ପରିବେଶର ସନ୍ତୁଳନ ମଧ ରକ୍ଷା କରେ ବୋଲି କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଆର୍ଦ୍ରଭୂମି ମିତ୍ର ଭାବରେ ସାମୂହିକ ଏବଂ ବ୍ୟକ୍ତିଗତ ପ୍ରୟାସ ଦ୍ୱାରା ହିଁ ଆର୍ଦ୍ରଭୂମି ସଂରକ୍ଷଣ ଦିଗରେ ଏକ ସକରାରକ ପରିବର୍ତ୍ତନ ଆଣି ହେବ ବୋଲି ସଂକଳ୍ପ ନେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ସାହୁ ରୋଶନୀ ମିଞ୍ଜ, କରିସ୍ମା କେରକେଟା ପ୍ରମୁଖ ସହଯୋଗ କରିଥିଲେ।

## ପୋଲ ତଳକୁ ଖସିଲା ଟ୍ରକ୍; ଖଲାସୀ ମୃତ

**ରାଉରକେଲା, ୨।୨(ସମିସ):** ଗତ ବିଳମ୍ବିତ ରାତିରେ କୁଆଁରମୁଣ୍ଡା ସ୍ଥିତ ଶଙ୍ଖ ନଦୀ ପୋଲରୁ ୪୦ ଫୁଟ ତଳକୁ ଏକ ଟ୍ରକ୍ ଖସିପଡ଼ିବାରୁ ଘଟଣା ସ୍ଥଳରେ ଟ୍ରକର ଖଲାସୀ ମୃତ୍ୟୁବରଣ କରିଛି। ଟ୍ରକ ଚାଳକ ଗୁରୁତର ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଟ୍ରକ୍‌ଟି ରାଜଗାଙ୍ଗପୁର ଅଞ୍ଚଳରୁ ବୀରମିତ୍ରପୁର ଆଡକୁ ଯାଉଥିବା ବେଳେ ଶଙ୍ଖ ବ୍ରିଜ ଉପରେ ଏପରି ଦୁର୍ଘଟଣା ଘଟିଥିଲା।



ତେବେ ଦୁର୍ଘଟଣା କିପରି ଘଟିଲା ତାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସମ୍ଭବତଃ ଚାଳକକୁ ନିଦ ଲାଗିଯିବାରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ବ୍ରିଜର ବ୍ୟାରିକେଟ୍ ଭାଙ୍ଗି ୪୦ ଫୁଟ ତଳକୁ ଖସି ପଡ଼ିଥିଲା। କୁଆଁରମୁଣ୍ଡା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨।୨(ସମିସ):** ରେଳ ଧାରଣାରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ବନ୍ଧମୁଣ୍ଡା ଜିଆରପି ଥାନା ପୁଲିସ ଉଦ୍ଧାର କରିଛି। ମୃତକଙ୍କ ବୟସ ପାଖାପାଖି ୪୦ରୁ ୪୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଷ୍ଟେସନର ଏଲସି ଗେଟ ଜଏଣ୍ଟ ଲାଇନ୍ ୫ର କେଏମ ନଂ ୪୦୪/୨୦ବି - ୪୦୪/୧୮ବି ନିକଟରେ ମୃତଦେହ ପଡ଼ିଥିବା ଲୋକେ ଦେଖି ପୁଲିସକୁ ସୂଚନା



ଦେଇଥିଲେ। ମୃତଦେହକୁ ପୁଲିସ ଆରଜିଏଚ ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ ଯୁବକଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ୮ରୁ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬'

# ପ୍ରଥମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ରୁକୁ ସୁନା, ଅନ୍ତରା, ବର୍ଣ୍ଣାଳୀ ମୁଖ୍ୟ ଆକର୍ଷଣ

**ରାଉରକେଲା, ୨।୨(ସମିସ)**



ଚଳିତ ଫେବୃଆରୀ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯତରା ପଡ଼ିଆରେ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬' ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଦଭାବନା ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର କହିଛନ୍ତି, ଏହି ମହୋତ୍ସବରେ ଏକ ସ୍ୱତନ୍ତ୍ର ମିନା ବଜାର, ସହ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ଗୁଡ଼ିକ ରହିବ। ଏହି ପାଞ୍ଚ ଦିନିଆ ଜିଲ୍ଲା ମହୋତ୍ସବର ପ୍ରଥମ ଦିନରେ ଆଦିବାସୀ ନୃତ୍ୟ, ସମ୍ବଲପୁରୀ, ଓଡ଼ିଶୀ ଓ ଆସାମରୁ ବିହୁ ନୃତ୍ୟ ସହ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ରୁକୁ ସୁନା, ଅନ୍ତରା ଚକ୍ରବର୍ତ୍ତୀ ଓ ବର୍ଣ୍ଣାଳୀ ହୋତା ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଦ୍ୱିତୀୟ ସଂଧ୍ୟାରେ ରାଜସ୍ଥାନ ଦଳଙ୍କ ଘୁମର ଓ କାଲବେଲିଆ ନୃତ୍ୟ ସହ କଣ୍ଠଶିଳ୍ପୀ ଏମ୍‌ଡି ଦାନିସ ସଙ୍ଗୀତ ପରିବେଷଣ ମୁଖ୍ୟଆକର୍ଷଣ ହେବ। ତୃତୀୟ ଦିବସରେ ବଲିଉଡ୍ କଣ୍ଠ ଶିଳ୍ପୀ ସୋନୁ ନିଗମ, ଚତୁର୍ଥ ଦିନରେ ବଲିଉଡ୍ କଣ୍ଠଶିଳ୍ପୀ ପଲକ୍ ମୁଛଲ, ପଞ୍ଚମ ଦିନରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମ ରହିଛି। ପଞ୍ଚମ ଦିନରେ ଓଲିଉଡ ଅଭିନେତା ଶୈଳେନ୍ଦ୍ର, ଭୂମିକା, ସ୍ୱରାଜ, ସୂର୍ଯ୍ୟମୟୀ, ଦିବ୍ୟା, କୁକିଜ୍ ପ୍ରମୁଖ ଅଂଶ ଗ୍ରହଣ କରିବେ। ସେହିଭଳି ପ୍ରତ୍ୟେକ ସନ୍ଧ୍ୟାରେ ବ୍ଲକସ୍ତର ଯତରା କାର୍ଯ୍ୟକ୍ରମର ଗୋଟିଏ ଲେଖାଏଁ ଦଳ ମଧ ଅଂଶ ଗ୍ରହଣ କରିବେ। ଏହା ସହିତ ଡ୍ରନ ସୋ, ସ୍ୟାଣ୍ଡ ଆନିମେସନ ଆଦି ମଧ ଆୟୋଜିତ ହେବାର ଯୋଜନା ରହିଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ ପୁଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁରଜ୍ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ୍ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପିଏ ଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହୀରାକୁଦ ବିସ୍ଥାପିତଙ୍କ ପାଇଁ ବିକ୍ଷୋଭ

ଇବଥର୍ମାଲ, ୨।୨(ସମିସ)



ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା ନେଇ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସୋମବାର ଲଖନପୁର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ କରିବା ସହ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ହୀରାକୁଦ ବିସ୍ଥାପିତ ପରିବାରଙ୍କୁ ୧୦ ଡିସିମିଲ ଲେଖାଏ ଘରଡିହ ଜମିପଟ୍ଟା ପ୍ରଦାନ, ଡିସି ପରମିସନ ଜମିର ପଟ୍ଟା ପ୍ରଦାନ ସହ ଚିହ୍ନଟ କରିବା, ବକେୟା କ୍ଷତିପୂରଣ ପ୍ରଦାନ, ଅଣ ରାଜସ୍ୱ ଗାଁ ଅଡ଼ାପରା, ରମ୍ଭାଲୁଗା, ଅକଲି, ଝରାପରା, ସପନେ, କୁର୍ଲା, ତୁରୀଟିକ୍ରା, ଯୋଗୀପାଲି, ଠୂଟି କତର ବଗା ଇତ୍ୟାଦି ଗାଁର ବନ୍ଦୋବସ୍ତ କରିବା, ଜମିପଟ୍ଟା ପ୍ରଦାନ କରା ଯାଇଥିବା ୧୯ଟି ବନ୍ଦୋବସ୍ତ ଗାଁର ଜମିପଟ୍ଟାର ଡିଜିଟାଇଜେସନ ଏବଂ ବିସ୍ଥାପିତ ପ୍ରମାଣପତ୍ରକୁ ବାଧ ନ କରିବା ଇତ୍ୟାଦି ୮ଟି ଦାବି ନେଇ, ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ଆଜି ତହସିଲ ଅଫିସ ସାମ୍ନାରେ ଧାରଣା ଦେଇଥିଲା। ଏହାସହ ରାଜସ୍ୱ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ତହସିଲଦାର ଲଖନପୁରଙ୍କ ଜରିଆରେ ପ୍ରଦାନ କରାହୋଇଥିଲା। ବିସ୍ଥାପିତଙ୍କୁ ଘରଡିହ, ଜମିପଟ୍ଟା ପ୍ରଦାନ ପାଇଁ ସରକାରଙ୍କ ନିଷ୍ପତ୍ତିର ଦୀର୍ଘ ୨ ଦଶନ୍ଧି ପରେ ମଧ୍ୟ ସମସ୍ତ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରା ଯାଇନାହିଁ। ଓଲଟା ସେମାନଙ୍କୁ ପ୍ରମାଣପତ୍ର ମଗାଯାଉଛି। ବିସ୍ଥାପନର ୭୦ବର୍ଷ ପରେ ପ୍ରମାଣପତ୍ର ମାଗିବା କେତେଦୂର ନ୍ୟାୟସଙ୍ଗତ ତାହା ସମିତି ପ୍ରଶ୍ନ କରିଛି। ଏପରିକି ପ୍ରମାଣପତ୍ର ଅଭାବରୁ ଅବିଭକ୍ତ ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଦରଖାସ୍ତ କରିଥିବା ମୋଟ ୧୭୦୮୪ ଆବେଦନକାରୀଙ୍କ ଭିତରୁ କେବଳ ୨୬୨୨ଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ଏହା ମୂଳ ବିସ୍ଥାପିତଙ୍କ ସଂଖ୍ୟା ତୁଳନାରେ ଅତିନଗଣ୍ୟ। ୧୩୭୪୦ ଝଙ୍କାର, ଚୌକିଦାର, ନରିହା, ରୟତ ପରିବାରଙ୍କୁ ତାଙ୍କର ବକେୟା କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ଡିସି ପରମିସନ ପାଇଥିବା ୧୦୨ ପରିବାର ଜମିର ପଟ୍ଟା ପାଇଁ ଦରଖାସ୍ତ କରିଛନ୍ତି। କିନ୍ତୁ ଅଦ୍ୟାବଧି ସେମାନଙ୍କୁ ପଟ୍ଟା ଦିଆଯାଇ ନାହିଁ। ପଟ୍ଟା ପାଇଥିବା ଜମିର ଚିହ୍ନଟ ମଧ୍ୟ କରାଯାଇ ନାହିଁ। ଅଣରାଜସ୍ୱ ଗାଁ ଆଡାପଡ଼ା, ଝାରାପଡ଼ା, ରମ୍ଭାଲୁଗା, ଅକଲି, ଇତ୍ୟାଦିର ବନ୍ଦୋବସ୍ତ କରାଯାଇନି। ଏ ସମସ୍ତ ସମସ୍ୟାର ସାନି ସମାଧାନ ପ୍ରତି ସରକାର ବିହିତ ପଦକ୍ଷେପ ନେବାକୁ ଆଜିକାର ଗଣଧାରଣାରେ ଦୃଢ଼ ଦାବି କରାଯାଇଛି। ନହେଲେ

**ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗ୍ରାମ ସମିତିର ଦାବିପତ୍ର**

ଆଗାମୀ ଦିନରେ ବୁଡି ଅଞ୍ଚଳ ସଂଗ୍ରାମ ସମିତି ଦୁର୍ବାର ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସମିତିର ସମ୍ପାଦକ ଗୋପୀନାଥ ମାଝୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରୁ ଦ୍ୱାରିକା ପ୍ରସାଦ ସା, ତପି ବାଗ, ବିରଞ୍ଚି ସାହୁ, କୁନା ମିଶ୍ର, ସୁରେନ୍ଦ୍ର ବଗାର, କେଦାର ଧୂରୁଆ, କ୍ଷେତ୍ର, ସଙ୍କୀର୍ତନ କୁମୁରା, ସୁବଳ ଲୁହା, ମିତ୍ରଭାନୁ ପୋଡ, ଗୌତମ ଧୂରୁଆ, କିଶୋର ସିଂହ ଧୂରୁଆ, ମକାରଧାଜ ରୋହିଦାସ, ଯୁଗଳ ଖଡିଆ, ଗାଇନୁରାମ କିଷାନ, ଜିଲ୍ଲା ପାତ୍ର, ସରିତା କଲୋ, ଭାଗବତୀ କିଷାନ, ସନ୍ତୋଷ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ ଓ ଗଣଧାରଣାର ନେତୃତ୍ୱ ନେଇଥିଲେ।

# ଓଡ଼ିଶା ଇତିହାସ କଂଗ୍ରେସରେ ଦୁଇ ଐତିହାସିକଙ୍କ କୃତିତ୍ୱ

ରାଉରକେଲା, ୨।୨(ସମିସ): ଗତ ଜାନୁଆରୀ ୩୦ ଓ ୩୧ ଦୁଇଦିନ ଧରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ଇତିହାସ କଂଗ୍ରେସର ୪୫ତମ ଅଧିବେଶନରେ ରାଉରକେଲାର ଐତିହାସିକ ଡ. ପ୍ରଭାତ ମଲ୍ଲିକ 'ଆଧୁନିକ ଇତିହାସ' ଓ ଡ. ଲଲାଟେନ୍ଦୁ ଦାସମହାପାତ୍ର 'ମଧ୍ୟଯୁଗୀୟ ଇତିହାସ' ଅଧିବେଶନରେ ଅଧ୍ୟକ୍ଷତା କରିଥିବା ସୂଚନା ମିଳିଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଭାତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଆଧୁନିକ ଇତିହାସ' ଅଧିବେଶନରେ ଅଧ୍ୟାପକ ଓ ଗବେଷକ ଗଣ ସର୍ବମୋଟ ୩୫ଟି ଗବେଷଣା ସନ୍ଦର୍ଭ ଉପସ୍ଥାପନ କରିଥିବା ବେଳେ ଓଡ଼ିଶା ଉଚ୍ଚନ୍ୟାୟାଳୟ ନ୍ୟାୟିକ ଅଭିଲେଖାଗାରର ସେବାନିବୃତ୍ତ ଉପନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ମଧ୍ୟଯୁଗୀୟ ଇତିହାସ' ଅଧିବେଶନରେ ୨୩ଟି ଗବେଷଣା ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। ଉଭୟ ଐତିହାସିକ ଏହି ସନ୍ଦର୍ଭ ଗୁଡ଼ିକର ମୂଲ୍ୟାୟନ କରିବା ସହିତ ଏହାକୁ ମାର୍ଜିତ କରିବା ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଡ. ମଲ୍ଲିକ ତାଙ୍କର ସଭାପତୀୟ



ଅଭିଭାଷଣରେ ଅଞ୍ଚଳ, ଆଞ୍ଚଳିକ ରାଜନୀତି ଓ ପଶ୍ଚିମ ଓଡ଼ିଶା ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ଦେଇଥିବା ବେଳେ ଡ. ଦାସମହାପାତ୍ର 'ମଧ୍ୟଯୁଗୀୟ ନୌବାଣିଜ୍ୟ ଓ ଜଳଦସ୍ୟୁ' ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ରାଉରକେଲାର ଏହି ଦୁଇ ଐତିହାସିକଙ୍କ ଏହି କୃତିତ୍ୱ ପାଇଁ କଲଚରାଲ ଏକାଡେମୀ ଓ ପ୍ରଗତି ଉତ୍କଳ ସଂଘ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଏବିଭିପିର ପ୍ରତିଭା ପରବ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨।୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଗତିବିଧି ରାଷ୍ଟ୍ରୀୟ କଳା ମଞ୍ଚ, ଝାରସୁଗୁଡ଼ା ତରଫରୁ ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ପ୍ରତିଭା ପରବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ବିଦ୍ୟାର୍ଥୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଙ୍ଗଳବଜାରରେ କାର୍ଯ୍ୟକ୍ରମ ଦୁଇଟି ସତ୍ରରେ ଆୟୋଜିତ ହୋଇଥିଲା। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ସିଏ ଅମିତ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ କଳା ମଞ୍ଚରାଜ୍ୟ ସହ ସଂଯୋଜିକା ବିଦ୍ୟୋତୋମା ମାଝୀ, ବିଶିଷ୍ଟ ଅତିଥି ଭାବେ ବିଭାଗ ସଂଯୋଜକ ବାପୁନ ପଶାୟତ ଓ ଜିଲ୍ଲା ସଂଯୋଜକ ଚିନ୍ମୟ ବେହେରା ପ୍ରମୁଖ



ଉପସ୍ଥିତ ଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଝାରସୁଗୁଡ଼ା ନଗର ସଂଘଚାଳକ ସୁରେଶ ଗାନ୍ଧୀ, ମୁଖ୍ୟବକ୍ତା ଭାବେ ଏବିଭିପିର ଜୀବନ ଜ୍ୟୋତି ରାଉତ, ବିଶିଷ୍ଟ ଅତିଥି ଭାବେ ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ଚୁମୁକି ନାୟକ, ନଗର ସଭାପତି ଚିନ୍ତାମଣି ମେହେର ଓ ନଗର ସମ୍ପାଦକ ପଙ୍କଜ ବେହେରା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଏବିଭିପି ଶାଖା ସମ୍ପାଦିକା ନନ୍ଦିନୀ ସିଂ ପରିଚାଳନା କରିଥିଲେ। ବକ୍ତୃତା, ସଙ୍ଗୀତ, ନୃତ୍ୟ, ପ୍ୟାଣ୍ଟିଙ୍ଗ, ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ପ୍ରାଇଜ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। ଶୁଭମ ବେଶନ, ପ୍ରେମ ସାହା, ରଞ୍ଜନ ଯାଦବ, ବିକି ଗୁପ୍ତା, ପ୍ରେମ ସାଗର ଭୋଇ, ସତ୍ୟନାରାୟଣ ଦାସ, ସୁହନି ପ୍ରଜାପତି, ମୁସ୍କାନ ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ସଂଗଠିତ ଚାଷୀ, ସଫଳ କୃଷି

# ସ୍ଥାୟୀ କୃଷି ଓ ସଂଗଠିତ ବିପଣନର ମାଧ୍ୟମ ହୋଇଛି ଅଭିବୃଦ୍ଧି ଏଫ୍‌ପିଓ

ଦେବଗଡ଼, ୨।୨(ସମିସ): ସାମୂହିକ ଶକ୍ତି, ସଂଗଠିତ ବିପଣନ ଏବଂ ସ୍ଥାୟୀ କୃଷି ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ୨୦୧୬ରେ ଦେବଗଡ଼ ଜିଲ୍ଲା ଅଧୀନ ରିଆମାଳ ବ୍ଲକ ସ୍ଥିତ 'ଅଭିବୃଦ୍ଧି ଚାଷୀ ଉତ୍ପାଦକ କମ୍ପାନୀ' ଗଠିତ ହୋଇଥିଲା। ୧୨୧୨ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କମ୍ପାନୀର ପ୍ରମୁଖ କାର୍ଯ୍ୟ ମଧ୍ୟରେ ରହିଛି ଚିନାବାଦମ, ଧାନ ଓ ପନିପରିବା ଚାଷ। ୧ କୋଟି ୭୩ ଲକ୍ଷ ବ୍ୟବସାୟ ହାସଲ କରିସାରିଥିବା ଏହି କମ୍ପାନୀ କେବଳ ସଦସ୍ୟଙ୍କ ଆୟ ବୃଦ୍ଧିରେ ନୁହେଁ ସେମାନଙ୍କୁ ସଶକ୍ତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସିଲେନ୍ସ' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ ଭଳି ସହଯୋଗ ଯୋଗାଇ ଦିଆଯାଇଛି। କମ୍ପାନୀ କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ ଓ ରାଜ୍ୟର କୃଷି ଓ ଉଦ୍ୟାନ ବିଭାଗ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ସହଯୋଗ ପାଇ ନିଜ କାର୍ଯ୍ୟ କ୍ଷମତାକୁ ସଫଳ ଭାବେ ବିସ୍ତାର କରିବାରେ ସକ୍ଷମ ହୋଇଛି। ଚାଷୀଙ୍କୁ ଭିତ୍ତିଭୂମି ସହାୟତା ପ୍ରଦାନ କରିବା ପାଇଁ ଏହା ଦ୍ୱାରା ୧୦ଟି ଚାଷୀ କେନ୍ଦ୍ର, ଗୋଟିଏ ଉନ୍ନତମାନର ନର୍ସରୀ, ଏକ ପ୍ରଦର୍ଶନ କ୍ଷେତ୍ର ସ୍ଥାପନ କରାଯାଇଛି। ଭର୍ମିକମ୍ପୋଷ୍ଟ, ଜୈବସାର ଓ ସୀମିତ କୀଟନାଶକ ବ୍ୟବହାର ମାଧ୍ୟମରେ ପରିବେଶ ମିତ୍ର କୃଷି ପଦ୍ଧତିକୁ ଚାଷୀଙ୍କ ମଧ୍ୟରେ ଲୋକପ୍ରିୟ କରାଯାଇଛି। ତରଭୁଜ, ଧାନ ଓ ବିଭିନ୍ନ ପନିପରିବା ଚାଷ ପଦ୍ଧତି ଉପରେ ନିୟମିତ ସଚେତନତା କାର୍ଯ୍ୟ କରିଛି। ମଲ୍‌ଚିଂ ଓ ଡ୍ରିପ୍ ଜଳସେଚନ ମାଧ୍ୟମରେ ଅଣ ମୌସୁମୀ ପନିପରିବା ପାଇଁ ଉତ୍ସାହିତ କରାଯାଇ ଚାଷୀଙ୍କୁ ଅତିରିକ୍ତ ଆୟ ସୁଯୋଗ ପ୍ରଦାନ କରୁଛି। ଉନ୍ନତ ପ୍ରଯୁକ୍ତି ଏବଂ ସଠିକ କୃଷି ପଦ୍ଧତି ଅନୁସରଣ ଫଳରେ ତରଭୁଜ ଉତ୍ପାଦନରେ ୩୫% ପର୍ଯ୍ୟନ୍ତ ବୃଦ୍ଧି ସହିତ ବଜାର ବିସ୍ତାର ମଧ୍ୟ ସମ୍ଭବ ହୋଇପାରିଛି। ଦୁଇ ବର୍ଷ ମଧ୍ୟରେ ପ୍ରତି ଚାଷୀର ହାରାହାରି ଆୟ ୩୦% ରୁ ୪୦% ବୃଦ୍ଧି ପାଇଛି। ଏହି କମ୍ପାନୀ ଡିଜିଟାଲ ସଶକ୍ତିକରଣକୁ ମୁଖ୍ୟ ଭିତ୍ତିକରି ଇ-ମାର୍କେଟିଂ ପ୍ଲାଟ୍‌ଫର୍ମର ପ୍ରୋତ୍ସାହନ, ଡିଜିଟାଲ ସାକ୍ଷରତା ତାଲିମ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଉଛି। ହେଲେ ମଧ୍ୟ ବଜାର ସୂଚନାର ଅଭାବ, ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ, ସଂରକ୍ଷଣ ଭିତ୍ତିଭୂମି ଓ କୃଷି ଯନ୍ତ୍ରପାତି ଅଭାବ କାରଣରୁ କ୍ଷତି ଜନତି ଅସୁବିଧାର ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମ୍ମୁଖୀନ ହୋଇଛି। ଏହାର ସମାଧାନ ସ୍ୱରୂପ ନିୟମିତ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଦସ୍ୟଙ୍କୁ ନିଜ ଭୂମିକା, ବଜାର ସହିତ ଯୋଗାଯୋଗ ସୃଷ୍ଟି ପାଇଁ ପ୍ରୟାସ ଓ ନିଜସ୍ୱ ଉତ୍ପାଦ ବିକ୍ରି ପ୍ରତି ସଚେତନ କରାଯାଇଛି। ଆଗାମୀ ଦିନରେ ପ୍ରକ୍ରିୟାକରଣ ୟୁନିଟ୍, କୃଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଏକ୍ସପୋଜର ଭିଜିଟ୍, ଗ୍ରୀନ ହାଉସ୍ ପ୍ରତିଷ୍ଠା ମାଧ୍ୟମରେ ଏହି କମ୍ପାନୀ ଚାଷୀ ସମୃଦ୍ଧି ଦିଗରେ ଦୃଢ଼ ପଦକ୍ଷେପ ନେଇ ଅଗ୍ରସର ହେଉଛି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଝାରସୁଗୁଡ଼ା, ୨।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୭୨ଟି ଅଭିଯୋଗର ଶୁଣାଣି ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସମସ୍ୟା ଗୁଡିକର ଶୁଣାଣି ହୋଇଛି। ଲହଣ୍ଡାବୁଡ ସଦର ଅଞ୍ଚଳରେ ଥିବା ୩ ନମ୍ବର ରେଳବାଇ ଲେବଲ କ୍ରସିଂଠାରେ ଓଭରବ୍ରିଜ ନିର୍ମାଣ ଏବଂ ୱାର୍ଡ ନଂ୮ରେ କଂକ୍ରିଟ ରାସ୍ତା କାର୍ଯ୍ୟ ବନ୍ଦ ହେବା ନେଇ ଅଭିଯୋଗ ହୋଇଛି। ସେହିପରି କିରମୀରଠାରେ କଂକ୍ରିଟ ଗାର୍ଡୱାଲ୍ ନିର୍ମାଣ, ଗାଲାକ୍ସି କଲୋନୀ (ୱାର୍ଡ ୫) ଏବଂ ବାଲିଜୋରି (ୱାର୍ଡ ୧୩)ରେ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୋଇଛି। ବିଜୁନଗର ପ୍ରବେଶ ପଥରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଜବରଦଖଲ ଉଚ୍ଛେଦ ଏବଂ ମାଲିମୁଣ୍ଡା (ୱାର୍ଡ ୧୨)ରେ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷରେ ଲହଣ୍ଡାବୁଡ ସଦର ଅଞ୍ଚଳରୁ ଟିପିଏସ୍‌ଏଲ୍ (IV) ଜମିହରାଙ୍କ ସମସ୍ୟା, ବକ୍ସି ଛକରୁ ଲହଣ୍ଡାବୁଡ ରାସ୍ତାରେ ଆଲୋକୀକରଣ, ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଛି। ଏହା ବ୍ୟତୀତ ଦୁର୍ଲାଗାରେ ବିଦ୍ୟୁତ ସଂଯୋଗ, ବେହେରାପାଟରେ ଜମି ଜବରଦଖଲ ଏବଂ ତିଳେଇମାଳରେ ଉତ୍ତରାଧିକାରୀ ଥାଉ ଥାଉ ଭୁଲ ତଥ୍ୟ ଦେଇ କ୍ଷତିପୂରଣ ହାତେଇବା ଭଳି ଅଭିଯୋଗ ହୋଇଛି। ପୁରୁଣାବସ୍ତି ପରିବା ଦୋକାନୀଙ୍କ ଥଇଥାନ, ବୃନ୍ଦାମାଲ ମୁଖ୍ୟରାସ୍ତାରୁ ମଦଭାଟି ସ୍ଥାନାନ୍ତର, ଧୂତରା ମୁଖ୍ୟରାସ୍ତା ମରାମତି ଏବଂ ତରେଇଖେଳା ଗ୍ରାମବାସୀଙ୍କ ପୁନର୍ବାସ ଓ ଥଇଥାନ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଦେବଗଡ଼: ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୫ ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରେ ୨୭ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି ପାନୀୟ ଜଳ, ଘରବାରି ପଟ୍ଟା, ରାସ୍ତା, ଲକ୍ଷ୍ମୀ ବସ୍, ପଟ୍ଟା ସଂଶୋଧନ ଆଦି ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ବିମାନବନ୍ଦର ପକ୍ଷରୁ ଅବହେଳିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ପରିଭ୍ରମଣ ସୁଯୋଗ

ଝାରସୁଗୁଡ଼ା, ୨।୨(ସମିସ): ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଶିକ୍ଷାଗତ ପରିଭ୍ରମଣ କାର୍ଯ୍ୟକ୍ରମ ଅଧୀନରେ ଦେଶର ରାଜଧାନୀ ଦିଲ୍ଲୀକୁ ଯାତ୍ରା କରିବାକୁ ସୁବିଧା ପ୍ରଦାନ କରା ହୋଇଛି। ଏଥିରେ ଅବହେଳିତ ଛାତ୍ରଛାତ୍ରୀଙ୍କୁ ଝାରସୁଗୁଡ଼ାରୁ ନୂଆଦିଲ୍ଲୀକୁ ବିମାନଯାତ୍ରା କରିବାର ବ୍ୟବସ୍ଥା କରାଯାଇଛି। ଅନ୍ତର୍ଭୁକ୍ତ ବିକାଶ, ବେସାମରିକ ବିମାନ ଚଳାଚଳ ବିଷୟରେ ସଚେତନତା ଏବଂ ଜାତୀୟ ସଂହତିକୁ



ପ୍ରୋତ୍ସାହନ କରିବା ସହ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିମାନ ଯାତ୍ରାର ଅଭିଜ୍ଞତା ଏବଂ ଦେଶର ରାଜଧାନୀ ଅନୁସନ୍ଧାନ କରିବାରେ ସକ୍ଷମ କରିବା ଏହାର ଉଦ୍ଦେଶ୍ୟ ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରସ୍ଥାନ ପୂର୍ବରୁ ବିମାନବନ୍ଦର ପରିଚାଳନା, ସୁରକ୍ଷା ପ୍ରକ୍ରିୟା ଏବଂ ବିମାନ ଚଳାଚଳ ଭିତ୍ତିଭୂମିର ଗୁରୁତ୍ୱ ବିଷୟରେ ସୂଚନା ଦିଆଯାଇଥିଲା। ଏହି ଯାତ୍ରା କେବଳ ଭ୍ରମଣ ନୁହେଁ ବରଂ ଜୀବନରେ ଆଗକୁ ବଢ଼ିବା ପାଇଁ ଏକ ପ୍ରେରଣା। ଏଣୁ ଛାତ୍ରଛାତ୍ରୀ ଶୃଙ୍ଖଳାର ସହିତ ଭ୍ରମଣ କରନ୍ତୁ ଏବଂ ନୂତନ ଆତ୍ମବିଶ୍ୱାସ ସହିତ ଘରକୁ ଫେରନ୍ତୁ ବୋଲି ଝାରସୁଗୁଡ଼ା ଭାରପ୍ରାପ୍ତ ବିମାନ ବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧାଉଣ୍ଡିଆ ପ୍ରକାଶ କରିଥିଲେ।

# ବୁଢ଼ାପଡ଼ା ଚୌଧୁରୀ କଲୋନୀରେ ଅଷ୍ଟପ୍ରହର ନାମଯଜ୍ଞ



ଝାରସୁଗୁଡ଼ା, ୨।୨(ସମିସ): ଝାରସୁଗୁଡ଼ା ସ୍ଥିତ ବୁଡାପଡ଼ା ଚୌଧୁରୀ କଲୋନୀରେ ଆୟୋଜିତ ହେଉଥିବା ଅଷ୍ଟପ୍ରହରୀ ନାମଯଜ୍ଞ ସମାପନ ହୋଇଯାଇଛି। ଶୁକ୍ରବାର କଳସ ଯାତ୍ରା ଓ ଶୁଭ ଅଧିବାସରୁ ଆରମ୍ଭ ହୋଇ ଅଖଣ୍ଡ ମହାନାମଯଜ୍ଞ ଆରମ୍ଭ ହୋଇଥିଲା। କୁଣ୍ଡୁଖେଳାର ପଣ୍ଡିତ ଶଙ୍କର ଦାଶ ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ଏଚ୍ କଣ୍ଟାପାଲି, ଦେବାଡିହି, ପିଥାମପୁରମ, ପଣ୍ଡରି, ଖମାନଟିକ୍ରା ଓ ତାଳମୁଣ୍ଡା ଆଦିର ସଙ୍କୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ଦୁଇଦିନ ଧରି କାର୍ଯ୍ୟକ୍ରମରେ ବଡମାଳ, ବୁଡାପଡ଼ା, ବୁରମାଲ, ସରବାହାଲ, କିଷାନ ପଡ଼ା ଆଦି ଗାଁରୁ ଶତାଧିକ ଶ୍ରଦ୍ଧାଳୁ ଓ ଅନେକ ଶିକ୍ଷାବିତ୍ ସାମିଲ ଥିଲେ। ଶେଷଦିନରେ ଆୟୋଜକ ଦମ୍ପତି ହେମସାଗର ଚୌଧୁରୀ ଓ ଯୂଇ ପଟେଲ କର୍ତ୍ତା ଭାବେ ଦଧିହାଣ୍ଡି ଭଞ୍ଜନ କାର୍ଯ୍ୟକ୍ରମ ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ନାମ ସମାପନ ଓ ନଗର କୀର୍ତ୍ତନ ସହ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦ୍‌ଯାପିତ

ଦେବଗଡ଼, ୨।୨(ସମିସ): ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ବିଜୟ ପାତ୍ର ଜିଲ୍ଲା କୃଷି ଅଧିକାରୀ ମନୋଜ ମାରାଣ୍ଡି ଓ ଉଦ୍ୟାନ କୃଷି ଅଧିକାରୀ କିରଣ ମାଝୀ ଯୋଗ ଦେଇଥିଲେ। ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ କୃଷି ଓ କୃଷକର ବିକାଶ ତଥା ଉତ୍ପାଦନ ଉତ୍ପାଦନ କ୍ଷମତା ବଢ଼ାଇଥିବା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିସହ କୃଷି ଯନ୍ତ୍ରପାତି ମେଳା ଯୁବ ଚାଷୀଙ୍କୁ ପ୍ରେରଣା ଯୋଗାଇ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମତ୍ସ୍ୟ ପୋଖରୀ ଯୋଜନାରେ ବାରକୋଟ ବ୍ଲକର ବୈରାଗୀ ବେହେରା, ବାୟୋ ଫ୍ଲକ ପଦ୍ଧତିରେ ମତ୍ସ୍ୟ ଚାଷ କରିଥିବା ରିଆମାଳ ବ୍ଲକର ଶୈରେନ୍ଦ୍ରି ବେହେରା, ପୋଖରୀରେ ମାଛ ଯାଆଁଳ ଉତ୍ପାଦନ ପାଇଁ ତିଳେଇବଣୀ ବ୍ଲକର ସୁରେଶ ସାହୁ, ବାରକୋଟ ବ୍ଲକର ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଟ୍ରାକ୍ଟର କିଣାରେ ମୋହିନୀପୁରର ରାଜୀବ ସାହୁ, ସୁନ୍ଦର୍ ପ୍ରଦର୍ଶନୀ ମଣ୍ଡପରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ବିଭାଗ ପ୍ରଥମ, ବେଷ୍ଟ ଗଭର୍ମେଣ୍ଟ ଷ୍ଟଲ ଭାବେ ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଲିମିଟେଡକୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ଟି ଷ୍ଟଲ ଖୋଲାଯାଇଥିଲା। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ମାରାଣ୍ଡି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସୁମନ ମହାକୁଡ ଓ ପ୍ରିତମ ବେହେରା ସଂଯୋଜନା କରିଥିଲେ।

# ସେକ୍ଟର-୬ରେ ଅଷ୍ଟମପ୍ରହର ନାମଯଜ୍ଞ

ରାଉରକେଲା, ୨।୨(ସମିସ): ସ୍ଥାନୀୟ ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ମନ୍ଦିର କର୍ମକର୍ତ୍ତାଙ୍କ ଦ୍ୱାରା କଳସ ଯାତ୍ରା ଓ ଘଟ ସ୍ଥାପନ ଅଧିବାସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ଏଥିରେ ସେକ୍ଟର ଅଞ୍ଚଳର ଭକ୍ତ ଓ ବିଭିନ୍ନ କୀର୍ତ୍ତନ ମଣ୍ଡଳୀମାନେ ଯୋଗଦେଇ ନାମସଂକୀର୍ତ୍ତନ କରିଥିଲେ। ବିଧାୟକ ଦୁର୍ଗା ଚରଣ ତନ୍ତି ଉପସ୍ଥିତ ଥିଲେ। ସୋମବାର ପୂର୍ଣ୍ଣାହୁତି, ଯମୁନା ସ୍ନାନ ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପଣ୍ଡା ଓ ସହ ଧର୍ମୀ ସତ୍ୟରାମା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ମିଶ୍ର, ଦିଲ୍ଲୀପ କୁମାର ଦାସ, ସରୋଜ କୁମାର ନାୟକ,



ସୌମ୍ୟ ରାଉତ, ରାମାକାନ୍ତ ବେହେରା, ସୁବାଶ ପାତ୍ର, ଉତ୍ତମ ସାହୁ, ପ୍ରଶାନ୍ତ ବାରିକ, ଦେବଦତ୍ତ ଜେନା, ରାମ ମୋହନ ନାୟକ, ବିଭୁତି ଭୂଷଣ ଜେନା, ପ୍ରସନ୍ନ ରଥ, ମନୋଜ ମିରକପ, ଆଦିତ୍ୟ ରାଉତରାୟ, ଲୋକେଶ ରାଉତ, ସନ୍ତୋଷ ଜେନା, ଅମୂଲ୍ୟ ନାୟକ, ଶ୍ରୀମନ୍ତ ନନ୍ଦ, ସଞ୍ଜୟ ନାୟକ, ଶ୍ରୀଦାନ ମଲ୍ଲିକ, ମନୋରଞ୍ଜନ ସାମଲ, ସଦାଶିବ ପାତ୍ର, ତ୍ରିନାଥ ପ୍ରଧାନ, ଅର୍ଜୁନ ବେହେରା, ରବିନାରାୟନ ରାଉତ, ସତ୍ୟଜିତ ସ୍ୱାଇଁ, ସଞ୍ଜୟ ପରିଡ଼ା, ଭାସ୍କର ଚଇନି, ରିତେଶ ରାଉତ, ଦିବ୍ୟ ରଞ୍ଜନ ଜେନା, ପ୍ରତାପ ଦେଓ, ତାପସ ବାରିକ, ପ୍ରେମାନନ୍ଦ ପାଣ୍ଡବ, ଜଗଦୀଶ ମୁନ୍ନା, ରଞ୍ଜିତ ପଢ଼ିହାରୀ, ଦିଲ୍ଲୀପ ଲେଙ୍କା, ବିଜୟ ମଣ୍ଡଳ, ଶୁଭମ ସାହୁ ପ୍ରମୁଖ ଏହି ନାମଯଜ୍ଞର ପରିଚାଳନା କରିଥିଲେ।

# କ୍ୟାନ୍‌ସର ବିରୋଧରେ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର

● ବିଶ୍ୱ କ୍ୟାନ୍‌ସର ଦିବସ ଉପଲକ୍ଷେ ଚିକିତ୍ସକଙ୍କ ସାମ୍ବାଦିକ ସମ୍ମିଳନୀ
● ୪ରେ ଇଞ୍ଜିନିୟରିଂ ସ୍କୁଲରେ କ୍ୟାନ୍‌ସର ସଚେତନତା




ଝାରସୁଗୁଡ଼ା, ୨।୨(ସମିସ)

ବିଶ୍ୱ କ୍ୟାନସର ଦିବସ ଅବସରରେ ଆସନ୍ତା ଫେବୃଆରୀ ୪ରେ ସନ୍ଧ୍ୟା ୪ଟାରୁ ୬ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମରେ ଏକ ବୃହତ୍ କ୍ୟାନସର ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହେବ। ସାଧାରଣ ଲୋକଙ୍କୁ କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ, ସମୟ ମତେ ଯାଞ୍ଚ (ସ୍କ୍ରିନିଂ)ର ଗୁରୁତ୍ୱ ଏବଂ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ସଚେତନ କରିବା କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ରହିଛି। ଗଣମାଧ୍ୟମକୁ ସମ୍ବୋଧନ କରି ଆୟୋଜକମାନେ କହିଛନ୍ତି ଯେ ବହୁ ସଂଖ୍ୟକ କ୍ୟାନସର ଜନିତ ମୃତ୍ୟୁ ଚିକିତ୍ସା ସୁବିଧାର ଅଭାବ ଯୋଗୁଁ ନୁହେଁ ବରଂ ସଚେତନତାର ଅଭାବ, ଭୟ ଓ ବିଳମ୍ବରେ ରୋଗ ଚିହ୍ନଟ ହେବାରୁ ହୋଇଥାଏ। କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଇଁ କ୍ୟାନସର ସମ୍ପର୍କିତ ତଥ୍ୟକୁ ସରଳ ଭାଷାରେ ଉପସ୍ଥାପନ, ଭ୍ରାନ୍ତି ଧାରଣା ଦୂରୀକରଣ, ସାମାଜିକ ଅପବାଦ କମାଇବା ଏବଂ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ନେବାକୁ ଲୋକଙ୍କୁ ଉତ୍ସାହିତ କରାଯିବ। ବିଶେଷ ଭାବେ ସ୍ତନ କ୍ୟାନସର, ଗର୍ଭାଶୟ ଗ୍ରୀବା କ୍ୟାନସର, ମୁଖ କ୍ୟାନସର ଏବଂ କୋଲୋରେକ୍ଟାଲ କ୍ୟାନସର ଉପରେ ଗୁରୁତ୍ୱ ଦିଆଯିବ। ଆୟୋଜକମାନେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମିଡିଆର ସହଯୋଗ ଓ ସାଧାରଣ ନାଗରିକଙ୍କୁ କାର୍ଯ୍ୟକ୍ରମରେ ଯୋଗଦେଇ ସଚେତନ ହେବାକୁ ଅନୁରୋଧ କରିଛନ୍ତି। ଏହି ଅବସରରେ ସଚେତନତା ହିଁ କ୍ୟାନସର ପ୍ରତିରୋଧ କରିବାରେ ପ୍ରଥମ ପଦକ୍ଷେପ ବୋଲି ଆୟୋଜକ ମାନେ ପ୍ରକାଶ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ନବରଙ୍ଗପୁର,୨।୨(ସମିସ): ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଓ ନାରୀ ସଶକ୍ତିକରଣକୁ ଲକ୍ଷ୍ୟ କରି ନବରଙ୍ଗପୁର୍ ମହାବିଦ୍ୟାଳୟ ଠାରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟିତ ସଭାରେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ଉପସ୍ଥିତ ରହି ଦେଶର ବିକାଶରେ ନାରୀର ସୁରକ୍ଷା ନିହାତି ଆବଶ୍ୟକ ଏବଂ ଗୋଟିଏ ନାରୀକୁ ଶକ୍ତି ଦେଲେ ସେ ସମଗ୍ର ବିଶ୍ୱକୁ ଜୟ କରିପାରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡି ଗୋବିନ୍ଦା ରାଓ ନିଜ ସୁରକ୍ଷା ନିଜ ହାତରେ ବୋଲି ମନ୍ତବ୍ୟ ଦେଇ ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ସଂଗୀତା ତ୍ରିପାଠୀ କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ଶିକ୍ଷା ସୁରକ୍ଷା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ। ମାଷ୍ଟର ଟ୍ରେନର ସୁଶ୍ରୀ ଅନିତା ପ୍ରଧାନ ଛାତ୍ରୀ ମାନଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ ଦେଇଥିଲେ। ସୁରକ୍ଷା ତାଲିମ ସଂଯୋଜିକା ନିର୍ମଳା ହିକ୍କାକା, ମାନସୀ ମହାପାତ୍ର, ଉଚ୍ଚ ମାଧମିକ ଆତ୍ମ ସୁରକ୍ଷା ତାଲମ ସଂଯୋଜିକା ଶ୍ରୀୟା ତ୍ରିପାଠୀ, ସୁଶ୍ରୀ ଶିବାନୀ ସାହୁ, ବାଣିଜ୍ୟ ବିଭାଗର ଅଧ୍ୟାପକ ମନୋଜ କଂସ ବେହେରା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ରୁଦ୍ର ମାଝି, ଡ: ଜାହାଙ୍ଗୀର ମହମ୍ମଦ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମାନସୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶ୍ରୀମତୀ ନିର୍ମଳା ହିକ୍କାକା ପରିଚାଳନା ଓ ସଂଯୋଜନା କରିଥିଲେ।

# କୋଟିଆରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ପ୍ରଶାସନ ତତ୍ପର





ପଟ୍ଟାଙ୍ଗି,୨।୨(ସମିସ): ଓଡ଼ିଆ ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ରହିଥିବା କୋଟିଆ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନା କିଭଳି କାର୍ଯ୍ୟକ୍ଷମ ହେବ ସେଥିନେଇ ଅଣ୍ଟା ଭିଡ଼ିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ। ସେ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ନେଇ ପଚାରି ବୁଝିବା ପରେ ସମସ୍ୟା ଗୁଡ଼ିକ କିଭଳି ସମାଧାନ କରିହେବ ସେଥିନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ କୋଟିଆବାସୀଙ୍କ ନିକଟତର ହେବା ନିମନ୍ତେ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଦିନ ପଟ୍ଟାଙ୍ଗି ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ କୋଟିଆର ବିଭିନ୍ନ ଗ୍ରାମକୁ ଗସ୍ତ କରିବା ସହ ଲୋକଙ୍କ ସମସ୍ୟା ବିଷୟରେ ଜାଣି ତାହାର ସମାଧାନ କରିବାକୁ ପ୍ରୟାସ କରୁଛନ୍ତି। ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନାୟକଙ୍କ ସମେତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି

## ଅଣ୍ଟା ଭିଡ଼ିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ

କରଣ ବିଭାଗ କର୍ମଚାରୀ ଯୋଗଦାନ ଏବଂ ଖାଉଟି କଲ୍ୟାଣ, ଗ୍ରାମୀଣ ଆବାସ ବିଭାଗ, ଭିବି ଜି ରାମ୍ ଜି ଯୋଜନା ମିଳିତ ଭାବେ ସୀମାନ୍ତ ତାଡିୱାଲସା ଏବଂ ଆର୍ଜୁୱାଲସା ଗ୍ରାମରେ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଜନତା ଏବଂ ପ୍ରଶାସନ ମଧ୍ୟରେ ସମ୍ପର୍କ ଯୋଡିବା ନେଇ ପ୍ରୟାସ କରିଥିଲେ। ଅଧିକାରୀ ମାନେ ପ୍ରତ୍ୟେକ ଘରକୁ ଘର ଗସ୍ତ କରିବା ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ଏବଂ ଖାଉଟି କଲ୍ୟାଣ, ଗ୍ରାମୀଣ ଆବାସ ବିଭାଗ, ଭିବି ଜି ରାମ୍ ଜି ଯୋଜନାର ଉପକାରୀ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। କୋଟିଆ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଛି, ସେଠାରେ ତାଙ୍କ ପିଲାଙ୍କୁ ଶିକ୍ଷାଦାନ ନିମନ୍ତେ ଯୋଗଦାନ କରିବାକୁ ସଚେତନ କରାଯାଇଥିଲା। ସରକାରଙ୍କ ଯୋଜନାର ଲାଭ ପାଇବା ପାଇଁ ଭୋଟର ତାଲିକାର ଅଦ୍ୟତମ ସଂଶୋଧନ କରାଇବା ନେଇ ସଚେତନ କରାଯାଇଥିବା ନେଇ ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି ଅଧିକାରୀ ସୁଧୀର କୁମାର ସାହୁ ଯୋଗଦାନ ଏବଂ ଖାଉଟି କଲ୍ୟାଣ ଅଧିକାରୀ ଅଶୋକ କୁମାର ସାହୁ, ଗ୍ରାମୀଣ ଆବାସ ବିଭାଗ ଅଧିକାରୀ ଅମିନ ବେଗ ଓ ଭାସ୍କରବେହେରା, ଭିବିଜୀରାମ୍‌ଜୀବିଭାଗର ଅଧିକାରୀ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ଜଣାପଡିଛି।

# ନବନିଯୁକ୍ତ ସରକାରୀ ଓକିଲଙ୍କ କର୍ମଶାଳା



ନବରଙ୍ଗପୁର,୨।୨(ସମିସ): ସୋମବାର ଆଇନ ବିଭାଗ ଡେପୁଟି ଡାଇରେକ୍ଟର ଶୈଳଜା ପଟ୍ଟନାୟକଙ୍କ ନବରଙ୍ଗପୁର ଜିଲ୍ଲା କୋର୍ଟ ଗସ୍ତ ଅବସରରେ ନବନିଯୁକ୍ତ ସରକାରୀ ଓକିଲ ପାଇଁ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଶୈଳଜା ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ ଡାଇରେକ୍ଟର ରୂପେଶ ପ୍ରଧାନୀ ମଞ୍ଚାସୀନ ଥିଲେ। ଏଥିରେ ସରକାରୀ ଅଧିବକ୍ତା ମାନେ କିଭଳି ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ତା ଉପରେ ଆଲୋକପାତ କରାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା ପ୍ରକାରେ ଦୋଷୀ କିଭଳି ଭାବରେ ଆଇନ ଅନୁଯାୟୀ ଦଣ୍ଡିତ ହୋଇପାରିବେ ତାହା ଉପରେ ବିଷଦ ଆଲୋଚନା କରାଯିବା ସହ ପ୍ରତି ତିନିମାସରେ ଏଭଳି ଗୋଟିଏ ଲେଖାଏଁ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ପୋଲିସ ପ୍ରଶାସନ ଓ ଆଇନ ବିଭାଗ ସହ ମିଳିତ ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଅଧିବକ୍ତା ସୁନନ୍ଦା ପ୍ରଧାନ, ମୃତ୍ୟୁଞ୍ଜୟ ମହାରଣା, ସରୋଜ କୁମାର ବେହେରା, ତପନ କୁମାର ସିଂ, ସୀମାଞ୍ଚଳ ପାଢ଼ୀ, ରାମଚନ୍ଦ୍ର ନାୟକ, ଶ୍ରୀକାନ୍ତ କୁମାର ପଣ୍ଡା, ବିଧୁ ଶେଖର ତ୍ରିପାଠୀ, କିଶୋରୀ ପଟ୍ଟନାୟକ, ସଞ୍ଜୀବ କୁମାର ଭକ୍ତ, ଶତାବ୍ଦୀ ପାଲ,ସ୍?ାଗତିକା ସାମନ୍ତରାୟ, ଶ୍ରୀନିବାସ ପାତ୍ର, ସାଇରାମ ସାମନ୍ତରାୟ ଓ ଅତିରିକ୍ତ ଅଭିଯୋଜକ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିବା ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ବନାରସ ଜାତୀୟ ସାହିତ୍ୟ ମହୋତ୍ସବରେ ଚମକିଲେ ମାଲକାନଗିରି ଝିଅ



ମାଲକାନଗିରି,୨।୨ (ସମିସ): ନବ ଭାରତୀୟ ଓ ନିର୍ମାଣ ସମିତି ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ଯୁଗ୍ମ ଆୟୋଜନରେ ଚତୁର୍ଥ ବନାରସ ସାହିତ୍ୟ ମହୋତ୍ସବ ଜାନୁଆରୀ ୩୦ଠାରୁ ଫେବ୍ରୁଆରି ୧ ତାରିଖ ଯାଏଁ ଆୟୋଜିତ ହୋଇଯାଇଛି। ଏହି ତିନିଦିନିଆ ମହୋତ୍ସବ ଭାରତ ସାହିତ୍ୟ, ସଂସ୍କୃତି ଓ କଳାର ମହାସଙ୍ଗମ ବନାରସର ହୋଟେଲ ତାଜ ଠାରେ ଅନୁଷ୍ଠିତ ହୋଇଯାଇଛି। ଦେଶର କୋଣ ଅନୁକୋଣରୁ ୧୦୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଝିଅ ଡି ରାଜ ରାଜେଶ୍ୱରୀ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଚୟନ ହୋଇ ଓଡିଶାର ପ୍ରତିନିଧିତ୍ୱ କରିଥିଲେ। ଇଂରାଜୀ ଓ ହିନ୍ଦୀ ଭାଷାରେ କବିତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା ପାଇଁ ସେ ମନୋନୀତ ହୋଇ ଏକମାତ୍ର ଇଂରାଜୀ ଭାଷାରେ କବିୟିତ୍ରୀ ହୋଇ ଭାରତ କବି ରତ୍ନ ପୁରସ୍କାର ପାଇଛନ୍ତି। ସେ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ପରିଦର୍ଶିତା ଦେଖାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କର ଏହି ସାହିତ୍ୟ ରୁଚି ଯୋଗୁଁ ସେ ପୂର୍ବରୁ ମଧ୍ୟ ସେ ବେଶ ପ୍ରଶଂସିତ ହୋଇଥିଲେ। ଜିଲ୍ଲା ପାଇଁ ଆଜି ପୁଣି ଏକ ଗୌରବ ଆଣି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଦେଶର ବହୁ ବରିଷ୍ଠ ସାହିତ୍ୟିକ, କଳାକାର, କ୍ରୀଡାବିତ ଓ ସାମ୍ବାଦିକ ଯୋଗ ଦେଇଥିଲେ। ସୁଶ୍ରୀ ପଟ୍ଟନାୟକଙ୍କ ମାତା ଗୋପୀ କୃଷ୍ଣ ଓ ହେମଲତା ଉଭୟ ସାମ୍ବାଦିକ ହୋଇଥିବା ବେଳେ ସେ ମାଲକାନଗିରି ଜିଲ୍ଲାରେ ଦଶମ ଶ୍ରେଣୀ ଯାଏଁ ଅଧ୍ୟୟନ କରିଥିଲେ। ବର୍ତ୍ତମାନ ଭୁବନେଶ୍ୱରରେ ନିଶ୍ଚେତକ ପାରାମେଡିକାଲ ବିଭାଗରେ ସ୍ନାତକର ଶେଷ ବର୍ଷର ଛାତ୍ରୀ ଅଟନ୍ତି। ତାଙ୍କର ଲିଖିତ ବହୁ କବିତା ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨।୨(ସମିସ): ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ଗଞ୍ଜେଇ ଚୋରା ମାମଲାର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ୨ ଜଣ ଅଭିଯୁକ୍ତ ଉର୍ଦ୍ଧବ ଖିଲ ଓ ନର୍ମଦା ଦାଶକୁ ନିର୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ପାପଡାହାଣ୍ଡି ପୁଲିସ ଗତ ୨୦୨୧ ଏପ୍ରିଲ ୨୭ ତାରିଖ ଦିନ କୋରାପୁଟ ଜିଲ୍ଲାର ପାଡୁଆ ଅଞ୍ଚଳରୁ କଳାହାଣ୍ଡି ଜିଲ୍ଲାର ଆମପାଣିକୁ ଗଞ୍ଜେଇ ଚାଲାଣ କରୁଥିବାର ସୂଚନା ପାଇଥିଲେ। ପୁଲିସ ସନ୍ଦେହଜନକ ଭାବରେ ଏକ ଧଳା ରଙ୍ଗର ହୁଣ୍ଡାଇ ସାନଟ୍ରୋ କାରକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଡ୍ରାଇଭର ଗାଡିକୁ ନରଖି ସନ୍ଦେହଜନକ ଭାବରେ କ୍ଷୀପ୍ର ବେଗରେ ଗାଡି ଚାଳନା କରିଥିଲା । ଗାଡିର ପିଛା କରି ମୈଦଲପୁର ପୁଲିସ ଫାଣ୍ଡି ନିକଟରେ ଅଟକାଇବାରେ ସଫଳ ହେବାପରେ ତାଙ୍କ ଠାରୁ ୨୫ କିଲୋ ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ପାପଡାହାଣ୍ଡି ପୁଲିସ ଦୁଇଜଣ ଅଭିଯୁକ୍ତ ଉଦ୍ଧବ ଖିଲ ଓ ନର୍ମଦା ଦାଶଙ୍କ ନାମରେ ଏକ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ସମସ୍ତ ୨୦ ଜଣ ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଉଦ୍ଧବ ଖିଲ ଓ ନର୍ମଦା ଦାଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ନରସିଂହ ନାଥ ତ୍ରିପାଠୀ ଓ ତାଙ୍କ କାର୍ଯ୍ୟାଳୟର ସହଯୋଗୀ ମାମଲାକୁ ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ବାଇକ୍ -ଟ୍ରକ୍ ମୁହାଁମୁହିଁ; ୨ଗୁରୁତର

ନନ୍ଦପୁର,୨।୨ (ସମିସ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ସୁବାଇ ପଞ୍ଚାୟତ ଅନ୍ତର୍ଗତ କୁଲୁବ୍ ଗ୍ରାମର ଜଗନ୍ନାଥ ସୀସା ନିଜ ସମ୍ପର୍କୀୟ ଭାଇ କୁମାର ଗନ୍ଧନା ପଞ୍ଚାୟତ ଅନ୍ତର୍ଗତ ବାଲିଆ ଗ୍ରାମର ଜଳେନ୍ଦ୍ର ମୁଦୁଲିଙ୍କ ସହ ଛତପୁଟ ଗ୍ରାମରେ ଏକ ଦଶାହ କର୍ମରେ ଯୋଗଦେଇ ଫେରୁଥିବା ସମୟରେ ନନ୍ଦପୁର ସର୍ବେଶ୍ୱର ମନ୍ଦିର ସମ୍ମୁଖରେ ଠିଆ ହୋଇଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏକ ଗାଡ଼ିରେ ଦୁହିଁଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ସହିଦ ଲକ୍ଷ୍ମଣ ନାୟକ ଭେଷଜ ଚିକିତ୍ସାଳୟ କୋରାପୁଟକୁ ଅଧିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର,୨।୨(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଗୋଟିଏ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ମୁଖ୍ୟତଃ ଭତ୍ତା, ଜମିପଟ୍ଟା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶ୍ରମ, ଲକ୍ଷ୍ମୀ ବସ ଚଳାଚଳ, ଆବାସ ଉପରେ ବିଶେଷ ଅଭିଯୋଗ ପଞ୍ଜୀକରଣ ହୋଇଥିଲା।

# ମାଝୀଧନୁଆ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



କୋଷାଗୁମୁଡ଼ା,୨।୨(ସମିସ): କୋଷାଗୁମୁଡା ବ୍ଲକର ମାଝୀଧନୁଆ ପଞ୍ଚାୟତ ସଦର ମହକୁମାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଖେଳ, ଚିତ୍ରାଙ୍କନ, ବିତର୍କ, ନାଚଗୀତ ଭଳି ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ସ୍କୁଲର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ୍ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଜଗେନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ସରପଞ୍ଚ ଦୟାରାମ ପୂଜାରୀ, ସମିତି ସଭ୍ୟ ଯୁଗଧର ହରିଜନ, ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ବ୍ଲକ ଶିକ୍ଷା ଅଧିକାରୀ ସୈମେନ୍ଦ୍ର ଭୌମିକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, କୋଷାଗୁମୁଡା ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ହଲଦାର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଏକ୍କ କ୍ୟାଡର୍ ଶିକ୍ଷକ ସଂଘର ସହାୟତା ରାଶି ପ୍ରଦାନ



ଡାବୁଗାଁ, ୨।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବଡ ଓଲମା ଆଶ୍ରମ ବିଦ୍ୟାଳୟରେ ଲମ୍ବୋଦର ଭତ୍ରା (୪୫) ଗଣଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ଦେହ ହଠାତ୍ ଖରାପ ହେବାରୁ ସେ ଜାନୁଆରୀ ମାସ ୨୩ ତାରିଖ ଦିନ ମୃତ୍ୟୁବରଣ କରିଥିଲେ। ଏ ଦୁଃଖଦ ଖବରପାଇ ଡାବୁଗାଁ ବ୍ଲକ ଏକ୍କ କ୍ୟାଡର୍ ଶିକ୍ଷକ ସଂଘ ମହଲରେ ଦୁଃଖର ଛାୟା ଖେଳିଯାଇଥିଲା । ଆଜି ଦଶାହ କାର୍ଯ୍ୟ ଦିବସ ପଡିଥିବାରୁ ଡାବୁଗାଁ ବ୍ଲକ୍ ଏକ୍କ କ୍ୟାଡର ଶିକ୍ଷକ ସଂଘଙ୍କ ତରଫରୁ ସ୍ୱର୍ଗତ ଲମ୍ବୋଦର ଭତ୍ରାଙ୍କ ଘର ତାଲବେଡା ଗ୍ରାମକୁ ଯାଇ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ଚାଉଳ, ପନିପରିବା, ଲୁଗାପଟା ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ତାଙ୍କର ଗୋଟିଏ ଝିଅ, ଦୁଇଟି ପୁଅ ଅଛନ୍ତି। ସହାୟତା ପ୍ରଦାନ କରିବା ସମୟରେ ଏକ୍କ କ୍ୟାଡର୍ ଶିକ୍ଷକ ଶିକ୍ଷକ ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା, ନରସିଂହ ମାଝୀ, ଜିତେନ୍ଦ୍ର ମାଝୀ, ପ୍ରଦୀପ ପାଢୀ, ଦୁର୍ଗା ରଥ, ରବି ପ୍ରଧାନ, ଡମଣା ମେହେର, ଉଦରନ ଭତ୍ରକ୍ଷ, ଶୁଭେନ୍ଦୁ ଦାସ, ଆଶାରାମ ହରିଜନ, ଧରମୁ ପରଜା, ସମୁଦୁ ଗଣ୍ଡ, ଭକଚନ୍ଦ ମାଝୀ, ଦଶମନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସରକାର ତାଙ୍କ ବଡ ଝିଅକୁ ଚାକିରି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ସେମିଳିଗୁଡ଼ା,୨।୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଅନ୍ତର୍ଗତ ଦୁଧାରି ଗ୍ରାମପଞ୍ଚାୟତ ସୁଣ୍ଡିପୁଟ ଗ୍ରାମରେ ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେଇଯାଇଛି। କଳସ ଯାତ୍ରାରୁ ପ୍ରତିଷ୍ଠା କାର୍ଯକ୍ରମ ଆରମ୍ଭ ହୋଇ ବିଭିନ୍ନ ପ୍ରକାର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଅଷ୍ଟପ୍ରହରୀ ଯଜ୍ଞ ଭଜନ କାର୍ଯକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କର ମଧ୍ୟରେ ସେମିଳିଗୁଡା ବ୍ଲକ କଂଗ୍ରେସ ସଭାପତି ସାନିଆ ମାଝୀ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, ଦୁଧାରି ସରପଞ୍ଚ ମାଧବ ନନ୍ଦିବାଲି ପ୍ରମୁଖ ଯୋଗ ଦେଇଥିଲେ। ସୋମବାରରୁ ପାଞ୍ଚ ଦିନ ଏହି ପ୍ରତିଷ୍ଠା ଉତ୍ସବ ପାଳନ ନିମନ୍ତେ ସବୁ ପ୍ରସ୍ତୁତି ହଇଛି।

## ନନ୍ଦପୁରକୁ ଅବହେଳା, କିଏ ଦାୟୀ ?

# ସବୁ କ୍ଷେତ୍ରରେ ପଛରେ ପଡ଼ିଛି ନନ୍ଦପୁର



ନନ୍ଦପୁର,୨।୨ (ସମିସ): କୋରାପୁଟ ଜିଲ୍ଲାର ରାଜାରାଜୁଡା ଅମଳରୁ ପରିଚିତ ଅଞ୍ଚଳ ନନ୍ଦପୁର ସବୁ ଦୃଷ୍ଟିରୁ ଅବହେଳିତ। ଦେଶ ସ୍ୱାଧୀନ ହେବାର ଦଶନ୍ଧୀ ପରେ ଦଶନ୍ଧୀ ବିତିଗଲାଣି ନନ୍ଦପୁରର ସେପରି ବିଶେଷ ଉନ୍ନତି ହୋଇପାରିନାହିଁ। ଏଣୁ ନନ୍ଦପୁର ରାଜଧାନୀ ଅଭିଶପ୍ତରୁ କେବେ ମୁକ୍ତି ହେବ ବୋଲି ସାଧାରଣରେ ଲୋକେ କହୁଛନ୍ତି। କେବେଳ ରାଣୀ ଡୁଡୁମାକୁ ଚାକଚକ୍ୟ କରି ବାହାବା ଆଉ କେତେ ଦିନ ବୋଲି ଲୋକେ କହୁଛନ୍ତି। ନନ୍ଦପୁର ସହର ଦୁର୍ଗନ୍ଧମୟ ହୋଇ ପଡ଼ିଥିବା ବେଳେ ପରିମଳ ବ୍ୟବସ୍ଥା ଉପରେ କାହାରି ନିଘା ନାହିଁ। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମାଟି ମୁଠାଏ ପଡ଼ି ପାରୁନାହିଁ। ସେହିପରି ସାହି ବସ୍ତି ରାସ୍ତା ଘାଟ ଅବସ୍ଥା ନ କହିବା ଭଲ। ସବୁରି ମୁହଁରେ ଗୋଟିଏ ପ୍ରଶ୍ନ ନନ୍ଦପୁରବାସୀ କେବେ ଦେଖିବେ ବିକାଶର ଚିତ୍ର। ସେପଟେ ଦୀର୍ଘ ୩ ବର୍ଷ ହେବ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ଅଧପନ୍ତରିଆ ହୋଇପଡ଼ି ରହିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ କୋଠା ନିର୍ମାଣର ମଧ୍ୟ ସମାନ ଅବସ୍ଥା। ନନ୍ଦପୁର ପରି ଏକ ସ୍ୱତନ୍ତ୍ର ପରିଚୟ ଥିବା ବ୍ଲକ୍‌କୁ ଅବହେଳା କରାଯାଉଛି। ବର୍ତ୍ତମାନ ନନ୍ଦପୁରରେ ଥିବା କୋରାପୁଟ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଦୈନିକ ଆସୁଥିବା ପର୍ଯ୍ୟଟକ ନନ୍ଦପୁର ଅଞ୍ଚଳର ପରିବେଶ ଓ ଅବହେଳିତ କାର୍ଯ୍ୟକୁ ଦେଖି ଭିନ୍ନ ଚିନ୍ତା କରିବା ସ୍ୱାଭାବିକ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଅଭାବ ନା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଦାୟୀ ବୋଲି ପ୍ରଶ୍ନ ଉଠିଛି। ତେବେ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ କହିଛନ୍ତି ଏଥିପାଇଁ ପ୍ରଶାସନିକ ଅବହେଳା ଦାୟୀ । ସେ କହିଛନ୍ତି, ନନ୍ଦପୁର ଅବ୍ୟବସ୍ଥା ପାଇଁ ପ୍ରଶାସନିକ ଅଧିକାରୀ ହିଁ ସ୍ପଷ୍ଟ ଭାବେ ଦାୟୀ। ଯୁବ ନେତା ତଥା ସାମାଜିକ କର୍ମୀ ମୁନା ଦଳପତି କହିଛନ୍ତି ଯୁବ ନେତୃତ୍ୱର ଅଭାବ ରହିଛି। ରାଜନୀତି କ୍ଷେତ୍ରରେ ଯୁବ ଗୋଷ୍ଠୀ ଆଗକୁ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ସେପଟେ ବରିଷ୍ଠ ବିଜେପି ନେତା ସରୋଜ ମିଶ୍ର କହିଛନ୍ତି, ନନ୍ଦପୁର ଅବ୍ୟବସ୍ଥା ପାଇଁ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ରହିଛି। ନନ୍ଦପୁର ଅବ୍ୟବସ୍ଥା ପାଇଁ ରାଜନେତା ହିଁ ଦାୟୀ ବୋଲି ସେ କହିଛନ୍ତି। କଂଗ୍ରେସ ଜିଲ୍ଲା ଉପ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ କହିଛନ୍ତି ଏଥିପାଇଁ ସରକାର ଏବଂ ସ୍ଥାନୀୟ ରାଜନେତା ମଧ୍ୟ ଦାୟୀ। ଦୁଇ ବର୍ଷ ହେଲା ବିଧାୟକ ଶ୍ରୀ କାଡ଼ାମଙ୍କ ଦ୍ୱାରା କିଛି କିଛି କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।

# 'ବିଧାୟକଙ୍କ ଦରମା ବୃଦ୍ଧି ନେଇ ଜନସାଧାରଣଙ୍କ ମତ ନିଆଯାଉ'




ଜୟପୁର, ୨।୨(ସମିସ): ଜୟପୁର ବେଲ ରୋଡ଼ ସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଏକ ସାଧାରଣ ବୈଠକ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସୁବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କୋରାପୁଟ ଜିଲ୍ଲା ସଭାପତି ବରିଷ୍ଠ କ୍ରିଡ଼ାବିତ୍ ତଥା କଳାକାର ଜି ରାମ ବାବୁ ମଞ୍ଚ ପରିଚାଳନା କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ସଭାପତି ସିହେଚ ଈଶ୍ୱର ରାଓ, ସମ୍ପାଦକ ଅର୍ଜୁନ ଭଦ୍ରା ବୋରିଗୁମ୍ମା ବ୍ଲକ୍ ସଭାପତି ରବିଶଙ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି ପ୍ରସ୍ତାବ ଆଗାମୀ ବିଧାନସଭା ଅଧିବେଶନରେ ଆସୁଥିବାରୁ ଏ ସମ୍ପର୍କରେ ଜନସାଧାରଣଙ୍କ ମତାମତ ଦେବାକୁ ସଂଗଠନ ପ୍ରୟାସ ଆରମ୍ଭ କରିଛି । ଏ ନେଇ ରାଜ୍ୟ ସରକାର ଲୋକମାନଙ୍କ ଠାରୁ ମତାମତ ସଂଗ୍ରହଣ କରିବାକୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ କମିଟି ଦାବି କରିଛି। ସଂଗଠନର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ନବରଙ୍ଗପୁର ଜିଲ୍ଲା ସଭାପତି ସାମ୍ବାଦିକ ଈଶ୍ୱର ଚାଉ କୋରାପୁଟ ଜିଲ୍ଲା ସଭାପତି ସମାଜସେବୀ ଜି. ରାମବାବୁ, ନବରଙ୍ଗପୁର ଜିଲ୍ଲା ସଂଯୋଜକ ଆଦିବାସୀ ନେତା ଓ ଅର୍ଜୁନ ଭତ୍ରା ପ୍ରମୁଖ ଏହି ସମ୍ମିଳନୀରେ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିବା ପୂର୍ବରୁ ଜନମତ ଆଧାରରେ ଏହି ସଂଶୋଧନ ପ୍ରସ୍ତାବ ଗ୍ରହଣ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂସଦୀୟ ବ୍ୟାପାର ବିଭାଗ ଦ୍ୱାରା ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକ ମାନଙ୍କର ମତାମତ ଗ୍ରହଣ କରାଯାଉ। ଯେଉଁ ବିଧାୟକ ମନ୍ତ୍ରୀମାନେ ବର୍ଦ୍ଧିତ ଦରମା ନେବେ ସେମାନଙ୍କର ସାଧୁତା ଏବଂ ବିଭିନ୍ନ ଜନ କଲ୍ୟାଣକାରୀ ବ୍ୟବସ୍ଥାରେ ପ୍ରଦର୍ଶନ କରିବାର ଆବଶ୍ୟକ୍ତା ରହିଛି ବୋଲି ସଂଗଠନ ପକ୍ଷରୁ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଜିଲ୍ଲା ସଭାପତି ସମାଜସେବୀ କି. ରାମବାବୁଙ୍କ ଅଧ୍ୟକ୍ଷତାରେ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି । ଏହି କମିଟିରେ ବିଭିନ୍ନ ବ୍ଲକ ତହସିଲ ଓ ଏନଏସି ପୌରରେ କାର୍ଯ୍ୟକର୍ତା ଚୟନ କରାଯାଇଛି। ଏହି ସଂଗଠନ ବିଭିନ୍ନ ଜାଗାରେ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଅସାଧୁ ଅଧିକାରୀଙ୍କ ବିରୋଧରେ ଜନ ଶୁଣାଣି କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିଷ୍ପତି ନେଇଛି। କାର୍ଯ୍ୟକ୍ରମରେ ଜୟପୁର ପେପର ମିଲରେ ହୋଇଥିବା ଦୁର୍ନୀତି , ପିସି ବନ୍ଦ, ସୂଚନା ଅଧିକାର ନିୟମରେ ଥିବା ବ୍ୟତିକ୍ରମ ଇତ୍ୟାଦି ଉପସ୍ଥାପନା କରିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

ବରଗଡ଼, ୨।୨(ସମିସ): ବରଡୋଲ ଗାଁରେ ସଡ଼କ ଦୁର୍ଘଟଣାରେ ଜଣାଙ୍କର ମୃତ୍ୟୁ ଘଟିଛି । ମୃତକ ଭଟଲି ଆରଆଇ କାର୍ଯ୍ୟାଳୟ ସମ୍ମୁଖରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ସୁଦାମ ଶତପଥୀଙ୍କ ଧର୍ମପତ୍ନୀ ବୋଲି ଜଣା ପଡ଼ିଛି । ସୋମବାର ବରପାଲିରୁ ନିଜ ଘର ଭଟଲିକୁ ଏକ ମୋଟର ସାଇକଲରେ ଯାଉଥିବା ସମୟରେ ବରଡୋଲ ଗାଁରେ ସଡ଼କ ଦୁର୍ଘଟଣାରେ ସୁଦାମଙ୍କ ପତ୍ନୀ ପ୍ରାଣ ହରାଇଛନ୍ତି । ଏହି ଦୁର୍ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଭୋଇପାଲି ଅମର ଦାସ ବାବା ମଠରେ ଅଗ୍ନି ଉତ୍ସବ

ଥୁଆପାଲି, ୨।୨(ସମିସ): ବରଗଡ଼ ଜିଲ୍ଲା ଭେଡେନ ଭୋଇପାଲି 'ଅମର ଦାସ ବାବା' ମଠରେ ମାଘମାସ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀ ଦୁଇ ଦିନ ଧରି ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଠରେ ହୋମଯଜ୍ଞ ଭୋଇ ବଂଶର ଭୋଇ ମାନେ ପୂଜାର୍ଚ୍ଚନା କରିଥାନ୍ତି । ବାବାଙ୍କ ହୋମଯଜ୍ଞ ଠାରେ ରହି ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏପରି କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ଆଶୀର୍ବାଦ ଭିକ୍ଷା କରିଥିଲେ । ଭୋଇବଂଶର ସୁଦାମ ଭୋଇ, ନୀଳାଞ୍ଚଳ ଭୋଇ, ଚିତ୍ତରଞ୍ଜନ ଭୋଇ, ଅନ୍ୟାନ୍ୟ ଭୋଇ ବଂଶର ପୂଜା କାର୍ଯ୍ୟ ସହଯୋଗ କରିଥିଲେ । ଅତିଥି ଭାବେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ । ପ୍ରଥମ ଦିନ ରାତିରେ ଥୁଆପାଲି ମହିଳା ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନ ବରଗଡ଼ ବରହମ୍ ଚାରି ଓ ଉର୍ଦ୍ଦୁନା, ଜାମପାଲି, ସଂକୀର୍ତ୍ତନ ହୋଇଥିଲା । ଏହା ଦେଖିବାକୁ ବହୁ ଜନସମାଗମ ହୋଇଥିଲା । ଏହି ଅଗ୍ନି ଉତ୍ସବରେ ସମସ୍ତ ଭକ୍ତ ମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଅଗ୍ନି ଉତ୍ସବରେ ଭୋଇପାଲି ଅମର ଦାସ କ୍ଲବ୍ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଦୟମାନ ପ୍ରଯୁକ୍ତି ଶିବିର

ପଦ୍ମପୁର, ୨।୨(ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଦୟମାନ ପ୍ରଯୁକ୍ତି (ଇମର୍ଜିଂ ଟେକ୍ନୋଲଜି) ଶିବିର ଆୟୋଜିତ ହୋଇଛି । ସର୍ବେଶ୍ୱର ତ୍ରିପାଠୀ, ଡିଷ୍ଟ୍ରିକ୍ଟ ଲିଡ କୋର୍ଡିନେଟର, ଓକେସିଏଲ୍‌ଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା । ଦେବଦତ୍ତ ବିର୍ତ୍ତିଆ ଶିବିରର ସମନ୍ୱୟକ (କ୍ୟାମ୍ପ କୋଓର୍ଡିନେଟର) ଥିଲେ । ଭୀଷ୍ମଦେବ ସାହା (କୃତ୍ରିମ ବୁଦ୍ଧିମତା), ଅରବିନ୍ଦ ପାଣିଗ୍ରାହୀ (ସାଇବର ସୁରକ୍ଷା), ରମଣ ସାହୁ (ଆଇଓଟି ଓ ରୋବୋଟିକ୍ସ) ପ୍ରଶିକ୍ଷଣ ଦେଇଥିଲେ । ଶିବିର ଛାତ୍ରୀମାନଙ୍କ ପାଇଁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଓ ସଚେତନତା ବୃଦ୍ଧିରେ ସହାୟକ ହୋଇଥିଲା ।

## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ, ୨।୨(ସମିସ): ପେଟୁପାଲି ବରଛକ ଭାଗବତ ଗାଦିରେ ପବିତ୍ର ମାଘ ପୂର୍ଣ୍ଣମା ତିଥିରେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପେଟୁପାଲି ନିବାସୀ ନିର୍ମଳ ମେହେର, ପତ୍ନୀ ଜ୍ୟୋତି ମେହେର କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ । ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଡୋଲାମଣି ସାବତ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଝାଲପାଲି ଗାଁର ଦ୍ରୌପଦୀ ଭୂଏ ଭାଗବତ ପାରାୟଣ କରିଥିଲା ବେଳେ ବାଦ୍ୟଯନ୍ତ୍ରରେ ଏମ୍ ସ୍ରିଗିଡା ନିବାସୀ ଭଗିରଥ ମେହେର, ରେଙ୍ଗାଲି ନିବାସୀ ନୀଳମଣି ଭୁଏ ସହଯୋଗ କରିଥିଲେ । ଭାଗବତ ସଭାରେ ଦିବ୍ୟ କିଶୋର ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ପ୍ରବଚକ ବିରେଚନ ନାଏକ (ପୁରେନା), ସମ୍ମାନିତ ବକ୍ତା ଭାବେ ପ୍ରବଚକ ସୁରେଶ ଦାସ (ବାରଗୁଡା) ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ସାଧୁ ସନ୍ଥ, ଯୋଗୀ ବୈଷ୍ଣବ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ସ୍ୱତନ୍ତ୍ର ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ କମିଟିର ସଭାପତି କମଳା କାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରାଙ୍କ ସମେତ ଅଞ୍ଚଳର ଭାଗବତ ପ୍ରେମୀ ସହଯୋଗ କରିଥିଲେ ।

## ଜିଲ୍ଲା ସମାଜସେବୀ ସଂଘ ସମ୍ବର୍ଦ୍ଧିତ



ବରଗଡ଼, ୨।୨(ସମିସ): ଜୟ ଜଗନ୍ନାଥ ଫାଉଣ୍ଡେସନ, ରାଜନଗର, କେନ୍ଦ୍ରାପଡ଼ାର ବାର୍ଷିକ ଉତ୍ସବ ଅବସରରେ ଜିଲ୍ଲା ସମାଜସେବୀ ସଂଘ, ବରଗଡ଼ର ସେବା କାର୍ଯ୍ୟକୁ ପ୍ରଶଂଶା କରି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂଘର ସଭାପତି ସମାଜସେବୀ ବଳିଷ୍ଠ ଦୁର୍ଗା ଓ ସକ୍ରିୟ ସଦସ୍ୟ ଶିବ ଲୁହା, ପରମେଶ୍ୱର ନାଥ ଓ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏହି ସମ୍ମାନ ଗ୍ରହଣ କରିଥିଲେ । ଜିଲ୍ଲା ସମାଜସେବୀ ସଂଘ, ବରଗଡ଼ ତରଫରୁ ଜୟ ଜଗନ୍ନାଥ ଫାଉଣ୍ଡେସନର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ




ପାଇକମାଳ, ୨।୨(ସମିସ): ପାଇକମାଳ ବ୍ଲକ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା କରିବା ପାଇଁ ରାଲି କରିଥିଲେ । ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେଧର, ସୌତମ ଛତର, ଡେଜଲିଙ୍ଗ ଦନ୍ତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଚାଷୀ ମାରଣ ନୀତି ପ୍ରତିବାଦରେ ଗର୍ଜିଲା ବିଜେଡି

### ପୁଞ୍ଜିପତିଙ୍କୁ ଟିକସ ଛାଡ଼ ଓ ଚାଷୀଙ୍କ ପ୍ରତି ଉପହାସ ଚଳିବ ନାହିଁ: ବିଜେଡି






ବରଗଡ଼, ୨।୨(ସମିସ)

ଚଳିତ ଖରିଫ ବିପଣନ ଋତୁ ୨୦୨୫-୨୬ ରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଫେଲ୍ ମାରିଛନ୍ତି । ଜିଲ୍ଲାରେ ଚାଷୀ ଭାଇମାନେ ଧାନ ବିକିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ଡବଲ ଇଞ୍ଜିନ ସରକାର ପୁଞ୍ଜିପତିଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଟିକସ ଛାଡ଼ କରିଛନ୍ତି । ଏପରି କରି ରାଜ୍ୟ ସରକାର ଚାଷୀଙ୍କୁ ଉପହାସ କରିଛନ୍ତି । ଏଥିସହିତ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିର ତୁରନ୍ତ ସମାଧାନ ଦାବିରେ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ସମୟରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ରାଜ୍ୟରେ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ବହୁ ଚାଷୀ ଏବେ ମଧ୍ୟ ପଞ୍ଜୀକରଣରୁ ବଞ୍ଚିତ । ଫେବୃଆରୀ ୧ ପର୍ଯ୍ୟନ୍ତ ମାତ୍ର ୭ ଲକ୍ଷ ୯୫ ହଜାର ୨୪୪ ଜଣ ଚାଷୀଙ୍କ ଧାନ କିଣା ଯାଇଛି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୭୫ ଚାଷୀଙ୍କ ପେମେଣ୍ଟ ସରକାର କରିଥିବା ବେଳେ ଅନ୍ୟ ମାନଙ୍କୁ ପେମେଣ୍ଟ ବର୍ତ୍ତମାନ ସୁଦ୍ଧା ମିଳି ନାହିଁ । ଏସବୁ ସମସ୍ୟା ସହ ରାଜ୍ୟ ସରକାରଙ୍କ ଧାନ କିଣାର ଅସଲ ଚିତ୍ର ଭାରତ ସରକାରଙ୍କ ତଥ୍ୟ ଓ ରିପୋର୍ଟ ଆଧାରରେ ଦାବିପତ୍ରରେ ଉଲ୍ଲେଖ କରିଥିଲେ । ସବୁ ଚାଷୀଙ୍କ ଧାନ କିଣିବାକୁ ବାହସ୍ଫୋଟ ମାରିଥିବା ଅପାରଗ ସରକାର ବଳକା ପଞ୍ଜିକୃତ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନ କେବେ କିଣିବେ ବୋଲି ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ କଳିକେଶ ସିଂ ଦେଓ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବରିଷ୍ଠ ନେତା ଗୌର ହରି ମିଶ୍ର, ସୁଶାନ୍ତ ମିଶ୍ର, ସୁବ୍ରତ ସିଂ, ପ୍ରଦ୍ୟୁମ୍ନ ତ୍ରୀପାଠୀ, କିଶୋର ମିଶ୍ର ବରଗଡ଼ ଟାଉନ ସଭାପତି ଅନୁପ ଶତପଥୀ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ରାଜେଶ୍ ଅଗ୍ରୱାଲ, ରାଜୁ ଘିବେଲା, କିଶୋର ଦେବତା, କମଳ ତାଣ୍ଡି, ଜିତୁ ଭୋଇ, ସୁବ୍ରତ ବେହେରା, କୀର୍ତ୍ତି ଚନ୍ଦ୍ର ଦୁଆଁନ, ନିତ୍ୟାନନ୍ଦ ପ୍ରଧାନ, ଉମା ଚରଣ ରାଉତ, ଗଣେଶ ସାହୁ, ନରେନ୍ଦ୍ର ପ୍ରଧାନ, ଦେବାନନ୍ଦ ଗଡ଼ତୀଆ, ସୁପ୍ରଭା ମହାଲିଂ, ମୀନାକ୍ଷୀ ମିଶ୍ର, ମୋହନ ଲୁହା, ହରିଶଙ୍କର ବେହେରା, ସୁବାସ ହୋତା ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତୃମଣ୍ଡଳୀ ଜିଲ୍ଲାପାଳ ଅଫିସ ଘେରଉ କରିଥିଲେ । ଆଜିର ଘେରଉ ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଚାଷୀଙ୍କ ହକ ପାଇଁ ବିଜେଡି ଗର୍ଜନ କରିଛି । ତେବେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଚେତାବନୀ ସମାବେଶ ପ୍ରତି ଜିଲ୍ଲାରେ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଶେଷରେ ୨୪ରେ ରାଜ୍ୟ ରାଜଧାନୀରେ ବିଜେଡି ସରକାରଙ୍କୁ ଚରମ ଚେତାବନୀ ପ୍ରଦାନ କରାଯିବ ବୋଲି ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

ଚାଷୀଙ୍କ ପ୍ରମୁଖ ଦାବି ମଧ୍ୟରେ ଧାନ ବିକ୍ରୟ ଟୋକନ୍ ପ୍ରଦାନରେ ଅହେତୁକ ବିଳମ୍ବ, ଅଧାରୁ ଅଧିକ ପଞ୍ଜିକୃତ ଚାଷୀଙ୍କ ଟୋକନ୍ ଏ ପର୍ଯ୍ୟନ୍ତ ନ ଆସିବା, ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓ ପ୍ରାଶାସନିକ ଅପାରଗତାରୁ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ିରହିବା, ଧାନର ଗୁଣବତ୍ତା ଓ ଆଦ୍ରତା ଆଳରେ ପ୍ରତି କ୍ୱିଣ୍ଟାଲରେ ୨ରୁ ୭ କେଜି ପର୍ଯ୍ୟନ୍ତ କଟଣିଛଟଣି କରାଯିବା, ମଣ୍ଡିରେ ଦଲାଲ ରାଜ୍ ଲାଗି ରହିବା, ଭୁଲ ଟୋକନ ବଣ୍ଟନ ଓ ପ୍ରଶାସନିକ ଅପାରଗତା ପାଇଁ ଚାଷୀ ଅଭାବି ବିକ୍ରି କରି ଖୋଲା ବଜାରରେ ୧୪୦୦ରୁ ୧୫୦୦ ଟଙ୍କାରେ ଧାନ ବିକିବା ପାଇଁ ବାଧ୍ୟ ହେବା, କେନ୍ଦ୍ର ସରକାରଙ୍କ ଧାନର ଏମଏସପି ବୃଦ୍ଧି ଘୋଷଣାକୁ ରାଜ୍ୟରେ କାର୍ଯ୍ୟକାରୀ ନ କରିବା, ୧୫୦ କ୍ୱିଣ୍ଟାଲ ଧାନ ଖରିଦରେ ଯୋଗାଣ ମନ୍ତ୍ରୀଙ୍କ ସିଲିଂ ଘୋଷଣାକୁ ପ୍ରତ୍ୟାହାର କରିବା, ଘୋଷଣା ମୁତାବକ ଧାନ କ୍ୱିଣ୍ଟାଲ ପ୍ରତି ୩୧୬୯ ଟଙ୍କା ପ୍ରଦାନ କରିବା, ଧାନ ବିକ୍ରିର ୧୫ ଦିନ ପରେ ବି ଚାଷୀଙ୍କ ଆକାଉଣ୍ଟ୍‌କୁ ଟଙ୍କା ନ ଆସିବା, ଧାନ କ୍ରୟ କେନ୍ଦ୍ରର ଦୈନିକ ଧାର୍ଯ୍ୟକୁ ଦୁଇ ଗୁଣ କରିବା, ଚାଷୀଙ୍କୁ ନିଜ ଖର୍ଚ୍ଚରେ ଅଖା କିଣିବାକୁ ଓ ମଣ୍ଡିକୁ ଧାନ ଆଣିବାକୁ ବାଧ କରିବା, ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡିବା, ନାରୀ ନିର୍ଯାତନା, ଅପହରଣ, ଧର୍ଷଣ, ନିଶା କାରବାର ବୃଦ୍ଧି ପାଇବା ଭଳି ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ତେବେ ଚାଷୀଙ୍କୁ ସୁନେଲି ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପି ସରକାର ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ କରୁ ନ ହେଲେ ଆଗାମୀ ଦିନରେ ଚାଷୀଙ୍କ ଅଧିକାର ପାଇଁ ବିଜେଡି ଆନ୍ଦୋଳନ ତୀବ୍ର କରିବ ବୋଲି ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଚେତାବନୀ ଦେଇଥିଲେ । ଶେଷରେ ପ୍ରଦ୍ୟୁମ୍ନ ତ୍ରୀପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପୁରରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

### ● ଆହାର ଥାଳି ନେଇ ଅଭିଯୋଗ ପାଇଁ ଆସିଲେ ଅଭିଯୋଗକାରୀ

ବିଜେପୁର, ୨।୨(ସମିସ): ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନାଙ୍କ ସହ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ରାସନ କାର୍ଡ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ବିଭିନ୍ନ ସମସ୍ୟା ସମ୍ପର୍କିତ ସମୁଦାୟ ୫୪ଟି ଅଭିଯୋଗ ଦାଖଲ ହୋଇଥିଲା । ଏଥିମଧ୍ୟରୁ ୧୨ଟି ବ୍ୟକ୍ତିଗତ ଓ ୪୨ଟି ସାମୂହିକ ଅଭିଯୋଗ ଥିଲା । ଏହାସହ ୧ଟି ରେଡ୍‌କ୍ରସ୍ ସମ୍ପର୍କିତ ଅଭିଯୋଗ ମଧ୍ୟ ଥିଲା । ଜିଲ୍ଲାପାଳ ଶ୍ରୀ ଗୋୟଲ ଅଭିଯୋଗ ଗୁଡ଼ିକର ଶୁଣାଣି କରି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଜେପୁର ଆହାର କେନ୍ଦ୍ରରେ ଦିଆଯାଉଥିବା ଭାତ ଓ ଡାଲମା ଅତ୍ୟନ୍ତ ନିମ୍ନମାନର ବୋଲି ଆହାର ଥାଳି ଧରି ଅଭିଯୋଗ କେନ୍ଦ୍ରକୁ ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ପ୍ରଥମ ଥର ପାଇଁ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରନ୍ଧନ କରିଥିବାରୁ ଏହି ସମସ୍ୟା ହୋଇଥାଇ ପାରେ । ସେମାନଙ୍କୁ ଶୀଘ୍ର ପ୍ରଶିକ୍ଷିତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଠିକ୍ ଭାବେ ଅବଗତ କରା ନ ଯାଇ ରାସ୍ତା ପାର୍ଶ୍ୱ ଘର ଗୁଡ଼ିକ ଭଙ୍ଗାଯାଇଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ । ତାଳପଦର ଗାଁରେ ଅର୍ଦ୍ଧ ନିର୍ମିତ କେନାଲ କାମକୁ ତ୍ୱରାନ୍ୱିତ କରିବା, ଚାଷୀ କ୍ଷିରୋଦ୍ର ସାହୁଙ୍କୁ ସୋଲାର ପାଇଁ ଠକେଇ କରିଥିବା ଘଟଣାର ତଦନ୍ତ କରିବା, ଲାଉମୁଣ୍ଡା ଗାଁରେ ଟ୍ରକ ଧକ୍କାରେ କ୍ଷତିଗ୍ରସ୍ତ ହୋଇଥିବା ସନ୍ତୋଷ ସାହୁଙ୍କ ଘରର କ୍ଷତିପୂରଣ, ଯୋଖିପାଳି ନଦୀରେ ବାଲି ଚୋରା ଚାଲାଣ ସମ୍ପର୍କିତ ଅଭିଯୋଗ, ବୁଡାପାଲି ପ୍ରାଣୀ ସହାୟକ କେନ୍ଦ୍ର ପାଇଁ କର୍ମଚାରୀ ଦାବି ଆଦି ସଙ୍କ୍ରାନ୍ତରେ ଅଭିଯୋଗ ହୋଇଥିଲା । ଧାନ କାର୍ଡ କମ ଆସିବାରୁ ନାହିଁ ନ ଥିବା ଅସୁବିଧା ଭୋଗୁଥିବା କିଛି ଚାଷୀ ଅଭିଯୋଗ କରିଥିଲେ ।

## ସ୍ୱରୂପ ପାଣିଗ୍ରାହୀ ଅତାବିରା କଲେଜର ଅଧ୍ୟକ୍ଷ

ଅତାବିରା, ୨।୨(ସମିସ): ଅତାବିରା କଲେଜରେ ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ସ୍ୱରୂପ ପାଣିଗ୍ରାହୀ ଯୋଗ ଦେଇଛନ୍ତି । ସୋମବାର କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି । ଷ୍ଟାଫ୍ କାଉନସିଲ ବୈଠକରେ କର୍ମଚାରୀଙ୍କ ମଧ୍ୟରେ ପରିଚୟ ପ୍ରଦାନ କରିବା ସହ ବିଭାଗୀୟ କାର୍ଯ୍ୟସୂଚୀ ପ୍ରଦାନ କରିଥିଲେ । କଲେଜର ସାମୂହିକ ଉନ୍ନତି ପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରଖିବା ଓ ସମାୟାନୁବର୍ତ୍ତୀ ହେବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଡ.ମଦନ ମେହେର ଓ ଅରୁଣ ତ୍ରିପାଠୀ ବୈଠକର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ତରିଙ୍ଗି ପ୍ରଧାନ ଧନ୍ୟବାଦ ଦେଇଥିଲେ । ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ଶ୍ରୀ ପାଣିଗ୍ରାହୀ ଭେଡେନ ବ୍ଲକ ମାନପୁର ଗାଁର ହୋଇଥିବା ବେଳେ ଏହା ପୂର୍ବରୁ ସୋନପୁର କଲେଜରେ ଅବସ୍ଥାପିତ ଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପିତ




ବରଗଡ଼, ୨।୨(ସମିସ): ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ପଞ୍ଚାୟତ ମହା ବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ଡ.ନକୁଳ ସେଠ୍ ସଭାରେ ଅଧ୍ୟକ୍ଷତା କରିଥିଲେ । ଭାରପ୍ରାପ୍ତ ଅଧିକାରୀ ଡ.ପୁଷ୍ପିତାରାଣୀ ବେହେରା ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ନୂଆଦିଲ୍ଲୀର ପ୍ରସିଦ୍ଧ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାତା (ତଥ୍ୟ ଚିତ୍ରଣ ନିର୍ଦ୍ଦେଶକ) ଦିବ୍ୟଜୀବନ ମହାପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା । ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୨ ଜଣ ପ୍ରଶିକ୍ଷକ ଓ ୩ ଜଣ ସର୍ବୋତ୍ତମ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀ ସେଠ୍, ଦିବ୍ୟଜୀବନ ମହାପାତ୍ର ଓ ଡା. ପୁଷ୍ପିତାରାଣୀ ବେହେରାଙ୍କୁ ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରିଥିଲେ । ପରେ ଡା. ପୁଷ୍ପିତାରାଣୀ ବେହେରା ମହାବିଦ୍ୟାଳୟର ଗରିମାମୟ ଅଧ୍ୟକ୍ଷ ଡା. ନକୁଳ ସେଠ୍‌ଙ୍କୁ ସମ୍ମାନ ଓ କୃତଜ୍ଞତାର ପ୍ରତୀକ ସ୍ୱରୂପ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମର ସଫଳ ସଞ୍ଚାଳନ କୃଷ୍ଣକାନ୍ତ ଲାହାଙ୍ଗିର କରିଥିଲେ ଏବଂ ଧନ୍ୟବାଦ ଜ୍ଞାପନ ଅଜିତ ସାହୁ । ଏହା ସହିତ ବିରେନ ପାସାୟତ ଓ ଲଳିତା ଧାରୁଆଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଟ୍ରାଫିକ ସଚେତନତା ସଂଯୋଜକ



ବରଗଡ଼, ୨।୨(ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରି ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବା ପାଇଁ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମ ଲୋଚନ ଭୋସାଗର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୋମବାର ଭୁବନେଶ୍ୱରର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ । ରାଜ୍ୟରେ ସଚେତନତା ଅଭାବରୁ ପ୍ରତିଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି । ସେଦୃଷ୍ଟିରୁ ସଚେତନତା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟ ଶାସନ ସଚିବଙ୍କ ଆଗରେ ଉପସ୍ଥାପନ କରିଥିବା ସହିତ ଗତବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୁରୀରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ପୁଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସହଯୋଗ କରିଥିବା ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି । ୨୦୧୪ ରୁ ୨୦୨୬ ମସିହାର ଜାନୁଆରୀ ମାସ ପର୍ଯ୍ୟନ୍ତ ଆୟୋଜନ କରିଥିବା ସମସ୍ତ ତଥ୍ୟ ମଧ୍ୟ ପ୍ରଦାନ କରଥିଲେ । ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେବା ସହିତ ଓଡ଼ିଶା ପରିବହନ ଓ ବାଣିଜ୍ୟ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି ।

## ଶିକ୍ଷୟିତ୍ରୀ ଅନୁସୂୟାଙ୍କୁ 'ସମୀକ୍ଷା ସାରଥୀ' ସମ୍ମାନ

ଅତାବିରା, ୨।୨(ସମିସ): 'ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ' ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଓ ବାର୍ଷିକ ବିଶେଷାଙ୍କ 'ମୋ ପରିଚୟ ମୋ ମାତୃଭାଷା'ର ଉନ୍ମୋଚନ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ,



କବୟିତ୍ରୀ ତଥା ସମାଜସେବୀ ଅନୁସୂୟା ଦେବତାଙ୍କୁ 'ସମୀକ୍ଷା ସାରଥୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ସଂସଦର ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରହ୍ଲାଦ ସାହୁଙ୍କ ତତ୍ତ୍ୱାବଧାନରେ କୁଳମଣି ବାରିକ କବିତା ପାଠୋତ୍ସବରେ ସଭାପତିତ୍ୱ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସଭାପତି ବିଶିଷ୍ଟ ସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । କବି ଅନଙ୍ଗ ପଟେଲ ଓ ଦେବତା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଅନୁବାଦକ ଏବଂ ଶାରଳା ପୁରସ୍କାର, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସୁସାହିତ୍ୟିକ ଗୌରହରି ଦାସ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପାରାଦୀପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର ଯୋଗ ଦେଇଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନେକ କବି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉମାବଲ୍ଲଭ ଷଡଙ୍ଗୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଁ ମେଟଖାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଖଲିଆପାଲି, କୁଚିପାଲି, ବନାବିରା ଓ ନିଞ୍ଚା ଦଳ

ମେଲଛାମୁଣ୍ଡା, ୨।୨(ସମିସ)




ମେଲଛାମୁଣ୍ଡା ଥାନା ବେହେରାପାଲି ପଞ୍ଚାୟତ ଅଧୀନ ବି.ନୁଆଁପାଲି ଠାରେ ଅଷ୍ଟମ ମାଁ ମେଟଖାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଡଙ୍ଗରକେର୍ମେଲି, ନୂଆଁପାଲି, ଖଲିଆପାଲି, ସୋହେଲା, ମୁଣ୍ଡୋମହୁଲ, ଗନିଆପାଲି, ଝାରମୁଣ୍ଡା, କୁଚିପାଲି, ଟି.କେର୍ମେଲି, ବନାବିରା, ବୁଢ଼ୀମାଲ, ମେଲଛାମୁଣ୍ଡା, ସାନବାଉଁସେନ, ପଦ୍ମପୁର, ଉପରବାହାଲ ଓ ତାଳପଦର ଏପରି ୧୬ଟି କ୍ରିକେଟ ଦଳ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମାନଙ୍କରୁ ବିଜୟୀ ହୋଇ ଖଲିଆପାଲି, କୁଚିପାଲି, ବନାବିରା ଓ ନିଞ୍ଚା ଦଳ ସେମିଫାଇନାଲକୁ ପ୍ରବେଶ କରିଛନ୍ତି । ଆସନ୍ତାକାଲି ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଟିକୁଚିପାଲି ସହିତ ଖଲିଆପାଲି ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ଟି ବନାବିରା ସହିତ ନିଞ୍ଚା ମଧ୍ୟରେ ଖେଳାଯିବ । ସୁମିଲ ବେହେରା, ନରୋତ୍ତମ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଚନ୍ଦ୍ରମଣି ବରିହା ମ୍ୟାଚ୍ ଗୁଡିକ ଖେଳାଇ ଥିବା ବେଳେ ସୁନୀଲ ରାଉତ ଓ ରିଙ୍କୁ ସାହୁ ଧାରା ବିବରଣୀ ଦେଉଛନ୍ତି । ଟୁର୍ଣ୍ଣାମେଣ୍ଟର ଆଜିର ଚତୁର୍ଥ ଦିନରେ କୋଶଳକ୍ରାନ୍ତି ସେନାର କୋଶଳ ସଂଗ୍ରାମୀ ସୁଶାନ୍ତ ମିଶ୍ର ଓ କୃତାର୍ଥ ପ୍ରଧାନ, ଶିକ୍ଷକ ନବୀନ ବରିହା ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ ।

## ଗଙ୍ଗାଧର ମେହେର ଫୁଟବଲ: କୁଚିଣ୍ଡା ଚାମ୍ପିଅନ




ବରପାଲି, ୨।୨(ସମିସ): ବରପାଲି ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗଙ୍ଗାଧର ମେହେର ଫୁଟବଲ କପ୍ ଉଦ୍‌ଯାପନୀ ଉତ୍ସବ ହୋଇଯାଇଛି । ଉଦ୍‌ଯାପନୀ ଖେଳ ରାଉରକେଲା ଓ କୁଚିଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିଲା । କୁଚିଣ୍ଡା ଟ୍ରାଇବ୍ରେକର ଜରିଆରେ ୬-୫ ଗୋଲରେ ଅଗ୍ରଣୀ ହୋଇ ଚାମ୍ପିଅନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଧାୟକ ସନତ ଗଡ଼ତିୟା ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ଯୋଗ ଦେଇଥିଲେ । ମ୍ୟାନ୍ ଅଫ୍ ଫାଇନାଲ୍ ଅଭିନାଶ (କୁଚିଣ୍ଡା) ବିବେଚିତ ହୋଇଥିଲେ । ସେହିପରି ଗୋକୁଲ ଭୁମିଜ (ରାଉରକେଲା) ଶ୍ରେଷ୍ଠ ଗୋଲକିପର, ସରୋଜ ଚାତ୍ରିଆ (କୁଚିଣ୍ଡା) ସର୍ବୋତ୍ତମ ପ୍ରତିରକ୍ଷା, ବିକ୍ରମ (କୁଚିଣ୍ଡା) ସର୍ବୋତ୍ତମ ଅଗ୍ରଗାମୀ, ଗୋକୁଲ ଭୁମିଜ (ରାଉରକେଲା) ଟୁର୍ଣ୍ଣାମେଣ୍ଟର ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । କାର୍ତ୍ତିକ ଦାଶ, ଜିତେନ୍ଦ୍ରିଆ ଥନାପତୀ, ସଶିକାନ୍ତ ଦାଶିଆ, ଅନିଲ ଭୋଇ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ । ମନୋଜ ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ । ମୋଟ ୮ ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ।





# ଚୋରା ମଦ ବ୍ୟବସାୟରେ ରେସ୍ତୋରାଁ ମାଲିକ

ଭୁବନେଶ୍ୱର, ୨।୨(ସମିସ): ମାତ୍ର କିଛିବର୍ଷ ପୂର୍ବେ ରାଜଧାନୀର ବସ୍ତିରେ ମିଳୁଥିଲା ଚୋରା ମଦ। ଲୁଚିଛପି ଘନ ଅନ୍ଧାରରେ ମଦ ବ୍ୟବସାୟ କରୁଥିଲେ। ବହୁ ବାର ଗିରଫ ହୋଇ ପୁଲିସକୁ ଟଙ୍କା ଦେଇ ଏମାନେ ମଦ ଚୋରା ମଦ ବ୍ୟବସାୟ କରୁଥିଲେ। ଏହି ମଦ ବ୍ୟବସାୟୀମାନେ ସାଧାରଣତଃ ଅପରାଧୀ ଗୋଷ୍ଠୀର ସଦସ୍ୟ ଅଟନ୍ତି। ନ ହେଲେ ଢାବା ମାଲିକ ଓ କର୍ମଚାରୀମାନେ ମଦ ବ୍ୟବସାୟ କରନ୍ତି। କୌଣସି ରେସ୍ତୋରାଁ କିମ୍ବା ହୋଟେଲରେ ମଦ ବିକ୍ରି ହୁଏ ନାହିଁ। ହେଲେ ରାଜଧାନୀର ଟ୍ରେଣ୍ଡରେ ଏବେ ପରିବର୍ତ୍ତନ ଆସିଛି। ଯେଉଁ ଚୋରା ମଦ କାରବାର ଘନ ଅନ୍ଧାରରେ ସମସ୍ତଙ୍କୁ ଲୁଚିଛପି ହେଉଥିଲା ଏବେ ରଙ୍ଗାରଙ୍ଗ ଲାଇଟ୍ ଲଗାଇ ଦିନ ଦିପହରେ ଖୁଲମ୍‌ଖୁଲା ହେଉଛି। ଅପରାଧୀଙ୍କ ବଦଳରେ ଏଭଳି ଚୋରା କାରବାରରେ ପାଦ ଥାପିଛନ୍ତି ସହର କଥାକଥିତ ସମ୍ଭ୍ରାନ୍ତ ଆଉ ରେସ୍ତୋରାଁ ମାଲିକ। ବେଆଇନ୍ ମଦ ବ୍ୟବସାୟ କରିବାକୁ




**■ ପୂର୍ବରୁ ଅନ୍ଧାରରେ ମିଳୁଥିଲା; ଏବେ ବାର୍‌ରେ ମିଳୁଛି**
**■ ୩ ମାସରେ ଅବକାରୀ ବିଭାଗ ଧରିଲାଣି ୬ ବେଆଇନ୍ ବାର୍**

ଏମାନେ ଭିନ୍ନ ଧରଣର ଏକ ଆମ୍ବିଆନ୍ସ ପ୍ରସ୍ତୁତ କରୁଛନ୍ତି। ରେସ୍ତୋରାଁର ନିର୍ମାଣଶୈଳୀ ଦେଖିଲେ ଯେ କେହି କହିବ ଏଠାରେ ମଦର ଆସର ଜମୁଛି। ମଦ ମାଗିଲେ ମିଳୁଛି ମଧ୍ୟ। ହେଲେ ଦୋକାନ ଆଗରେ ଲାଗିଥିବା ସାଇନ୍ ବୋର୍ଡରେ କେବଳ ରେସ୍ତୋରାଁ ଆଉ ହୋଟେଲ ଉଲ୍ଲେଖ କରାଯାଉଛି।

କିଛି ରେସ୍ତୋରାଁ ମାଲିକ କାଇଦାରେ ବାର୍ ବୋଲି ଲେଖି ଦେଉଛନ୍ତି। ସତ୍ୟବିହାର ଅଞ୍ଚଳରେ ନୋ ଲିମିଟ୍ ଏକ ରେସ୍ତୋରାଁ ହୁକା ବିକ୍ରି କରୁଥିବା। ରେସ୍ତୋରାଁ ମାଲିକ କାଇଦାରେ ବାର୍ ଲେଖି ଦେଇ ମଦ ବିକ୍ରି କରୁଥିବା ବହୁବାର ଅଭିଯୋଗ ହୋଇଛି।

ଗତ ଡିସେମ୍ବର ୧୨ ତାରିଖରେ ଏହି ବାର୍‌ରେ ନିଆଁ ଲାଗିଗଲା। ଅବକାରୀ ବିଭାଗ ଚେକିଂରେ ଜଣାପଡ଼ିଥିଲା ରେସ୍ତୋରାଁଟି କାଇଦାରେ ବାର୍ ଲେଖିଥିଲା।

ଗତ ୩ ମାସ ମଧ୍ୟରେ ବେଆଇନ୍ ମଦ ବିକ୍ରି କରୁଥିବା ୫ଟି ବାର୍‌କୁ ଅବକାରୀ ବିଭାଗ ଠାବ କଲାଣି। ଏହା ମଧ୍ୟରେ ରହିଛି ବାପୁଜୀନଗର ଅଞ୍ଚଳର ମେରିଗୋଲ୍ଡ, ଇନ୍‌ଫୋସିସ୍ ଅଞ୍ଚଳର ସମର ରେସ୍ତୋରାଁ, କଳିଙ୍ଗବିହାର କେ-୭ ଅଞ୍ଚଳର ସ୍କାଏ ହାଇ ନାମକରେ ରେସ୍ତୋରାଁ ଏବଂ ସୋମବାର ଆଉ ୩ଟି ହୋଟେଲ ଏବଂ ରେସ୍ତୋରାଁ ଠାବ ହୋଇଛି।

### ଦିନିକିଆ ଅସ୍ଥାୟୀ ଲାଇସେନ୍ସରେ ବର୍ଷ ତମାମ ବେପାର

କଳିଙ୍ଗ ବିହାର କେ-୭ ଅଞ୍ଚଳର ସ୍କାଏ ହାଇ ନୂଆବର୍ଷ ସେଲିବ୍ରେସନ କିମ୍ବା ଅନ୍ୟ କୌଣସି ଅବସରରେ ଥରେ ମାତ୍ର ଦିନିକିଆ ଅସ୍ଥାୟୀ ଲାଇସେନ୍ସ ଅବକାରୀ ବିଭାଗ ଠାରୁ ନେଇଥିଲା। ଏହି ଲାଇସେନ୍ସ ଆଳରେ ରେସ୍ତୋରାଁ ବର୍ଷ ତମାମ୍ ଗ୍ରାହକଙ୍କୁ ମଦ ପରଷି ଚାଲିଥିଲା। ପୁଲିସ କିମ୍ବା ଅନ୍ୟ କେହି ପଚାରିଲେ ମାଲିକ ଲାଇସେନ୍ସ ବି ଦେଖାଇ ଦେଉଥିଲା।

### କାହା ଛତ୍ରଛାୟାତଳେ ରେସ୍ତୋରାଁ ମାଲିକ

ପାୱାର କରିଡ଼ରରେ ପଡିଆରା ବିସ୍ତାର କରିଥିବା ରାଜନେତା, ପ୍ରଶାସକ କିମ୍ବା ଉଚ୍ଚ ପଦସ୍ଥ ପୁଲିସ କର୍ମଚାରୀ ଏବଂ ଅନ୍ୟ ବ୍ୟକ୍ତି ବିଶେଷଙ୍କ ପୁଅ କିମ୍ବା ଝିଅ ଓ ସମ୍ପର୍କୀୟମାନେ କିଛି କେଉଁଠି କରି ନ ପାରିଲେ କୋଟି କୋଟି ଟଙ୍କା ଲଢାଇ ରେଷ୍ଟୁରାଣ୍ଟ କିମ୍ବା ହୋଟେଲ ଖୋଲି ଦେଉଛନ୍ତି। ହେଲେ ଅଭିଜ୍ଞତା ବିନା ଏମାନେ ମାର୍କେଟରେ ତିଷ୍ଠି ପାରୁ ନାହାନ୍ତି। ଶେଷରେ ଏଠାରେ ମଦ ବିକ୍ରି କରୁଛନ୍ତି। ବସ୍ତି ବାଲୁଙ୍ଗା କିମ୍ବା ପୁରୁଣା ଢାବା ମାଲିକଙ୍କୁ ଥାନାବାବୁ ସିନା ବାନ୍ଧି ଜେଲ୍ ପଠାଇ ଦେଉଛନ୍ତି। ହେଲେ ସମ୍ଭ୍ରାନ୍ତଙ୍କ କଥା ଆସିଲେ ଥାନା ବାବୁ ସାହାସ ଜୁଟାଇ ପାରୁ ନାହାନ୍ତି। ଯେଉଁଥି ପାଇଁ ରେସ୍ତୋରାଁରେ ବେଆଇନ୍ ମଦ ବିକ୍ରି କରିବା ଟ୍ରେଣ୍ଡ ହୋଇଗଲାଣି।

### ଥାନା କର୍ମଚାରୀ ଜାଣିପାରୁ ନାହାନ୍ତି କେମିତି

ରାଜଧାନୀରେ ପ୍ରତ୍ୟେକ ଥାନା ଅଞ୍ଚଳରେ ଏଭଳି ମାଳମାଳ ରେସ୍ତୋରାଁ, ହୋଟେଲ ଖୋଲିଛି। ଯେଉଁଠାରେ ମାଲିକମାନେ ରଙ୍ଗବେରଙ୍ଗର ଲାଇଟ୍ ଲଗାଇ ଉକ୍ତ ଛକର ମୁଖ୍ୟ ଛକରେ ଉପରେ ରେସ୍ତୋରାଁ ମାଲିକ ଖୁଲମ୍ ଖୁଲା ମଦ ବ୍ୟବସାୟ କରୁଛନ୍ତି। ସମସ୍ତେ ଜାଣି ପାରୁଛନ୍ତି। ଅଣ ଓଡ଼ିଆ ଲୋକେ ଓଡ଼ିଆ ଭାଷା ବୁଝି ପରୁ ନଥିଲେ ବି ଏଠାରେ ମଦ ପିଇବାକୁ ଚାଲିଯାଉଛନ୍ତି। ହେଲେ ପୁଲିସ କେବଳ ଜାଣିପାରୁ ଯେ କେଉଁ ସ୍ଥାନରେ ରେସ୍ତୋରାଁ ଏବଂ ହୋଟେଲ ମାଲିକ ଚୋରା ମଦ ବେପାର କରୁଛନ୍ତି। ସତ୍ୟବିହାର ଅଞ୍ଚଳରେ ମଦ ବିକ୍ରି କରୁଥିବା ରେସ୍ତୋରାଁ ଖାତାରେ ପିସିଆର୍ କର୍ମଚାରୀ ନିୟମିତ ଟଙ୍କା ନେଉଥିବା ଉଲ୍ଲେଖ ଥିଲା। ରେସ୍ତୋରାଁ ପକ୍ଷରୁ ଥାନାକୁ କୁଆଡେ ମାସିକ ୧୦ ଲକ୍ଷ ଟଙ୍କା ଦିଆଯାଉଥିଲା ବୋଲି ଚର୍ଚ୍ଚା ହେବା ପରେ ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳାଇ ଦିଆଗଲା।

## ତାଲିକା ଲମ୍ବା; ଧରାପଡ଼ିଲେ ମାତ୍ର ଦୁଇ

**କଟକ-ପୁରୀ ରେଡ୍‌ରେ-୨ ଓ ପଟିଆ ଗୋଟିଏ ଠାବ**

ଚୋରା ମଦ କାରବାର ଅଭିଯୋଗରେ ୩ ରେସ୍ତୋରାଁ ଉପରେ ଅବକାରୀ ବିଭାଗର ଚଢାଉ। ଏହି ରେସ୍ତୋରାଁ ମଧ୍ୟରେ ରହିଛି ଭୁବନେଶ୍ୱର-ପୁରୀ ବାଇପାସ୍ ପାଣ୍ଡରା ଅଞ୍ଚଳରେ ରେଷ୍ଟୁରାଣ୍ଟ ହଙ୍ଗର ହ୍ୟାକର, ଜୌକ ରେସ୍ତୋରାଁ ଏବଂ ପଟିଆ ଇନଫୋସିଟି ନିକଟରେ ଥିବା ମାୱା ରେସ୍ତୋରାଁ। ଚୋରା ମଦ କାରବାର ଅଭିଯୋଗରେ ଅବକାରୀ ଥାନା ପୁଲିସ୍ ୨ଜଣ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମହମ୍ମଦ ସୋବାନି ଖାନ ଓ କିଶୋର ଚନ୍ଦ୍ର ରାଉତ। ବିନା ଲାଇସେନ୍ସରେ ଏମାନେ ଦୀର୍ଘଦିନ ବେଧଡ଼କ ଭାବେ ରେସ୍ତୋରାଁରେ ମଦ ବିକ୍ରି ଚାଲିଥିଲେ। ଚଢାଉ ବେଳେ ରେସ୍ତୋରାଁରେ ଥିବା ବେଆଇନ ମଦ ଜବତ ହୋଇଛି।

ଅବକାରୀ ବିଭାଗ ଡେପ୍ୟୁଟି ସୁପରିନ୍‌ଟେଣ୍ଡେଣ୍ଟ ରାଜ ଶେଖର ସ୍ୱାଇଁଙ୍କ କହିବା ଅନୁଯାୟୀ ରାଜଧାନୀରେ ଏକାଧିକ ରେସ୍ତୋରାଁରେ ଏଭଳି ଚୋରା ମଦ ବ୍ୟବସାୟ କରାଯାଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହି ସୂଚନା ଅଧାରରେ ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଥିଲା ଅବକାରୀ ବିଭାଗର ଏକାଧିକ ଟିମ୍ ଉପରୋକ୍ତ ୩ ରେସ୍ତୋରାଁଗୁଡ଼ିକ ଉପରେ ଏକ ସମୟରେ ରେଡ୍ କରିଥିଲା। ଏଠାରେ ଯୁବପିଢ଼ି ମଦ କିଣିକରି ପିଉଥିବା ସହ ହୁକ୍କା ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏମାନଙ୍କ ଫ୍ରିଜ୍ ଏବଂ କାଉଣ୍ଟରରେ ପୁଳା ପୁଳା ମଦ ଥିଲା। ରେସ୍ତୋରାଁ ହଙ୍ଗର ହ୍ୟାକରରୁ ୭.୫ ଲିଟର ବିଦେଶୀ ମଦ ଜବତ ହୋଇଛି। ରେଷ୍ଟୁରାଣ୍ଟ ମାଲିକ ମହମ୍ମଦ ସୋବାନି ଖାନଙ୍କୁ ଗିରଫ କରାଯାଇଛି। ସେହିପରି ମାୱା ରେସ୍ତୋରାଁରୁ ୧୫ ଲିଟର ବିୟର ଜବତ ହୋଇଛି। ଏହି ରେଷ୍ଟୁରାଣ୍ଟର ମାଲିକ କିଶୋର ଚନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ରାଜଧାନୀର ଶିକ୍ଷାନୁଷ୍ଠାନ ରହିଥିବା ଅଞ୍ଚଳ ଇନ୍‌ଫୋସିଟି, ପଟିଆ, ଚନ୍ଦ୍ରଶେଖରପୁର, ବାପୁଜୀ ନଗର, ଖଣ୍ଡଗିରିରେ ଏଭଳି ରେସ୍ତୋରାଁରେ ଛତୁ ଫୁଟିଲା ଭଳି ଖୋଲିଛି।

## ବନ୍ଧୁକ ଦେଖାଇ ଜମି ହଡ଼ପ ଉଦ୍ୟମ; ଯୁବକ ଗିରଫ

ଭୁବନେଶ୍ୱର, ୨।୨(ସମିସ): ବନ୍ଧୁକ ଓ ଛୁରି ଦେଖାଇ ଅପହରଣ କରି ଜମି ହଡ଼ପ କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୌମ୍ୟଜିତ ପଲାଇ। ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ସାମନ୍ତବିହାର, ଜୋନ୍ ଉତ୍ତର ବିଏମସି କାର୍ଯ୍ୟାଳୟରୁ ବାହାରକୁ ଆସିଥିବା ବେଳେ ଅଭିଯୁକ୍ତ ଖଗେଶ୍ୱର ବାରିକ ଏବଂ ସୌମ୍ୟଜିତ ପଲାଇ ଅନ୍ୟାନ୍ୟ ସହଯୋଗୀମାନଙ୍କ ସହିତ ପୂର୍ବଯୋଜନାବଦ୍ଧ ଭାବରେ ତାଙ୍କୁ ରାସ୍ତାକୁ ଟାଣି ଆଣିଥିଲେ। ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରୀ ଦେଖାଇ ଧମକ ଦେଇ ଅଭିଯୋଗକାରୀଙ୍କ ସମ୍ପତ୍ତି ସମ୍ପର୍କିତ କାଗଜପତ୍ର ବଳପୂର୍ବକ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ତାଙ୍କ ଘର ଓ ଜମିକୁ ନିଜ ସପକ୍ଷରେ ପଞ୍ଜୀକୃତ କରାଇବା ପାଇଁ ବାଧ୍ୟ କରିଥିଲେ। ଏହା ସହିତ ସେମାନେ ଅଭିଯୋଗକାରୀଙ୍କୁ ନିର୍ମମ ଭାବରେ ଆକ୍ରମଣ କରିଥିଲେ। ପ୍ରାୟ ଏକ ଘଣ୍ଟା ସମୟ ପର୍ଯ୍ୟନ୍ତ ବେଆଇନ ଭାବରେ ତାଙ୍କୁ ବନ୍ଦୀ କରାଯାଇଥିଲା। ହତ୍ୟା କରିବା ଉଦ୍ଦେଶ୍ୟରେ ଛୁରୀ ଦ୍ୱାରା ଆକ୍ରମଣ ସମୟରେ ନିଜକୁ ବଞ୍ଚାଇବା ଚେଷ୍ଟା କରିଥିବା ବେଳେ ତାଙ୍କ ବାମ ହାତରେ ଗୁରୁତର ରକ୍ତାକ୍ତ ଆଘାତ ଲାଗିଥିଲା। ତାଙ୍କୁ ବିଚାରାଧୀନ ମାମଲା ପ୍ରତ୍ୟାହାର କରିବା ଏବଂ ହରଚଣ୍ଡି ବିଲ୍ଡର୍ସ ସପକ୍ଷରେ ସମ୍ପତ୍ତି ହସ୍ତାନ୍ତର କରିବା ପାଇଁ ଅପରାଧିକ ଭାବରେ ଭୟଭୀତ କରାଯାଇଥିଲା। ଏହା ବିଫଳ ହେବା ପରେ ଅଭିଯୁକ୍ତମାନେ ତାଙ୍କୁ ମୃତ୍ୟୁ ଧମକ ଦେଇଥିଲେ। ପିସିଆର ଘଟଣାସ୍ଥଳରେ ପହଞ୍ଚିବା ସହିତ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ।

## ଲାଟେରାଇଟ୍ ଚାଲାଣ; ୨ ଗିରଫ, ୨ ହାଇୱା ଜବତ



ଭୁବନେଶ୍ୱର, ୨।୨(ସମିସ): ଲାଟେରାଇଟ୍ ଚାଲାଣ କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ୨ଜଣଙ୍କ ଗିରଫ କରି କୋର୍ଟଚାଲାଣ କରିବା ସହ ୨ହାଇୱା ଜବତ କରିଛି। ଗିରଫମାନେ ହେଲେ ଅଭିଯୁକ୍ତ ଖୋର୍ଦ୍ଧା ସଦର ଅଞ୍ଚଳର ସୁଜିତ କୁମାର ଅରିସାଲ (୨୦) ଓ ନୟାଗଡ଼ ଦଶପଲ୍ଲା ଅଞ୍ଚଳର ସରୋଜ ମଣ୍ଡଳ (୪୨)।

ପୁଲିସ ସୂଚନା ମୁତାବକ, ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ଗୋଠପାଟଣା ଜଙ୍ଗଲ ଜମିରୁ କଣ୍ଟାବାଡା ଦେଇ କାଟେଣି ଆଡ଼କୁ ହାଇୱା ଟ୍ରକ୍ ଦ୍ୱାରା ଲାଟେରାଇଟ୍ ମାଟିର ବେଆଇନ ପରିବହନ ସମ୍ପର୍କରେ ସୂଚନା ପାଇଥିଲେ। ଏହି ଆଧାରରେ ପୁଲିସ ଆଇଆଇଆଇଟି ଛକ ନିକଟରେ ନଜର ରଖିଥିଲା। ପରେ ଆରକେଡି ଖଣି ସ୍ଥଳରୁ ଦୁଇଟି ହାଇୱା ଆସୁଥିବା ଦେଖାଯାଇଥିଲା। ପୁଲିସକୁ ଦେଖି ଟ୍ରକ୍ ଚାଳକମାନେ ଦ୍ରୁତ ଗତିରେ ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗୋଠପାଟଣା ଏଡ୍ ପୋଷ୍ଟ ନିକଟରେ ପିଛା କରି ସେମାନଙ୍କୁ ଅଟକାଯାଇଥିଲା। ଯାଞ୍ଚ କରିବାକୁ ଯାଇ ଉଭୟ ହାଇୱା ଟ୍ରକରେ କୌଣସି ବୈଧ ପ୍ରମାଣପତ୍ର କିମ୍ବା କାଗଜପତ୍ର ବିନା ଲାଟେରାଇଟ୍ ମାଟି ଲୋଡ୍ କରାଯାଇଥିଲା। ଟ୍ରକ୍ ଚାଳକ ସେମାନଙ୍କ ପରିଚୟ ପ୍ରକାଶ କରିଥିଲେ।

## ଅରୁଣ ସାହୁଙ୍କ 'ଶୀତୁଆ ସନ୍ଧ୍ୟା' ଓ 'ପୀଡ଼ା' ଉନ୍ମୋଚିତ




ଭୁବନେଶ୍ୱର, ୨।୨(ସମିସ) ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ କାର୍ଯ୍ୟକ୍ରମ। ବରିଷ୍ଠ ରାଜନେତା ତଥା ବିଧାୟକ ଡଃ ଅରୁଣ କୁମାର ସାହୁଙ୍କ ରଚିତ ଜୀବନଧର୍ମୀ ପୁସ୍ତକ ପୀଡ଼ା ଓ ସୁଗମ ସଙ୍ଗୀତ ଶୀତୁଆ ସନ୍ଧ୍ୟାର ଲୋକାର୍ପଣ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ମନୋରଞ୍ଜନ ସାହୁ ଏବଂ ମହାନ ଚଇତି ନୃତ୍ୟ ଗୁରୁ ପଦ୍ମଶ୍ରୀ ଡଃ ଉତ୍ସବ ଚରଣ ଦାସ। ଚିରାଚରିତ ଭିଡ଼ରୁ ବାହାରି କିଛି ଭିନ୍ନ କରିବାର ଝୁଙ୍କ ଅରୁଣଙ୍କୁ ଏକ ନିଆରା ପରିଚୟ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମର ସ୍ୱତନ୍ତ୍ରତା ହେଉଛି ଏହା ସନ୍ଧ୍ୟା ୬.୧୮ ରୁ ଆରମ୍ଭ ହୋଇ ୭.୩୮ ରେ ସମାପନ ହୋଇଥିଲା ଯାହାକୁ ନେଇ ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଜୋରଧରିଛି। ସବୁବେଳେ ସମୟାନୁବର୍ତ୍ତିତାର ବାର୍ତ୍ତା ଦେଉଥିବା ଅରୁଣ ଏହି ସଭା ମାଧ୍ୟମରେ ଏହାକୁ ପୁଣିଥରେ ପ୍ରମାଣିତ କରିଛନ୍ତି। ଦୁଃସ୍ଥ, ଅସହାୟ, ନୋଚାଲାଖିର ଜୀବନକୁ ଭିନ୍ନ ଏକ ଢଙ୍ଗରେ ପରିବେଷଣ କରି ପୀଡ଼ା ପୁସ୍ତକକୁ ଜୀବନଧର୍ମୀ କରିଛନ୍ତି ଡଃ ଅରୁଣ କୁମାର ସାହୁ। ଦ୍ୱେଷ, ଅସୂୟା, ନକାରାତ୍ମକତାରୁ ଊର୍ଦ୍ଧ୍ୱକୁ ଉଠି ଦୃଢ଼ ମାନବବାଦର ଏକ ଦୃଢ଼ ପ୍ରତୀକ ଭାବେ ଉଭା ହୋଇଛି ଏହି ପୁସ୍ତକ। ସେହିପରି ବେହାଲ ବର୍ଷା ସଙ୍ଗୀତର ଅହେତୁକ ସଫଳତା ପରେ ଅରୁଣଙ୍କ କଲମରୁ ଝରି ଆସିଛି ଶୀତୁଆ ସନ୍ଧ୍ୟା, ଯାହାକୁ ସଙ୍ଗୀତରେ ସଜେଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଓ ଗାଇଛନ୍ତି ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ। ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ ଏହି ଉତ୍ସବ ସଫଳ ଭାବେ ଶେଷ ହୋଇଛି ଏବଂ ଏଥିପାଇଁ ସବୁ ମହଲରୁ ଡଃ ଅରୁଣ ସାହୁଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଉପସ୍ଥାପକ ଅଂଶୁମାନ ଜେନା ଏହି ସଫଳ ଉତ୍ସବର ସଞ୍ଚାଳନ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

● ଅରିନ୍ଦମ୍ ପ୍ରବୀର ମୋମୋରିଆଲ କ୍ରିକେଟ୍

## ପୁଲିସ-ସାମ୍ବାଦିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

ଭୁବନେଶ୍ୱର, ୨।୨(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଅରିନ୍ଦମ୍ ପ୍ରବୀର ମୋମୋରିଆଲ କ୍ରିକେଟ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଲୋକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆର କ୍ରାଇମ ରିପୋର୍ଟର ଏବଂ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ କ୍ୟାପଟେନସିପ୍‌ରେ ପୁଲିସ ଏକାଦଶ 'ଏ' ଓ ଡିସିପି ହେଡକ୍ୱାର୍ଟସର ସୁରେଶ ପାତ୍ରଙ୍କ ନେତୃତ୍ୱରେ ପୁଲିସ ଏକାଦଶ 'ବି'ମଧ୍ୟରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଡିସିପି ଜଗମୋହନ ମୀନାଙ୍କ କ୍ୟାପଟେନସିପ୍‌ରେ ପୁଲିସ ଏକାଦଶ 'ଏ' ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ସହ ୧୨ ଓଭରରେ କରିଥିଲେ ୧୯୬ ରନ୍। ଜବାବରେ ଇଲୋକ୍ଟ୍ରୋନିକ୍ସ ମିଡିଆର ସାମ୍ବାଦିକମାନେ ୧୨ ଓଭରରେ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲେ। ପୁଲିସ ଏକାଦଶ 'ବି' ଟସ୍ ଜିତି ବ୍ୟାଟି କରି ନିର୍ଦ୍ଧାରିତ ୧୨ ଓଭରରେ କରିଥିଲେ ୨୨୨ ରନ୍ କରିଥିଲେ। ଜବାବରେ ପ୍ରିଣ୍ଟ ମିଡିଆର ସାମ୍ବାଦିକମାନେ ୧୧୪ ରନ୍ କରିଥିଲେ। କମିଶନରେଟ୍ ପୁଲିସର ଏକାଦଶ ବି ଓ ଏକାଦଶ ଏ ବିଜୟୀ ହୋଇଥିବାବେଳେ ଇଲୋକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆ ସାମ୍ବାଦିକମାନେ ରନର୍ସଅପ୍ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୁଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ।

## 'ସଂସ୍କାରକ ଫକୀରମୋହନ' ଆଲୋଚନାଚକ୍ର

ଭୁବନେଶ୍ୱର, ୨।୨(ସମିସ):ଖଣ୍ଡଗିରି ସ୍ଥିତ ସତ୍ୟସାଇ ଏନକ୍ଲେଭ ୱେଲଫେୟାର ସୋସାଇଟି ପକ୍ଷରୁ 'ସଂସ୍କାରକ ଫକୀରମୋହନ' ଶୀର୍ଷକ ଏକ ଆଲୋଚନାଚକ୍ର ସୋସାଇଟି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରବୋଧ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟଖ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ଆରତି କର ଯୋଗଦେଇଥିଲେ। ଆଲୋଚନାରେ ସାହିତ୍ୟିକ ପ୍ରଭାତ କୁମାର ନନ୍ଦ, ଡ. ଇନ୍ଦିରା ଦତ୍ତ, ଲକ୍ଷ୍ମୀଧର ମିଶ୍ର, ଅନୁଜା ମିଶ୍ର, ହରେକୃଷ୍ଣ ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଣୟ ଦାସ ଧନ୍ୟବାଦ ଦେଇଥିଲେ।

**ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣା**

## ମିଳିଛି ଆର୍‌ଡିଏକ୍ସ ଉପାଦାନ!

ଭୁବନେଶ୍ୱର, ୨।୨(ସମିସ): ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦ ନଗର (ସୁନ୍ଦରପଦା ଅଞ୍ଚଳ)ରେ ହୋଇଥିବା ବୋମା ବିସ୍ଫୋରଣ ଘଟଣାରେ ଆର୍‌ଡିଏକ୍ସର ଉପାଦାନ ମିଳିଛି ବୋଲି ଅନୁମାନ କରାଯାଉଛି। ଏହି ବୋମାରେ ହେକ୍ସା ହାଇଡ୍ରୋ ଟ୍ରାଇନାଇଟ୍ରୋ ଭଳି ଉପାଦାନ। ଏହାକୁ ନେଇ ଏବେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ଉପାଦାନକୁ ଟେଷ୍ଟିଂ ପାଇଁ ଲ୍ୟାବ୍‌କୁ ପଠାଯାଇଛି। ଅନ୍ୟପକ୍ଷରେ ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ତଦନ୍ତ କରୁଛି। ଏହି ଘଟଣାର ତଦନ୍ତ କରିବା ସହ ରାଜ୍ୟ ବାହାରେ ହୋଇଥିବା ଅନ୍ୟ ବିସ୍ଫୋରଣ ଘଟଣା ସହ ସମ୍ଭାବ୍ୟ ଲିଙ୍କକୁ ଖୋଳତାଡ଼ ଜାରି ରହିଛି। ସୂଚନା ଅନୁଯାୟୀ, ଏହି ବିସ୍ଫୋରଣ ଜାନୁଆରୀ ୨୭ ତାରିଖ ଅପରାହ୍ନରେ ଏକ ଭଡ଼ା ଘରର ଛାତ ଉପରେ ଘଟିଥିଲା। କିଛି ବ୍ୟକ୍ତି ଅବୈଧ ଭାବରେ କ୍ରୁଡ୍ ବମ୍ (ଅଶୋଧିତ ବୋମା) ଭିଡୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଚାରିଜଣ ଗୁରୁତର ଆହତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରେ ୨ ଜଣ ପୁରୁଷ (ଅଭିଯୁକ୍ତ ଓ ସହଯୋଗୀ)ଙ୍କ ସହ ଅନ୍ୟ ଦୁଇଜଣ ମହିଳା ଅନ୍ତର୍ଭୁକ୍ତ ଥିଲେ। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ମୁଖ୍ୟ ଅଭିଯୁକ୍ତ ସେହନୱାଜ ମଲ୍ଲିକ୍‌ଙ୍କ ଟ୍ରାକ୍ ରେକର୍ଡ ବହୁତ ଖରାପ। ବିଭିନ୍ନ ଥାନାରେ ତାଙ୍କ ନାମରେ ମାମଲା ରହିଛି। ଏହି ଘଟଣାରେ ବିସ୍ଫୋରଣ ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ ହେଉଥିବାରୁ ଏନଆଇଏ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲା। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏନଆଇଏ ଅଧିକାରୀ ଆଲୋଚନା କରୁଛନ୍ତି। ଏବଂ ରାଜ୍ୟ ବାହାରେ ହୋଇଥିବା ଅନ୍ୟ ବିସ୍ଫୋରଣ ସହ ଏହାର ସଂଯୋଗ ଖୋଜାଚାଲିଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଆହତମାନେ ସୁସ୍ଥ ହେବା ପରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାସ୍ଥଳ ନିକଟବର୍ତ୍ତୀ ସିସିଟିଭି ଫୁଟେଜ୍ ପରୀକ୍ଷା କରାଯାଉଛି।

## ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର, ୨।୨(ସମିସ): ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୁକ୍ତ ବିଶ୍ୱଜିତ ଦାସ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ୩୧ ତାରିଖ ଦିନ ଅଭିଯୋଗକାରିଣୀ ସତ୍ୟବିହାର ସ୍ଥିତ ରିଲାଏନ୍ସ ସିଗନେଚର କମ୍ପାନୀ ପରିସରରେ ହାଉସକିପିଂ କର୍ମଚାରୀ ଭାବରେ ପନିପରିବା ସଫା କାମ କରୁଥିଲେ। ବିଶ୍ୱଜିତ ଆକ୍ରମଣାତ୍ମକ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏକ ଚେୟାର ସାହାଯ୍ୟରେ ଆକ୍ରମଣ କରିଥିଲେ। ଅଭିଯୁକ୍ତ ତାଙ୍କୁ ଲାତ ମାରିବା ସହ ମୁଥ ମାରିଥିଲେ। ଜାତିଭିତ୍ତିକ ଅପମାନଜନକ ମନ୍ତବ୍ୟ ଦେଇ ଦୁଃବ୍ୟବହାର କରିଥିଲେ। ଫଳରେ ଅଭିଯୋଗକାରିଣୀ ଆହତ ହୋଇଥିଲେ।

● ଭୁବନେଶ୍ୱର ଉପକଣ୍ଠରେ କିନ୍ନରଙ୍କୁ ହତ୍ୟା ଘଟଣା

# ଏୟାରପୋର୍ଟ ରାସ୍ତା ଅବରୋଧ କଲେ କିନ୍ନର

ଭୁବନେଶ୍ୱର, ୨।୨(ସମିସ): ଭୁବନେଶ୍ୱରର ଉପକଣ୍ଠରେ ରବିବାର ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡରେ ପୁଲିସ ଜଣେ ହେଲେ ଅପରାଧୀଙ୍କୁ ଧରିବାରେ ସଫଳ ହେଉନାହିଁ। ହତ୍ୟା ଘଟଣାକୁ ୨୪ ଘଣ୍ଟା ବିତିଥିଲେ ମଧ୍ୟ ପୁଲିସ୍ ଅପରାଧ ଘଟାଇଥିବା ୨ ଅପରାଧୀଙ୍କ ପତ୍ତା ପାଉନାହିଁ। ଏହି ଘଟଣାରେ ପୁଲିସ ହାତ ଖାଲିଥିବାବେଳେ ଏନେଇ କିନ୍ନର ଅଧିକାର କର୍ମୀ ଓ ସାଥୀ କିନ୍ନର କ୍ଷୋଭ ପ୍ରକାଶ କରି ଆନ୍ଦୋଳନକୁ ତୀବ୍ର କରିବା ସହ ଏୟାରପୋର୍ଟ ରାସ୍ତା ଘେରାଉ କରିଛନ୍ତି। ଏହି ଆନ୍ଦୋଳନ ଫଳରେ ଏୟାରପୋର୍ଟ ରାସ୍ତାରେ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖା ଦେବା ସହ ଯାତାୟାତ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଓଡ଼ିଶା ଆସୁଥିବାବେଳେ ଏହି ରାସ୍ତା ରୋକ କମିସନରେଟ ପୁଲିସ ଲାଗି ଚିନ୍ତାର କାରଣ ପାଲଟିଥିଲା। ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ପହଞ୍ଚିବା ପୂର୍ବରୁ କମିସନରେଟ୍ ପୁଲିସ୍ କିନ୍ନରଙ୍କୁ ବୁଝାସୁଝା କରି ରାସ୍ତାରୁ ହଟାଇଥିଲା। ଯାହାପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧା ଲୋକ ଭବନ ଗସ୍ତ କରିଛନ୍ତି। କିନ୍ନରଙ୍କ ଏୟାରପୋର୍ଟ ରାସ୍ତା ଅବରୋଧ ଫଳରେ କିଛି ସମୟ ଲାଗି ଅପରାହ୍ନରେ ଏୟାରପୋର୍ଟ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପରେ ପୁଲିସ ବୁଝାସୁଝା କରିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ରାସ୍ତା ରୋକରେ କିନ୍ନର ସଂଘ ସମ୍ପାଦିକା ମେଘନା ସାହୁ, କିନ୍ନର ସୁରକ୍ଷର ଅଧିକାର କର୍ମୀ ମୀରା



ପରିଡ଼ାଙ୍କ ସହ ଶତାଧିକ କିନ୍ନର ଯୋଗ ଦେଇଥିଲେ।

ସୂଚନାଥାଉ କି, ହତ୍ୟାକାଣ୍ଡଟି ପିପିଲି ଥାନା ଅନ୍ତର୍ଗତ ସିଫା ଗେଟ୍ ନିକଟରେ ଜାତୀୟ ରାଜପଥ ପାଖରେ ରବିବାର ସନ୍ଧ୍ୟାରେ ଘଟିଥିଲା। ମୃତ କିନ୍ନରଙ୍କ ନାମ ଅଞ୍ଜଳି ବା ସୋନା ବୋଲି ଜଣାପଡ଼ିଛି। ତାଙ୍କ ଘର ସାଲେପୁରରେ ହୋଇଥିବାବେଳେ ଦୀର୍ଘ ଦିନ ହେଲା ସେ ଭୁବନେଶ୍ୱରରେ ରହୁଥିଲେ। ଏଜି ଛକ ନିକଟରେ ରହି ଯୋଗ ଶିଖାଉଥିଲେ। ଅଞ୍ଜଳିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନ୍ୟ ସାଥୀ କିନ୍ନରମାନେ ରବିବାର ସନ୍ଧ୍ୟାରେ କ୍ୟାପିଟାଲ୍ ହସ୍ପିଟାଲକୁ ଆଣିଥିଲେ। କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ହତ୍ୟାକାଣ୍ଡ ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। କିନ୍ତୁ କିନ୍ନର ସଂଘ ଏବଂ ଅନ୍ୟ କିନ୍ନର ଅଧିକାର କର୍ମୀ ବିକ୍ଷୋଭ କରି ରାସ୍ତା ବନ୍ଦ କରିଥିଲେ। ବିକ୍ଷୋଭ ସମୟରେ କିନ୍ନର ସମ୍ପ୍ରଦାୟର ଲୋକମାନେ ଶୀଘ୍ର ତଦନ୍ତ କରି ଦୋଷୀଙ୍କୁ ଶାସ୍ତି ଦେବା ଏବଂ କିନ୍ନର ସମ୍ପ୍ରଦାୟର ସୁରକ୍ଷିତ ରଖିବାକୁ ଦାବି କରିଥିଲେ। କିନ୍ନର ଅଧିକାର କର୍ମୀ ମୀରା ପରିଡ଼ା ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିବାବେଳେ ପୁଲିସର ଭୂମିକା ଉପରେ ସନ୍ଦେହ କରିଥିଲେ। ସେପଟେ ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ହତ୍ୟାର କାରଣ ଏବେ ବି ଅସ୍ପଷ୍ଟ ଥିବାବେଳେ ସମସ୍ତ ଦିଗରୁ ଯାଞ୍ଚ କରାଯାଇ, ଶୀଘ୍ର ଦୋଷୀଙ୍କୁ ଧରାଯିବ ବୋଲି ପୁଲିସ କହିଛି। ରବିବାର ରାତି ପ୍ରାୟ ୯ଟା ବେଳେ ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଉତ୍ତରା ଛକ ନିକଟ ସିଫା ପାଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ସିସିଟିଭି ଫୁଟେଜ୍ ସଂଗ୍ରହ କରି ହତ୍ୟାକାରୀଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି। ପୂର୍ବଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କେହି କେହି ଏହାକୁ କିନ୍ନର କିନ୍ନର ମଧ୍ୟରେ ବଟସା ପାଇଁ ହେଇଥିବା କହୁଛନ୍ତି ବୋଲି ପୁଲିସ କହିଛି।

**■ ହତ୍ୟାକାରୀକୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି**
**■ ରାଷ୍ଟ୍ରପତିଙ୍କ କାର୍କେଡ ପ୍ରଭାବିତ ହେବା ପୂର୍ବରୁ ପୁଲିସ୍ ରାସ୍ତାରୁ ଉଠାଇଲା**

### ଯୋଗଗୁରୁ ଦିନେଶ ନା କିନ୍ନର ଅଞ୍ଜଳି

ଭୁବନେଶ୍ୱର, ୨।୨(ସମିସ): ସିଫା ନିକଟରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା ଘଟଣାରେ ନୂଆ ମୋଡ଼ ଆସିଛି। ଗାଁ ଲୋକେ ଏବଂ ପରିବାର ଲୋକେ ତାଙ୍କୁ କିନ୍ନର ବୋଲି ମନା କରିଦେଇଛନ୍ତି। ତାଙ୍କ ପାଖରେ କିନ୍ନରର କୌଣସି ଲକ୍ଷଣ ନ ଥିଲା। ଗାଁରେ ମଧ୍ୟ ତାଙ୍କୁ କିନ୍ନର ବେଶରେ କେହି ଦେଖି ନାହାନ୍ତି। ଏଭଳି ଟୁଇଷ୍ଟ ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଅନ୍ୟପକ୍ଷରେ ଏଭଜି ଛକ ନିକଟରେ ସେ ଯୋଗ ଶିକ୍ଷାଉଥିଲେ। ଜଣେ ଯୋଗ ଶିକ୍ଷକ କଣ ପାଇଁ ରାତି ଅଧରେ ରାସ୍ତା କଡରେ ଛିଡା ହୋଇଥିଲେ। ଯଦି ଛିଡା ହୋଇଥିଲେ କିଏ ଏବଂ କାହିଁକି ତାଙ୍କୁ ହତ୍ୟା କଲା। ଏହାପଛରେ କଣ ଉଦ୍ଦେଶ୍ୟ ଥାଇ ପାରେ। ସେ କୁଆଡେ ପୂର୍ବରୁ ସିଫା ନିକଟରେ ଛିଡା ହେଉ ନଥିଲେ। ଗତ ୫ରୁ ୬ ଦିନ ହେବ ଏଠାରେ ଆସି ଛିଡା ହୋଇଛନ୍ତି।



## ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ଲଢ଼େଇ

# ବାହୁଡ଼ିଲା ଶ୍ରୀମନ୍ଦିର; ଆଜିଠୁ ବିଶ୍ୱ ଦରବାର

ଭୁବନେଶ୍ୱର, ୨।୨ (ସମିସ): ଖଣ୍ଡଗିରି ଯାତ୍ରା ମହାସମର ୭ମ ରାତିରେ ପହଞ୍ଚିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲଢେଇ ଆରମ୍ଭ ହୋଇଛି । ତୁଳସୀ ଓ ଇନ୍ଦ୍ରଭୁବନ ନାଟକ ପରିବେଷଣ କରୁଥିବା ବେଳେ ଶିବାନୀ, ସୂର୍ଯ୍ୟମନ୍ଦିର, ରଙ୍ଗମହଲ ଓ ନାଟ୍ୟ ମଣ୍ଡପ ଯାତ୍ରା ମହାକୁମ୍ଭରେ ଯୋଗ ଦେଇଛନ୍ତି । ସେକେଣ୍ଡ ରାଉଣ୍ଡର ପ୍ରଥମ ରାତିରୁ ଅପେରା ପାର୍ଟିଙ୍କ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଛି ।

ସନାତନ ସେବା ସମିତି ପେଣ୍ଡାଲରେ ଅପେରା ସୂର୍ଯ୍ୟମନ୍ଦିର ଖଣ୍ଡଗିରିକୁ ଏଣ୍ଟ୍ରି କରିଛି । ପ୍ରଥମ ରଜନୀରେ ହୃଷିକେଶ, ମାମା, ସିଲୁ, କାଳୀଙ୍କ ଅଭିନୀତ 'ଅଭାଗିନୀ ଅଞ୍ଜଳି' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ଏଥିରେ ଖଳନାୟକ ଡାନି ଓ ଅରୁଣଙ୍କ ଡାଇଲଗ୍ ସାଙ୍ଗକୁ ଭିକାରୀ ସ୍ୱାଇଁଙ୍କ କମେଡି ଦେଖିବାକୁ ମିଳିଛି ।

ଛଅ ଦିନ ହେବ ନାଟକ ଚାଲିଥିବା ବେଳେ ୭ମ ରାତିରେ ଯାତ୍ରା ମଉଡ଼ମଣି ଶିବାନୀ ଗଣନାଟ୍ୟ ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ମଇଦାନକୁ ଓହ୍ଲାଇଛି । 'ରଜ ସୁନ୍ଦରୀକୁ ସଜ ସିନ୍ଦୁର' ନାଟକ





ପରିବେଷଣ କରିଛି । ଭେଟେରାନ୍ ଗୌର ଦାସ, କାବେରୀଙ୍କ ଅଭିନୟ ଓ ବ୍ରଜ ପାଣିଙ୍କ କମେଡି ମନ ଜିଣିଥିବା ବେଳେ ଖଳନାୟକ ଟାହିଆଙ୍କ ଚରିତ୍ର ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ କରିଥିଲା ।

ମା' ମଙ୍ଗଳା ସାଂସ୍କୃତିକ ପରିଷଦ ମଞ୍ଚରେ ରଙ୍ଗମହଲ ପ୍ରଥମ ରଜନୀରେ ବହୁ ଚର୍ଚ୍ଚିତ ନାଟକ 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ କରିଛି । ପ୍ରତାପ, ସୁଧାକର, ମୁନୁ ପଣ୍ଡା, ଜିତା, ସବିତା, ଜୀବନ କବିଙ୍କ ଅଭିନୟ ସାଙ୍ଗକୁ ରାଜବୀରଙ୍କ ଦମଦାର ଡାଇଲଗ୍ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଛି ।

ସେହିପରି ଅନନ୍ତ କେଶରୀ ଦେବ ପେଣ୍ଡାଲରେ ନାଟ୍ୟ ମଣ୍ଡପ ଯାତ୍ରା ପ୍ରତିଯୋଗିତାରେ ସାମିଲ ହୋଇଛି । ଚର୍ଚ୍ଚିତ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ ଅଭିନୟ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଛି । କାହାଣୀରେ ସ୍ନେହାଶ୍ରୀ, ଜୟଶ୍ରୀ, ବିନିଙ୍କ ଅଭିନୟ ସାଙ୍ଗକୁ ବାବୁଲି ପଣ୍ଡାଙ୍କ ଖଳନାୟକ ଭୂମିକା ଓ ଗୁଡୁଙ୍କ କମେଡି ଦେଖିବାକୁ ମିଳିଛି ।

ସେପଟେ ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଲଗାତାର ତୃତୀୟ ରାତିରେ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିଛି । ସାଇ-ପାୟଲ ଓ ସୋନାଲିଙ୍କ ଅଭିନୟ ଦର୍ଶକଙ୍କୁ ଯାତ୍ରା ପଡ଼ିଆକୁ ଟାଣି ଆଣିଛି । ଇନ୍ଦ୍ରଭୁବନ ମଧ୍ୟ ଚତୁର୍ଥ ରାତିରେ 'ନ ଅଙ୍କ ଦୁର୍ଭିକ୍ଷ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ଲଗାତାର ବହି ରିପିଟ୍ ହେଉଥିଲେ ମଧ୍ୟ ହାଉସଫୁଲ୍ ଯାଉଛି ।

ଜୟଦୁର୍ଗା ପେଣ୍ଡାଲରେ ଖେଳୁଥିବା ଅପେରା ଶ୍ରୀମନ୍ଦିର ଶେଷ ରଜନୀରେ ମଧ୍ୟ ସମାନ ନାଟକ ମଞ୍ଚସ୍ଥ କରିଛି । ଜିନୁ-ଟିକି, ଅଜୁ-ଆପୁ ଓ ଖଳନାୟକ କାହ୍ନାଙ୍କ ଅଭିନୟ ଦେଖିବାକୁ ଶେଷ ସୁଯୋଗ ହାତଛଡ଼ା କରିନାହାନ୍ତି ଦର୍ଶକ । ଶ୍ରୀମନ୍ଦିର ବିଦାୟ ନେବାପରେ ମଙ୍ଗଳବାର ଠାରୁ ଯାତ୍ରା ବିଶ୍ୱ ଦରବାର ସେହି ମଞ୍ଚରେ ମଇଦାନକୁ ଓହ୍ଲାଇବ ।

### ଆଜିର କାହାଣୀ
### 'ଅଭାଗିନୀ ଅଞ୍ଜଳି'

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ମଞ୍ଚରେ ସୂର୍ଯ୍ୟମନ୍ଦିର ନାଟକ ପରିବେଷଣ ଆରମ୍ଭ କରିଛି । ପ୍ରଥମ ରଜନୀରେ ଇଂ ଆଶୁତୋଷ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ବହି 'ଅଭାଗିନୀ ଅଞ୍ଜଳି' ବହି ଦର୍ଶକଙ୍କୁ ଭେଟି ଦେଇଛି । କାଳୀ ମାଜିଷ୍ଟ୍ରେଟ ଚରିତ୍ରରେ ଅଭିନୟ କରୁଥିବା ବେଳେ ହୃଷୀକେଶ ଓ ଡ୍ୟାନି ତାଙ୍କ ପୁଅ ଭୂମିକାରେ ନଜର ଆସିଛନ୍ତି । କାଳୀଙ୍କ ଭଣଜା ଚରିତ୍ରରେ ଅମିତ୍ ଅଭିନୟ କରୁଛନ୍ତି । ସେହିପରି ମାମା ଓ ମାମୁନିଙ୍କୁ ମଧ୍ୟ ପ୍ରଭୁ ଭୂମିକାରେ ଦେଖିବାକୁ ମିଳିଛି । ଖଳନାୟକ ଡ୍ୟାନି ପ୍ରଥମେ ମାମାଙ୍କୁ ମନ୍ଦିରରେ ପ୍ରେମ ବିବାହ କରୁଛନ୍ତି । ହେଲେ ସେମାନଙ୍କ ବିବାହ ଖବର କାହାରି ପାଖରେ ନଥାଏ । ପରବର୍ତ୍ତୀ ସମୟରେ ଡ୍ୟାନି ଓ ମାମୁନିଙ୍କ ବିବାହ ସ୍ଥିର ହେଉଛି । ହେଲେ ସେତିକିବେଳେ ଡ୍ୟାନିଙ୍କ ମାଆ କାଳୀ ପ୍ରଥମ ବିବାହ କଥା ଜାଣିପାରୁଛନ୍ତି । ୩୦ ବର୍ଷ ଧରି ମାଜିଷ୍ଟ୍ରେଟ ହିସାବରେ କେବେ ଅନ୍ୟାୟ କରିନଥିବାରୁ ନିଜ ପୁଅ କ୍ଷେତ୍ରରେ ମଧ୍ୟ ଅନ୍ୟାୟ କରିବେ ନାହିଁ ବୋଲି ନିଷ୍ପତ୍ତି ନେଉଛନ୍ତି । ମାମୁନିଙ୍କ ସହ ତାଙ୍କ ପୁଅର ବିବାହ ଭାଙ୍ଗି ଦେଉଛନ୍ତି । ସେପଟେ ବାତୁଆ ପାଣିରେ ଗାଧୋଇ ସାରିଥିବା ମାମୁନିଙ୍କୁ ନିଜ ଭଣଜା ଅମିତଙ୍କ ସହ ବିବାହ କରୁଛନ୍ତି । ପୁଅ ଡ୍ୟାନି ଓ ମାମାଙ୍କ ସହ ବିବାହ କରାଇ ଘରକୁ ନେଉଛନ୍ତି । ଡ୍ୟାନି ତାଙ୍କ ପତ୍ନୀ ମାମାଙ୍କୁ ଅତ୍ୟାଚାର ବେଳେ ମାମୁନି ମଧ୍ୟ ତାଙ୍କ ପତି ଅମିତଙ୍କୁ ମଧ୍ୟ ଭଲ ପାଉନାହାନ୍ତି । ହେଲେ ବିଧାତାର ନିଷ୍ପତ୍ତି ଆଗରେ କୁ ସବୁକିଛି ତୁଚ୍ଛ ହୋଇଯାଏ । ଶେଷ ଭାଗରେ ଡ୍ୟାନି ଓ ମାମୁନି ନିଜ ନିଜ ଭୁଲ୍ ବୁଝିପାରିଛନ୍ତି । ଉଭୟ ପରସ୍ପରର ପତି ଓ ପତ୍ନୀଙ୍କୁ ସ୍ୱୀକାର କରୁଛନ୍ତି ।

## ଦର୍ଶକମାନେ ଭଲ ନାଟକ ଖୋଜିଲେଣି

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଖଳନାୟକ ବିମଳଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର ।**



**କେବେ ଓ କିପରି ଯାତ୍ରା ଜଗତକୁ ଆସିଲେ?**

ଉ- ପ୍ରାୟ ୨୧ ବର୍ଷ ପୂର୍ବେ ଯାତ୍ରାକୁ ଆସିଥିଲି । ଗାଁ ଡ୍ରାମାରେ ଅଭିନୟ କରୁଥିବା ବେଳେ ଚିତ୍ରାଳୟ ମାଲିକ ଦେଖିଥିଲେ । ସେହି ସମୟରେ ଗୋଟିଏ ପାର୍ଟି କଳାକାର ଆବଶ୍ୟକ କରୁଥିଲା । ଚିତ୍ରାଳୟ ମାଲିକଙ୍କ କଥାରେ ମୋତେ ଯାତ୍ରା ପାର୍ଟିରେ କାମ କରିବାର ସୁଯୋଗ ମିଳିଲା । ସେବେଠାରୁ ଆଉ ପଛକୁ ଫେରି ନାହିଁ ।

**ଖଣ୍ଡଗିରିକୁ ନେଇ କ'ଣ କହିବେ?**

ଉ- ଖଣ୍ଡଗିରି ଯାତ୍ରା ସବୁବେଳେ ସ୍ୱତନ୍ତ୍ର । ନାମୀଦାମୀ ପାର୍ଟି ସାଙ୍ଗକୁ ଅଗଣିତ ଯାତ୍ରାପ୍ରେମୀ ଏଠାକୁ ଆସନ୍ତି । ରାଜ୍ୟ ବାହାରର ଦର୍ଶକ ମଧ୍ୟ ନାଟକ ଦେଖନ୍ତି । ଆମେ ଅଭିନୟ ମାଧ୍ୟମରେ କିପରି ଆମର ବେଷ୍ଟ ଦେବୁ, ସେନେଇ ପ୍ରସ୍ତୁତ ରହୁ । ପୂର୍ବାପେକ୍ଷା ପ୍ରଚାର ପ୍ରସାର ବଢ଼ିଛି ।

**ଦର୍ଶକଙ୍କ ମଧ୍ୟରେ କିଛି ପରିବର୍ତ୍ତନ ହୋଇଛି କି?**

ଉ- ସୋସିଆଲ ମିଡିଆର ବହୁଳ ବ୍ୟବହାର ନାଟକ ଉପରେ କୁପ୍ରଭାବ ପକାଉଛି । ଦର୍ଶକମାନେ ନାଟକ ଦେଖିବା ପୂର୍ବରୁ ଛୋଟ ଛୋଟ ଭାଇରାଲ ଭିଡିଓ ଦେଖି ଭଲ ମନ୍ଦ ବିଚାର କରି ଦେଉଛନ୍ତି । ପୂର୍ବରୁ ଏପରି ହେଉ ନ ଥିଲା । ମଝିରେ କିଛି ଦର୍ଶକ ଅଶ୍ଲୀଳତା ମୁହାଁ ହୋଇଥିଲେ । ଏବେ ସେମାନଙ୍କ ରୁଚି ବଦଳିଛି । ଧୀରେଧୀରେ ଦର୍ଶକମାନେ ଭଲ ନାଟକ ଖୋଜିଲେଣି । ଏହା ନାଟକ ପାଇଁ ଶୁଭଙ୍କର ।

**ଖଳନାୟକ ଚରିତ୍ରକୁ କାହିଁକି ବାଛିଲେ?**

ଉ- ପ୍ରଥମେ ଆଣ୍ଟି ହିରୋ ଭୂମିକାରେ ଅଭିନୟ କରିଥିଲି । ସେତେବେଳେ ଯିଏ ଖଳନାୟକ ହୋଇଥିଲେ ତାଙ୍କର ଅସୁବିଧା ହେବାରୁ ମାଲିକ ମୋତେ ସେହି ଚରିତ୍ରରେ ଅଭିନୟ କରିବାକୁ କହିଲେ । ଅଚାନକ ମିଳିଥିବା ସୁଯୋଗ ମୋତେ ଖଳନାୟକ ବନାଇ ଦେଲା । ସେବେଠାରୁ ମୋତେ ଖଳନାୟକ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ମିଳିଲା ।

**ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ରହିଛି କି?**

ଉ- ଯାତ୍ରା ହେଉଛି ବହୁ ପୁରୁଣା ପରମ୍ପରା । ଏହା ରିଅଲ୍ ଶୋ, ଯେଉଁଥିରେ କୌଣସି ଦୃଶ୍ୟ କଟ୍ ହୋଇ ପାରେନାହିଁ । ଆମେ ସେଭଳି କିଛି କରିବାନି, ଯାହା ଦ୍ୱାରା ପରିବାର ନେଇ ଆସିଥିବା ଦର୍ଶକଙ୍କ ମୁଣ୍ଡ ତଳକୁ ହୋଇଯିବ । ଯଦିଓ ଅଳ୍ପ ବହୁତ ନଗ୍ନତା ଅଛି, କିନ୍ତୁ ତା ବୋଲି ନୁହେଁ ଦେହରୁ କପଡ଼ା ଖୋଲିକି କାମ କରିବା । କେବଳ ଯାତ୍ରା ନୁହେଁ, କେଉଁଠାରେ ବି ଅଶ୍ଳୀଳତା ରହିବା କଥା ନୁହେଁ ।

**ତାହାଲେ ଯାତ୍ରାକୁ ଅଶ୍ଳୀଳତା ଆସିଲା କେମିତି?**

ଉ- ଯେମିତି ୨-ଜି, ୩-ଜି ଓ ୪-ଜି ପରେ ୫-ଜି ଯୁଗ ଆସି ପହଞ୍ଚିଛି । ସେହିଭଳି ଲୋକମାନେ ଧୀରେଧୀରେ ପୁରୁଣା କଥାକୁ ଭୁଲି ଅଶ୍ଳୀଳତା ଆଡ଼କୁ ମୁହାଁଉଛନ୍ତି । ବ୍ୟବସାୟିକ ଫାଇଦା ପାଇଁ କିଛି କମିଟି ଅଶ୍ଳୀଳତାକୁ ପ୍ରବେଶ କରାଇଥିଲେ । ଏବେ ସେଥିରେ ପରିବର୍ତ୍ତନ ଆସିଲାଣି ।

**ନାଟକରେ କଣ ପରିବର୍ତ୍ତନ ଆବଶ୍ୟକତା ରହିଛି?**

ଉ- ଦର୍ଶକଙ୍କ ରୁଚି ଅନୁସାରେ ନାଟକ ଯୁଗୋପଯୋଗୀ ହେବା ଦରକାର । କୌଣସି କଳାକାରକୁ ନେଇ ନାଟକ ଲେଖିବା ଭୁଲ୍ । ଲେଖକ ଓ ନିର୍ଦ୍ଦେଶକଙ୍କୁ ସ୍ୱାଧୀନତା ମିଳିବା ଆବଶ୍ୟକ । ତାଙ୍କୁ ବାଧା ଦେଲେ ନାଟକ ଭଲ ହେବ ନାହିଁ । କଳାକାରକୁ ନେଇ ନାଟକ ନୁହେଁ, ନାଟକକୁ ନେଇ କଳାକାର ଅଭିନୟ କରିବା ଦରକାର ।

**ଏବେ ନାଟକ ଏକପାଖିଆ ହୋଇଯାଇଛି କି?**

ଉ- ହଁ, କିଛିମାତ୍ରାରେ ନାଟକ ଏକପାଖିଆ ହୋଇଛି । ଯେଉଁମାନେ ପ୍ରକୃତରେ ଯୋଗ୍ୟ ସେମାନଙ୍କୁ କମ୍ ଓ ଯିଏ ପାରୁନାହାନ୍ତି ତାଙ୍କୁ ଅଧିକ କାମ ଦିଆଯାଉଛି । ଦର୍ଶକ ଜଣେ ପୁରୁଣା କଳାକାରକୁ ଦେଖିବାକୁ ଆସିଛନ୍ତି, କିନ୍ତୁ ନାଟକରେ ତାଙ୍କ ଭୂମିକାକୁ ସଂକୀର୍ଣ୍ଣ କରାଯାଉଛି । ଫଳରେ ଦର୍ଶକଟିଏ ମୁହଁ ଫେରାଉଛି । ଏଥିପାଇଁ ସମସ୍ତେ ଅଳ୍ପବହୁତେ ଦାୟୀ ।

**ପାରିବାରିକ ଜୀବନରେ ଯାତ୍ରା କିଛି ପ୍ରଭାବ ପକାଇଛି କି?**

ଉ- ସାଧାରଣ ଜୀବନ ଆଉ ଯାତ୍ରା କଳାକାରଙ୍କ ଜୀବନରେ ଆକାଶ ପାତାଳ ଫରକ । କେହି ମଲେ କି କୌଣସି କାମରେ ଆପଣ ଚାହିଁକି ବି ଯାଇପାରିବେ ନାହିଁ । ମୋ ବିବାହ ସ୍ଥିର ହୋଇ ସାରିଥିଲା, କିନ୍ତୁ ଛୁଟି ମିଳିନଥିଲା । ମଙ୍ଗନ ଦିନ ଯାଇ ତା' ପରଦିନ ବିବାହ କରିଥିଲି ।

# ଦୁଇଟି ଧୁନି ମଣ୍ଡପ ପୂର୍ଣ୍ଣାହୁତି

ଭୁବନେଶ୍ୱର, ୨।୨(ସମିସ): ଆଧ୍ୟାତ୍ମିକ ସଂଗଠନ ଆମ ପରିବାର ଓ ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶେଷଦିନ ଦୁଇଟି ଧୁନି ମଣ୍ଡପ ପୂର୍ଣ୍ଣାହୁତି ସମାପନ ହୋଇଥିଲା ।

ଏହି ଅବସରରେ ସାଧୁସନ୍ଥଙ୍କୁ ସେବା ଉଦ୍ଦେଶ୍ୟରେ ଉତ୍ତରୀୟ, ଅନ୍ନଦାନ ଓ କିଛି ଦକ୍ଷିଣା ଦେଇ ସେବା ଯୋଗାଇଥିଲେ ସଂଗଠନ । ପକ୍ଷୀ ଉଡ଼ାଇ ପ୍ରାମାଣିକ ଚଳଚିତ୍ର ରାମରାଜ୍ୟର ଶୁଭାରମ୍ଭ କରାଯାଇଥିଲା । ଅତିଥିମାନଙ୍କ ଭିତରେ କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନାଗାବାବା ଶିବାନନ୍ଦଗିରି ମହାରାଜ, ଛୁଆ ବାବା, କୃଷ୍ଣ ବାବା, ଚଗଲା ବାବା, ଟିକିବାବା, ମହିଳା ଉଦ୍ୟୋଗୀ ସୃଷ୍ଟି ସୌମେନ, ସମାଜସେବୀ ସିପ୍ରା ହୀରା, ଛୁଆ ବାବା, ପୂର୍ବତନ କର୍ପୋରେଟର ଅଶୋକ ସିଂହ, ଅବସରପ୍ରାପ୍ତ ଫ୍ଲାଇଙ୍ଗ ଅଧିକାରୀ ପରେସ ଚନ୍ଦ୍ର ମଙ୍ଗରାଜ, ମହାକାଳ ସେବକ ମାନସ ସାହୁ, ସଦାବାବା, ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହ, ଅନୁପମା ଦାସ, ଆମ ପରିବାର ମୁଖ୍ୟ ସତ୍ୟବ୍ରତ ଜେନା, ଡ଼. ଜ୍ଞାନେନ୍ଦ୍ର ପଲାଇ, ମାନି ପଣ୍ଡା, ଜଗବନ୍ଧୁ ପଣ୍ଡା, ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ସମାଜସେବୀ ପ୍ରତାପ ସାହୁ, ସାମାଜିକ ଯୁବ ସଂଗଠନ ସଭାପତି ଚିତ୍ତରଞ୍ଜନ ଦାଶ, ଭକ୍ତ ବାବା, ବାବୁ ବାବା ସରକାର, ରୋହିତ ନାୟକ, ସହଦେବ ମହାରଣା, ମାନସ ରଞ୍ଜନ ସାହୁ, ରାଜଧାନୀ ସେବାସଙ୍ଘ ସଭାପତି ଧୀରେନ ଶଙ୍କର ଦାସ, ଦେବପ୍ରସାଦ ମେର୍କାପ, ପ୍ରଦୀପ ପୃଷ୍ଟି, ରଞ୍ଜନ ପ୍ରଧାନ, ଆମ ପରିବାର ମୁଖ୍ୟ ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଓଡ଼ିଶା ସମାଜସେବୀ ମହାସଂଘ ସଭାପତି ବାପୁ ଓଝା । କୁମ୍ଭମେଳାରେ ବିଶ୍ୱକଲ୍ୟାଣ ପାଇଁ ଅଖଣ୍ଡ ଦିବ୍ୟଦୀପ ଜଳାଇ ଥିଲା ସଂଗଠନ । ନ ଦିନ ଧରି ବିଭିନ୍ନ ସାମାଜିକ ସେବା ଯୋଗାଇ ବେଶ ପ୍ରଶଂସା ସାଉଁଟିଥିଲା ସଂଗଠନ ।




## ଦକ୍ଷିଣା ପାଇଲେନି ୧୫୦ ସନ୍ନ୍ୟାସୀ

ଭୁବନେଶ୍ୱର, ୨।୨(ସମିସ): ଖଣ୍ଡଗିରି କୁମ୍ଭମେଳାରେ ଦେଢ଼ଶହରୁ ଅଧିକ ସନ୍ନ୍ୟାସୀଙ୍କୁ ଦକ୍ଷିଣା ନ ଦେବା ହେତୁ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଭୁବନେଶ୍ୱର, ଓଡ଼ିଶା ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି । ସଞ୍ଚାଳକ ବାବା ଚନ୍ଦନ ଦାସ ସାଧୁ ସନ୍ଥମାନଙ୍କୁ କିଛି ଦକ୍ଷିଣା ଦେଇ କ୍ଷମା ପ୍ରାର୍ଥନା ଭିକ୍ଷା କରିଛନ୍ତି । ଏ ସମ୍ବନ୍ଧରେ ଖଣ୍ଡଗିରି କୁମ୍ଭମେଳାର ଆବାହକ ବାବା ପାଞ୍ଚଦେବ ଏ ସମ୍ବନ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧୁସନ୍ଥମାନେ ଦାବି କରିଥିଲେ । ପରିଶେଷରେ ବାବା ବାବୁଲି ଦାସ ବାବା ସ୍ୱାମୀ ଆନନ୍ଦ ରାଜ କହିଥିଲି କିଏ ସରକାର ଠୁ ପଇସା କିଏ ଆଣିଛି ତା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ନବା ଦାବି କରିଥିଲେ ।

### ଚତୁର୍ଥ ତୋଷାଳୀ ସାହିତ୍ୟ ଉତ୍ସବ

# ରବିନ୍ ଏସ୍. ଙ୍ଗାଙ୍ଗୋମ୍‌ଙ୍କୁ 'ଜୟନ୍ତ ମହାପାତ୍ର ଜାତୀୟ ପୁରସ୍କାର'

ଭୁବନେଶ୍ୱର, ୨।୨(ସମିସ): ଉଦୟଗିରି ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଚତୁର୍ଥ ତୋଷାଳୀ ସାହିତ୍ୟ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ପ୍ରସିଦ୍ଧ କବି ରବିନ୍ ଏସ୍. ଙ୍ଗାଙ୍ଗୋମ୍‌ଙ୍କୁ




'ଜୟନ୍ତ ମହାପାତ୍ର ଜାତୀୟ ପୁରସ୍କାର-୨୦୨୬' ପ୍ରଦାନ କରାଯାଇଛି । ଭାରତୀୟ ଇଂରାଜୀ କବିତାରେ ତାଙ୍କର ଅସାଧାରଣ ଯୋଗଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଡ. ପ୍ରତିଭା ରାୟ, ହରପ୍ରସାଦ ଦାସ, ଡ. କେ.ଭି. ଡୋମିନିକ୍, ଡ. ଚନ୍ଦ୍ରଶେଖର ହୋତା, ପ୍ରଫେସର ମଜରୁହ ରଶିଦ ପ୍ରମୁଖ ଥିଲେ । ଉଦଘାଟନୀ ଉତ୍ସବର ପ୍ରାରମ୍ଭରେ ଉତ୍ସବ ନିର୍ଦ୍ଦେଶକ ପରେଶ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଦୟଗିରି ଫାଉଣ୍ଡେସନ୍ ସଭାପତି ଜୟ ଜଗଦେବ ଫାଉଣ୍ଡେସନ୍‌ର ଓଡ଼ିଆ ସାହିତ୍ୟକୁ ସର୍ବଭାରତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର କରିବାର ପ୍ରତିବଦ୍ଧତା ଉପରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ତୋଷାଳୀ ଆନ୍ଥୋଲୋଜି ଅଫ୍ ପୋଏଟ୍ରି ସହି ଦିବ୍ୟା କେ. ଉନ୍ନିଙ୍କ 'ଅନ୍‌ବ୍ରିଡଲ୍ଡ୍', ଡ. ଶ୍ୱେତା କୁମାରୀଙ୍କ 'ହୋୟାର୍ ପିସ୍ ବିଗିନ୍ସ୍', ବ୍ରଜ କୁମାର ସରକାରଙ୍କ 'ଦୁର୍ଗାପୁର ରିଭ୍ୟୁ', ମନୋରଞ୍ଜନ ସାହୁଙ୍କ 'ଦି ସ୍ନେକ୍ ଆଣ୍ଡ ଲାଡର୍ ଗେମ୍' ଏବଂ ସମ୍ବିତ ଦାଶଙ୍କ 'ଆର୍କିଟେକ୍ଟ୍ସ ଅଫ୍ ଓଡ଼ିଶା: ଏନ୍‌ଆର୍‌ଆଇ'ଜ୍ ପର୍ସପେକ୍ଟିଭ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉତ୍ସବର ଦ୍ୱିତୀୟ ଦିନରେ ଜୟନ୍ତ ମହାପାତ୍ରଙ୍କ ଜୀବନ ଓ ସମୟ ଉପରେ ଏକ ବିଶେଷ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଉତ୍ସବରେ ଜଳବାୟୁ ପରିବର୍ତ୍ତନ ଓ ସାହିତ୍ୟ, ଲିଙ୍ଗ ଓ ସାହିତ୍ୟ, ସମକାଳୀନ କଥାସାହିତ୍ୟରେ ନାରୀବାଦ, ଶିଶୁ ସାହିତ୍ୟ, ସାହିତ୍ୟ ଓ ସୋସିଆଲ ମିଡ଼ିଆ, କବିତା ଓ ଏଆଇ କବିତା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହାପରେ ଯୁବ ଲେଖକଙ୍କ କବିତା ପାଠ ଓ ବହୁଭାଷିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡ. ଆଦ୍ୟାସା ଦାସ, ବିନୀତା ଅଗ୍ରୱାଲ, ଡ. ଅରବିନ୍ଦ ବେହେରାଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ କବି, ଲେଖକ ଓ ସାହିତ୍ୟିକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ତନ୍ୟା ମଲ୍ଲିକ ପରିଚାଳନା କରିଥିବା ବେଳେ କବି ପ୍ରଦୀପ ବିଶ୍ୱାଳ ସଂଯୋଜନା କରିଥିଲେ ।

# ବଢୁଛି ଥାଇଲାଣ୍ଡ ତେନ୍ତୁଳିର ଚାହିଦା

ଭୁବନେଶ୍ୱର, ୨।୨(ସମିସ): ମନ୍ଦିର ମାଳିନୀ ସହରକୁ ଦେଶ ବିଦେଶରୁ ଅନେକ ନାଗରିକ ଆସୁଛନ୍ତି । ଏହି ବିଦେଶୀ ନାଗରିକଙ୍କ ରୁଚି କ୍ରମରେ ସ୍ମାର୍ଟସିଟିରେ ଏବେ ବିଦେଶୀ ଫଳ, ଖାଦ୍ୟ, ପ୍ରସାଧନ ସାମଗ୍ରୀ ଆଦି ଦେଖିବାକୁ ମିଳୁଛି । ସହରର ବିଭିନ୍ନ ତାରକା ହୋଟେଲ୍‌ରେ ରହୁଥିବା ବିଦେଶୀମାନେ ତାଙ୍କ ଦେଶର ଆଚାର ଖାଇବା ପାଇଁ ଇଚ୍ଛା ପ୍ରକାଶ କରୁଥିବାରୁ ଫଳ ଦୋକାନରେ ଥାଇଲାଣ୍ଡର ତେନ୍ତୁଳି ବିକ୍ରି ବୃଦ୍ଧି ପାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସହରର ଅନେକ ଯୁବପିଢ଼ିଙ୍କ ସମେତ ଅନେକ ଲୋକମାନେ ମଧ୍ୟ ଦୀର୍ଘଦିନ ବିଦେଶରେ ରହିବା ପରେ ସେମାନେ ଓଡ଼ିଶାକୁ ଫେରି ଆସୁଛନ୍ତି । କିନ୍ତୁ ସେଠାକାର ଖାଦ୍ୟପେୟ ସହ ଏତେ ମାତ୍ରରେ ଅଭ୍ୟସ୍ତ ହୋଇ ଯାଉଛନ୍ତି ଯେ, ସେହି କ୍ରମରେ ବିଦେଶୀ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି । ଯାହାଦ୍ୱାରା ରାଜଧାନୀରେ ବିଦେଶୀ ଫଳ ଏବଂ ପନିପରିବା ସହ ଏବେ ଆଚାର ଭାବେ ତେନ୍ତୁଳି ବିକ୍ରି ହେଉଛି ।

ରାଜଧାନୀର ରାସ୍ତାକଡ଼ରୁ ନେଇ ବଜାର ହାଟରେ ଫଳ ଦୋକାନ ଛତୁ ଫୁଟିଲା ଭଳି ଖୋଲିଥିବାର ଦେଖିବାକୁ ମିଳୁଛି । ଏହି ଫଳ ଦୋକାନମାନଙ୍କରେ ବିଭିନ୍ନ ପ୍ରକାରର ଦେଶୀ ଫଳ ରହିବା ସହ ବିଦେଶୀ ଫଳ ମଧ୍ୟ ରହୁଛି । ଏଥିସହିତ ଆଚାର ପାଇଁ ବିଦେଶୀ ତେନ୍ତୁଳି ଏବେ ମଧ୍ୟ ବିକ୍ରି ହେଉଛି । ଯାହାଦ୍ୱାରା ଥାଇଲାଣ୍ଡରୁ ଆସୁଥିବା ତେନ୍ତୁଳିକୁ କିଣିବା ପାଇଁ ଏବେ ଲୋକମାନେ ମନ ବଳାଉଛନ୍ତି । ଏହି ତେନ୍ତୁଳିର ମୂଲ୍ୟ କେଜି ପ୍ରତି ୬ଶହ ଟଙ୍କା ରହୁଛି । ଏହି ତେନ୍ତୁଳି ସମ୍ପୂର୍ଣ୍ଣ ଭାବରେ ମିଠା ରହୁଥିବାରୁ ଏହାକୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି ।




ଅପରପକ୍ଷେ ଏନେଇ ରାଜମହଲରୁ କଳ୍ପନା ରାସ୍ତାରେ ଫଳ ଦୋକାନ କରିଥିବା ରାଜ କିଶୋର ସାହୁ କୁହନ୍ତି ଦେଶୀ ତେନ୍ତୁଳି ଖଟା ରହିଥାଏ । ହେଲେ ଥାଇଲାଣ୍ଡ ତେନ୍ତୁଳି ପୂରା ମିଠା ରହୁଛି ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ତେନ୍ତୁଳି କୁ ନେଇ ଲୋକମାନେ ଭାବନ୍ତି ଯେ ବାହର ଦେଶର ତେନ୍ତୁଳି ଭଲ ହୋଇଥିବ । ବାହାର ଦେଶର ତେନ୍ତୁଳି ଯେମିତି ଆମ ଏଠାକାର ତେନ୍ତୁଳି ମଧ୍ୟ ସେମିତି । ହେଲେ ଫରକ୍ ଏତିକି ଯେ ବାହାର ତେନ୍ତୁଳି ମିଠା ଓ ଦେଶୀ ତେନ୍ତୁଳି ଖଟା ହୋଇଥାଏ ବୋଲି ସେ କହିଛନ୍ତି ।



ଅକ୍ଷମ ହେଲେ ବି ସେମାନେ ସ୍ୱାବଲମ୍ବୀ

# ରୋଜଗାର ଦେଇଛି ପାଉଁରୁଟି, ମାଣ୍ଡିଆ ବିସ୍କୁଟ

ଭୁବନେଶ୍ୱର, ୨।୨(ସମିସ): ଅକ୍ଷମ ହେଲେ ମଧ୍ୟ ସେମାନେ ସାଧାରଣ ଲୋକଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। କଥା କହିବା କେତେକଙ୍କ ପକ୍ଷେ ସମ୍ଭବ ନୁହେଁ, ଠିକ୍ ସେମିତି ଅଧିକାଂଶ ପିଲା କୌଣସି କଥା ବୁଝି ନ ପାରି ମଧ୍ୟ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ନିଜର ଅନ୍ତର୍ନିହିତ କଳାକୁ ପ୍ରଦର୍ଶନ କରି ନିଜର ଦକ୍ଷତାକୁ ପ୍ରତିପାଦିତ କରିଛନ୍ତି। ପାଉଁରୁଟି, କେକ୍, ବିସ୍କୁଟ ଆଦି ବେକରୀ ଆଇଟମ୍ ତିଆରି କରି ରୋଜଗାରକ୍ଷମ ହୋଇଛନ୍ତି ୩୦ରୁ ଊର୍ଦ୍ଧ୍ୱ ମାନସିକ ବିକାରଗ୍ରସ୍ତ ପିଲା। ଯାହା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଉଦାହରଣ ସୃଷ୍ଟି କରିଛି।

ସ୍ଥାନୀୟ ଗଜପତିନଗରେ ଥିବା ଧନ୍ଦାମୂଳକ ଏବଂ ଥଇଥାନ କେନ୍ଦ୍ର (ଓଏଲ୍‌ଏସ୍-ଓପନ୍ ଲର୍ଣ୍ଣିଂ ସିଷ୍ଟମ୍)ରେ ରହୁଛନ୍ତି ବାପା ମା' ଛେଉଣ୍ଡ ମାନସିକ ଅନଗ୍ରସର ପିଲାମାନେ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପରିବାର ଲୋକେ ମଧ୍ୟ ଏଠାରେ ପିଲାମାନଙ୍କୁ ଛାଡ଼ି ଦେଇଛନ୍ତି। ୨ବର୍ଷ ବୟସରୁ ଆରମ୍ଭ କରି ୩୫ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲାମାନେ ଏଠାରେ ରହୁଛନ୍ତି। ସେମାନେ ସାଙ୍କେତିକ ଭାଷା ବ୍ୟବହାର କରି ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରିଥାନ୍ତି। ହେଲେ ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଅନ୍ୟ ଉପରେ ନିର୍ଭର କରୁଥିବା ଏହି ପିଲାମାନେ ଯେ, ଦିନେ ନିଜ ଆଗ୍ରହ ଓ ବୁଦ୍ଧି ବଳରେ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା କେହି ଭାବି ନଥିଲେ। ହେଲେ ଏହାକୁ ବାସ୍ତବରେ ପରିଣତ କରିଛନ୍ତି ଦୁନିଆ ବିଷୟରେ କିଛି ଜାଣି ନ ଥିବା ଏହି ପିଲାମାନେ। ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଭଳି କି ଭଳି ବେକରି ଆଇଟମ୍ ତିଆରି କରିବାର ପ୍ରଶିକ୍ଷଣ ନେଇ ପିଲାମାନେ ବେଶ୍ ଖୁସିର ଏହାକୁ ତିଆରି କରୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ପ୍ରାୟ ଦେଢ଼ରୁ ୨ଘଣ୍ଟା ଧରି ପିଲାମାନେ ପାଉଁରୁଟି, କେକ୍, ମାଣ୍ଡିଆ କେକ୍, କୁକିଜ୍, ବିସ୍କୁଟ୍ ଆଦି ତିଆରି କରୁଛନ୍ତି। ଦିନକୁ ପ୍ରାୟ ୫୦ରୁ ଅଧିକ ପ୍ୟାକେଟ୍ ବିଭିନ୍ନ କୁକିଜ୍ ତିଆରି କରୁଥିବା ବେଳେ ଏହାକୁ ବଜାରରେ ବିକ୍ରି କରାଯାଉଛି। ଏହାର ଦାମ୍ ୧୦ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏହି ସବୁ ଖାଦ୍ୟ ସାମଗ୍ରୀ ତିଆରି କରିବା ସମୟରେ ପିଲାମାନେ ପରିଚ୍ଛନ୍ନତା ପାଇଁ ହାତରେ ଗ୍ଲୋବସ୍, ମୁଣ୍ଡରେ କ୍ୟାପ୍ ଓ ଆପ୍ରୋନ୍ ବ୍ୟବହାର କରିଥାନ୍ତି। ଏଥିପାଇଁ ପ୍ରତ୍ୟେକ ପିଲାମାନଙ୍କ ପାରିଶ୍ରମିକ ସେମାନଙ୍କୁ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଯାଉଛି। ଏହାଦ୍ୱାରା ପିଲାମାନେ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସୂଚନା ଅନୁସାରେ, ପ୍ରାୟ ୩୦ବର୍ଷ ହେବ କସ୍ତୁରୀ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ଚାଇଲଡସ୍ ହୋମ୍ ଜରିଆରେ ମାନସିକ ଅନଗ୍ରସର ପିଲାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। କେବେଳ ଖାଦ୍ୟ ସାମଗ୍ରୀ ନୁହେଁ, ବିଭିନ୍ନ ପର୍ବପର୍ବାଣୀରେ ଏହି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ କ୍ରାଫ୍ଟ ଉଭୟ ଅନଲାଇନ୍ ଓ ଅଫଲାଇନ୍‌ରେ ବିକ୍ରି କରାଯାଉଛି।




## ବିଆଇଆଇଟିଏମ୍‌ରେ ବି-ଫେଷ୍ଟ 'ଭାଇବ୍ରାନ୍ସ'




ଭୁବନେଶ୍ୱର, ୨।୨(ସମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ପକ୍ଷରୁ ବି-ଫେଷ୍ଟ ୨୦୨୬ 'ଭାଇବ୍ରାନ୍ସ' ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତ୍ୟାଧୁନିକ ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ଦିଆଯାଉଥିବା ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ସାଇଶୁପଥର ସିଇଓ ବିକେ ଥମ୍ପସନ୍ ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଓଜେଇଇ ଅଧ୍ୟକ୍ଷ ପ୍ରଫେସର ଏଲ୍‌ଏନ୍ ପଣ୍ଡା ଯୋଗଦେଇ ଶିଳ୍ପ ଜଗତର ଅନୁଭବ ବାଣ୍ଟିବା ସହ ନିରନ୍ତର ଉଦ୍ୟମ କରି ସଫଳତା ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଏକାଡେମିକ୍ ଡିନ୍ ଡ. ଚିନ୍ମୟ କୁମାର ଦାଶ ଛାତ୍ରଛାତ୍ରୀଙ୍କର ପରିଚାଳନା କୌଶଳ, ନେତୃତ୍ୱ ଓ ବୃତ୍ତିଗତ ଦକ୍ଷତା ବିକାଶରେ ଏହି କାର୍ଯ୍ୟକ୍ରମ ସହଯୋଗୀ ହେବ ବୋଲି କହିଛନ୍ତି। ପ୍ରଫେସର କେ. ଚନ୍ଦ୍ରଶେଖର ଶୃଙ୍ଖଳା ଓ ଦାୟିତ୍ୱବୋଧ ସହ ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଶେଷରେ ପ୍ରଫେସର ଇଂ. ପିଆର୍ ପଟ୍ଟନାୟକଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ନିସ୍ ପ୍ରତିଷ୍ଠାତା ସମ୍ପାଦକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ'



ଭୁବନେଶ୍ୱର/ବଡ଼ରଘୁନାଥପୁର, ୨।୨(ସମିସ): ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଉତ୍କର୍ଷ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ସାହିତ୍ୟରେ ଉତ୍କର୍ଷ ଲାଭ କରିଥିବା ୩୦ ଜଣଙ୍କୁ ସମ୍ମାନୀତ କରାଯାଇଥିବାବେଳେ ତନ୍ମଧ୍ୟର ଡ. ନାଏକ ସ୍ଥାନ ପାଇଛନ୍ତି। ଅତିଥି ଭାବେ ବିଧାୟକ ବାବୁସିଂ ଓ ଆକାଶ ଦାସ ନାୟକ ପ୍ରମୁଖ ଯୋଗଦେଇ ତାଙ୍କୁ ସମ୍ମାନୀତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଓଡ଼ିଶାର ବିକାଶକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉପସ୍ଥାପନା କରିବା ଲକ୍ଷ୍ୟରେ ଉତ୍କର୍ଷ ଓଡ଼ିଶାର ଏକ ନୂତନ ୱେବ୍ ଚ୍ୟାନେଲ୍ ଆରମ୍ଭ କରାଯାଇଛି। ଏହି ପୁରସ୍କାରକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କୁ ସମର୍ପିତ କରିବା ସହ ଆୟୋଜକଙ୍କୁ ଡ. ନାଏକ କୃତଜ୍ଞତା ଜଣାଇଛନ୍ତି।

## ନାଇଜେରିଆରେ ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଂସ୍କୃତିକ ଉତ୍ସବ



ଭୁବନେଶ୍ୱର, ୨।୨(ସମିସ): ନାଇଜେରିଆର ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଧାରଣ ସଭା ସହିତ ସାଂସ୍କୃତିକ ଉତ୍ସବ ଲାଗୋସଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଆ ରଚନା, ବକ୍ତୃତା, ସଙ୍ଗୀତ, ନୃତ୍ୟ, କୁଇଜ୍, ଖେଳକୁଦ ଆଦି ପ୍ରତିଯୋଗିତାରେ କୃତି ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସତ୍ୟନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଶ୍ୱରଞ୍ଜନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତର କନ୍‌ସୁଲେଟ ଜେନେରାଲ କାନନ ଚୋକୋଲିଙ୍ଗମ, ଚାନଚେରୀର ମୁଖ୍ୟ ଏନ ମହେଶ ଯୋଗ ଦେଇଥିଲେ। ଶେଷରେ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପାତ୍ରପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨।୨(ସମିସ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ପାତ୍ରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ, ଟଙ୍କଧର ଚମ୍ପତି, ଗଗନବିହାରୀ ଦାଶ, ପଞ୍ଚସଖା ଶିକ୍ଷାସେତୁର ସଭାପତି ଜାନକୀବଲ୍ଲଭ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋନାଲି ଗୋଚ୍ଛାୟତ ଓ ସିଆର୍‌ସିସି ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଭିନବ ବିଦ୍ରା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମଧ୍ୟ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ୍ ଦେଇଥିଲେ।

## ହେଲ୍ପମେଟ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର, ୨।୨(ସମିସ): ବାଲିଅନ୍ତା ବ୍ଲକର ବୁଧିପଡ଼ା ୟୁପି ସ୍କୁଲ୍‌ଠାରେ ହେଲ୍ପମେଟ, ସନ ସାଇନ୍ ହସ୍ପିଟାଲ ଓ ଡ. ଅଗ୍ରୱାଲ ଚକ୍ଷୁ ଡାକ୍ତରଖାନାର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ, ହେଲ୍ପମେଟର ସମ୍ପାଦିକା ନିବେଦିତା ଭଞ୍ଜ, ୱାର୍ଡ଼ମେମ୍ବର ପ୍ରତାପ ଜେନା ଉଦଘାଟନ କରିଛନ୍ତି। ସନ୍‌ସାଇନ ହସ୍ପିଟାଲର ୟୁରୋଲୋଜି, ନ୍ୟୁରୋଲୋଜି, ମେଡିସିନ, ହୃଦରୋଗ ଆଦି ବିଭାଗର ଅଭିଜ୍ଞ ବିଶେଷଜ୍ଞଙ୍କ ଦ୍ୱାରା ପରାମର୍ଶ ସହ ବିଭିନ୍ନ ପରୀକ୍ଷା କରାଯାଇଥିଲା। ହେଲ୍ପମେଟର ସଦସ୍ୟ ଚମକ ଚାନ୍ଦିନୀ ଦାଶ, ସନ୍ଧ୍ୟା ପୃଷ୍ଟି, ଦୀପ୍ତି ପଟ୍ଟନାୟକ ଉପସ୍ଥିତିରହି ଦୈନନ୍ଦିନ ଜୀବନ ଶୈଳୀ ଉପରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ଶିବିରରେ ୧୩୭ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ବାଲିଅନ୍ତା ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

ବାଲିଅନ୍ତା, ୨।୨(ସମିସ): ବାଲିଅନ୍ତା ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ଜିଲ୍ଲା ପରିଷଦ ସଭ୍ୟ ଜୋନ ନଂ- ୧୬ ମହେଶ୍ୱର ଦାସ, ବାଲିଅନ୍ତା ଗ୍ରାମ ପଞ୍ଚାୟତର ସରପଞ୍ଚ କୃଷ୍ଣ କେଶବ ଆପଟ, ବାଲିଅନ୍ତା ଗ୍ରାମ ପଞ୍ଚାୟତର ସମିତି ସଭ୍ୟା କୁନିଲତା ପ୍ରଧାନ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୨ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୫ଟି, ଭତ୍ତା ସମ୍ବନ୍ଧୀୟ ୧ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୬ଟି ଅଭିଯୋଗ ହସ୍ତଗତ ହୋଇଥିଲା।

## ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ବିଶାଳ ପ୍ରଦର୍ଶନୀ

ଭୁବନେଶ୍ୱର, ୨।୨(ସମିସ): ଆତ୍ମନିର୍ଭରଶୀଳ ଓ ବିକଶିତ ଭାରତ ଦୃଷ୍ଟିକୋଣ ଅନୁଯାୟୀ, ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧୀନରେ ଟୁଲକିଟ୍ ଓ ଯନ୍ତ୍ରପାତି ବଣ୍ଟନ, ପ୍ରଧାନମନ୍ତ୍ରୀ ନିଯୁକ୍ତି ମିନି ସବସିଡି ବଣ୍ଟନ ହୋଇଛି। ଏଥିସହ ଏକ ଆଞ୍ଚଳିକସ୍ତରୀୟ ଖଦି ପ୍ରଦର୍ଶନୀ ଓ ଖଦି ଫେଶନ ଶୋ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଅଧ୍ୟକ୍ଷ ମନୋଜ କୁମାର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ସମେତ ଆୟୋଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଅଧ୍ୟକ୍ଷ ପିଏମଇଜିପି ଅଧୀନରେ ଆଦିବାସୀ ଓ ଉତ୍ତର ପୂର୍ବ ଅଞ୍ଚଳର ହିତାଧିକାରୀଙ୍କୁ ପ୍ରାୟ ୧୦.୯୧ କୋଟି ଟଙ୍କାର ମାର୍ଜିନ ମନି ସବସିଡି ବଣ୍ଟନ କରିଥିଲେ। ୨୦୨୫-୨୬ ବର୍ଷରେ ୫୪୯ ୯୫ ନୂତନ ୟୁନିଟ୍ ପାଇଁ ଏହି ପଦକ୍ଷେପ ମାଧ୍ୟମରେ ୬୦୪୯୪୫ ଜଣ ନିଯୁକ୍ତି ପାଇଛନ୍ତି। ଟୁଲକିଟ ବଣ୍ଟନ କାର୍ଯ୍ୟକ୍ରମରେ ୩୫୫ ଯନ୍ତ୍ରପାତି ଓ ଟୁଲକିଟ ବଣ୍ଟନ କରାଯାଇଛି। ଏନେଇ ମନୋଜ କୁମାର କହିଛନ୍ତି, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ନିଯୁକ୍ତିଦାତା ସୃଷ୍ଟି କରିବା ସହ ଭୋକାଲ ଫର ଲୋକାଲ ଟୁ ଗ୍ଲୋବାଲ ଦୃଷ୍ଟିକୋଣକୁ ସାକାର କରୁଛି। ସନ୍ଧ୍ୟାରେ ଆୟୋଜିତ ଖଦି ପ୍ରଦର୍ଶନୀକୁ ସେ ଉଦ୍‌ଘାଟନ କରିଥିଲେ। ଏଥିରେ ଶହେରୁ ଅଧିକ ଷ୍ଟଲ ଖୋଲିଛି। ରାଜ୍ୟରେ ଗତ ୫ ବର୍ଷରେ ଗ୍ରାମୋଦ୍ୟୋଗ ବିକାଶ ଯୋଜନାରେ ୪୯୫୨ ଜଣ କାରିଗରଙ୍କୁ ତାଲିମ ଓ ଟୁଲକିଟ ପ୍ରଦାନ କରାଯାଇଛି।



## ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଅନ୍ତା, ୨।୨(ସମିସ): ପ୍ରତପରୁଦ୍ରପୁରସ୍ଥିତ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରହରାଜ ସଭାପତିତ୍ୱ କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଣ୍ଡିତ ବ୍ରଜକିଶୋର ମହାନ୍ତି, ମାର୍କଫେଡ୍ ଅଧ୍ୟକ୍ଷ ସୁଶ୍ରୀ କବିତା ମଞ୍ଜରୀ ପରିଡ଼ା, ସରପଞ୍ଚ ଶ୍ରଦ୍ଧେୟ ପାତ୍ର, ସମିତି ସଭ୍ୟା ସୁଶ୍ରୀ ଉମାରାଣି ମହାନ୍ତି, ଆଲୁମିନି ସଭାପତି ଅଭିମନ୍ୟୁ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କାନ୍ତ ମିଶ୍ର, ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ଖଟୁଆ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ରୀମନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ବାର୍ଷିକ କର୍ମଶାଳା

ଭୁବନେଶ୍ୱର, ୨।୨(ସମିସ): ଭାରତୀୟ ଭ୍ରଷ୍ଟାଚାରର ନିବାରଣ ସଂସ୍ଥାର ରାଜ୍ୟ ଶାଖା ତରଫରୁ ଜୟଦେବ ଭବନଠାରେ ଅନୁଷ୍ଠାନର ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଡ. ଡିପି ଚୌଧୁରୀ ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇଥିଲେ। ଓଡ଼ିଶା ବାର୍ କାଉନସିଲର ଅଧ୍ୟକ୍ଷ ଶିତାଂସୁ ମୋହନ ଦ୍ୱିବେଦୀ, ଡା. ପ୍ରଭାସ ଆଶ୍ଚର୍ଯ୍ୟ ଓ ଡା. ବିପିନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାପତି ଡା. କିଶୋର ଚନ୍ଦ୍ର କର ସଭା ପରିଚାଳନା କରିଥିଲେ। ପ୍ରଶାସନିକ ସମ୍ପାଦକ ଅସିତ କୁମାର ମହାନ୍ତି ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ୧୦ ଜଣ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ବିପିନ ବିହାରୀ ନାୟକ, ଉପସଭାପତି ଡ. ଅଶୋକ ମହାପାତ୍ର, ସଂଯୋଜକ ସମ୍ପାଦକ ବିଶ୍ୱଜିତ କାନୁନଗୋ ସଭାପତି ଦ୍ୱାରିକାନାଥ ଶତପଥୀ ଉପସ୍ଥିତ ଥିଲେ।

## ମହୁରା ଜାଭିଅର୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

ଯାଁଳା, ୨।୨(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ମହୁରା ଠାରେ ଅବସ୍ଥିତ ଜାଭିଅର୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ମନୋଜ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଏବଂ ମୁଖ୍ୟବକ୍ତା ଭାବେ ପ୍ରଭାତ ମିଶ୍ର, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ଦାସ, ପଞ୍ଚପଲ୍ଲୀ ସରପଞ୍ଚ ବନଜା ଜେନା, ମୁଖ୍ୟ ସଂଯୋଜକ ରମା ବଲ୍ଲଭ ପରିଡ଼ା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ୧୫୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ସେହିପରି ୧୭ ଜଣ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ତପସ୍ୱିନୀ ପଟ୍ଟନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ ମହାରଣା।

## ଶ୍ରୀଧର ସ୍ୱାମୀଙ୍କ ଜନ୍ମ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର, ୨।୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶ୍ରୀଧର ସ୍ୱାମୀ ପ୍ରଚାର ସମିତିର ମିଳିତ ଆନୁକୂଲ୍ୟରେ ଏବଂ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ସହଯୋଗରେ ଜୟଦେବ ଭବନଠାରେ ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ପବିତ୍ର ୭୦୦ ତମ ଜନ୍ମ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି।

ସମାରୋହରେ ଅତିଥିଭାବେ ଶ୍ରୀଧାମ ବୃନ୍ଦାବନରୁ ସନ୍ନ୍ୟାସୀ ଦୀନବନ୍ଧୁ ଦାସ ମହାରାଜ, ପଦ୍ମଶ୍ରୀ ପଣ୍ଡିତ ଆନ୍ତର୍ଯ୍ୟାମୀ ମିଶ୍ର, ପୁରୀ ଶଙ୍କରାନନ୍ଦ ମଠର ପରିଚାଳନା ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସମାଜସେବୀ ତଥା ଗବେଷକ ପ୍ରବୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବୀଣାଭାରତୀ ବିଦ୍ୟାଳୟର ଛାତ୍ରୀମାନେ ଆବାହନୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀଧର ସ୍ୱାମୀ ପ୍ରଚାର ସମିତିର ସଂଯୋଜକ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ପ୍ରଚାର ସମିତିର ପରିଚାଳନା ନ୍ୟାସୀ ପ୍ରଦୀପ୍ତ କୁମାର ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା 'ସୁବାର୍ତ୍ତା'ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀଧର ସ୍ୱାମୀଜୀଙ୍କ ସମ୍ବନ୍ଧରେ ୱେବ୍‌ସାଇଟ ପ୍ରସ୍ତୁତ କରିବା, ତାଙ୍କ ନାମରେ ଏକ ଡାକଟିକଟ୍ ଉନ୍ମୋଚନ କରିବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସଭାପତି ବିଜୟ କୁମାର ମହାକୁଡ଼ ସଞ୍ଚାଳନ କରିଥିବା ବେଳେ ସ୍ମୃତି କମିଟିର ସମ୍ପାଦକ ହରେକୃଷ୍ଣ ପଣ୍ଡା ଧନ୍ୟବାଦର୍ପଣ କରିଥିଲେ। ଏହି ଅବସରରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଶ୍ରୀଧର ସ୍ୱାମୀ ସ୍ମୃତି ସେବା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା।

ଆମ ରାଜଧାନୀ ଆମ ଐତିହ୍ୟ

## ସପ୍ତମରୁ ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ଭୀମେଶ୍ୱର ମନ୍ଦିର



ଭୁବନେଶ୍ୱର, ୨।୨(ସମିସ): ଇତିହାସ ଆଉ କିମ୍ବଦନ୍ତୀରେ ଭରା ମନ୍ଦିରମାଳିନୀ ସହର ଭୁବନେଶ୍ୱର। ସହର ନୁହେଁ ତ ମନ୍ଦିରମାନଙ୍କର ପେଣ୍ଠସ୍ଥଳ। ଆଧ୍ୟାତ୍ମିକ ଚେତନାରେ ଭରପୁର ଏଇ ସହରର ପ୍ରତିଟି ଗଳିକନ୍ଦି। ସବୁଠି ଇତିହାସର ଛାପ। ପୁରାଣଠାରୁ ନେଇ ପ୍ରସ୍ତର ଯୁଗ ଯାଏଁର ଅକୁହା ଅଲିଭା ଦାଗ। ସେହି କ୍ରମରେ ପୁରୁଣା ଭୁବନେଶ୍ୱର ଭୀମେଶ୍ୱର ମନ୍ଦିର ଅନ୍ୟତମ।

ସାଂସ୍କୃତିକ ଏବଂ ଐତିହାସିକ ତଥ୍ୟ ଅନୁଯାୟୀ, ଭୀମଟାଙ୍ଗିରସ୍ଥିତ ଏହି ଭୀମେଶ୍ୱର ମନ୍ଦିରଟି ସପ୍ତମରୁ ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ହୋଇଥିବା ଜଣାଯାଏ। ଯାହା ବହୁ ପୁରାତନ ଶିବ ମନ୍ଦିର ବୋଲି ବିଶ୍ୱାସ ରହିଛି। ଇତିହାସ କୁହେ ଭୀମେଶ୍ୱର ମନ୍ଦିରଟି ମହାଭାରତର ପଞ୍ଚୁ ପାଣ୍ଡବ କିମ୍ବଦନ୍ତୀ ସହିତ ଜଡିତ। ବନବାସ ସମୟରେ ପାଞ୍ଚ ପାଣ୍ଡବ ଭାଇ ଏକଦା ଏକାମ୍ରକ୍ଷେତ୍ରରେ ଆସି ପହଁଚିଥିଲେ। ସେମାନେ ଯେଉଁଠି ରହି ଶିବଙ୍କୁ ଧ୍ୟାନ କରିଥିଲେ ତାକୁ ବର୍ତ୍ତମାନ ପଞ୍ଚୁ ପାଣ୍ଡବ ଗୁମ୍ଫା ଭାବେ ପରିଚିତ। ସେହି ସମୟରେ ଭୀମ ଥରେ ଜଙ୍ଗଲରେ ବିଚରଣ କରୁଥିବା ସମୟରେ ସୁନ୍ଦରପଦା ନିକଟ ଏକ ସ୍ଥାନରେ ତାଙ୍କ ପାଦଚିହ୍ନ ଛାଡି ଯାଇଥିଲେ। ସେହି ସ୍ଥାନକୁ ଐତିହ୍ୟ ପୁଷ୍କରିଣୀ ଭୀମ କୁଣ୍ଡ କୁହାଯାଏ। ଏହାସହ ଏଠାରେ ସେ ପଞ୍ଚୁ ପାଣ୍ଡବଙ୍କ ନାମରେ ପାଞ୍ଚଟି ଶିବ ଲିଙ୍ଗ ସ୍ଥାପନ କରିଥିଲେ। ଭୌମୀ ଏକାଦଶୀ ଦିନ ନିର୍ଜଳ ଉପବାସ କରି ମହାଦେବଙ୍କ ଦର୍ଶନ ପାଇଁ ସେ ଏଠାରେ ଧ୍ୟାନ କରିଥିଲେ। ତେଣୁ ଭୀମେଶ୍ୱରଙ୍କ ପ୍ରତିଷ୍ଠାପରେ ମହାପ୍ରଭୁ ଲିଙ୍ଗରାଜ ମାଘ ମାସରେ ଏଠାକୁ ଯାତ୍ରା କରିବାର ବିଧି ରହିଛି। ସେଥିପାଇଁ ଏଠାରେ ଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଏକ ବିଜେସ୍ଥଳି ବା ପୀଠ ରହିଛି। ମନ୍ଦିରରେ ଭୀମେଶ୍ୱରଙ୍କ ରୂପରେ ପ୍ରଭୁ ଶିବ ପୂଜା ପାଉଥିବା ବେଳେ ପରିସର ମଧ୍ୟରେ ଶ୍ରୀ ନକୁଳେଶ୍ୱର, ଶ୍ରୀ ଅର୍ଜୁନେଶ୍ୱର, ସହଦେବେଶ୍ୱର ଏବଂ ଯୁଧିଷ୍ଠିରେଶ୍ୱର ଭାବେ ଅନ୍ୟ ଚାରୋଟି ଲିଙ୍ଗଙ୍କୁ ଏଠାରେ ପୂଜା କରାଯାଏ। ମନ୍ଦିର ଭିତରେ ଗଣେଶ ଏବଂ ପାର୍ବତୀଙ୍କ ଛୋଟ ଛୋଟ ମନ୍ଦିର ସଲଗ୍ନ ହୋଇ ରହିଛି।

### ଏବେ କେମିତି ରହିଛି



ନିକଟରେ ଭୀମେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ କରାଯାଇଛି। ଯେଉଁଠି ଏକ ବିଶାଳ ବୃଷଭ ସ୍ଥାପନ କରାଯିବା ସହ ନିକଟରେ ନବଗୁଞ୍ଜର ମୂର୍ତ୍ତି ପ୍ରତିଷ୍ଠା ହୋଇଛି। ମହାଭାରତ ସହ ନବଗୁଞ୍ଜର ଜଡିତ ଥିବାରୁ ଏହାକୁ ମନ୍ଦିର ପରିସର ମଧ୍ୟରେ ନିର୍ମାଣ କରାଯାଇଛି। ମହାଭାରତ ବର୍ଣ୍ଣିତ ନଅଗୋଟି ପଶୁପକ୍ଷୀଙ୍କ ଅଙ୍ଗର ସମାହାର ହେଉଛି ନବଗୁଞ୍ଜର। ତେଣୁ ଏହା ଲୋକଙ୍କୁ କିମ୍ବଦନ୍ତୀ ବିଷୟରେ ସୂଚନା ଦେବ ବୋଲି ମନ୍ଦିରର ଜଣେ ପୂଜକ କହିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ




ଢେଙ୍କାନାଳ,୨।୨(ସମିସ): ଓଡ଼ାପଡ଼ା ବ୍ଲକ ସିମିନଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୭୩ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଦୀର୍ଘ ୬୬ ବର୍ଷ ପରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ରାଉତ, କୈଳାସ ମହାରଣା, ଭାସ୍କର ମହାରଣା, ପୂର୍ଣ୍ଣଚନ୍ଦ୍ର ରଥ, ଉଦୟନାଥ ମହାରଣା, ଖଗେଶ୍ୱର ରାଉଳ, ଖଗେଶ୍ୱର ଜେନା, ମୁରଲୀ ସିଂହ, ଗୌରାଙ୍ଗ ଚରଣ ରାଉତ, ଗୋଲକ ବିହାରୀ ମହାନ୍ତି, ଦିବାକର ଭଞ୍ଜଙ୍କ ସହ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଗୋଲକ ବିହାରୀ ମହାନ୍ତି ସେଦିନର ବନ୍ଧୁବର୍ଗଙ୍କ ପରିବାର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ମହାରଣା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅଗାମୀ ଦିନରେ ବିଦ୍ୟାଳୟର ୧୪୦ବର୍ଷ ପୂର୍ତ୍ତି ପାଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଚାଷୀନେତା ସୁଧାକର ପରିଡ଼ା, ପୁରାତନ ଛାତ୍ରୀ ପ୍ରିୟଦର୍ଶିନୀ ରାଉତ ଓ ସିପ୍ରା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ।

## ଇତିହାସ ବିଭାଗର ବାର୍ଷିକ ସମ୍ମାନ




ଖଜୁରିଆକଟା,୨।୨(ସମିସ): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ପାଇକ ବିଦ୍ରୋହ ବ୍ରିଟିଶ ସାମ୍ରାଜ୍ୟବାଦ ଶକ୍ତି ବିରୁଦ୍ଧରେ ଏକ ଅଭୁଲା ସଂଗ୍ରାମ' ଶୀର୍ଷକ ବାର୍ଷିକ ସମ୍ମାନ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମାନରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଯୋଗଦେଇ ପାଇକ ବିଦ୍ରୋହର ଅଭୁଲା ସ୍ମୃତି ଯୁବ ମାନସରେ ଗଭୀର ରେଖାପାତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରାକ୍ତନ ସଂଯୋଜକ ତଥା ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇ ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ. ବଳରାମ ପୃଷ୍ଟି ନିଜ ବକ୍ତବ୍ୟରେ ପାଇକ ବିଦ୍ରୋହ ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ବିଦ୍ରୋହ ବୋଲି କହିଥିଲେ। ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ଓଡ଼ିଆ ବିଭାଗ ମୁଖ୍ୟ ଶୈଲ୍ୟ ସାମଲ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ୱର୍ଣ୍ଣମୟୀ ସାହୁ, ଗାୟତ୍ରୀ ସାହୁ, ଉଷଶ୍ରୀ ସାହୁ ଓ ଭବାନୀ ନାଏକ ପ୍ରମୁଖ ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ବିଭାଗର ଅଧ୍ୟାପିକା ପ୍ରିୟଙ୍କା ତିଗା କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବେଶ୍ୱର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଢେଙ୍କାନାଳ,୨।୨(ସମିସ): ସଦର ବ୍ଲକ୍ ବଣସିଂହ ଖେଳପଡ଼ିଆରେ ଆୟୋଜିତ ସର୍ବେଶ୍ୱର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଢେଙ୍କାନାଳ ଓ ଭୂବନ କୁନିଦା




ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଢେଙ୍କାନାଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ବାବା ସଦାନନ୍ଦ ଦାସ, ଜୟ ଜେନା, ମମତା ଅଞ୍ଜଳି ବେହେରା, ବିଜୟ ନନ୍ଦ ବ୍ରହ୍ମା ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଢେଙ୍କାନାଳ ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲର ଓ ପଣ୍ଡା ନର୍ସିଂହୋମ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଅମ୍ପାୟର ଉଦୟନାଥ ରାଉତ ଓ ଉମାକାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଡା. ଶାନ୍ତିଭୂଷଣ ପଣ୍ଡା ସହଯୋଗ କରିଥିଲେ।

## ନିମ୍ନମାନର ରାସ୍ତା ନିର୍ମାଣ; ଦୁଇଦିନରେ ପିଚୁ ଉଠିଲା

ଖଜୁରିଆକଟା,୨।୨(ସମିସ): ହିନ୍ଦୋଳ ବ୍ଲକ ମହାଲୁଣ୍ଡା ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କରସାହିଠାରୁ କୃଷ୍ଣଚନ୍ଦ୍ରପୁର ଦେଇ ମହାଲୁଣ୍ଡା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପିଚୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଛି। ମାତ୍ର ୨ ଦିନରେ



ରାସ୍ତାରୁ ଛେଲା ଛେଲା ହୋଇ ପିଚୁ ଉଠିଯାଉଛି। ବିଭାଗୀୟ ଉଚ୍ଚ ଅଧିକାରୀ କାମର ତଦାରଖ କରୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା କାମର ଭିଜିଲାନ୍ସ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

### ଗଦାଶିଳା ଧାନମଣ୍ଡିରେ କଟନୀ ଛଟନୀ

# ଜିଲ୍ଲାପାଳ ଅଫିସ ଆଗରେ ଧାନ ରଖି ଶୋଇଲେ ଚାଷୀ

ଢେଙ୍କାନାଳ,୨।୨(ସମିସ):

ଓଡ଼ାପଡ଼ା ବ୍ଲକ ଗଦାଶିଳା ସେବା ସମବାୟ ସିମିତିରେ ଚାଲିଥିବା ଧାନମଣ୍ଡିରେ କଟନୀ ଛଟନୀ ନେଇ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ରଖି ଶୋଇବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଚାଷୀଙ୍କ ଧାନ ବିନା ପରୀକ୍ଷଣରେ କାଟିବା

## ସୋସାଇଟି ସମ୍ପାଦକଙ୍କୁ ନିଲମ୍ବନ ଦାବି

ଏବଂ ଚାଷୀଙ୍କୁ ଅସଦ ବ୍ୟବହାର କରିବା ନେଇ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଏହି ଆନ୍ଦୋଳନ କରାଯାଇଛି।

ଅଙ୍କରାନ୍ତିପୁରର ଚାଷୀ ସୁଧାକର ପରିଡ଼ା ସୋମବାର ଧାନ ଦେବାକୁ ଉକ୍ତ ମଣ୍ଡିକୁ ଯାଇଥିଲେ। ସେଠାରେ ତାଙ୍କ ଧାନର ମାନ ପରୀକ୍ଷା ନ କରି କଟନୀ ଛଟନୀ କରିବାକୁ ସମିତି ସମ୍ପାଦକ କହିଥିଲେ। ସୁଧାକର




ଏହାର ପ୍ରତିବାଦ କରିବାରୁ ସମିତି ସମ୍ପାଦକ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଫଳରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ସୁଧାକର ତାଙ୍କ ଧାନ ସହ ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ଗହଣରେ ଜିଲ୍ଲାପାଳ ଅଫିସରେ ପହଞ୍ଚି ସେଠାରେ ଧାନବସ୍ତା ରଖି ପ୍ରତିବାଦ କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ଓ ସମ୍ପାଦକଙ୍କୁ ନିଲମ୍ବନ କରିବାକୁ ଦାବି କରିଥିଲେ।

ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କଟନୀ ଛଟନୀ ହେବନାହିଁ ବୋଲି ସରକାର କହୁଥିବା ବେଳେ ସୁଧାକରଙ୍କ ଧାନକୁ ବିନା ପରୀକ୍ଷଣରେ କିପରି କଟନୀ ଛଟନୀ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଉକ୍ତ ଧାନକୁ ଜିଲ୍ଲାପାଳଙ୍କ ସମ୍ମୁଖରେ ପରୀକ୍ଷା କରିବାକୁ ଦାବି କରିଥିଲେ। ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର ଯୋଗଦେଇ ଜିଲ୍ଲାପାଳ ନିରବଦ୍ରଷ୍ଟା ସାଜିବା, ଗଦାଶିଳା ସୋସାଇଟି ସମ୍ପାଦକଙ୍କ ଗୁଣ୍ଡାରାଜ, କବାଟ ବନ୍ଦ କରି ଅଟକାଇବା ଆଦି ଘଟଣାର ତୀବ୍ର ନିନ୍ଦା କରିଥିଲେ। ଏହାର ତଦନ୍ତ କହି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଗଜପତି ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଅକ୍ରୁର ପଲେଇ, କେନ୍ଦ୍ରାପଡ଼ା ସଂଯୋଜକ ରଘୁନାଥ ସିଂହ, ସମାଜସେବୀ ପ୍ରଫୁଲ୍ଲ ପରିଡ଼ା, ଶ୍ରୀଧର ରାଉତ, ବିମ୍ବାଧର ମାଝୀ, ଅନିତା ବରାଳ, ବିଭୁ ରଥ, ନୀଳମଣି ବରାଳ, ଯୁଧିଷ୍ଠିର ବରାଳ, କାର୍ତ୍ତିକ ସାହୁ, ରାମ ସାହୁ, ପ୍ରତାପ ସାହୁ, କୈଳାସ ରାଉତ, ଗୋପୀନାଥ ଜେନା, ଚାଷୀ ସୁଧାକର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ୭ ଦିନରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ପୁଣି ଜୋରଦାର କରାଯିବ ବୋଲି ସଙ୍ଗଠନ ତରଫରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସର୍ବଦା ପୁଲିସ ରହୁଥିବା ବେଳେ କାର୍ଯ୍ୟାଳୟ ସମ୍ମୁଖକୁ ଚାଷୀମାନେ ଧାନ ନେଇ ଯାଉଥିବା ପ୍ରଶାସନ କିଭଳି ଜାଣିପାରିଲା ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



● ଯୋରନ୍ଦା ମେଳାର ତୃତୀୟ ଦିନ

## ପଶ୍ଚିମ ମୁଖଶାଳାରେ ଜଳିଲା ଝାଡ଼ଦୀପ

ଗଁଦିଆ,୨।୨(ସମିସ): ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳାର ୩ୟ ଦିନରେ ମହିମାଗଦିରେ ଥିବା ଗାଦି ମନ୍ଦିରର ପଶ୍ଚିମ ଦ୍ୱାରରେ ସନ୍ଧ୍ୟାରୁ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଛି। ସାଧୁସନ୍ଥମାନେ ତ୍ରିସନ୍ଧ୍ୟା ପୂଜାନୀତି ଶେଷ କରି ରୁପା ଚାମର ଆଲଟ ପରେ ସନ୍ଧ୍ୟା ୫ଟା ୧୫ରେ କେବଳ ପଶ୍ଚିମ ପାର୍ଶ୍ୱରେ ପିତଳର ବୃହତ ଝାଡ଼ଦୀପ ବୃକ୍ଷରେ ଘୃତାହୁତି ହୋଇଥିଲା। ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଦୁଇଦିନ ଧରି ମହିମା ଗାଦିରେ ଥିବା ଗାଦି ମନ୍ଦିର, ଧୁନି ମନ୍ଦିର, ଏକୋଇଶି ହାତିଆ ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର, ଅଖଣ୍ଡ ବତି ମନ୍ଦିର, ନୀତି ମନ୍ଦିର, ଶୂନ୍ୟ ମନ୍ଦିରରେ ବୃହତ ପିତଳ ଝାଡ଼ ବୃକ୍ଷରେ ଘୃତହୁତି ହେଉଛି। ନାଟିମା ବଜାର ନିକଟସ୍ଥ ମେଳାପଡ଼ିଆରୁ ଗାଦି ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥିବାରୁ ସ୍ଥାନୀୟ ଗ୍ରାମାଞ୍ଚଳର ଯାତ୍ରୀମାନେ ମେଳାକୁ ଯାଇ ବିଭିନ୍ନ ସାମଗ୍ରୀ କିଣାକିଣି କରୁଛନ୍ତି। ଯାତ୍ରା ପାର୍ଟି ପଡ଼ିଥିବାରୁ ସନ୍ଧ୍ୟା ପରେ ଜନଗହଳି ପରିଲକ୍ଷିତ ହେଉଛି। ଦୂରଦୂରାନ୍ତରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ମେଳା ଦେଖି ଆଜି ଫେରୁଥିବା ଦେଖାଯାଇଛି। ସୋମବାର ରାତି ସାଢ଼େ ୮ ଟାରେ ଅର୍ଣ୍ଣାମେଣ୍ଟ ଗାର୍ଡ ସହାୟତାରେ ଗାଦି ମନ୍ଦିରର ପୂର୍ବ ଦ୍ୱାରରେ ଥିବା ମହିମା ସ୍ୱାମୀଙ୍କ ସୁନା ଓ ରୁପା ଅଲଟ ଚାମର ସହ ଅନ୍ୟାନ୍ୟ ଉପକରଣ ଘଣ୍ଟା ଘରକୁ ଆସିଛି।

## ରାଧାନାଥ ରଥଙ୍କ ଶ୍ରାଦ୍ଧ ଉପଲକ୍ଷେ ପ୍ରତିଯୋଗିତା

ଢେଙ୍କାନାଳ,୨।୨(ସମିସ): ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ପଞ୍ଚାୟତ ବେଶାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।



ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରୀତିମୟୀ ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ବେହେରା, ଶିବାନୀ ସ୍ମିତା ସାହୁ, ମୋନାଲିସା ସ୍ୱାଇଁ, ପ୍ରିୟମ୍ବଦା ବରାଳ ଓ ସହକାରୀ ଶିକ୍ଷକ ଅଶେଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସପ୍ତମ ଶ୍ରେଣୀର ପ୍ରତ୍ୟୁଷ ସିଂ ସାଧାରଣଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଚିତ୍ରାଙ୍କନ ଓ ବାଳକ ମ୍ୟୁଜିକ ଚେୟାରରେ ଦ୍ୱିତୀୟ ହୋଇ ଚାମ୍ପିଅନ ହୋଇଛନ୍ତି। ଅଷ୍ଟମ ଶ୍ରେଣୀ ଛାତ୍ରୀ ଲିପସା ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ବାଳିକା ମ୍ୟୁଜିକ୍ ଚେୟାରରେ ଦ୍ୱିତୀୟ ହୋଇ ରନର୍ସଅପ ହୋଇଛନ୍ତି। ଷଷ୍ଠ ଶ୍ରେଣୀ ଛାତ୍ରୀ ଆଲିସା ବେହେରା ଚିତ୍ରାଙ୍କନ ଓ ପ୍ରବନ୍ଧରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଡ. ରଥଙ୍କ ଶ୍ରାଦ୍ଧବାର୍ଷିକୀ ଫେବୃଆରୀ ୧୨ ତାରିଖ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

## କଲ୍ୟାଣୀ ଷ୍ଟିଲ୍ ଗଜମରା ବଦଳରେ ତାଳବରକୋଟ ନାମରେ ନାମିତ କରିବାକୁ ଦାବି

ଢେଙ୍କାନାଳ,୨।୨(ସମିସ): କ୍ୟାବିନେଟରେ ମଞ୍ଜୁରୀ ପାଇଥିବା ଢେଙ୍କାନାଳ ଜିଲ୍ଲା ଗଜମରାସ୍ଥିତ କଲ୍ୟାଣୀ ଷ୍ଟିଲ୍, ଗଜମରା ସ୍ଥାପନ ହେବ। ଏହାକୁ ନେଇ ତାଳବରକୋଟ ପଞ୍ଚାୟତବାସୀ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ କିଛି ଦାବି ଉପସ୍ଥାପନ କରିଛନ୍ତି। କଲ୍ୟାଣୀ ଷ୍ଟିଲ ଗଜମରା ନାମ ପରିବର୍ତ୍ତନ କରି କଲ୍ୟାଣୀ ଷ୍ଟିଲ ତାଳବରକୋଟ, ଢେଙ୍କାନାଳ ରଖାଯିବାକୁ ନିବେଦନ କରିଛନ୍ତି। ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି-୨୦୦୬ ଅନୁଯାୟୀ ସ୍ଥାନୀୟ ପ୍ରଜାମାନଙ୍କୁ କମ୍ପାନୀରେ ନିଯୁକ୍ତି କିମ୍ବା ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଧାରା ୧୦୨ ଅନୁସାରେ ମୂଳ ଆୱାର୍ଡ ପରିମାଣର ୪୦ ପ୍ରତିଶତ ଅତିରିକ୍ତ କ୍ଷତିପୂରଣ ରାଶି ଜମିହରା ପ୍ରଜାଙ୍କୁ ପ୍ରଦାନ କରାଯାଉ। ପ୍ଲଟ୍ ନଂ ୨୫୦୫ ଓ ୨୫୧୬ରେ ଥିବା ଜଳାଶୟ ତଥା ତତ୍‌ସଂଲଗ୍ନ ଆଡ଼ିର ହସ୍ତାନ୍ତର ପ୍ରକ୍ରିୟା ବନ୍ଦ କରାଯାଉ ଓ ଗ୍ରାମର ଶ୍ମଶାନ ରୂପେ ବ୍ୟବହୃତ ଜମିର ମଧ୍ୟ ହସ୍ତାନ୍ତର ପ୍ରକ୍ରିୟା ବନ୍ଦ କରାଯାଉ। ଗୋଚର ଜମି ବଦଳରେ ସମ ପରିମାଣର ଜମି ଗୋଚର ନିମନ୍ତେ ଗ୍ରାମବାସୀଙ୍କୁ ଦିଆଯାଉ। ତାପମାତ୍ରା, ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସର ନିର୍ଗମନକୁ ହ୍ରାସ ନିମନ୍ତେ ପଦକ୍ଷେପ ନିଆଯାଉ। ଗ୍ରାମକୁ ଶୁଳ୍କମୁକ୍ତ ପାନୀୟ ଜଳ ଯୋଗାଣ ଓ ସୌର ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଉ। ନିର୍ବିବାଦୀୟ ଜମିହରା ପ୍ରଜାଙ୍କୁ କ୍ଷତିପୂରଣ



ଟଙ୍କା ସୁଧ ସହ କ୍ଷତିପୂରଣ ପ୍ରଦାନ କରାଯାଉ। ଆଖପାଖ ଅଞ୍ଚଳର ଗ୍ରାମଗୁଡ଼ିକରେ ଉନ୍ନୟନ କାର୍ଯ୍ୟ କରାଯାଉ। ଆଖପାଖ ଅଞ୍ଚଳରେ ଗମନାଗମନ ସୁବିଧା ଓ କୋଠା ନିର୍ମାଣ ନିମନ୍ତେ ସ୍ଥାନୀୟ ଠିକାଦାରମାନଙ୍କୁ ନିଯୁକ୍ତି ଦିଆଯାଉ। ଆରପିଡିଏସି ବୈଠକରେ ସ୍ଥାନୀୟ ନେତୃବୃନ୍ଦ ଓ ଜମିହରା ପ୍ରଜାଙ୍କୁ ସାମିଲ କରାଯାଉ। ଏ ସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କମ୍ପାନୀ ତା'ର ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ତଥା ଆନୁଷଙ୍ଗିକ ପ୍ରକଳ୍ପ ଜନିତ କାର୍ଯ୍ୟରୁ କ୍ଷାନ୍ତ ରହୁ ବୋଲି ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟାନନ୍ଦ ପାତ୍ର, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ତାଳବରକୋଟ ସରପଞ୍ଚଙ୍କ ପ୍ରତିନିଧି ଦେବାଶିଷ ଜେନାଙ୍କ ସମେତ ପଞ୍ଚାୟତର ବିଶ୍ୱପ୍ରିୟା ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ଦୀନକୃଷ୍ଣ ଧଳସାମନ୍ତ, କୈଳାସ ଚନ୍ଦ୍ର ନାୟକ, ମଧୁସୂଦନ ଜେନା, ସୁଧାକର ରାଉତ, ବ୍ରହ୍ମାନନ୍ଦ ରାଉତ, ଦୈତାରୀ ସାହୁ, ତ୍ରିଲୋଚନ ରାଉତ, ସନ୍ତୋଷ କୁମାର ରାଜ, ପଞ୍ଚାନନ ରାଜ, ମଙ୍ଗୁଳୀ ରାଉତ, ଅମରେଶ ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨।୨(ସମିସ): ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଏମଏମ ରାଉତ ଯୋଗଦେଇ ସହପାଠ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ ହେବା ଉଚିତ ବୋଲି କହିଥିଲେ। ଦଶମ ଏବଂ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଜାତୀୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ସୌମ୍ୟଜିତ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଏବଂ ଅଭିଭାବକ ସଙ୍ଘ ଉପସଭାପତି ସୁନୀଲ କୁମାର ଦାଶ, ସମ୍ପାଦକ ଦିଲୀପ କୁମାର ସାହୁ ଏବଂ ଦେବସ୍ମିତା ଦାଶ ଉପସ୍ଥିତ ଥିଲେ।

## ବୋଲେରୋ-ବାଇକ୍ ଧକ୍କା; ୨ ଗୁରୁତର

ଢେଙ୍କାନାଳ,୨।୨(ସମିସ): ଢେଙ୍କାନାଳ-କପିଳାସ ରାସ୍ତାର ମେଘା ନିକଟରେ ବୋଲେରୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍‌ରେ ଯାତ୍ରା କରୁଥିବା ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯାଜପୁର ଅଞ୍ଚଳର ଶ୍ରୀଧର ମଲ୍ଲିକ ଓ ସୁକିନ୍ଦା ଅଞ୍ଚଳର ବୀରୁ ପ୍ରଧାନ। ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।



### ଅଭିଯୋଗ ଶୁଣୁନାହାନ୍ତି ଯନ୍ତ୍ରୀ

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକ

ପରଜଙ୍ଗ,୨।୨(ସମିସ):



ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ହାତୀଲୁଚାଣି ଗ୍ରାମରେ ବାସ କରୁଥିବା ପ୍ରାୟ ୭୦ ପରିବାର ଗତ ୧୦ ଦିନ ହେବ ପାଇପ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାଣି ଯୋଗାଣ ବନ୍ଦ ରହିଛି। ତେବେ ସାହି ବାସିନ୍ଦାଙ୍କର ପାନୀୟ ଜଳର ଅନ୍ୟ ବିକଳ୍ପ ନ ଥିବାରୁ ପାଖରେ ଯାଇଥିବା ଘୋଡ଼ାଡିଆଁ ନାଳରୁ ପାଣି ସଂଗ୍ରହ କରୁଛନ୍ତି। ଏ ବିଷୟରେ ବାରମ୍ବାର ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିରଜା ଶଙ୍କର ଦାସଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମହିଳାମାନେ ସୋମବାର ମଧ୍ୟାହ୍ନରେ ଗାଁ ନିକଟରେ ଯାଇଥିବା ୫୩ନଂ ଜାତୀୟ ରାଜପଥରେ ଗରା ବାଲ୍ଟି ରଖି ରାସ୍ତା ଅବରୋଧ କରିଥିଲେ। ପାଣି ଛାଡ଼ିବା ପାଇଁ ଯନ୍ତ୍ରୀ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିଥିବାବେଳେ ସେ ନିଜ ଇଚ୍ଛାରେ ପାଣି ଛାଡୁଛନ୍ତି। କିଛି ସମୟ ପାଣି ଚଳାଇ ବନ୍ଦ କରିଦେଉଛନ୍ତି। ଫଳରେ ସାହି ବାସିନ୍ଦା ହଇରାଣ ହେଉଛନ୍ତି। ତେଣୁ ଉକ୍ତ ଯୁବକଙ୍କୁ ବାହାର କରି ଗ୍ରାମବାସୀଙ୍କ ନିଷ୍ପତ୍ତି ମୁତାବକ ଜଣକୁ ନିଯୁକ୍ତ କରିବାକୁ ସେମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଆନ୍ଦୋଳନସ୍ଥଳରେ ପରଜଙ୍ଗ ଥାନା ଏସଆଇ ସୁଶ୍ରୀ ଅନାମିକା, ଏଏସଆଇ ଯୁଗଳ ପ୍ରଧାନ, ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ, ଯନ୍ତ୍ରୀ ଦାସ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ସହ ମଙ୍ଗଳବାର ସୁଦ୍ଧା ମେସିନ ମରାମତି କରି ପାଣି ଯୋଗାଇ ଦିଆଯିବ ଏବଂ ଉକ୍ତ ଯୁବକ ଯଦି ଆଗାମୀ ଦିନରେ ମନମାନି କରନ୍ତି ତେବେ ତାଙ୍କୁ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପ୍ରାୟ ଏକ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା।

## ପାଚିକା ସହାୟିକା ସଂଘ ବୈଠକ

ଢେଙ୍କାନାଳ,୨।୨(ସମିସ): ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ସଦର ବ୍ଲକ୍ ଶାଖାର ବୈଠକ ଝୁନୁ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଶାନ୍ତିପ୍ରିୟା ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ସଭାପତି ରବି ରଥ ଆସନ୍ତା ଫେବୃଆରୀ ୧୨ ତାରିଖ ସର୍ବଭାରତୀୟ ଶ୍ରମିକ ଧର୍ମଘଟକୁ ସମର୍ଥନ ଦେବାକୁ ଘୋଷଣା କରିଥିଲେ। ବିଧାନସଭା ବଜେଟ ଅଧିବେଶନରେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ।

ପାଚିକା ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରି, ଅବସର ପରେ ପେନସନ, ୧୦ମାସ ବଦଳରେ ୧୨ମାସର ପାରିଶ୍ରମିକ, ପାଚିକା ସହାୟିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି, ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ, ବର୍ଷକୁ ୨ଖଣ୍ଡ ଶାଢ଼ି ପ୍ରଦାନ କରିବାକୁ ଦାବି ରହିଛି। ସେହିପରି କାର୍ଯ୍ୟକ୍ଷମ ଥିବା ପାଚିକାମାନଙ୍କୁ ଆକ୍ରୋସମୂଳକ ଭାବେ ଜୋରଜବରଦସ୍ତ ଅବସର ଦିଆଯାଉଥିବାରୁ ଉଦ୍‌ବେଗ



ପ୍ରକାଶ ପାଇଥିଲା। ମାସିକ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର କିପରି ଚଳିବ ବୋଲି ପ୍ରଶ୍ନ କରିଥିଲେ। ଏହି ଅଧିବେଶନରେ ରାଜ୍ୟ ସରକାର ଯଦି ପାଚିକାମାନଙ୍କ ଦାବି ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ମାର୍ଚ୍ଚ ଅଧିବେଶନରେ ଆନ୍ଦୋଳନକୁ ବ୍ୟାପକ କରିବା ସହ ରାଜ୍ୟରେ ଗଢ଼ି ଉଠିଥିବା ଅନ୍ୟ ପାଚିକା ସଂଘମାନେ ଉକ୍ତ ଆନ୍ଦୋଳନରେ ସାମିଲ ହେବାକୁ ରବି ରଥ ଆହ୍ୱାନ ଦେଇଥିଲେ। ବୈଠକରେ ସସ୍ମିତା ରାଉତ, ରେବତୀ ଦାସ, ସାବିତ୍ରୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୫ରେ ଏମ୍‌ସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍

ସମ୍ବଲପୁର, ୨।୨ (ସମିସ)




ଆଗାମୀ ୧୫ ତାରିଖ ସମ୍ବଲପୁରର ହୀରାକୁଦ ଡ୍ୟାମ୍‌ର ଲେଫ୍ଟ ଡାଇକ୍‌ରେ ହୀରାକୁଦ ଇଣ୍ଟରନେସନାଲ ହାଫ୍ ମାରାଥନ୍‌ର ପ୍ରଥମ ସଂସ୍କରଣ ଆୟୋଜିତ ହେବ। ଏହାକୁ ମହାନଦୀ କୋଲ୍‌ଫିଲ୍ଡସ ଲିମଟେଡ ପକ୍ଷରୁ ଆୟୋଜନ କରୁଥିବାବେଳେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ ଜାରି ରହିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ହାଫ୍ ମାରାଥନ୍‌ରେ ତିନୋଟି ବର୍ଗରେ ଦୌଡ଼ ରହିଛି, ତାହାହେଲା ୨୧.୦୯୫ କିଲୋମିଟର, ୧୦ କିଲୋମିଟର ଓ ୫ କିଲୋମିଟର। ଏହାସହ ନୂତନଭାବେ ଆରମ୍ଭ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ କମ୍ ଦୂରତ୍ୱର ରହିଛି। ଏହି ଦୌଡ଼ରେ ଆନ୍ତର୍ଜାତିକ ଭାବେ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହାପରେ ବିଦେଶରେ ମଧ୍ୟ ମାରାଥନ ଦୌଡ଼ିପାରିବେ। ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ କଳାପରେ ଅଭ୍ୟାସ ଓ ଅନ୍ୟ ସୁବିଧା ଏମ୍‌ସିଏଲ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ସିଏମଡି ଶ୍ରୀ ଉଦୟ ଅନନ୍ତ କାଓଲେ କହିଛନ୍ତି, ହୀରାକୁଦ ଟୁରିଜିମ୍ ସର୍କିଟ୍‌ର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି, ଏଠାରେ ହୀରାକୁଦ ଡାଇକ୍ ଉପରେ ମାରାଥନ୍ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ବିଶ୍ୱସ୍ତରକୁ ନେବାପାଇଁ ଯୋଜନା ରହିଛି। ହୀରାକୁଦ ଟୁରିଜିମ୍ ପାଇଁ ହେଉଥିବା ବିଭିନ୍ନ ଉଦ୍ୟମ ମଧ୍ୟରେ ଏମ୍‌ସିଏଲ୍‌ର ଏହି ମାରାଥନ ପ୍ରଥମ ପ୍ରୟାସ ରହିଛି। ଏହି ହାଫ୍ ମାରାଥନ୍ ଆସନ୍ତା ୧୫ ତାରିଖରେ ହେବାକୁ ଥିବାବେଳେ ଏହାର ପୁରସ୍କାର ରାଶି ୫୫ ଲକ୍ଷ ଟଙ୍କା ରହିଛି। ସାରା ଦେଶରୁ ଦୌଡ଼ାଳିମାନେ ଭାଗନେବେ। ନାଗରିକମାନଙ୍କୁ ସମ୍ବଲପୁରର ହୀରାକୁଦ ଡ୍ୟାମ୍‌ର ଲେଫ୍ଟ ଡାଇକ୍‌ରେ ଅନୁଷ୍ଠିତ ମାରାଥନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସିଏମ୍‌ଡି ଉତ୍ସାହିତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଟେକ୍‌ନିକାଲ) ଏସ.କେ. ଝା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ସମ୍ବଲପୁରରେ ସରକାରୀ କାର୍ଯ୍ୟକ୍ରମର ପ୍ରୋଟୋକଲ ଉଲ୍ଲଂଘନ କରୁଛି ବିଜେପି : ରୋହିତ

**ସମ୍ବଲପୁର, ୨।୨ (ସମିସ):** ସମ୍ବଲପୁର ଜିଲ୍ଲାରେ ବିଜେପି ଶାସନ ଅମଳରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପ୍ରୋଟୋକଲ ଉଲ୍ଲଂଘନ କରାଯାଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସରକାରୀ କାର୍ଯ୍ୟକ୍ରମ ଚାଲିଥିଲା, ଯେଉଁଠି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟ ନାରାୟଣ ମିଶ୍ର ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସରିବା ପରେ ଉକ୍ତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ ସହ ଦଳୀୟ କର୍ମକର୍ତ୍ତା ଡେସ୍କ ଉପରେ ବସି ନିଜର କାର୍ଯ୍ୟକ୍ରମ କରିଥିଲେ, ଯାହା କି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ ହେଉଥିବା ସ୍ପଷ୍ଟ ବାରିହେଉଥିଲା। ସବୁଠୁ ଚିନ୍ତାଜନକ ବିଷୟ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଭଳି ନିୟମ ଉଲ୍ଲଂଘନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିଲା। ବିଜେପି ସରକାରକୁ ଆସିବା ପରେ ଜନସାଧାରଣଙ୍କୁ ଅନ୍ଧ, ମୁକ-ବଧିର ଭାବି ସରକାରୀ ନିୟମାବଳୀକୁ ଉଲ୍ଲଂଘନ ଅନେକ ସମୟରେ କରୁଥିବାର ନଜିର ରହିଛି। ଏହା ସହ ଇଂ ପୂଜାରୀ ବିଜେପି ଦଳକୁ ପ୍ରଶ୍ନ କରିଛନ୍ତି ଯେ କେଉଁ ଆଧାରରେ ଦଳୀୟ କର୍ମକର୍ତ୍ତା ସରକାରୀ କାର୍ଯ୍ୟକ୍ରମରେ ମଞ୍ଚାସିନ ହେଉଛନ୍ତି ତାହାର ଜବାବ୍ ଦିଅନ୍ତୁ, ଯଦି ଆଗାମୀ ଦିନରେ ଏଭଳି ଭାବରେ ବାରମ୍ବାର ସରକାରି ନୀତି ନିୟମକୁ ଉଲ୍ଲଂଘନ କରାଯାଏ ତେବେ ଜନସାଧାରଣ ନୀରବ ଭାବରେ ସବୁ ଦେଖୁଛନ୍ତି ଠିକ୍ ସମୟରେ ଠିକ୍ ଯବାବ୍ ଦେବେ।

## ରାଜସ୍ୱ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା

# ବେଳହୁଁ ସୁଧୁରିଯିବାକୁ ଚେତାବନୀ ଦେଲେ ମନ୍ତ୍ରୀ

**ସମ୍ବଲପୁର, ୨।୨ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗସ୍ତରୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ଅଧିକାରୀ ମାନଙ୍କ କାମର ପ୍ରୋଗ୍ରେସ ରିପୋର୍ଟ ପଠାଇବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏହାସହ ରାଜସ୍ୱ ସେବା ଦେବାରେ ଯେଉଁ ଆଧୁନିକ କାରିଗରୀ କୌଶଳ ବ୍ୟବହାର ହୋଇଛି ଅଫିସକୁ ନଆସି ତାହା କେତେଦୂର ଲୋକଙ୍କ କାମରେ ଆସୁଛି ତାହା ସେ ସମୀକ୍ଷା କରିଥିଲେ। ଦୁର୍ନୀତି ପ୍ରସଙ୍ଗରେ ମନ୍ତ୍ରୀ କହିଲେ ଯେ, ଦୁର୍ନୀତିକୁ ଜିରୋ ଟଲରେନ୍ସ ଭାବେ ନେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବେଳହୁଁ ସୁଧୁରିଯାଅ, ନିଜେ ଠିକ୍ ଥାଅ, ଲୋକଙ୍କ ଟିକସରେ ଦରମା ପାଉଛ, ଭଲ କାମ କର ବୋଲି ଅଧିକାରୀମାନଙ୍କୁ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସମୀକ୍ଷା ବୈଠକରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ଅଭିଯୋଗ ସମାଧାନ, ସମ୍ବଲପୁର ରିଂରୋଡ୍ (ପର୍ଯ୍ୟାୟ୧ ଓ ୨) ର ନିର୍ମାଣ କାର୍ଯ୍ୟ, ଇଷ୍ଟକୋଷ୍ଟ ରେଲୱେର ଜରପଡ଼ାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩ୟ ଓ ୪ର୍ଥ ରେଳ ଲାଇନ୍, ସର୍‌ଲା ସେକ୍ସନ ପ୍ୟାଚ୍‌ରେ ରେଳଲାଇନ୍ ବିସ୍ତାର, ସମ୍ବଲପୁର ସିଟି ରୁ ସରଲା ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର, ସମ୍ବଲପୁରରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉପରେ ସହିତ ଓଏଲ୍‌ଆର୍ ଆଇନ୍ ଅନୁଯାୟୀ ମ୍ୟୁଟେସନ୍ ମାମଲା, ଓଆର୍‌ଟିପିଏସ୍ ଆଇନ୍ ଅଧୀନରେ ବିଭିନ୍ନ ସନଦ ପ୍ରଦାନ, ବସୁନ୍ଧରା୨୦୨୪ ଓ ୨୦୨୫, ଜମି ମାଲିକାନା ସ୍ୱଷ୍ଟ କରିବା ପାଇଁ ଭୁଲେଖ କଲମ୍୨ ସଂଶୋଧନ, କୃଷକ ପଞ୍ଜିକରଣ, ଶିକ୍ଷାନୁଷ୍ଠାନ ମାନଙ୍କର ସ୍ଥିତି, ସୀମା ପରିବର୍ତ୍ତନ ପ୍ରକ୍ରିୟା ଏବଂ ଟିକସ ଆଦାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ



ସୁଦର୍ଶନ ହରିପାଲ, ରାଜସ୍ୱ ବିଭାଗ ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୁର୍ଲାରେ ହେବ ଦ୍ୱିତୀୟ ତହସିଲ କାର୍ଯ୍ୟାଳୟ

ସମ୍ବଲପୁର ତହସିଲ ଦୁଇଭାଗ ହେବ। ହୀରାକୁଦ ଓ ବୁର୍ଲାକୁ ନେଇ ବୁର୍ଲାରେ ଗୋଟିଏ ନୂତନ ତହସିଲ କାର୍ଯ୍ୟାଳୟ ଅତି ନିକଟ ଭବିଷ୍ୟତରେ ବୁର୍ଲାବାସୀ ଦେଖିବେ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର ତହସିଲକୁ ତିନିଭାଗ ଓ କଟକକୁ ଦୁଇଭାଗ କରାଯାଉଛି। ଛୋଟ ତହସିଲ ହେଲେ ଅଧିକ କାର୍ଯ୍ୟକ୍ଷମ ହୋଇପାରିବ। ସପ୍ତାହକ ମଧ୍ୟରେ କେଉଁ ଭୌଗୋଳିକ ଅଞ୍ଚଳକୁ ନେଇ ତହସିଲ ହେବ ତାହା ନିଷ୍ପତ୍ତି ହୋଇଯିବ ବୋଲି ସେ କହିଛନ୍ତି। ପ୍ରଶାସନକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହୁରି ଆର୍‌ଆଇ ଓ ଅମିନ ନିଯୁକ୍ତ ହେବେ। ଗୋଟିଏ ପଞ୍ଚାୟତରେ ଗୋଟିଏ ଆର୍‌ଆଇ ଅଫିସ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଗାମୀ ବର୍ଷକ ମଧ୍ୟରେ ପ୍ରାରମ୍ଭରେ ଦୁଇଟି ପଞ୍ଚାୟତରେ ଗୋଟିଏ ଆର୍‌ଆଇ ଅଫିସ ହେବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ପରେ ପ୍ରତି ପଞ୍ଚାୟତରେ ଆର୍‌ଆଇ ଅଫିସ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି।

## କାର୍ ଓ ଟ୍ରକ୍ ଚାଳକ ଗିରଫ

**ସମ୍ବଲପୁର, ୨।୨ (ସମିସ) :** ଅଇଁଠାପାଲି ବଜାର ଛକ ପାତ୍ର ଇଲେକ୍ଟ୍ରୋନିକ୍ସ ପାଖରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟେଇଥିବା କାର୍ ଚାଳକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। କାରଟି ଦ୍ରୁତ ଗତିରେ ଆସି ଦୈନିକ ବଜାର ଛକର ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ପାଖରେ ଛିଡ଼ାଥିବା ଏକାଧିକ ସ୍କୁଟି ଓ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍ ଇଞ୍ଜିନ ଛିଟିକିଯାଇ ରାସ୍ତା ଅପରପାର୍ଶ୍ୱରେ ପଡ଼ିଥିବା ଦେଖାଯାଇଥିଲା। ଅଇଁଠାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ କାର୍ ଚାଳକ ଫାଟକ ଅଞ୍ଚଳ ଦେହେରୀପାଲିର ପଙ୍କଜ ସୋନି (୩୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଗତ ରବିବାର ପରଧିଆପାଲି ଟାଟା ସୋରୁମ ନିକଟରେ ଦୁର୍ଘଟଣା ଘଟେଇଥିବା ଟ୍ରକ୍ ଚାଳକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସନ୍ଧ୍ୟା ସମୟରେ ନରେଶ ସିଂହ ବାଇକ୍‌ରେ ଆସୁଥିବା ବେଳେ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଥାନାଧିକାରୀ ଶ୍ରୀ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ପୁଲିସ ସୋମବାର ଟ୍ରକକୁ ଜବତ କରିବା ସହିତ ଚାଳକ ଢେଙ୍କାନାଳ ଜିଲ୍ଲା ରାସୋଲ ଥାନା ଗଣ୍ଡାନାଳି ଗ୍ରାମର ପ୍ରକାଶ ରାଉତ (୩୪)କୁ ଗିରଫ କରି କୋର୍ଟଚାଲାଣ କରିଛି। ବାଇକ୍‌ରେ ପଛରେ ବସିଥିବା ଅନ୍ୟଜଣକ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ସମ୍ବଲପୁର ଚିଡିଆଖାନାରେ ବିଶ୍ୱ ଆଦ୍ରଭୂମି ଦିବସ



**ସମ୍ବଲପୁର, ୨।୨(ସମିସ):** ବିଶ୍ୱ ଆଦ୍ରଭୂମି ଦିବସ ଅବସରରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଷ୍ଟୋରୀ ଫୋର ଚେଞ୍ଜର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ଚିଡ଼ିଆଖାନାରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମଟି ହୋଇଛି। ଏଥିରେ ସମ୍ବଲପୁରର ୬ଟି ବିଭିନ୍ନ କଲେଜରୁ ପ୍ରାୟ ୪୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଷ୍ଟୋରୀ ଫୋର ଚେଞ୍ଜର ପ୍ରତିଷ୍ଠାତା ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଛାତ୍ରଛାତ୍ରୀଙ୍କୁ ଆଦ୍ରଭୂମିର ବିଭିନ୍ନ ଦିଗ ଉପରେ ଶିକ୍ଷା ପ୍ରଦାନ କରିଥିଲେ। ସମ୍ବଲପୁର ଚିଡ଼ିଆଖାନାର ରେଞ୍ଜର ବିନୟ ପ୍ରକାଶ ବୁର୍ହ ଆଦ୍ରଭୂମିର ସଂରକ୍ଷଣ କିଭଳି ବନ୍ୟପ୍ରାଣୀ ଏବଂ ମାନବ ସମାଜ ପାଇଁ ଅପରିହାର୍ଯ୍ୟ, ସେ ବିଷୟରେ ଆଲୋକପାତ କରିଥିଲେ।

# ଓଡ଼ିଶୀ ନୃତ୍ୟଶିଳ୍ପୀ ମମତା ସାହୁ ସମ୍ବର୍ଦ୍ଧିତ

**ସମ୍ବଲପୁର, ୨।୨ (ସମିସ) :** କଲିକତାସ୍ଥିତ ସତ୍ୟଜିତ ରାୟ ଅଡିଟରିଅମ୍‌ରେ କଲଚର୍ ଡେଭ୍‌ଲପ୍‌ମେଣ୍ଟ ଫାଉଣ୍ଡେସନ, କଲିକତା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ସମ୍ବଲପୁରର ଝିଅ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା (ପାର୍‌ଫର୍ମିଙ୍ଗ ଆର୍ଟସ) ବିଭାଗ ସହକାରୀ ପ୍ରଫେସର ମମତା ସାହୁ ଅଂଶଗ୍ରହଣ କରିଥିଲେ। ଗତ ୩୧ ତାରିଖରେ ତାଙ୍କ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣକୁ ସମସ୍ତେ ପ୍ରଶଂସା କରିବାସହ ତାଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି।

# ୧୮୫୭ କୁଦୋପାଲି ବିଦ୍ରୋହ ଉପରେ କର୍ମଶାଳା

**ସମ୍ବଲପୁର, ୨।୨ (ସମିସ) :** ଭୁବନେଶ୍ୱରର ଓଡ଼ିଶା ଗବେଷଣା କେନ୍ଦ୍ର ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଦ୍ୱାରା ମିଳିତ ଭାବରେ ଜିଏମ୍‌ୟୁ ପ୍ରେକ୍ଷାଳୟରେ 'କୁଦୋପାଲିର କାହାଣୀ: ୧୮୫୭ର ଅଜଣା କାହାଣୀ' ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦ ଡିସେମ୍ବର ୧୮୫୭ର ଐତିହାସିକ ଘଟଣାବଳୀ ଉପରେ ଆଲୋକପାତ କରାଯାଇଥିଲା, ଯେତେବେଳେ ସମ୍ବଲପୁରର କୁଦୋପାଲିରେ ୫୩ ଜଣ ବିପ୍ଳବୀ ସହିଦ ହୋଇଥିଲେ ଏବଂ ବ୍ରିଟିଶ ଶାସନକୁ ପ୍ରତିରୋଧ କରିବା ପାଇଁ ଅନ୍ୟ ଚାରିଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହାର ଐତିହାସିକ ଗୁରୁତ୍ୱ ସତ୍ତ୍ୱେ, କୁଦୋପାଲି ଘଟଣା ମୁଖ୍ୟଧାରାର ଇତିହାସ ଲିଖନରୁ ପ୍ରାୟତଃ ରହିନାହିଁ ଏବଂ ମୁଖ୍ୟତଃ ଖଣ୍ଡିତ ମୌଖିକ ପରମ୍ପରା ମାଧ୍ୟମରେ ବଞ୍ଚି ରହିଛି।

କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ, ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି କର୍ମଶାଳା ଦଲିଲକୃତ ଇତିହାସ ଏବଂ ସମ୍ପ୍ରଦାୟ ସ୍ମୃତି ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ଏବଂ ଅଖ୍ୟାତ ନାୟକମାନଙ୍କ ଅବଦାନକୁ ସମ୍ମାନିତ କରିବା ପାଇଁ ଚେଷ୍ଟା କରାଯାଇଥିଲା, ଯାହାଙ୍କ ଭୂମିକା ପ୍ରାୟତଃ ଉପେକ୍ଷିତ ହୋଇଆସିଛି। ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡ. ଉମାଚରଣ ପତି କୁଦୋପାଲି ବିଦ୍ରୋହର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ଐତିହାସିକ ଦୀପକ ପଣ୍ଡା ଓ ଡା. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର କୁଦୋପାଲି ବିଦ୍ରୋହ ଓ ସେସମୟରେ ପ୍ରାଣବଳି ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପତିତ ପାବନ ମିଶ୍ର ଭାରତର ସ୍ୱାଧୀନତା ସଂଗ୍ରାମର ବ୍ୟାପକ ପରିପ୍ରେକ୍ଷୀରେ କୁଦୋପାଲି ଆନ୍ଦୋଳନର ଜାତୀୟ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସହକାରୀ ପ୍ରଫେସର ଡକ୍ଟର ସସ୍ମିତା ରାଣୀ ଶାସିନୀ ଏବଂ ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ବିଦ୍ରୋହର ଐତିହାସିକ ଏବଂ ସାମାଜିକ-ରାଜନୈତିକ ଦିଗ ଉପରେ ନୂତନ ଦୃଷ୍ଟିକୋଣଗୁଡ଼ିକୁ ବାଖ୍ୟାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରବଣ ବାଗ, କୃଷ୍ଣକାନ୍ତ ଲାହାଙ୍ଗିର, ସମ୍ବିତ ମେସୁଆ, ଅନିଲ ଶାହ ଏବଂ ଅନନ୍ୟା ପ୍ରାପ୍ତି ହୋତା ନିବନ୍ଧ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଅଧ୍ୟାପକ ଡ. ପରମତାପ ପ୍ରଧାନ, ଶଙ୍ଖନାଦ ଦେହୁରୀ ପ୍ରମୁଖଙ୍କ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ସମ୍ବଲପୁର, ୨।୨ (ସମିସ) :** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକର ହୀରୋଠାରେ ସୋମବାର ବ୍ଲକର ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଘେନୁପାଲି ସରପଞ୍ଚ ଜଗତେଶ୍ୱର ମିର୍ଦ୍ଧା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡଙ୍ଗରପଡ଼ା ସମିତି ସଭ୍ୟ, ଶ୍ରୀଅନ୍ନ ଯୋଜନାର ଜିଲା କାର୍ଯ୍ୟକ୍ରମ ସହସଂଯୋଜକ ସୁଜିତ ପ୍ରଧାନ, କୃଷି ପରିଦର୍ଶକ ଦିନେଶ ବେହେରା, ସ୍ଥାନୀୟ ମହିଳା ଚାଷୀ ଟିକି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହୀରୋଠାରେ ଉଦ୍‌ଘାଟିତ ମାଣ୍ଡିଆ ମଣ୍ଡିର ପ୍ରଥମ ଦିନରେ ୨୧ ଜଣ ଚାଷୀଙ୍କ ୨୬ କିଣ୍ଟାଲ ୭୨ କେଜି ମାଣ୍ଡିଆ ସଂଗୃହୀତ ହୋଇଥିବା ଜଣାପଡ଼ିଛି। ଯୁଯୋମୁରା ବ୍ଲକରେ ମାଣ୍ଡିଆ କିଣିବା ପାଇଁ ଥୁଆମୂଲ ରାମପୁର କୃଷକ ଉତ୍ପାଦନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ ସଂଯୋଜକ ପ୍ରିୟରଞ୍ଜନ ବଗର୍ତ୍ତୀ, ସହସଂଯୋଜକ କୁମୁଦ ବନ୍ଧୁ ଖର୍ସେଲଙ୍କ ସହ ସିଆରପି ମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସମ୍ବଲପୁରରେ ହେବ ଗ୍ରାଣ୍ଡ ଓଡ଼ିଶା ସୌନ୍ଦର୍ଯ୍ୟ ପ୍ରତିଯୋଗିତା

**ସମ୍ବଲପୁର, ୨।୨(ସମିସ):** ସମ୍ବଲପୁରରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ତାରିଖରେ ଗ୍ରାଣ୍ଡ ଓଡ଼ିଶା-୨୦୨୬ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ଦୁଇ ଦିନିଆ ଫିନାଲେ ଅନୁଷ୍ଠିତ ହେବ। ସ୍ଥାନୀୟ ସାଂସ୍କୃତିକ ସମାଜଭବନ ଓ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ସବୁ ଜିଲ୍ଲାରୁ ମୋଟ ୬୦ ଜଣ ଫାଇନାଲିଷ୍ଟ ଯୋଗଦେବେ ବୋଲି ଗ୍ରାଣ୍ଡ ଓଡ଼ିଶା ପ୍ରତିଷ୍ଠାତା ଏବଂ ସିଇଓ ଦେବସ୍ମିତା ସାହୁ ସୂଚନା ଦେଇଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗ୍ରାଣ୍ଡ ଓଡ଼ିଶା ଆୟୋଜନର ରୂପରେଖ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ଗ୍ରାଣ୍ଡ ଫିନାଲେ ମୋଟ ୮ଟି ବର୍ଗରେ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଏକ ସ୍ୱତନ୍ତ୍ର ବର୍ଗ ରହିଛି। ମାର୍ଚ୍ଚ ୨୮ ତାରିଖରେ ଓଡ଼ିଶା ସାଂସ୍କୃତକ ସମାଜ ଭବନରେ ପ୍ରଥମ ପର୍ଯ୍ୟାୟ ଓ ୨୯ ତାରିଖରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନ୍ତିମ ପର୍ଯ୍ୟାୟ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଗ୍ରାଣ୍ଡ ଓଡ଼ିଶା-୨୦୨୬ରେ ଭାଗ ନେଇ ମିସ୍ ଗ୍ରାଣ୍ଡ ଓଡ଼ିଶା, ମିସେସ୍ ଗ୍ରାଣ୍ଡ ଓଡ଼ିଶା ବିଜେତା ମିସ୍ ପି ଆଣ୍ଡ ଆଇ ଇଣ୍ଡିଆ-୨୦୨୬ରେ ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ତେବେ ପାଣ୍ଡି ଇଣ୍ଡିଆର ପ୍ରତିଷ୍ଠାତା ମାଲିକ ଇସାନିଙ୍କ ନେତୃତ୍ୱରେ ପାଣ୍ଡି ଇଣ୍ଡିଆର ବିଜେତା ଗ୍ରାଣ୍ଡ ଫିନାଲେରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି




ସେ ସୂଚନା ଦେଇଛନ୍ତି। ସେ ଆହୁରି ସୂଚନା ଦେଇ କହିଛନ୍ତି ଯେ, ଏହା ପୂର୍ବରୁ ବରଗଡ଼ ଓ ସମ୍ବଲପୁରରେ ଯଥାକ୍ରମେ ଗତ ଜାନୁଆରୀ ୧୧ ଓ ୧୮ ତାରିଖରେ ଅନୁଷ୍ଠିତ ଅଡିସନର ଫିନାଲେ ଉତ୍ତୀର୍ଣ୍ଣ ହୋଇଥିବା ଉକ୍ତ ୬୦ ଜଣ ଫାଇନାଲିଷ୍ଟ ଯୋଗଦେବେ। ଏଥିରେ ତାଙ୍କ ସହିତ ଖବରଦାତା ସମ୍ମିଳନୀରେ ଅନ୍ୟତମ ଆୟୋଜକ କମିଟି ସଦସ୍ୟ ସମିତ କର ଉପସ୍ଥିତ ଥିଲେ।

# ବକ୍ତୃତାମାଳାରେ ପ୍ରତିରକ୍ଷା ବୈଜ୍ଞାନିକଙ୍କ ଯୋଗଦାନ



**ସମ୍ବଲପୁର, ୨।୨ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଆମ କଲେଜ ଆମ ଗୌରବର ମିଳିତ ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ଚତୁର୍ଥ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁନେସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନର ବରିଷ୍ଠ ବୈଜ୍ଞାନିକ ବିଦ୍ୟାବତୀ ନାୟକ ଭାଗନେଇ ଜଣେ ନାରୀ ଭାବରେ ନିଜ ସଂଘର୍ଷମୟ ଜୀବନ କାହାଣୀ ଉପସ୍ଥାପିତ କରିଥିଲେ। କର୍ଣ୍ଣାଟକର ଏକ ରକ୍ଷଣଶୀଳ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ତାଙ୍କୁ କଠିନ ସଂଘର୍ଷ ଏବଂ ପରିଶ୍ରମ କରିବାକୁ ପଡ଼ିଥିଲା। ବୁଦ୍ଧିମତା ଓ ପରୀକ୍ଷାର ନମ୍ବର ଅପେକ୍ଷା ସମୟର ସଦୁପଯୋଗ, ଆତ୍ମବିଶ୍ୱାସ ଓ ଯୋଜନାବଦ୍ଧ କାର୍ଯ୍ୟପ୍ରଣାଳୀ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇରେ ସହାୟତା କରିଛି ବୋଲି ଶ୍ରୀମତୀ ନାୟକ କହିଥିଲେ। ସେ ଆହୁରି କହିଥିଲେ ଯେ, ନାରୀମାନେ ସ୍ୱାଭାବିକ ଭାବରେ ଅଧିକ ବୁଦ୍ଧିମତୀ, ଶକ୍ତିଶାଳୀ ଓ ସ୍ନେହମୟୀ। ଏହି ସ୍ୱାତନ୍ତ୍ର୍ୟ ନାରୀକୁ ଗୃହିଣୀ ଭାବରେ କାର୍ଯ୍ୟକରି ମଧ୍ୟ କର୍ମକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ। ବକ୍ତବ୍ୟ ପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ଅଖିଳ ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆମ କଲେଜ ଆମ ଗୌରବର ସଂଯୋଜକ ତଥା ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସ୍ୱାଗତଭାଷଣ, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହୀରାକୁଦ ସହରକୁ ଆସ୍‌ରେ ପୋତି ଦେବେ

## ପ୍ରଥମେ ମାଟି ବିକ୍ରି, ପରେ ଗର୍ତ୍ତକୁ ପାଉଁଶରେ ଭର୍ତ୍ତି

## ଜରିମାନା ପରେ ମଧ୍ୟ ସୁଧୁରୁନାହାନ୍ତି ମାଫିଆ

ସମ୍ବଲପୁର, ୨।୨(ସମିସ)



ମାନୁନାହାନ୍ତି ଆସ୍ ମାଫିଆ। ମନ ଇଚ୍ଛା ଆସ ଡମ୍ପ କରିଚାଲିଛନ୍ତି। ହୀରାକୁଦ ସହରର ନିଛାଟିଆ ଜାଗାକୁ ଅଭିନବ ପ୍ରୟାସରେ ଆସ ଡମ୍ପ କରୁଛନ୍ତି। ପ୍ରଥମେ ଗାତ ଖୋଳି ବେଆଇନ ଭାବେ ମାଟି ବିକ୍ରି କରୁଛନ୍ତି। ପରେ ଉକ୍ତ ଗର୍ତ୍ତକୁ ଭର୍ତ୍ତି କରିବା ପାଇଁ ବେଆଇନ ଭାବେ ଆସ୍ ପକାଇ ପୋତି ଦେଉଛନ୍ତି। ଏ ସବୁ ଘଟଣା ରାତି ଅଧିଆ ଘଟୁଛି। ପ୍ରଶାସନ, ପ୍ରଦୂଷଣ ବୋର୍ଡ ପାଖରେ ଖବର ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋକି ପାରୁନାହାନ୍ତି। ହୀରାକୁଦ ସହରରେ ନିମପାଲି ଗାଁରେ ଖାତା ନମ୍ବର ୬୯, ପ୍ଲଟ ନମ୍ବର ୧୬୫୧, ଖାତା ନମ୍ବର ୪୭, ପ୍ଲଟ ନମ୍ବର ୧୬୫୨, ଖାତା ନମ୍ବର ୨୬, ପ୍ଲଟ୍ ନମ୍ବର ୧୬୫୦ ଏହି ତିନୋଟି ଅଞ୍ଚଳକୁ ଆସ୍ ଡମ୍ପ କରି ପୋତି ସାରିଲେଣି। କିଛି ଦିନ ପୂର୍ବରୁ ମାଫିଆମାନେ ବେଆଇନ ଭାବେ ମାଟି ବିକିଥିଲେ। ଏବେ ଗାତକୁ ଆସ୍‌ରେ ପୋତି ସାରିଲେଣି। ହୀରାକୁଦ ଅଞ୍ଚଳର ନିର୍ଦ୍ଦିଷ୍ଟ କିଛି ମାଫିଆ ବେଆଇନ ଆସ୍‌ଡମ୍ପିରେ ସାହାର୍ଯ୍ୟ କରୁଛନ୍ତି। ଝାରସୁଗୁଡାରୁ ପାଉଁଶ ଆଣି ହୀରାକୁଦ ସହରର ଖ୍ରିଷ୍ଟିଆନ ଲୋକଙ୍କ ମୁକ୍ତି ଧାମ ଆଖ ପାଖ ଅଞ୍ଚଳରେ ପାଉଁଶରେ ପୋତି ଦେଉଛନ୍ତି। ଉକ୍ତ ନିମପାଲି ଅଞ୍ଚଳରେ ବେଆଇନ ଆସ୍ ଡମ୍ପ ପାଇଁ ଏକ କମ୍ପାନୀକୁ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ବୋର୍ଡ ସମ୍ବଲପୁର ୯୧ ଲକ୍ଷ ଟଙ୍କା ଫାଇନ କରିଛନ୍ତି। ହେଲେ ଫାଇନ ପରେ ମଧ୍ୟ ଆସ ପରିବହନ ସଂସ୍ଥା ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଜିପିଏସ ଟାମ୍ପରିଂ କରି ପାଖରେ ଆସ୍ ଡମ୍ପ ହେଉଥିବା ଅଭିଯୋଗ ହେଉଛି। ସମ୍ବଲପୁର ଜିଲ୍ଲା ସମେତ ଅନ୍ୟ ଜିଲ୍ଲାରେ ପ୍ରତିଦିନ ରାତିରେ ଏପରି ବେଆଇନ ଆସ୍ ଡମ୍ପ ହେଉଛି। କିନ୍ତୁ ସ୍ଥାନୀୟ ପୁଲିସ ପ୍ରଶାସନ ଓ ପରିବହନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ଉଠିଛି।

# ହାତୀ ଉପଦ୍ରବରେ ୨୩ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ନଷ୍ଟ

**ରେଢ଼ାଖୋଲ, ୨।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବୁର୍ଡା ପଞ୍ଚାୟତ ଅଧୀନ ଆମ୍ବଝରିଆ ଗାଁରେ ବିଳମ୍ବିତ ରାତିରେ ଦନ୍ତା ହାତୀ ଉପଦ୍ରବରେ ୨୩ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ନଷ୍ଟ ହୋଇଛି। ଆମ୍ବଝରିଆ ଗାଁର ଚାଷୀ ଅଖିଳ କୁମାର ପୁରୋହିତଙ୍କ ଏକ ବଗିଚାରେ ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ସୋଲାର ବାଡ଼ ଭାଙ୍ଗି ବଗିଚା ଭିତରେ ରହିଥିବା ୨୩ ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଗୁଡ଼ିକୁ ଉପାଡ଼ି ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ଏହି ବଗିଚାରେ ଜଣେ ଜଗୁଆଳି ପ୍ରଫୁଲ୍ଲ ବେହେରା ଉପସ୍ଥିତ ରହିଥିବା ବେଳେ ଦନ୍ତା ହାତୀ ଦେଖି ଜଗୁଆଳି ଜଣଙ୍କ ଭୟଭୀତ ହୋଇ ଏକ ଘର ଭିତରେ ଲୁଚି ରହିଥିଲେ। ଉପଦ୍ରବ କରି ହାତୀ ସେଠାରୁ ଗଲାପରେ ସକାଳୁ ମାଲିକ ଅଖିଳଙ୍କୁ ଖବର ଦେଇଥିଲେ। ଏଥିରେ ଚାଷୀ ଜଣଙ୍କ ହତାଶ ହୋଇ କହିଛନ୍ତି ଯେ ଏଥିରେ ମୋର ୫ ବର୍ଷର



ପରିଶ୍ରମ ବୃଥା ହୋଇଯାଇଛି। ନଡ଼ିଆ ଗଛ ଗୁଡ଼ିକରେ ବଉଳ ଲାଗିଥିଲା। ସେଗୁଡିକ ନଷ୍ଟ ହୋଇଗଲା। ଗତବର୍ଷ ଏହିପରି ହାତୀ ଉପଦ୍ରବ ଯୋଗୁଁ ୮ ଟି ନଡ଼ିଆ ଗଛ ନଷ୍ଟ ହୋଇଥିଲା। ଏ ସମ୍ପର୍କରେ ବନ ବିଭାଗକୁ ଜଣାଇଛି। ମୁଁ ଜଣେ ବୃକ୍ଷ ପ୍ରେମୀ ମୋତେ ଆର୍ଥିକ ସହାୟତା ଦରକାର ନାହିଁ, ପ୍ରଶାସନ ପକ୍ଷରୁ ଏହିପରି ହାଇବ୍ରିଡ଼ ନଡ଼ିଆ ଗଛ ମତେ ପ୍ରଦାନ କଲେ ମୁଁ ଉପକୃତ ହେବି ବୋଲି ପ୍ରତିକ୍ରିୟା ଦେଇଥିଲେ।

# ମୃତ୍ୟୁ ପରେ ଜାରି ହେଲା ଶ୍ରମିକ କାର୍ଡ

**ଅମ୍ବାଭୋନା, ୨।୨(ସମିସ)**

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଦ୍ୱାରୀ ପଞ୍ଚାୟତ ଅଧୀନ ଝାରପାଲି ଗାଁର ଆତ୍ମାରାମ ପଟେଲଙ୍କ ମୃତ୍ୟୁ ୨୦୨୦ରେ ଘଟିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ମୃତ୍ୟୁ ପରେ ୨୦୨୦ ରେ ତାଙ୍କ ନାମରେ ନୂତନ ଭାବେ ଏକ ଶ୍ରମିକ କାର୍ଡ ଜାରି ହୋଇଛି। ଏହି ଘଟଣା ପ୍ରଶାସନର କାର୍ଯ୍ୟ ଦକ୍ଷତାକୁ ପ୍ରଶ୍ନର ଘେରାରେ ଠିଆ କରିଛି। ମୃତ ବ୍ୟକ୍ତିଙ୍କ ନାମରେ ଶ୍ରମିକ କାର୍ଡ କାହିଁକି ଓ କିପରି ଜାରି ହେଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଲୋକ ମାନଙ୍କ କହିବାନୁସାରେ, ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାର ଲାଭ ପାଇଁ ଦୌଡି ଦୌଡି ନୟାନ୍ତ ହେଉଥିବା ବେଳେ, ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଶ୍ରମିକ କାର୍ଡ ଜାରି ହେବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

## ପ୍ରଶାସନୀକ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ପୁଣି ଏହା ଫଳରେ ମୃତକଙ୍କ ପରିବାର ୨ ଲକ୍ଷ ଟଙ୍କା ସହାୟତା ରାଶି ପାଇବାରୁ ବଞ୍ଚିତ ହେବା ପ୍ରଶାସନୀୟ ଅବ୍ୟବସ୍ଥା ଓ ଅନିୟମିତତାକୁ ସ୍ପଷ୍ଟ ଭାବେ ପ୍ରକାଶ କରୁଛି। ଏହି ଘଟଣାକୁ ନେଇ ସ୍ଥାନୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ଉପରେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଏ ବିଷୟରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ମୃତକ ଆତ୍ମାରାମ ପଟେଲଙ୍କ ପରିବାର ମୃତ୍ୟୁ ସହାୟତା ରାଶି ପାଇଁ ସ୍ୱେଚ୍ଛାସେବୀ ଅଭୟ ପଣ୍ଡାଙ୍କ ସହାୟତା ନେବା ସମୟରେ ଏହି ଅନିୟମିତତା ଦୃଷ୍ଟିଗୋଚର ହୋଇଥିଲା।


(English Version)
FORM NO-7/8
GOVERNMENT OF ODISHA
DEPARTMENT OF HEALTH AND FAMILY WELFARE
Bargarh Municipal Council
CERTIFICATE OF DEATH
register for Bargarh Municipal Council of Tahasil BARGARH of District BARGARH of State ODISHA
Sex: MALE
Name: ATMARAM PATEL
Name of Father: TEJRAM PATEL
Permanent Address: JHARPALI, AMBABHONA, BARGARH, ODISHA, INDIA
Place of Death: DISTRICT HEAD QUARTER HOSPITAL, BARGARH
IDENTITY CARD
ODISHA BUILDING & OTHER CONSTRUCTION WORKERS' WELFARE BOARD, BHUBANESWAR
Name ATMARAM PATEL

# ୨୦୪୭ ସୁଦ୍ଧା ବିକଶିତ ଭାରତ ଦିଗରେ ବଜେଟ୍ ଏକ ଦୃଢ଼ ପଦକ୍ଷେପ: ସୁରେଶ ପୂଜାରୀ

**ସମ୍ବଲପୁର, ୨।୨ (ସମିସ) :** ଆୟକର ସୀମା ତଳ ଉପର ହୋଇନାହିଁ, କୌଣସି ଟିକସ ବଢ଼ିନାହିଁ, ବିକାଶକୁ ଦୃଷ୍ଟି ଦିଆଯାଇଛି କିଭଳି ୨୦୪୭ ମସିହାବେଳକୁ ଦେଶ ଆତ୍ମନିର୍ଭର ହେବ, ସମୃଦ୍ଧ ହେବ ଓ ବିକଶିତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ ବଜେଟ୍ ଉପରେ ମତାମତ ଉପସ୍ଥାପନ କରିଛନ୍ତି। ଭିତ୍ତିଭୂମିରେ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଏମଏସଏମଇ ପାଇଁ ବ୍ୟାପକ ଧନରାଶିର ବରାଦ ହୋଇଛି ଯେଉଁଥିରେ ଓଡ଼ିଶା ଉପକୃତ ହେବ। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସାରା ବିଶ୍ୱରେ ଜଳପଥକୁ ବ୍ୟବହାର କରିବା ଆରମ୍ଭ ହେଲାଣି। ସେହି କ୍ରମରେ ୬ଟି ନୂଆ ଜଳପଥରେ ଖଣିଜ ପଦାର୍ଥ ପରିବହନ ହେବ। ଏହାଦ୍ୱାରା ଭାରତବର୍ଷର ଏକ ହବ୍ ହେବାସହ ପୃଥିବୀର ମାନଚିତ୍ରରେ ଓଡ଼ିଶା ଆସିବ। ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ, ୭ଟି କର୍କଟ ରୋଗ ଔଷଧର ଦର କମ୍ କରାଯାଇଛି ଏହାଦ୍ୱାରା ସାଧାରଣ ଲୋକେ ଉପକୃତ ହେବେ। ସମସ୍ତ ଜିଲ୍ଲାରେ ମହିଳା ହଷ୍ଟେଲ ପାଇଁ ବଜେଟ୍‌ରେ ବ୍ୟବସ୍ଥା ରହିଛି। ଏଣୁ ଏହି ବଜେଟ୍‌ରେ ଓଡ଼ିଶାକୁ ବିକଶିତ କରିବା ପାଇଁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆହୋଇଛି। ଏହାସହ ୨୦୪୭ ମସିହାବେଳକୁ ବିକଶିତ ଭାରତ ନିର୍ମାଣ କରିବାପାଇଁ କେବଳ ଗୋଟିଏ ନୁହେଁ ଏକାଧିକ ସୋପାନକୁ ଚଢ଼ିବାର ବ୍ୟବସ୍ଥା ଚଳିତ ବଜେଟ୍‌ରେ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।



ମନ୍ତ୍ରୀ ଶ୍ରୀ ପୂଜାରୀ ଉପସ୍ଥାପିତ ହୋଇଥିବା ବଜେଟ୍‌କୁ ନେଇ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆର୍ଥିକ ସୁଦୃଢ଼ୀକରଣ, ଉତ୍ତମ ଭବିଷ୍ୟତ ପାଇଁ ମଧ୍ୟବିତ୍ତ ଶ୍ରେଣୀର ସଶକ୍ତିକରଣ, ଭାରତର ଅଭିବୃଦ୍ଧି ପାଇଁ ଦକ୍ଷ ମାନବଶକ୍ତି ନିଶ୍ଚିତ କରିବା, ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଯୁବଶକ୍ତିର ସଶକ୍ତିକରଣ, ଏମ୍‌ଏସ୍‌ଏମ୍‌ଇର ସାମର୍ଥ୍ୟକୁ ଅନ୍‌ଲକ୍ କରିବା, ବ୍ୟାପକ ଏବଂ ଦ୍ରୁତ ମାନୁଫାକ୍‌ଚରିଂ ସମ୍ପ୍ରସାରଣ, ଭିତ୍ତିଭୂମି-ଚାଳିତ ଦୀର୍ଘକାଳୀନ ଅଭିବୃଦ୍ଧି, ରପ୍ତାନିକୁ ନିରନ୍ତର ପ୍ରୋତ୍ସାହନ ମାଧ୍ୟମରେ ବିଶ୍ୱସ୍ତରୀୟ ନେତୃତ୍ୱ, 'ପୂର୍ବୋଦୟ' ମାଧ୍ୟମରେ ପୂର୍ବ ଭାରତର ସଶକ୍ତିକରଣ, ଗ୍ରାମୀଣ ଭାରତର ଜୀବନରେଖାକୁ ପୁନର୍ଜୀବିତ କରିବା, ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା, ଭାରତର ବିକାଶରେ ନାରୀଶକ୍ତିର ନେତୃତ୍ୱ, ଜଳବାୟୁ ସହନଶୀଳତା ଏବଂ ଶକ୍ତି ଆତ୍ମନିର୍ଭରଶୀଳତା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମାନସ ବକ୍ସି ଓ ସବିତା ନନ୍ଦ ମଞ୍ଚାସୀନ ଥିଲେ।

# ବରଗଡ଼ ଜିଲ୍ଲା କୃଷି ବିଭାଗ ସମ୍ମାନିତ



**ବରଗଡ଼, ୨।୨(ସମିସ):** ଚଳିତ ବର୍ଷ କୃଷି ଓଡ଼ିଶା ୨୦୨୬ରେ ବରଗଡ଼ କୃଷି ବିଭାଗକୁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ଡିଜିଟାଲ ଫସଲ ସର୍ବେକ୍ଷଣର ସଫଳ ପରିଚାଳନା ନିମନ୍ତେ ଶ୍ରେଷ୍ଠ ଜିଲ୍ଲା ଭାବେ ସମ୍ମାନିତ କରାଯାଇଛି। ଉତ୍ସବରେ କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ.ଅରବିନ୍ଦ ପାଢ଼ୀ ପ୍ରମାଣ ପତ୍ର ସହିତ ସ୍ମୃତି ଚିହ୍ନ ଦ୍ୱାରା ବରଗଡ଼ କୃଷି ବିଭାଗକୁ ସମ୍ମାନିତ କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବରଗଡ଼ ଜିଲ୍ଲାର କୃଷି ବିଭାଗ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭଟଲିରୁ ରାଜସ୍ଥାନ ଖାଟୁ ଶ୍ୟାମ ୧୭୦୦ କିମି ସାଇକଲ ଯାତ୍ରା

**ଅମ୍ବାଭୋନା, ୨।୨(ସମିସ):** ବରଗଡ଼ ଜିଲ୍ଲା ଖଜୁରଟିକ୍ରା ଅଞ୍ଚଳର ବରିଷ୍ଠ ନାଗରିକ ଓ ଶ୍ୟାମ ଭକ୍ତ ଦିନେଶ ଶର୍ମା ସୋମବାର ଭଟଲି ଶ୍ୟାମ ମନ୍ଦିରରୁ ସାଇକଲ ଯୋଗେ ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୭୦୦ କିଲୋମିଟର ଦୀର୍ଘ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରକାଶପୁର ଠାରେ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀ ଶର୍ମାଙ୍କୁ ଭବ୍ୟ ସ୍ୱାଗତ କରା ଯାଇଥିଲା। ସଂଘର ସମ୍ପାଦକ ଅଜୟ ସାହୁ, ସହ-ସମ୍ପାଦକ ପ୍ରକାଶ ରଥ, କୋଷାଧ୍ୟକ୍ଷ ରଞ୍ଜିତ ଦାଶ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚନ୍ଦ୍ରମଣୀ ବେହେରା ତାଙ୍କୁ ଶୁଭେଚ୍ଛା ଓ ସମ୍ମାନ ଜଣାଇଥିଲେ।



ବିଶ୍ୱ କଲ୍ୟାଣ, ଶ୍ୟାମ ବାବାଙ୍କ ପ୍ରତି ଆସ୍ଥା ଓ ସମର୍ପଣ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ସହ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ଏହି ସାହସିକ ସାଇକଲ ଯାତ୍ରା କରୁଥିବା ଶ୍ରୀ ଶର୍ମା କହିଛନ୍ତି। ଭଟଲି ଶ୍ୟାମ ମନ୍ଦିରରେ ପୂଜାପାଠ କରି ଯାତ୍ରା ଆରମ୍ଭ କରିଥିବା ଶ୍ରୀ ଶର୍ମା ଛତିଶଗଡ଼, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ହୋଇ

## ଶ୍ୟାମ ଭକ୍ତଙ୍କୁ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘର ସ୍ୱାଗତ

ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିରରେ ପହଞ୍ଚିବେ। ସେ ଦିନକୁ ସାଧାରଣତଃ ୫୦ରୁ ୬୦ କିମି ସାଇକଲ ଚଳାଇ ୨୦ରୁ ୩୦ ଦିନ ମଧ୍ୟରେ ଯାତ୍ରା ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଯାତ୍ରା ପୂର୍ବରୁ ସ୍ଥାନୀୟ ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନବପ୍ରଭାତ ବୈଦିକ ବିଦ୍ୟାପୀଠର ବସ୍ତୁ ଜୟନ୍ତୀ

**ପଦ୍ମପୁର, ୨।୨(ସମିସ):** ନବପ୍ରଭାତ ବୈଦିକ ବିଦ୍ୟାପୀଠର ୨୫ ବର୍ଷ ପୂର୍ତ୍ତି ଅବସରରେ ୩ ଦିନ ଧରି 'ବସ୍ତୁ ଜୟନ୍ତୀ' ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଦେଶ ବିଦେଶରୁ ବହୁ ସାଧୁ ସନ୍ଥ, ବିଦୂଷୀ ଯୋଗ ଦେଇଥିଲେ। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ବ୍ରହ୍ମତ୍ୱରେ ୨୫୧କୁଣ୍ଡିୟ ଅଥର୍ବବେଦ ପାରାୟଣ ମହାଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉତ୍ସବର ଅନ୍ତିମ ଦିନ ପ୍ରଭାତ ଆଶ୍ରମର କୁଳାଧିପତି ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ଆଶୀର୍ବଚନ ପ୍ରାପ୍ତ ହୋଇଥିଲା। ଆପେକ୍ସ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ଡ.ସୋମଦେବ ଶତାଂଶୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଆଶ୍ୱାସନା ଦେଇଥିଲେ। ଉତ୍ସବରେ ୨୦ ହଜାର ଲୋକଙ୍କର ସମାଗମ ହୋଇଥିଲା। ସମାରୋହର ସମ୍ମାନପର୍ବରେ ୨୫ ବର୍ଷ ଧରି ଶିକ୍ଷାଦାନ କରିଥିବା ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟାମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସର୍ବଭାରତୀୟ ଆଲୋଚନା ଚକ୍ର (ପ୍ରତିସ୍ପର୍ଦ୍ଧା)ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ନବପ୍ରଭାତ ବୈଦିକ ବିଦ୍ୟାପୀଠର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେବ ଏବଂ ପ୍ରଧାନଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଧନ୍ୟବାଦ ଅର୍ପଣ ପୂର୍ବକ ସମାରୋହର ପରିସମାପ୍ତି ହୋଇଥିଲା।

# ଗୋପାଳପୁର ସ୍କୁଲରେ ଆର୍ଦ୍ର ଭୂମି ସଂରକ୍ଷଣ ଶପଥ




**ଭଟଲି, ୨।୨(ସମିସ):** ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ସୁସ୍ଥତା ପାଇଁ ଆର୍ଦ୍ରଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି କ୍ରମରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଆର୍ଦ୍ର ଭୂମି ଦିବସ ଉପଲକ୍ଷେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଆର୍ଦ୍ର ଭୂମିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ଉଦ୍ଧବ ଭୁଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ ଥିଲେ। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆର୍ଦ୍ର ଭୂମି ସଂରକ୍ଷଣର ଆବଶ୍ୟକତା ଉପରେ ଧାରଣା ପ୍ରଦାନ କରିବା ସହ ସମସ୍ତଙ୍କୁ ଆର୍ଦ୍ର ଭୂମିର ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ।

# 'ପେ ଆଣ୍ଡ ୱିନ୍' ରେ ୯୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ପୁରସ୍କୃତ କରିବ ଟିପିଡବ୍ଲୁଓଡିଏଲ୍

**ସମ୍ବଲପୁର, ୨।୨(ସମିସ):** ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସୋମବାର 'ପେ ଆଣ୍ଡ ୱିନ୍' ଯୋଜନାର ବିଜେତାମାନଙ୍କ ନାମ ଘୋଷଣା ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ବିଜେତାମାନଙ୍କ ତାଲିକା ଲକି ଡ୍ର ମାଧ୍ୟମରେ ଘୋଷଣା କରିଥିଲେ। ଶ୍ରୀ ବର୍ମା ସୂଚନା ଦେଇଥିଲେ ଯେ ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୭୫ ହଜାର ୫୮୩ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଛି। ଯୋଜନା ଅନୁଯାୟୀ, ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ। ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଛି। ବଲାଙ୍ଗୀର ବିଦ୍ୟୁତ୍ ମଣ୍ଡଳରୁ ୯୨, ୭୬୯ ଜଣ, ବରଗଡ଼ରୁ ୩୫, ୫୦୮ ଜଣ, କଳାହାଣ୍ଡିରୁ ୧, ୧୮, ୮୭୯ ଜଣ, ରାଉରକେଲାରୁ ୧, ୯୩, ୫୮୫ ଜଣ



ଏବଂ ସମ୍ବଲପୁରରୁ ୧, ୩୪, ୮୫୨ ଜଣ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ, ବଲାଙ୍ଗୀରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ପାଇଁ ନିକଟତମ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯିବ ସହ ସମ୍ପୂର୍ଣ୍ଣ ତାଲିକା କମ୍ପାନୀର ୱେବସାଇଟରେ ପ୍ରକାଶିତ କରାଯିବ। 'ପେ ଆଣ୍ଡ ୱିନ୍' ଯୋଜନା ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ଯୋଗ୍ୟ ଗ୍ରାହକମାନଙ୍କୁ ଚିହ୍ନିତ କରି ପୁରସ୍କୃତ କରିଥାଏ। ଯାହା ଅନ୍ୟମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବିଲ୍ ପୈଠ କରିବାକୁ ପ୍ରେରଣା ଦେଇଥାଏ। ଏହି ଯୋଜନାଟି ଅଗଷ୍ଟ ୨୦୨୪ରେ ଆରମ୍ଭ ହୋଇଥିଲା, ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରୁ ତିନି ଜଣ ଲେଖାଏଁ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏହି ସଂଖ୍ୟା ବଢ଼ି ଛଅ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା ଏବଂ ଦ୍ୱିତୀୟ ତ୍ରୈମାସିକରୁ ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏବେ ୧୬ ଜଣ ଲକି ବିଜେତାଙ୍କୁ ପୁରସ୍କୃତ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଭୀମଭୋଇ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ରେଢ଼ାଖୋଲ, ୨।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ସୋମବାର +୩ ସ୍ତରର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜର ଅଧ୍ୟକ୍ଷ ଅମୂଲ୍ୟକୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଓ ପ୍ରାଧ୍ୟାପକ ମନୋରଞ୍ଜନ ମହନ୍ତ ଯୋଗଦେଇ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ୮ ଦିନିଆ ଶିବିରରେ ମାଷ୍ଟରଟ୍ରେନର ପାୟଲ ତାଣ୍ଡି ଏବଂ ପ୍ରିୟଦର୍ଶିନୀ ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଗୁଡ଼ିକ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହକୁ ଅଧ୍ୟାପିକା ନିରୁପମା ଦେହୁରୀ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**୧୬୦ ବର୍ଷର ଅନନ୍ୟ ପରମ୍ପରା**

# ଜମି ଉପହାର ବଦଳରେ ଗୋଷ୍ଠୀଭୋଜନ

**ସମ୍ବଲପୁର, ୨।୨ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ଡୁମାଲପଦରରେ ପ୍ରାୟ ୧୬୦ ବର୍ଷ ହେଲା ଏକ ଅନନ୍ୟ ପରମ୍ପରା ଜାରି ରହିଛି। ଜମି ଉପହାର ବଦଳରେ ଜଣେ ବ୍ୟକ୍ତି ପିଢ଼ି ପରେ ପିଢ଼ି ଉକ୍ତ ବ୍ୟକ୍ତିଙ୍କ ପରିବାର ଓ ଜନସାଧାରଣଙ୍କୁ ଗୋଷ୍ଠୀ ଭୋଜନ ଦେଉଥିବା ଦେଖାଯାଇଛି। ସାଧାରଣତଃ ମାଘ ମାସର ପୂର୍ଣ୍ଣିମା ଦିନ ଏହି ଭୋଜନ ଦିଆଯାଇଥାଏ ଏବଂ ଚଳିତବର୍ଷ ମଧ୍ୟ ଫେବୃଆରୀ ୧ ତାରିଖ ଦିନ ଏହି ଉତ୍ସବ ପାଳିତ ହୋଇଯାଇଛି। ଡୁମାଲପଦର ଗ୍ରାମବାସୀଙ୍କ ପାଇଁ, ଏହା ଏକ ପ୍ରକାର ବାର୍ଷିକ ସମାବେଶ; ଯେଉଁମାନେ ବର୍ତ୍ତମାନ ଦୂର ସହରରେ ରହୁଛନ୍ତି ସେମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୧୬୦ ବର୍ଷ ପୂର୍ବେ, ସମ୍ବଲପୁରରୁ ୨୨ କିଲୋମିଟର ଦୂର ଡୁମାଲପଦର ଗାଁରେ ମାଧବ ପ୍ରଧାନ ନାମକ ଜଣେ ବ୍ୟକ୍ତି ଥିଲେ। ସେ ତାଙ୍କ ଘରଠାରୁ ଅଧ କିଲୋମିଟର ଦୂର କୁଶନପୁରୀ ଗାଁର ଜମିଦାର (ଗୌନ୍ତିଆ) ବିଶେଇ ପଣ୍ଡାଙ୍କ ଅଧୀନରେ ମୁଖ୍ୟ ଶ୍ରମିକ (ଗୁତି) ଭାବେ କାର୍ଯ୍ୟ କରୁଥିଲେ। ଯେତେବେଳେ ଧାନ ଅମଳ ସମୟ ଆସିଲା, ଗୌନ୍ତିଆ ମାଧବ ପ୍ରଧାନଙ୍କୁ





୨.୦୮ ଏକର ଉର୍ବର ନିମ୍ନଭୂମି ଜମି (ବାହାଲ) ଅମଳ କରିବା ପାଇଁ ଆବଶ୍ୟକ ପ୍ରାୟ ୩୦ ଜଣ ଶ୍ରମିକଙ୍କ ବ୍ୟବସ୍ଥା କରିବାକୁ ମାଧବଙ୍କୁ କହିଥିଲେ। ମାଧବ ତାଙ୍କ ନିଯୁକ୍ତିଦାତାଙ୍କୁ କହିଥିଲେ ଯେ କୌଣସି ଶ୍ରମିକର ଆବଶ୍ୟକତା ନାହିଁ ଏବଂ ସେ ଏକା ଗୋଟିଏ ଦିନରେ ଏହି କାମ କରିବାକୁ ଯଥେଷ୍ଟ। ଶ୍ରୀ ପଣ୍ଡା ତାଙ୍କ ଶକ୍ତି ପରୀକ୍ଷା ପାଇଁ ଜଣାଶୁଣା ମାଧବଙ୍କୁ କହିଥିଲେ ଯେ ଯଦି ତୁମେ ଗୋଟିଏ ଦିନରେ ଜମି ଅମଳ କରିବ, ତେବେ ମୁଁ ତୁମକୁ ସବୁଦିନ ପାଇଁ ମାଗଣାରେ ଜମି ଦେଇଦେବି। ମାଧବ କହିଲେ ଯେ ଯଦି ସେ ଗୋଟିଏ ଦିନରେ ଅମଳ କରିପାରିବେ ନାହିଁ, ତେବେ ସେ ତାଙ୍କ ସହିତ ମାଗଣାରେ ଅର୍ଥାତ୍ ବିନା ମଜୁରୀରେ ଗୋଟିଏ ବର୍ଷ ପାଇଁ ଗୁତି ଭାବରେ କାମ କରିବେ। ପରଦିନ, ମାଧବ ସୂର୍ଯ୍ୟୋଦୟ ପୂର୍ବରୁ କାମ କରିବାକୁ ବାହାରିଲେ। ଯେତେବେଳେ ସେ ଧାନ ଅମଳ କରୁଥିଲେ, ତାଙ୍କ ସ୍ତ୍ରୀ ତାଙ୍କୁ ସମୟ ସମୟରେ ପଛରୁ ଖାଇବାକୁ ଦେଇଥିଲେ। ସୂର୍ଯ୍ୟାସ୍ତ ସୁଦ୍ଧା, ମାଧବ ତାଙ୍କ କାମ ସମାପ୍ତ କଲେ ଏବଂ ତାଙ୍କ କହିଥିବା କଥାରଖି, ଶ୍ରୀ ପଣ୍ଡା ତାଙ୍କୁ ଜମି ଉପହାର ଦେଇଥିଲେ। ତଥାପି, ସେହି ସମୟରେ ବିଶ୍ୱାସ କରାଯାଉଥିଲା ଯେ ବ୍ରାହ୍ମଣଙ୍କ ସମ୍ପତ୍ତି ଉପଭୋଗ କରିବା ଠିକ୍ ନୁହେଁ, କିନ୍ତୁ ଘଟଣା ପ୍ରବାହ ଦ୍ୱାରା ଜମି ତାଙ୍କ ପାଖକୁ ଆସିଲା। ତେଣୁ, ମାଧବ ଜମିରୁ ମିଳିଥିବା ଅର୍ଥକୁ ଏକ ଭାଗବତ ମନ୍ଦିର ନିର୍ମାଣ କରିବା ଏବଂ ମାଘ ପୂର୍ଣ୍ଣମୀ ଦିନ ଡୁମାଲପଦର ଆଖପାଖର ଅନେକ ଗାଁର ବ୍ରାହ୍ମଣ ଏବଂ ଅନ୍ୟ ଲୋକମାନଙ୍କୁ ଖାଇବାକୁ ଦେବା ପାଇଁ ବ୍ୟବହାର କରିଥିଲେ। ମାଧବ ପ୍ରଧାନ ମଧ୍ୟ ତାଙ୍କ ପୁଅମାନଙ୍କୁ ଏହି ପ୍ରଥା ଜାରି ରଖିବାକୁ କହିଥିଲେ। ତାଙ୍କ ପୁଅ ପରେ, ତାଙ୍କ ନାତି ଏହି ପରମ୍ପରାକୁ ଆଗକୁ ବଢ଼ାଇଥିଲେ। ବର୍ତ୍ତମାନ, ପ୍ରଧାନ ପରିବାରର ଷଷ୍ଠ ପିଢ଼ି, ଯାହାର ନେତୃତ୍ୱ ନେଉଛନ୍ତି ୭୩ ବର୍ଷୀୟ ବିରଞ୍ଚି ନାରାୟଣ ପ୍ରଧାନ, ଏହି ପ୍ରଥା ଜାରି ରଖିଛନ୍ତି, ଯାହା ଏବେ ସମଗ୍ର ଗାଁର ସହାୟତାରେ ଏକ ସାମୂହିକ ଉତ୍ସବ ପାଲଟିଯାଇଛି।

# ସୂର୍ଯ୍ୟଶ୍ରୀ ଟ୍ରିନିଟି ସ୍କୁଲ୍‌ର ବାର୍ଷିକୋତ୍ସବ




**ବରଗଡ଼, ୨।୨(ସମିସ):** ସୂର୍ଯ୍ୟଶ୍ରୀ ଟ୍ରିନିଟି ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ 'ଉର୍ଜା ୨.୦' ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଭାଗବତ ପଧାନ ଓ ସମ୍ମାନିତ ଅତିଥି ଭାବେ ନବକିଶୋର ପାଣିଗ୍ରାହୀ (ବିଜେପି, ଜିଲ୍ଲା ପ୍ରବକ୍ତା) ଏବଂ ଆଶୀର୍ବାଦ ମହାପାତ୍ର (ଭାରତ ପର୍ବତାରୋହୀ) ଯୋଗ ଦେଇଥିଲେ। ଅଧ୍ୟକ୍ଷ ବ୍ରଜେନ୍ଦ୍ର ମହାପାତ୍ର ଏବଂ ଚେୟାରମ୍ୟାନ ଶଙ୍କର ପ୍ରସାଦ ରଥଙ୍କ ସହିତ ଶିକ୍ଷକ ଦେବାଶିଷ ଛତ୍ରିଆ, ଲିଲିବଲା ସାହୁ, ଶ୍ରାବଣୀ ମେହେର, ଲୋପାମୁଦ୍ରା ଦାଶ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ଶାସ୍ତ୍ରୀୟ ଓ ଲୋକନୃତ୍ୟ, ସଙ୍ଗୀତ, ନାଟକ ଓ ବିଷୟ ଭିତ୍ତିକ ପ୍ରଦର୍ଶନୀ ମାଧ୍ୟମରେ ଏକତା, ଶିଷ୍ଟାଚାର, ସମ୍ମାନ ଓ ସାମାଜିକ ଦାୟିତ୍ୱର ସନ୍ଦେଶ ପ୍ରସ୍ତୁତ କରିଥିଲେ। ଏହି ଅବସରରେ କୃତୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପଦ୍ମନପୁର ଉଚ୍ଚ ବିଦ୍ୟାଳୟ
# ୩ ଶିକ୍ଷକଙ୍କ ଉପରେ ୯ଟି ଶ୍ରେଣୀର ବୋଝ

**ବୌଦ୍ଧ, ୨।୨(ସମିସ)**

ବୌଦ୍ଧ ବ୍ଲକ ପଦ୍ମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୪୧ ମସିହାରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ପ୍ରଥମେ ମାଟିଘରେ ଚାଲିଥିବା ବେଳେ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢୁଥିଲେ। ପରେ ୨୦୦୨ ମସିହାରେ ଉନ୍ନତୀକରଣ କରାଯାଇ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ସେ ସମୟରେ ଆବଶ୍ୟକ ଶିକ୍ଷକ ଥିଲେ। ପାଠପଢ଼ା ମଧ ଠିକ୍ ଚାଲିଥିଲା। ତିନି ବର୍ଷ ହେଲା ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ କାର୍ଯ୍ୟରତ ଶିକ୍ଷକ ବିନାୟକ ମିଶ୍ର ପଦୋନ୍ନତି ପାଇ ଗତ ୨୦୨୪ ଜୁଲାଇରେ ତେତେଲେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ଦୁଇ ବର୍ଷ ତଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ହୋଇଛି। ଏହାପରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ସରକାର ମାଗଣା ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ଓ ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଶିକ୍ଷାର ମୂଳଦୁଆ ପ୍ରତି ଦୃଷ୍ଟି ଦେଉ ନଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ଫଳରେ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ଘରୋଇ ବିଦ୍ୟାଳୟ ପ୍ରତି ଆକର୍ଷିତ ହେଉଛନ୍ତି। ୯ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ କିଭଳି ଶିକ୍ଷା ଦାନ କରୁଥିବେ ତାହା ସହଜେ ଅନୁମେୟ। ତିନି ଜଣଙ୍କ ମଧ୍ୟରୁ ଏବେ ଜଣେ ଶିକ୍ଷୟିତ୍ରୀ ପ୍ରସବ କାଳୀନ ଛୁଟିରେ ଥିବାରୁ ୨ ଜଣ ଶିକ୍ଷକରେ ସ୍କୁଲରେ ଶିକ୍ଷାଦାନ ଚାଲୁଛି। ଏନେଇ ପରିଚାଳନା କମିଟି ୨୦୨୩ ମସିହା ଜୁଲାଇରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଦାବି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଦ୍ୟାଳୟରେ ତୁରନ୍ତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରା ନଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।



# ଗଞ୍ଜେଇ ଚାଲାଣବେଳେ ଜଙ୍ଗଲରେ ଚଢ଼ଉ
## ୨ ବାଇକ୍ ସହ ୮୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ଲମ୍ବସରୀ ପଞ୍ଚାୟତ ସାନଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ୮୬ କେଜି ଗଞ୍ଜେଇ ଜବତ କରିଛି। ଘଟଣାସ୍ଥଳରୁ ୨ଟି ବାଇକ ଜବତ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଗୁହିରାପାଲି ଗ୍ରାମର ଗଜେନ୍ଦ୍ର କର୍ମୀ (୩୨)କୁ ପୁଲିସ ଗିରଫ କରିଛି। ଜଙ୍ଗଲରେ ଗଞ୍ଜେଇ ଡୋଗା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏସ୍ଆଇ ପ୍ରକାଶ ଭୋଇ, ଏଏସ୍ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ପ୍ରମୁଖ ଚଢ଼ଉ କରିଥିଲେ। ପୁଲିସର ଚଢ଼ଉ ସମ୍ପର୍କରେ ସୂଚନା ପାଇ ସମସ୍ତେ ଚମ୍ପଟ ମାରିଥିଲେ। କେବଳ ଗଜେନ୍ଦ୍ର ଧରା ପଡ଼ିଥିଲା। କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା।



## ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ବୀରମହାରାଜପୁର, ୨।୨(ସମିସ):** ଉଲୁଣ୍ଡା ବ୍ଲକ କଲାପଥର ପଞ୍ଚାୟତ ଭଙ୍ଗାମୁଣ୍ଡାରେ ନବ ନିର୍ମିତ ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଙ୍ଗାମୁଣ୍ଡା ମଠର ମହନ୍ତ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା ତିନି ଶହରୁ ଅଧିକ ମହିଳା ମଠରୁ କଳସ ଶୋଭାଯାତ୍ରାରେ ବାହାରିଥିଲେ। ମହାନଦୀର ନୂଆଁଗଡ଼ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞ କମିଟିର ସଭାପତି ସାଫି ମେହେର ଓ ସମ୍ପାଦକ ମହାଦେବ ନାଏକ କଳସଯାତ୍ରା ପରିଚାଳନା କରିଥିଲେ। ଭାଗୀରଥି ପଣ୍ଡା, ଗୋପାଳ ପାଢ଼ୀ, ଶ୍ରୀନିବାସ ନାୟକ, ଉମେଶ ପ୍ରସାଦ ରଥ, ତ୍ରିପୁରାରି ମଲ୍ଲିକ, ଉମେଶ ପଧାନ, ପ୍ରଦ୍ୟୁମ୍ନ କର୍ମୀ, ପ୍ରଫୁଲ୍ଲ ବେହେରା, ନାରାୟଣ ସାହୁ, ଜଗଦୀଶ ମେହେର, ଚୈତନ୍ୟ ପଧାନ, ପଞ୍ଚୁ ମେଣ୍ଡିଲି, ରାମଚନ୍ଦ୍ର ପ୍ରଧାନ, ଶିବ ମେହେର, ଦାଶରଥି ଭୋଇ, ଅଯତ୍ନ କଲତା ପ୍ରମୁଖ ସହଯୋଗ କରିଥିଲେ। ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ରାଧାମାଧବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାମାୟଣ ପାରାୟଣ ସହ ୫୬ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହା ସହ କଂସ ଦରବାର ମଧ ହେବ।

## ମିର୍ଦ୍ଧା ସମାଜର ସମୀକ୍ଷା ବୈଠକ

**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମଧୁପୁରରେ ମିର୍ଦ୍ଧା (କୁଣହାଁ) ସମାଜର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଗୁଡି ସଭାପତି ବୃନ୍ଦାବନ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଲମ୍ବୋଦର ମିର୍ଦ୍ଧା ସଂଯୋଜନା କରିଥିଲେ। ଜିଲ୍ଲା ସମ୍ପାଦକ ସ୍ୱାଧୀନ ମିର୍ଦ୍ଧା, ଗୁଡି ସମ୍ପାଦକ ଉସ୍ତ ବାଘ, ଉପସଭାପତି ଲିଙ୍ଗରାଜ ଛତ୍ରିଆ, ସହ ସମ୍ପାଦକ ଶ୍ୟାମ ମାଝୀ, କୋଷାଧ୍ୟକ୍ଷ ବଳରାମ ପଧାନଙ୍କ ସମେତ ସମାଜର ଶତାଧିକ ସମାଜ ବନ୍ଧୁ ଯୋଗ ଦେଇଥିଲେ। ସଭାରେ ୨୦୨୫-୨୬ ବର୍ଷ ଆୟବ୍ୟୟର ଅଟକଳ, ଇଷ୍ଟଦେବ ବୁଢାରଜା ପୀଠର ଉନ୍ନତିକରଣ, ମହାସଭା ପାଳନର ସମୀକ୍ଷାକ, ଆଦିବାସୀ ଜାତି ପ୍ରମାଣପତ୍ର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ସ୍ୱର୍ଶ କୃଷ୍ଣ ସଚେତନତା ଅଭିଯାନ

**ଲଛିପୁର, ୨।୨(ସମିସ):** ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱର୍ଶ କୃଷ୍ଣ ସଚେତନତା ଅଭିଯାନ ଖରଝୁରା ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ଲେପ୍ରୋସି) ଡା. ତ୍ରିବିକ୍ରମ ପାଣ୍ଡିଆ, ଜିଲ୍ଲା ଲେପ୍ରୋସି ସଂଯୋଜକ ଗୌରୀଶଙ୍କର ପଣ୍ଡା, ଭରୋଜା ଲେପ୍ରୋସି ପ୍ରକଳ୍ପର ବିରଞ୍ଚି ମହତୋ, ବିନୋଦ କୁମାର ପାତ୍ର, ନଳିନୀ କୁମାର ଭଥା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର, ବିଏଲଡବ୍ଲ୍ୟୁ ଅମିତ କୁମାର ପଧାନ, ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଏଲଡବ୍ଲ୍ୟୁ ଅମିତ କୁମାର ପଧାନ ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଲେପ୍ରୋସି) ଡା. ପାଣ୍ଡିଆ ଲେପ୍ରୋସିର ଚିକିତ୍ସା, ସମାଜରେ ଏହାର ପ୍ରଭାବ ଓ ପ୍ରତିକାର ସମ୍ବନ୍ଧରେ ସୂଚନା ଦେଇଥିଲେ। ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଶ୍ରୀ ମେହେର ଏବଂ ଶ୍ରୀ ପଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖରଝୁରାର ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଜଣାଇଥିଲେ।

## ଭାଲୁ ଆକ୍ରମଣରେ ସ୍ୱାମୀ ସ୍ତ୍ରୀ ଗୁରୁତର



**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଗ୍ରାମର ଏକ ଦମ୍ପତି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏହି ଦମ୍ପତି ହେଲେ ଗାଁର ମନେଶ୍ୱର ବଣ୍ଡକି ଓ ମୁଖି ବଣ୍ଡକି। ସୋମବାର ସକାଳେ ଉଭୟ ରାସ୍ତାରେ ଯାଉଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ।

## ୨ ଦିନ ପରେ ଉଠିଗଲା ପିଚୁ

**ଶଗଡ଼ା, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଛକରୁ ଗାଁ ଭିତର ପର୍ଯ୍ୟନ୍ତ ଦୀର୍ଘ ଦେଢ଼ କିଲୋମିଟର ପିଚୁ ରାସ୍ତା ଗତ ୨ଦିନ ତଳେ ନିର୍ମାଣ କାର୍ଯ୍ୟ ଶେଷ



ହୋଇଛି; କିନ୍ତୁ ଅତି ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁଁ ରାସ୍ତା ଉପରୁ ପିଚୁ ଉଠି ଯାଉଥିବା ଦେଖିବାକୁ ମିଳିଛି। ସରକାର ଗମନାଗମନ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ କରୁଥିବା କହୁଛନ୍ତି; କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନବୃତ୍ତି ଯୋଗୁଁ ଅତି କମ୍ ପରିମାଣର ସାମଗ୍ରୀ ବ୍ୟବହାର ହେଉଥିବାରୁ ଏହିସବୁ ପିଚୁ ଛାଡ଼ି ଉଠି ଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏଭଳି ନିମ୍ନମାନର ରାସ୍ତା ନିର୍ମାଣ ହେଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନିମ୍ନମାନର ନିର୍ମାଣ କାର୍ଯ୍ୟ ନେଇ ଅଭିଯୋଗ କଲେ ମଧ କେହି ତାଙ୍କ କଥା ଶୁଣୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ଆହୁରି ମଧ ଏତେବଡ଼ ରାସ୍ତା କାମରେ କୌଣସି ସ୍ଥାନରେ ସୂଚନା ଫଳକ ମଧ ଦିଆଯାଇନାହିଁ। ଏହାଫଳରେ ରାସ୍ତା କାମରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ ବିଭାଗରୁ କାମ ହୋଇଛି ତାହା ଗ୍ରାମବାସୀ ଜାଣିନାହାନ୍ତି। ଜନ ସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ସରକାରୀ କାମ ଆରମ୍ଭ ହେଲେ ସୂଚନା ଫଳକ ଲଗାଇବାର ସରକାରୀ ନିର୍ଦ୍ଦେଶ ରହିଛି; କିନ୍ତୁ ଏଠାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେବେ ଏସମ୍ପର୍କରେ କଣ୍ଟାମାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କୁ ପଚାରିବାରୁ ଏହି ପିଚୁକୁ ଜବରଦସ୍ତ ଝିଙ୍କି କାଢି ଦିଆଯାଉଛି। ପିଚୁ ସେଟ୍ ହେବା ପାଇଁ ୪୫ ଦିନ ସମୟ ଲାଗିବ। ଏହା ଏକ ମରାମତି କାମ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ ବୋଲି କହିଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ତରଭା, ୨।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେକେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୯ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୮ଟି ସାମୁହିକ ରହିଥିଲା। ସେଥିରୁ ୩ଟି ଦରଖାସ୍ତର ସମାଧାନ କରାଯାଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର ସ୍ୱର୍ଣ୍ଣରେଖା ଜି, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଯୋଗଦେଇଥିଲେ।



## ମୁନିସିପାଲିଟିରେ ସାମିଲ ହେବାକୁ ଥିବା ବିଭିନ୍ନ ଗାଁ ପରିଦର୍ଶନ କଲେ ଜିଲ୍ଲାପାଳ



**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପ୍ରସ୍ତାବିତ ବୌଦ୍ଧ ମୁନିସିପାଲିଟିରେ ସାମିଲ ହେବାକୁ ଥିବା ମୁର୍ଶୁଣି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ସେ କଣ୍ଟୁଆଣୀ, ମାଉଲସିଂଘା, ଟୁଟୁସିଂଘା ପରିଦର୍ଶନ କରିଛନ୍ତି। ସେହିଭଳି ମୁନିସିପାଲିଟି ପାଇଁ ପ୍ରସ୍ତାବିତ ଗୋଶାଳା, ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର, ମେଟ୍ରିଆଲ ରିକୋଭରୀ ଫେସିଲିଟି ସେଣ୍ଟର ପାଇଁ ସ୍ଥାନ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଅଞ୍ଚଳ ବୁଲି ଦେଖିବା ସହ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ତହସିଲଦାର ଅନିତା ସାହୁ, ବୌଦ୍ଧ ସଦର ରାଜସ୍ୱ ନିରୀକ୍ଷକ ଅନୀଲ୍ ପ୍ରଧାନଙ୍କ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ହରଭଙ୍ଗା, ୨।୨ (ସମିସ):** ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆଲସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରମେଶ ଚନ୍ଦ୍ର ତାରିଣିଆଁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଲଳିତ ମେହେର, ଅଧ୍ୟାପିକା ଶୁଭ୍ରମଲ୍ଲିକା ପ୍ରଧାନ, ସୁଶ୍ରୀ ପୂଜାରାଣୀ ଦେଓ, ସୁଶ୍ରୀ ଦମୟନ୍ତୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସୁଷମାରାଣୀ ବହିଦାର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। କ୍ରୀଡ଼ା ଶିକ୍ଷକ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ସାହୁ, ରୋଶନା ଗାଇଗୌରିଆ ଉପସ୍ଥିତ ଥିଲେ। ଛାତ୍ରୀ ସୁଶ୍ରୀ ମିନତୀ ସାମଲ ଶିବିରର ସଫଳତାକୁ ଦ୍ୱିଗୁଣିତ କରିଥିଲେ।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ବିଭାଗ ମୁଖ୍ୟ ଭାଗ୍ୟବାନ ମହାକୁଡ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ମିଶ୍ର, ଡକ୍ଟର ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଣତି ମିଶ୍ର, ଡକ୍ଟର (ଇଂ) ସଞ୍ଜୟ ପଣ୍ଡା, ଡକ୍ଟର ପ୍ରମୋଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଲକ୍ଷ୍ମଣ ମେହେର ଓ ଅଧ୍ୟାପିକା କଲ୍ୟାଣୀ ଦେବୀ ସୁନାନୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ମୃତିରାଣୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ସହରର ରାମେଶ୍ୱର ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମାଜର ରାମେଶ୍ୱର ବସତି ସଭାପତି ସୂର୍ଯ୍ୟେନ୍ଦ୍ର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଜିଲ୍ଲା କାର୍ଯବାହ ଇନ୍ଦୁଭୂଷଣ ମହାକୁଳ, ସଂଘର ବିଭାଗ ବୌଦ୍ଧିକ ପ୍ରମୁଖ ଦେବଦତ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୁ ସମ୍ମିଳନୀର ନଗର ସଂଯୋଜକ ସାର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ବସତି ସହ ସଂଯୋଜକ ବୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ହୋମଯଜ୍ଞ ହୋଇଥିଲା। ସ୍ଥାନୀୟ ଜଳେଶ୍ୱର ବେଦ ବିଦ୍ୟାପୀଠ ଛାତ୍ରଙ୍କ ଦ୍ୱାରା ବେଦପାଠ କରାଯାଇଥିଲା।

# ନବାହ୍ନ ପାରାୟଣ ପାଇଁ କଳସ ଶୋଭାଯାତ୍ରା

**ବୀରମହାରାଜପୁର, ୨।୨ (ସମିସ):** ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଦନ୍ତାପାଲି ଗ୍ରାମରେ ନବାହ୍ନ ପାରାୟଣ ପାଇଁ ସୋମବାର ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ କଳସଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶହେରୁ ଅଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଗ୍ରାମରୁ ବାହାରି ଘଣ୍ଟ ଘଣ୍ଟା ଓ ଶଙ୍ଖ ଧ୍ୱନି, କୀର୍ତ୍ତନ ସହ ମହାନଦୀ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ନବାହ ମଣ୍ଡପରେ ସ୍ଥାପନ କରିଥିଲେ। ନବାହରେ କର୍ତ୍ତା ଭାବେ ଦେବେନ୍ଦ୍ର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସଂନ୍ତୋଷିନୀ ପଣ୍ଡା ରହିଥିବା ବେଳେ ପୂଜକ ବଳରାମ ପଣ୍ଡା ନବାହ କାର୍ଯ୍ୟ ତୁଲାଉଛନ୍ତି। ଫେବୃୟାରୀ ୩ ତାରିଖ ଅର୍ଥାତ୍ ମଙ୍ଗଳବାରଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ନାବାହ ପାରାୟଣକୁ ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ ଗାୟକ ପବିତ୍ର ପାତାଳୀ ଶ୍ରୀକ୍ଷେତ୍ର ନିକଟସ୍ଥ କୋଟସମଲାଇ ଗ୍ରାମର ବ୍ୟାସ ଶ୍ରୀରାମ ପଣ୍ଡା ପାଠ କରିବେ। ଏହି କଳସଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିଥିଲେ।



## ୧୯୯୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

**ଡୁଙ୍ଗୁରିପାଲି, ୨।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ ସାଲେଭଟାସ୍ଥିତ ଗାଇଖାଇ ଡ୍ୟାମ୍ ପରିସରରେ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଚେରୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଘିବେଲା, ଗଣିତ ଶିକ୍ଷକ ତଥା ଓଷ୍ଟା ଶିକ୍ଷକ ସଂଘର ସଭାପତି ବିନୋଦ ପାଣିଗ୍ରାହୀ, ବିଜ୍ଞାନ ଶିକ୍ଷକ ପ୍ରତାପ ସାଏ ପଟେଲ, ସାହିତ୍ୟ ଶିକ୍ଷକ ସାଧୁ ପଧାନ, ସଂସ୍କୃତ ଶିକ୍ଷକ ଡାକ୍ତର ବାରିକ, ହିନ୍ଦୀ ଶିକ୍ଷକ ମନବୋଧ ସାହୁ, ଖେଳ ଶିକ୍ଷକ ଲିଙ୍ଗରାଜ ପଟେଲ, କିରାଣି ମୂରଲୀଧର ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବକବି ପ୍ରସନ୍ନ ମେହେରଙ୍କ 'ଆସଦର୍ଶନ' ଓ 'କହଇ ମନରେ ମୋ ବୋଲକର' ଉନ୍ମୋଚିତ ହୋଇଥିଲା। ପ୍ରସନ୍ନ ମେହେର ସଂଯୋଜନା କରିଥିବା ବେଳେ ଅଭିରାମ ପରାଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୟ ମିଶ୍ର, ଲମ୍ବୋଦର ମିଶ୍ର, ସୁଦର୍ଶନ ସାହୁ, ଲୋଚନ ସା, ହରିବୋଲ ସାହୁ, ମୁକେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥଲେ।

### ■ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ
# ନୟାଗଡ଼କୁ ହରାଇ ଅନୁଗୁଳ ବିଜୟୀ

**ବୌଦ୍ଧ, ୨।୨(ସମିସ):** ହରଭଙ୍ଗା ବ୍ଲକ ସରସରା ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଖେଳ ନେତାଜୀ ଫୁଟବଲ କ୍ଲବ୍ (ଅନୁଗୁଳ) ଓ ପ୍ରକାଶ ୧୧ (ନୟାଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଅନୁଗୁଳ ବିଜୟୀ ହୋଇଛି। ମଙ୍ଗଳବାର ସମ୍ବଲପୁର ଓ ଭଞ୍ଜନଗର ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ। ତେବେ ସରପଞ୍ଚ ହରି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ବୈଦ୍ୟନାଥ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି, ଗୌତମ ପ୍ରଧାନ, ପ୍ରଭାସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



### ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ କପ୍
# ବଡ଼ଖମାରକୁ ହରାଇ ଚନ୍ଦଲି ଚାମ୍ପିଅନ

**ବୀରମହାରାଜପୁର, ୨।୨(ସମିସ)**

ବହଳପଦର ପଞ୍ଚାୟତରର ଗୁଡୁଗୁଡା ଗ୍ରାମରେ ହେଉଥିବା ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ କପ୍‌ର ଫାଇନାଲରେ ବଡ଼ଖମାରକୁ ହରାଇ ଚନ୍ଦଲି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ ୨ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୮ ଉଇକେଟ ହରାଇ ୬୯ ରନ୍ କରିଥିଲା। ଜବାବରେ ଚନ୍ଦଲି ୭.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୭୦ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୮ ଉଇକେଟ ହରାଇ ୬୬ ରନ୍ କରିଥିଲା। ଜବାବରେ ଚନ୍ଦଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୬୭ ରନ୍ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଚନ୍ଦଲି ଚାମ୍ପିଅନ ହୋଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ପ୍ରଧାନ ଶିକ୍ଷକ ବେଲାର ସେନ ଭୋଇ, ଶିକ୍ଷକ ଗୌତମ ବାରିକ, ସୁରେନ୍ଦ୍ର ଭୋଇ, ଦେବରାଜ ଭୋଇ, ସଞ୍ଜୀବ ମିର୍ଦ୍ଧା, ପ୍ରଦୀପ ଜଗଦଲା, କ୍ରୀଡାବିତ ବେଣୁଧର ରାଏ, ବାଞ୍ଛାନିଧି ପଧାନ, ଫକିର ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତାପ ପାଣ୍ଡେଙ୍କୁ ମ୍ୟାନ ଅଫ ଫାଇନାଲ ଓ ନନ୍ଦନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ସରୋଜ ନାଏକ ଓ ସମ୍ବିତ ମାଝୀ ଅମ୍ପାୟାର ଥିଲେ। ବନମାଳୀ ଗୌନ୍ତିଆ ଓ ମଣ୍ଟୁ ପଧାନ ସ୍କୋରିଂରେ ସହଯୋଗ କରିଥିଲେ। ଗୋପୀନାଥ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ।



ସକାଳ THE SAKALA



## ବ୍ରାହ୍ମଣୀ ବ୍ରିଜ୍‌ରେ ଆଲୋକୀକରଣ ପ୍ରହସନ

# ସଞ୍ଜରେ ଜଳୁଛି; ରାତିରେ ଲିଭୁଛି

କବାଟବନ୍ଧ,୨।୨(ସମିସ)

ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜରେ ଆଲୋକୀକରଣର ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି। ଆଲୋକୀକରଣ ନାମରେ ପ୍ରହସନ କରୁଛି ଠିକା ସଂସ୍ଥା। ସନ୍ଧ୍ୟାରେ ଜଳୁଛି; ରାତିରେ ଅନ୍ଧାର କରି ନିଜ ଦାୟିତ୍ୱ ସାରୁଛି ଠିକା ସଂସ୍ଥା। ପ୍ରାୟ ୬ ଦିନ ହେବ ଏହି ଭଳି ଭାବରେ ଲାଇଟ୍ ଜଳାଯାଉଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ବ୍ରିଜ ଆଲୋକୀକରଣ ପାଇଁ ପ୍ରାୟ ୫ ମାସ ପୂର୍ବରୁ ଲାଇଟ ଲଗା ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ଭାବେ ଜଳିପାରିଲା ନାହିଁ। ଯାହାକି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଅପାରଗତା ପାଇଁ ହେଉଥିବା ଜନସାଧାରଣ ମତ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ବ୍ରିଜ ଉପର ଅନ୍ଧାର ପାଇଁ ଦୁର୍ଘଟଣା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକପାଖିଆ ବ୍ରିଜରେ ଉଭୟ ପାଶ୍ୱର୍ରୁ ଗାଡ଼ି ଚଳାଚଳ କରିବା ସହିତ ଗାଡ଼ି ଲାଇଟ ପ୍ରତିଫଳନ ହୋଇ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ବାରମ୍ବାର ହୃଦୟ ବିଦାରକ ଦୁର୍ଘଟଣା ଘଟୁଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି କିମ୍ବା ସଚେତନ ମଧ୍ୟ ହେଉନାହାଁନ୍ତି। ଫଳରେ ଅନ୍ଧାର ରାତିରେ ଦୁର୍ଘଟଣା ଘଟି ନିରୀହ ଜନସାଧାରଣଙ୍କ ଜୀବନହାନି ହେଉଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜିଲ୍ଲାର ତଥା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ଅଟେ।



ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ଏହି ବ୍ରିଜ ଉପରେ ଦେଶର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଅନ୍ୟ ପକ୍ଷରେ ଏହି ଜାତୀୟ ରାଜପଥ ଦକ୍ଷିଣ ଭାରତର କଳିଙ୍ଗ ନଗର ଶିଳ୍ପାଞ୍ଚଳ ପାଇଁ ଏକମାତ୍ର ପ୍ରବେଶ ପଥ ଅଟେ। ଏହି ବ୍ରିଜ ଉପରେ ଅଧିକାଂଶ ଦୁର୍ଘଟଣା ପ୍ରାୟତଃ ସନ୍ଧ୍ୟା ସମୟରେ ହେଉଥିବା ଜଣାପଡିଛି। ତେଣୁ ଦୁର୍ଘଟଣାର ମୁଖ୍ୟ କାରଣ କେବଳ ଅନ୍ଧାର ବ୍ରିଜ ବୋଲି ସ୍ପଷ୍ଟ ହେଉଛି। ଗତ ସେପ୍ଟେମ୍ବର ମାସରେ ଏହି ବ୍ରିଜ ଉପରେ ଅଲୋକୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା ପରେ ଗତ ଅକ୍ଟୋବର ୪ ତାରିଖରେ ଏହାକୁ ପରୀକ୍ଷା ମୂଳକ ଭାବେ ଜେନେରେଟର ମାଧ୍ୟମରେ କରେଣ୍ଟ ସଂଯୋଗ କରାଯାଇ ବନ୍ଦ କରି ଦିଆଯାଇଥିଲା। ଯାହାକି ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି। ବାରମ୍ବାର ଅଭିଯୋଗ ପରେ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ମନମାନି ପାଇଁ ଏହି ଅବ୍ୟବସ୍ଥା ଦେଖାଦେଇଛି। ବାରମ୍ବାର ଦୁର୍ଘଟଣା ଘଟିବାରୁ ଗତ ୨୮ ତାରିଖରୁ ଠିକା ସଂସ୍ଥା ପକ୍ଷରୁ କେବଳ ସନ୍ଧ୍ୟା ସମୟରେ ଲାଇଟ୍ ଜଳାଇ ପୁଣି ରାତି ୧୧ଟା ବେଳେ ବନ୍ଦ କରିଦେଉଛି। ଏଭଳି ବିଚିତ୍ର ଅଲୋକୀକରଣ ବ୍ୟବସ୍ଥା କେବଳ ବ୍ରାହ୍ମଣୀ ବ୍ରିଜରେ ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଠିକାସଂସ୍ଥାର ଅଧିକାରୀଙ୍କୁ ପଚାରିବାରୁ ଲାଇଟ ନିୟମିତ ଜଳାଯାଉଛି ପ୍ରକାଶ କରିଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀ ସନ୍ଧ୍ୟା ସମୟରେ ଲାଇଟ୍ ଜଳାଇ ରାତି ୧୧ଟାରେ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହିଛନ୍ତି। ତେବେ ଏଭଳି ସ୍ଥିତିରେ କେବଳ ଜନସାଧାରଣ ହିଁ ବଳି ପଡିବା ସାର ହେଉଛି।

## ହାଇୱା ସହ ମିକଶ୍ଚର ମେସିନ ଧକ୍କା

ପାଣିକୋଇଲି,୨।୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଠାରେ ଦୁଇଟି ଗାଡ଼ି ମଧ୍ୟରେ ଭୟଙ୍କର ଦୁର୍ଘଟଣା ହୋଇଥିଲେ ଅଳ୍ପକେ ଦୁଇ ଚାଳକ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ ପାଣିକୋଇଲି ପଟୁ ଲୁହାପଥର ବୋଝେଇ ପାଇଁ ଏକ ଲମ୍ବା ହାଇୱା (ଓଡି୦୪ଭି ୭୨୭୬) ଯାଉଥିବା ବେଳେ ନୂଆପଦା ନିକଟରେ ସମ୍ମୁଖରୁ ଆସୁଥିବା ବା ରଙ୍ଗ୍‌ରୁଟରେ ଆସୁଥିବା ଏକ ସିମେଣ୍ଟ ଗୋଳା ମିକଶ୍ଚର ମେସିନ ଗାଡି ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡି ଭୟଙ୍କର କ୍ଷତିଗ୍ରସ୍ତ ହୋଇଥିବା ଚାଳକ ଦ୍ୱୟ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ



ପାଣିକୋଇଲି,୨।୨(ସମିସ): ପୁରପଲ୍ଲୀରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ପ୍ରତି ଗାଁ ମୁଣ୍ଡରେ ଦେଖିବାକୁ ମିଳିଥିଲା ଅଗି ଜଳା। ପ୍ରତ୍ୟେକ ପରିବାର ଖଳାରୁ ଛଣ ନେଇ କାଣ୍ଡି କରିଥିଲେ ଗାଁ ମୁଣ୍ଡରେ। ପୂଜାର୍ଚ୍ଚନା ପରେ କରାଯାଇଥିଲା ଅଗ୍ନି ସଂଯୋଗ। ଅଗ୍ନି ପାଉଁଶକୁ ନେଇ ଗଚ୍ଛିତ ଧାନ, ଚାଉଳ ବସ୍ତାରେ ଲଗାଯାଇଥାଏ। ଆଜି ସକାଳୁ ଗାଁ କୁମାରୀ ମାନେ ଉକ୍ତ ପାଉଁଶକୁ ସଫା କରି ଲିପାପୋଛା କରି ବିଭନ୍ନ ଖେଳନା ସମଗ୍ରୀ ନେଇ ସେଠାରେ ପୂଜାର୍ଚ୍ଚନା କରିବା ପରେ ଭୋଗ ରାଗ କରିଥିଲେ। ଏହି ଅଗ୍ନିଉତ୍ସବରେ ଶୀତକୁ ବିଦାୟ ଦିଆଯାଇଥାଏ।

## ମଙ୍ଗଳପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି

ଦଶରଥପୁର,୨।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଞ୍ଚଳରେ ବାରମ୍ବାର ବିଭିନ୍ନ ସ୍ଥାନରେ ଚୋରି ହେଉଥିବାର ଦେଖିବାକୁ ମିଳୁଛି। ପୁଲିସକୁ ଚକମା ଦେଇ ଚୋର କରୁଛନ୍ତି ଚୋରି। ପୁଲିସର ନିଷ୍କ୍ରିୟତା ଓ ସ୍ଥାନୀୟ ଲୋକଙ୍କ ସହଯୋଗ ପାଇଁ ଚାଲିଛି ଅଜରକତା ଓ ବିଭିନ୍ନ ପ୍ରକାର ଚୋରି। ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ଚୋରି। ଏମିତି ଏକ ଅପ୍ରିତିକାର ପରିସ୍ଥିତି ଘଟିଛି ମଙ୍ଗଳପୁର ଥାନା ଅଧୀନ କନିକାପଡା ପଞ୍ଚାୟତସ୍ଥ ମଧୁପୁର ଗ୍ରାମ ତ୍ରୈଲୋକ୍ୟ ପୃଷ୍ଟିଙ୍କ ଘର। ଗତକାଲି ରବିବାର ରାତିରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘରର ମୁଖ୍ୟ କବାଟ ତାଲା ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସମେତ ପିତ୍ତଳ ବାସନକୁସନ ଓ ନଗଦ ଅର୍ଥରାଶି ଚୋରି କରି ନେଇଛନ୍ତି। ପଡୋଶୀଙ୍କ ଠାରୁ ଫୋନ ପାଇ ପ୍ରତାପ କୁମାର ପୃଷ୍ଟି ଯାଜପୁର ରୋଡ୍‌ରୁ ଆସି ଘରର ଅବସ୍ଥା ଦେଖିବା ପରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳପୁର ଥାନାର ଏସ୍‌ଆଇ ଅନିତା ପ୍ରଧାନଙ୍କ ନେତୃତ୍ୱରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଜାରି ରଖିଛି। ତେବେ କେତେଶୀଘ୍ର ମଙ୍ଗଳପୁର ପୁଲିସ ଚୋରଙ୍କୁ ଧରିବାରେ ସଫଳତା ପାଉଛି ତାହା ଦେଖିବାକୁ ବାକି ରହିଲା।

## ପୁଲିସ ଜନ ସମ୍ବାଦ କାର୍ଯ୍ୟକ୍ରମ




ମଧୁବନ,୨।୨(ସମିସ): ନାଗରିକ ଅଧିକାର ସୁରକ୍ଷା ପରିଷଦ ପକ୍ଷରୁ ଦେଶବ୍ୟାପୀ ଏହାର ୧୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୁଲିସ ଜନସମ୍ବାଦ କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲାର କୁଆଖିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଯାଜପୁର ଜିଲ୍ଲା ନାଗରିକ ଅଧିକାର ସୁରକ୍ଷା ପରିଷଦର ଜିଲ୍ଲା ଅଫିସର ମନୋଜ କୁମାର ଚକ୍ରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ ମୁଖ୍ୟଅତିଥି, କୋରାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ବିଶିଷ୍ଟ ଅତିଥି, ସାହିତ୍ୟିକ ଡ. ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟବକ୍ତା ଏବଂ ଏନ୍‌ସିଆଇବି ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ସିଆଇବି ଯାଜପୁର ଜିଲ୍ଲା ଅଫିସର ବୈଦ୍ୟନାଥ ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଂଗଠନ ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀ, ମେଡିକାଲ କର୍ମଚାରୀ, ଶିକ୍ଷକ, ସାହିତ୍ୟିକ, ଛାତ୍ର, ସହଯୋଗ ସମିତି କର୍ମଚାରୀ, ସମାଜସେବୀ ଆଦି ବହୁ ନାଗରିକ ଯୋଗ ଦେଇଥିଲେ। ନାଗରିକ ଅଧିକାର ସୁରକ୍ଷା ପରିଷଦ ଯାଜପୁର ଜିଲ୍ଲା ପକ୍ଷରୁ ପ୍ରଦତ୍ତ ତଥ୍ୟାନୁସାରେ 'ଅପରେସନ ଅନ୍ୱେଷଣ' କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ସମଗ୍ର ଜିଲ୍ଲା ମଧ୍ୟରେ କୋରାଇ ଥାନା ଅଧିକାରୀ ଓ କୁଆଖିଆ ଥାନା ଅଧିକାରୀଙ୍କୁ ଉତ୍କର୍ଷତା ସମ୍ମାନିତ କରାଯାଇଥିଲା।

ସଂସ୍କାର ଗୋଶାଳାର ସଂପାଦକ ବୈକୁଣ୍ଠ ନାଥ ଓ ସମାଜସେବୀ ଆଶିଷ କୁମାର ପତି କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ଜିଲ୍ଲା ଅଫିସର ମନୋଜ କୁମାର ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବୀଣାପାଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଯାଜପୁର,୨।୨(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ବୀଣାପାଣି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୩ୟ ବର୍ଷ ରାଜ୍ୟସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଉଦଘାଟନ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ବିଧାୟିକା ସୁଜାତା ସାହୁ, ସମ୍ମାନୀୟ ଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ଓ ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ବ୍ରଜ କିଶୋର ପାଢୀ, ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଯୁବନେତା ପ୍ରଦୀପ ନାୟକ ଓ ଗୌରାଙ୍ଗ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଟିଏମ୍‌ସିଟି ରିଶିପୁର ଓ କେନ୍ଦ୍ରାପଡ଼ା ସନ୍ଥପୁରାର ଡିସିସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ଥପୁରା ପ୍ରଥମେ ବ୍ୟାଟିଂ କରି ୧୧୬ ରନ୍ ସଂଗ୍ରହ କରିଥିବା ବେଳେ ରିଶିପୁର ସମସ୍ତ ୱିକେଟ ହରାଇ ମାତ୍ର ୭୧ ରନ୍ କରି ପରାଜିତ ହୋଇଥିଲେ। ଦିତୀୟ ମ୍ୟାଚ୍ ଚନ୍ଦନ ଏକାଦଶ ଯାଜପୁର ଓ ଷ୍ଟାର ଇଲେଭେନ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ଏକାଦଶ ୫ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିବା ବେଳେ ପୁରୀ ଷ୍ଟାର ଇଲେଭେନ୍ ୩ଟି ବଲ୍ ବାକି ଥାଇ ୧୦୪ ରନ୍ କରି ବିଜୟ ହାସଲ କରିଥିଲେ। ପରେ ପରେ ଉଭୟ ବିଜେତା ପୁରୀ ଓ କେନ୍ଦ୍ରାପଡ଼ା ମଧ୍ୟରେ ପ୍ରଥମ କ୍ୱାଟର୍ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଷ୍ଟାର ଇଲେଭେନ୍ ପୁରୀ ୬ ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦ୍ରାପଡ଼ା ସନ୍ଥପୁରା ଡିସିସି ୬ଟି ବଲ୍ ବାକି ଥାଇ ୬୬ ରନ୍ କରି ବିଜୟ ହାସଲ କରିବା ସହ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଷ୍ଟାଇଲିଷ୍ଟ ଅମ୍ପାୟାର୍ ପିଣ୍ଟୁ ନାଥ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ଆଜିର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବୁଦ୍ଧଦେବ ମହାରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ବୀଣାପାଣି କ୍ରିକେଟ୍ କ୍ଲବର କର୍ମକର୍ତ୍ତା ସୂଚନା ଦେଇଛନ୍ତି।



## ମହିମା ଅଲେଖ ସନାତନ ମଠରେ ମେଳା



ପାଣିକୋଇଲି,୨।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଅଲେଖ ମଠରେ ଜୀବଜଗତର ସ୍ରଷ୍ଟା ବ୍ରହ୍ମାଣ୍ଡ ଠାକୁର ମହିମା ଅଲେଖ ଆଶ୍ରମରେ ମେଳା ଓ ବାର୍ଷିକୋତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ସାଧୁ କ୍ଷମାନନ୍ଦ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓଚିନ୍ଦା, ତାଜପୁର, ଖସାଗଡିଆ, ବର୍ତ୍ତମଣା, କାଜିପଟଣା, ନୂଆଗାଁ, ପଥରପଦା ଆଦି ଗ୍ରାମର ଅଲେଖ ଭକ୍ତ ମାନଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ କରାଯିବା ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା।

## ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ସିଂହପୁର,୨।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଉଦୟଭାନୁ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ କପିଳା ପଞ୍ଚାୟତ ଗୁହାଳି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବରେ ଶତାଧିକ କବି ଯୋଗ ଦେଇଥିଲେ। ଉଦ୍ୟାନବିତ୍ ଧନେଶ୍ୱର ପାତ୍ର ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ କବି ପ୍ରଦୀପ ଦାସ, ଜିତେନ୍ଦ୍ର ବେହେରା, ରଶ୍ମିତା ସେନାପତି ସଂଯୋଜକ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ଶ୍ରୀଧର ସାହୁ ଉଦ୍‌ଘାଟନ କରିଥିଲେ। ଭାସ୍କର ସାମଲ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ଉତ୍କଳ ବନ୍ଦନା ଗାନ କରିଥିଲେ। ପଣ୍ଡିତ ବନମାଳି ପତି ବେଦପାଠ କରିଥିଲେ। ଉଦୟଭାନୁର ସ୍ଥାୟୀ ସଭାପତି ବ୍ରଜ ସୁନ୍ଦର ସାମଲଙ୍କ ଅଧ୍ୟକ୍ଷତାରେ କବି ନିରଞ୍ଜନ ପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପଦ୍ମଚରଣ ଧଳ, ମୁଖ୍ୟବକ୍ତା ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ, ବିଶିଷ୍ଟ ବକ୍ତା ଅଧାପିକା ଦୀପାଞ୍ଜଳି ସାହୁ, ପ୍ରାଧାପକ ଅଜୟ ଓଝା ପ୍ରମୁଖ ଯୋଗ ଦେଇଥିଲେ। ବିଷ୍ଣୁଚରଣ ସାମଲ ସୂଚନା ଓ ଭାରତ ଭୂଷଣ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦକ ସୁରେନ୍ଦ୍ର କୁମାର ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟ ସଂସଦର ସ୍ମରଣିକା ଉଦୟାର୍କକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ପତ୍ରିକାର ସଂପାଦକ ସରୋଜ କୁମାର ମଲ୍ଲିକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନୂଆଗାଁରେ ଅଷ୍ଟପ୍ରହର ନାମଯଜ୍ଞ

ଧର୍ମଶାଳା,୨।୨(ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ସ୍ଥିତ ପଳାଶବୁଢ଼ୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ନାମଯଜ୍ଞରେ ଶୁକ୍ରବାର ସନ୍ଧ୍ୟାରେ ଶୁଭାଧୀଭାସ କରାଯାଇ ପରଦିନ ନାମଯଜ୍ଞ କରାଯାଇଥିଲା। ରବିବାର ଗ୍ରାମରେ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୮ଗୋଟି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଯଜ୍ଞ କରିଥିଲେ। ମନୋରଞ୍ଜନ ମିଶ୍ର ପୂଜକ ଭାବେ ଯୋଗ ଦେଇଥିବା ବେଳେ ଦେବାଶିଷ ପରିଡ଼ା, ନିର୍ମଳ ନାୟକ, କେଦାର ଦାସ, ଅନାଦି ଚରଣ ଦାସ ଓ ବ୍ରଜ କିଶୋର ଦାସ ପ୍ରମୁଖ କଳସ ବୁଡ଼ାଇ ଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞକୁ ଗ୍ରାମର ମୁଖ୍ୟପୁରୋଧା ପ୍ରକାଶ କୁମାର ନାୟକ, ସୁନୀଲ କୁମାର ସ୍ୱାଇଁ, କପିଳ ସ୍ୱାଇଁ ଓ ରମେଶ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ନିମପୁରକୁ ହରାଇ ଭୁବନେଶ୍ୱର ଚାମ୍ପିଅନ୍



ବରୀ,୨।୨(ସମିସ): ବରୀ ବ୍ଲକ ଅନ୍ତର୍ଗତ ଅଳିପୁର ପଞ୍ଚାୟତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ନବମ ଡାଇନାମିକ କ୍ରିକେଟ ମ୍ୟାଚ୍ ଫାଇନାଲରେ କଟକର ନିମପୁର କ୍ରିକେଟ୍ ଟିମକୁ ହରାଇ ଭୁବନେଶ୍ୱରର ଆଦିତ୍ୟ ଇଲେଭେନ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଆଦିତ୍ୟ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭର ଖେଳି ୩ ୱିତକେଟ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା। ଜବାବରେ ନିମପୁର ୨୦ ଓଭର ଖେଳି ୬ ୱିକେଟ ବିନିମୟରେ ୧୯୩ ରନ କରିବାକୁ ସକ୍ଷମ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଅର୍ଚ୍ଚନା ମଳିକ, ଜିଲ୍ଲା ପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ଅଶୋକ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା, ସମାଜସେବୀ ପ୍ରସନ୍ନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ ବିଶ୍ୱଜିତ ପତି ଓ ସଦା ସୁମନ ସାହୁ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ମଳିକ, ଚିନ୍ମୟ ନାୟକ, ତାପସ ମଳିକ, ଅମନ ସାହୁ, ସ୍ମୃତି ମଳିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ରୂପକ ବେହେରା, ପ୍ରଭାତ ସାହୁ, ପ୍ରତାପ ବେଉରିଆ, ରଶ୍ମି ପତି, ସୁଦିପ୍ତ ବିଶ୍ୱାଳ ଭାଷ୍ୟକାର ଭାବେ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଶୁଶୁଆ ପ୍ୟାକ୍ସରେ ଧାନ ମଣ୍ଡି ଉଦ୍‌ଘାଟିତ



ଦଶରଥପୁର,୨।୨(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଶୁଶୁଆ ପଞ୍ଚାୟତରେ ନୂତନ ଭାବେ ସୃଷ୍ଟି ହୋଇଥିବା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଚଳିତ ଖରିଫ ଚାଷୀଙ୍କ ଧାନ ବିକ୍ରୟ ପାଇଁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ଅନୁସୟା ସାମଲ ମୁଖ୍ୟ ଅତିଥିଭାବେ ଧାନ ମଣ୍ଡିକୁ ଅନୁଷ୍ଠାନିକ ଭାବେ ଉ୍‌ଘାଟନ କରିଥିଲେ। ପାକ୍ସ୍ କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପଣ୍ଡା, ଅଭିମନ୍ୟୁ ବାରିକ ଉପସ୍ଥିତ ରହିବା ସହ ଅନ୍ୟମାନଙ୍କ ସଭ୍ୟ ବିରେନ ବେହେରା, ଚନ୍ଦ୍ରମଣି ବାରିକ, ଚାଷୀ ବାସୁଦେବ ବିଶ୍ୱାଳ, ସତ୍ୟବ୍ରତ ରାୟ,ବିଷ୍ଣୁ ଦାସ, ଆଲୋକ ସାମଲ, ପୂର୍ଣ୍ଣଚନ୍ଦ୍ର ପରିଡା, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶୁଶୁଆ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ୫୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯାୟରେ ଏକ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସ୍ଥିର କରାଯାଇଛି। ପ୍ରଥମ ଦିନରେ ମଣ୍ଡିରୁ ୨୫୧ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ରହିଥିବା ବେଳେ ମଣ୍ଡିରେ ପଞ୍ଜିକୃତ ଚାଷୀ ସୁରୁଖୁରୁରେ ଅମଳ ଧାନ ବିକ୍ରୟ ପାଇଁ ପ୍ୟାକ୍ସ କର୍ତ୍ତୃପକ୍ଷ କାର୍ଯ୍ୟ କରିବେ ବୋଲି ସଭାପତି ଶ୍ରୀମତୀ ସାମଲ ପ୍ରକାଶ କରିଛନ୍ତି।

## କନିକାପଡା ପିଇଓଙ୍କ ବିରୋଧରେ ତଦନ୍ତ ଦାବି

ମଙ୍ଗଳପୁର,୨।୨(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତର ପିଇଓ ରବିନାରାୟଣ ସାମଲ କନିକାପଡ଼ା ପଞ୍ଚାୟତର କେତେକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀମାନେ ଆଦୌ ଘର କରିନଥିବା ବେଳେ ସେମାନଙ୍କର ବିଲ୍ କରେଇ ଦେବା ନାଁରେ ଅର୍ଥ ଆତ୍ମସାତ୍ କରୁଥିବା ନେଇ ପଞ୍ଚାୟତର ଜନସାଧାରଣ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ୨ ମାସ ପୂର୍ବେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଘଟଣାର କୌଣସି ତଦନ୍ତ ହୋଇ ନଥିବାରୁ ପଞ୍ଚାୟତର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶଯେ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀମାନଙ୍କର ଅନ୍ୟ ଲୋକଙ୍କ ଘର ଆଗରେ ହିତାଧିକାରୀମାନଙ୍କୁ ଠିଆ କରି ଫଟୋ ଉଠାଇ ଚତୁରତାର ସହ ବିଲ୍ କରିବାରେ ପିଇଓ ସଫଳ ହେଉଥିବା ବେଳେ ସରକାର ଯେଉଁ ଉଦ୍ଦେଶ୍ୟରେ ଗରିବ ଲୋକମାନଙ୍କୁ ଘର ଯୋଗେଇ ଦେଉଛନ୍ତି ସରକାରଙ୍କର ଯୋଜନା ସଫଳ ହେଉନଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତ ଅର୍ଥର ବିଭିନ୍ନ ଯୋଜନାରେ ଫଲସ ଭାଉଚର କରି ବହୁ ଅର୍ଥ ହଡପ କରାଯାଇ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟରେ ସରକାର ବଦଳିବା ପରେ ଦୁର୍ନୀତି କମିଛି ବୋଲି ସରକାର ବାହା ବାହା ନେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ପୂର୍ବ ସରକାର ଅପେକ୍ଷା ଏହି ସରକାର ସମୟରେ ଦୁର୍ନୀତି ବଢିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ତେବେ ଦେଖିବା ପାଇଁ ବାକି ରହିଲା କେବେ ହେଉଛି ତଦନ୍ତ ଆଉ କେବେ ହେବ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାହା ଦେଖିବା ପାଇଁ ପଞ୍ଚାୟତ ବାସୀ ଚାତକ ପରି ଚାହିଁ ବସିଛନ୍ତି।

## କରଦା ହରିହାଟ ମହୋତ୍ସବ

# ଦର୍ଶକଙ୍କୁ ନଚାଇଲେ ଶୀତଲ

ପାଣିକୋଇଲି,୨।୨(ସମିସ)

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳାର ଷଷ୍ଠ ସନ୍ଧ୍ୟା ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଶେଷ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱ ଓ କାର୍ତ୍ତିକ ସ୍ୱାଇଁଙ୍କ ସଞ୍ଚାଳନାରେ ମୁଖ୍ୟଅତିଥି ଭାବେ ଯୁବନେତା ପ୍ରୀତିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ଶ୍ରମିକ ନେତା ପ୍ରଫୁଲ୍ଲ କୁମାର ନାୟକ, ଶିକ୍ଷାବିତ ବନୋଜ କୁମାର ଜେନା, ସମାଜସେବୀ ଶରତ ଚନ୍ଦ୍ର ଦାଶ, କେଶବ ରାଓ ଭୁକ୍ତା, ହରିହାଟ କମିଟି ପକ୍ଷରୁ ହରିହର ସାହୁ, ଗୋକୁଳାନନ୍ଦ ସାହୁ, ରତ୍ନାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପାତ୍ର ଦର୍ଶକ ମାନଙ୍କୁ ମନୋରଞ୍ଜନ କରାଇଥିଲେ। କଲିକତାର ଭାଇଜାନ ଡ୍ୟାନ୍ସ ଗ୍ରୁପ, ଭୁନେଶ୍ୱରର ପ୍ରତିଭା ପଣ୍ଡା ଓଡ଼ିଶୀ ନୃତ୍ୟ ଦଳ, କ୍ରୀଷ୍ଣା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଦର୍ଶକମାନଙ୍କୁ ନୃତ୍ୟ ସଂଗୀତରେ ଝୁମାଇଥିଲେ। ଦୁର୍ଗା ଶଙ୍କର ପଣ୍ଡା, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଳିକ, ଶୁଭ୍ରାଂଶୁ ପାତ୍ର, ରମେଶ ମଳିକ, ରାଜ କିଶୋର ଦାସ, ସଚିଦାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ କୁମାର ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଇ ସମେତ ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



# ଆଜି ଆସିବେ ରାଷ୍ଟ୍ରପତି, ସଜେଇ ହୋଇଛି ଫକୀରମୋହନ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର,୨।୨ (ସମିସ)

ଆସନ୍ତା କାଲି ଅର୍ଥାତ ୩ ତାରିଖ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ସଜେଇ ହୋଇଛି ସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ଏବଂ ପ୍ରସ୍ତୁତି ଶେଷ ହୋଇଛି। ତେବେ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରପତି ମଧ୍ୟାହ୍ନ ଭୋଜନ କରିବେ। ଏଥିପାଇଁ ସ୍ୱତନ୍ତ୍ର ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ହେବ। ଓଡ଼ିଆ ଝିଅ ପାଇଁ ଓଡିଆ ଖାଦ୍ୟ ପରଷିବ ଫକୀରମୋହନ ବିଶ୍ୱବିଦ୍ୟାଳୟ। ମଧ୍ୟାହ୍ନ ଭୋଜନରେ ସ୍ୱତନ୍ତ୍ର ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ପାଇଁ ଯୋଜନା କରାଯାଇଛି ବୋଲି ଜଣାପଡ଼ିଛି। ସମାବର୍ତ୍ତନ ଉତ୍ସବରେ ୧୫ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ, ପିଏଚଡି ଛାତ୍ରଛାତ୍ରୀଙ୍କ ଶପଥ ପାଠ ସହ ତିନି ଜଣଙ୍କୁ ସମ୍ମାନ ଜନକ ଡକ୍ଟରେଟ ପ୍ରଦାନ କରାଯିବ। ରାଷ୍ଟ୍ରପତିଙ୍କ ହସ୍ତରୁ ଶାନ୍ତନୁ ଆଚାର୍ଯ୍ୟ, ଅନୁରାଧା ବିଶ୍ୱାଳ ଓ ଗୋପାଳ ଚନ୍ଦ୍ର ପଣ୍ଡା ପାଇବେ ସମ୍ମାନ ଜନକ ଡକ୍ଟରେଟ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା କାଲି ଯୋଗ ଦେବାକୁ ଆସୁଥିବା ରାଷ୍ଟ୍ରପତିଙ୍କ ମଧ୍ୟାହ୍ନ ଭୋଜନ କ୍ୟାମ୍ପସରେ ରହିଥିବା ବେଳେ ତାଙ୍କ ନେଇ ଓଡ଼ିଆ ଖାଦ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ। ଆସନ୍ତକାଲି ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ରାଷ୍ଟ୍ରପତି ହେଲିପେଡରୁ ଆସି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରିବେ। ଏହାପରେ ମଧ୍ୟାହ୍ନ ଭୋଜନ କରିବେ। ପରବର୍ତ୍ତୀ ସମୟରେ ନୂଆ ଅଡିଟୋରିୟମ ଉଦଘାଟନ କରିବେ। ଏଥିସହିତ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଛାତ୍ର ଛାତ୍ରୀଙ୍କ ଫଟୋ ଉତ୍ତୋଳନ, ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉଦଘାଟନ କରିବେ। ପରବର୍ତ୍ତୀ ସମୟରେ ଉତ୍ସବରେ ରାଜ୍ୟପାଳ ସଭାପତିତ୍ୱ କରିବେ। ଏହି କାର୍ଯ୍ୟକ୍ରମରେ ୧୫ ଜଣଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ। ପିଏଚଡି ଛାତ୍ରଛାତ୍ରୀଙ୍କ ଶପଥ ପାଠ ହେବ। ଶେଷରେ ରାଷ୍ଟ୍ରପତିଙ୍କ ଅଭିଭାଷଣ କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ସୂଚନା ଦେଇଛନ୍ତି।





## ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,୨।୨ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହି ଅବସରରେ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଭାବରେ ଚାଲିଛି। କାର୍ଯ୍ୟକ୍ରମ ଅନୁଯାୟୀ, ରାଷ୍ଟ୍ରପତି ହେଲିପ୍ୟାଡରେ ଅବତରଣ କରି ସରିଲା ପରେ ନବନିର୍ମିତ ୧୦୦୦ ଆସନ କ୍ଷମତା ବିଶିଷ୍ଟ ଅଡିଟୋରିୟମ୍ ଉଦଘାଟନ କରିବେ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉଦଘାଟନ କରିବେ। ତା'ପରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ତାଙ୍କ ସହିତ ରାଜ୍ୟପାଳଙ୍କ ସମେତ ମନ୍ତ୍ରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ମନ୍ତ୍ରୀ ଗୃହ ଏବଂ ନଗର ଉନ୍ନୟନ ଓ ସାର୍ବଜନୀନ ଉଦ୍ୟୋଗ



ବିଭାଗ (ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି)ଙ୍କ ସମେତ ସମସ୍ତ ବିଧାୟକ ଓ ସାଂସଦ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସଫଳ କରିବା ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା, ପ୍ରୋଟୋକଲ, ଯାତାୟାତ, ସ୍ୱଚ୍ଛତା, ବିଦ୍ୟୁତ ଯୋଗାଣ ସହ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନିମନ୍ତ୍ରଣ ମିଳିନଥିବାରୁ ଅସନ୍ତୋଷ

ବାଲେଶ୍ୱର,୨।୨(ସମିସ): ଆସନ୍ତା କାଲି ଅର୍ଥାତ ମଙ୍ଗଳବାର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ରାଷ୍ଟ୍ରପତି ବାଲେଶ୍ୱର ଗସ୍ତରେ ଆସୁଥିବା ଖବର ପାଇ ବିଶ୍ୱବିଦ୍ୟାଳୟର ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ସହ ପୁରାତନ ଛାତ୍ର ଛାତ୍ରୀ, କର୍ମଚାରୀଙ୍କ ସହ ବାଲେଶ୍ୱରବାସୀ ଅନେକ ଉତ୍ସାହିତ ଅଛନ୍ତି। ହେଲେ ରାଷ୍ଟ୍ରପତିଙ୍କ ଦୁଇ ପଦ କଥା ଶୁଣିବାକୁ ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀ ବ୍ୟଗ୍ର ଥିଲେ ବି ଅନେକ ପୁରାତନ ଛାତ୍ର ଛାତ୍ରୀଙ୍କୁ ଉକ୍ତ ସଭାକୁ ନିମନ୍ତ୍ରଣ ପତ୍ରଟିଏ ମିଳିନାହିଁ। ଯାହାକୁ ଅନେକ ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ସଫଳତାର ସହ ବିଭାଗର କିମ୍ବା ବିଶ୍ୱବିଦ୍ୟାଳୟରେ ଟପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ସେମାନଙ୍କୁ ନିମନ୍ତ୍ରଣ କରାଯାଇନାହିଁ। ଯାହାକୁ ନେଇ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ପୁରାତନ ଛାତ୍ରୀଙ୍କ ଅଭିଭାବକ ଡା ପ୍ରକାଶ କୁମାର ମହାପାତ୍ର କୁଳପତିଙ୍କୁ ମେଲ୍ ସହ ଏକ୍ସରେ ଅନୁରୋଧ କରିଥିଲେ ବି କୁଳପତିଙ୍କ ଠାରୁ କୌଣସି ଉତ୍ତର ମିଳିନଥିବା ସେ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତିଙ୍କୁ ଟିକେ ଦେଖିବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ସେମାନଙ୍କର ଏହି ଇଚ୍ଛା ପୂରଣ ହୋଇପାରିବ ନାହିଁ। ଏମିତିକି ଆସନ୍ତା କାଲି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ସ୍ୱର୍ଣ୍ଣ ପଦକ ପାଇବେ। ହେଲେ ଦୁର୍ଭାଗ୍ୟ ଯେ ସେମାନଙ୍କ ଅଭିଭାବକ ସେଠାରେ ଉପସ୍ଥିତ ରହି ପାରିବେ ନାହିଁ। ଏଥିପାଇଁ ଅନେକ ଅଭିଭାବକ ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇନପାରିବାକୁ ନେଇ ଅସନ୍ତୋଷ ମଧ୍ୟ ରହିଛନ୍ତି। ଏ ବାବଦରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏସନ୍ କୋର୍ଡିନେଟର୍ ଡ. ଦେବଦତ୍ତ ଦାସ କହିଛନ୍ତି, ଆସନ୍ତା କାଲି କାର୍ଯ୍ୟକ୍ରମ ପାଇଁ ଆଲୁମିନି ମାନଙ୍କୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କୁ ସୂଚନା ଦିଆଯାଇନି। ନୂଆ ଅଡିଟୋରିୟମର ୧୦୦୦ ବିଶିଷ୍ଟ ସିଟ୍। ସେଥିପାଇଁ ଆମେ ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ଅନୁସାରେ କାମ କରୁଛୁ। ଆମକୁ ଯେତିକି ଲୋକଙ୍କୁ ଅନୁମତି ସୂଚନା ଆସିଛି ସେମାନଙ୍କୁ ନିମନ୍ତ୍ରଣ କରିଛୁ। ସେହିପରି ଆଲୁମିନି ଆସୋସିଏସନ୍ ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଛନ୍ତି, ରାଷ୍ଟ୍ରପତିଙ୍କୁ ଦେଖିବା ଓ ଶୁଣିବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱ ସହ ଅନ୍ୟାନ୍ୟ ଦାୟିତ୍ୱ ସହ ନିମନ୍ତ୍ରଣ ଦାୟିତ୍ୱ ବି ହାତକୁ ନେଇଛନ୍ତି। ପ୍ରୋଟୋକଲ୍ ଦେଖି ସମସ୍ତଙ୍କୁ ନିମନ୍ତ୍ରଣ ଏବଂ ପାସ୍ ମିଳିନାହିଁ। ଯଦିଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଖୋଲା ସମର୍ଥନ ଯେ ସମସ୍ତେ ଭାଗ ନିଅନ୍ତୁ। ହେଲେ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ଏଭଳି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ନିମନ୍ତ୍ରଣ ହୋଇଥିଲେ ବି ପାସ୍ ମିଳିନଥିଲେ ଜଣେ ସେଠାକୁ ଯାଇପାରିବେ ନାହିଁ।

## ମନ୍ତ୍ରୀଙ୍କ କେନ୍ଦ୍ରୀୟ ବଜେଟ ସଭା \ ଭିଆଇପିଙ୍କୁ ଦେଲେ ଏକ୍ସପାଏରି ପାଣି

ବାଲେଶ୍ୱର,୨।୨(ସମିସ): ମନ୍ତ୍ରୀଙ୍କ ସୁରକ୍ଷା କଥା ବି ଭାବିଲେନି। ଏକ୍ସପାଇରି ପାଣି ପିଇବାକୁ ଦେଉଥିଲେ ନିଜେ ବିଜେପିର କର୍ମକର୍ତ୍ତା। କେନ୍ଦ୍ରୀୟ ବଜେଟ ଆଲୋଚନାକୁ ନେଇ ବାଲେଶ୍ୱର ଜିଲ୍ଲାର ଆତିଥ୍ୟ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଉଥିଲା। ଯେଉଁଠି ଓଡ଼ିଶାର ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ କ୍ୟାବିନେଟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବାଲେଶ୍ୱର ଜିଲ୍ଲାର ବିଧାୟକ ସମେତ ବରିଷ୍ଠ ନେତାମାନେ ଉପସ୍ଥିତ ରହିଥିଲେ। ତେବେ ମନ୍ତ୍ରୀଙ୍କୁ ପାଣି ପିଇବାକୁ ଦେଇଥିବା ବୋତଲ ସିଲ୍ ଥିଲା କିନ୍ତୁ ଏକ୍ସପାଇରି ଚାରି ମାସ ପୂର୍ବରୁ ସରିଯାଇଥିଲା। ତେବେ ମନ୍ତ୍ରୀଙ୍କୁ ଦିଆ




ଯାଇଥିବା ସିଲ୍ ବୋତଲ ବ୍ଲୁମ୍ କମ୍ପାନୀର ରହିଥିବା ବେଳେ ବ୍ୟବହାର ଉପଯୋଗୀ ୨୨/୧୦/୨୦୨୫ ଲେଖା ହୋଇଛି। ଏ ନେଇ ଘଟଣା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଉପସ୍ଥିତ ଥିବା ରାଜ୍ୟ ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାହ୍ନୁ ସୋରେନ୍ ତୁରନ୍ତ ଟେବୁଲ୍ ଉପରେ ଥିବା ବୋତଲକୁ ତଳକୁ ଓହ୍ଲାଇ ଦେଇଥିଲେ। ଏ ନେଇ ଉପସ୍ଥିତ ସାମ୍ବାଦିକ ମାନଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ମନ୍ତ୍ରୀ ଘଟଣା ଜାଣିବା ପରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ବିନା ଯାଞ୍ଚରେ କିଭଳି ଭାବେ ମନ୍ତ୍ରୀଙ୍କୁ ଦିଆଯାଉଥିଲା ଏକ୍ସପାଏରି ପାଣି ପିଇବାକୁ। କିଛି ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତା?

## ସ୍କୁଲ ଓ କଲେଜ ନିକଟରେ ଯାତ୍ରା ପରିବେଷଣ ବନ୍ଦ ଦାବି

ବାଲେଶ୍ୱର,୨।୨(ସମିସ): ସୋର ବ୍ଲକ ଅର୍ନ୍ତଗତ କୁଡେଇ ନଦୀଗାଁ ହାଇସ୍କୁଲ ଓ କଲେଜ ନିକଟରେ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ପରିବେଷଣ ବନ୍ଦ କରିବା ପାଇଁ ସ୍ଥାନୀୟ ବାସିନ୍ଦା ସନ୍ତୋଷ କୁମାର ମିଶ୍ର ଆଜି ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ସୋର ବ୍ଲକ ଅର୍ନ୍ତଗତ କୁଡେଇ ନଦୀଗାଁ ହାଇସ୍କୁଲ ଓ କଲେଜ ରହିଛି। ଆଗକୁ ମାଟ୍ରିକ ପରୀକ୍ଷା ସାଙ୍ଗକୁ ଯୁକ୍ତ ଦୁଇ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଯଦି ଉକ୍ତ ସ୍ଥାନରେ ଅପେରା ଅନୁଷ୍ଠିତ ହୁଏ ତେବେ ଶାନ୍ତି ଶୃଙ୍ଖଳା ଭଙ୍ଗ ହେବା ସହ ପାଠ ପଢ଼ାରେ ବ୍ୟାଘାତ ମଧ୍ୟ ସୃଷ୍ଟି ହେବ। ଏଣୁ ଏହାକୁ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,୨।୨(ସମିସ): ମେଘଡମ୍ବରୁ ପାର୍ଶ୍ୱ ତାମୁଲିଆ ଫ୍ଲାଏ ଓଭର ଅଞ୍ଚଳ ନିକଟରେ ରହୁଥିବା ବାସିନ୍ଦାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ଆଜି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଡିଆରଡିଓ ଜମି ଅଧିଗ୍ରହଣ କରିଥିଲା ଏବଂ ତାମୁଲିଆ ଫ୍ଲାଏ ଓଭର (ମେଘଡାମ୍ବାରୁ ପାର୍ଶ୍ୱ) ନିକଟରେ ଓଟି ରୋଡରୁ ଏକ ଲିଙ୍କ ରୋଡ ନିର୍ମାଣ କରିବା ପାଇଁ ଉକ୍ତ ଅଞ୍ଚଳର ୨୨ଟି ପରିବାରକୁ ବାହାର କରିଦେଇଥିଲା। କିନ୍ତୁ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଫଳସ୍ୱରୂପ ଅଧିଗ୍ରହଣ ହୋଇଥିବା ଜମିର ଉଭୟ ପାର୍ଶ୍ୱରେ ରହୁଥିବା ପ୍ରାୟ ଶହେ ପରିବାର ପ୍ରାୟ ଭୂମିବନ୍ଦୀ ହୋଇ ରାସ୍ତା ପାଇଁ ସଂଘର୍ଷ କରୁଛନ୍ତି ଏବଂ ଡିଆରଡିଓ ଜମି ଦେଇ ଯାତାୟାତ କରୁଛନ୍ତି। ଏଣୁ ଏହାର ସମାଧାନ କରାଯାଉ,ହୋଟେଲ ଲକ୍ଷ୍ମୀ ନାରାୟଣ ପ୍ଲାଜା ଠାରୁ ଆରମ୍ଭ କରି ନବନିର୍ମିତ ଡିଆରଡିଓ ରୋଡ ପର୍ଯ୍ୟନ୍ତ ଅଞ୍ଚଳ ଅସାମାଜିକ, ନିଶା ବ୍ୟବସାୟୀ, ମଦ ମାଫିଆ ଏବଂ ବେଆଇନ ବାଲି ଓ ମାଟି ମାଫିଆଙ୍କ ପାଇଁ ନିରାଦ ସ୍ଥାନ ପାଲଟିଛି,ରାତିରେ ଅଞ୍ଚଳଟି ଅନ୍ଧାର ହୋଇଯିବାରୁ,ସେହି ରାସ୍ତା ଦେଇ ବାସିନ୍ଦାମାନେ ଯାତାୟାତ କରିବା ନିରାପଦ ହୋଇପାରୁ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ଏକ ଆବାସିକ ଆଳରେ ଆରଟିଓର ଭାରୀ ଯାନ ଫିଟନେସ ପରୀକ୍ଷା ଏବଂ ଡିଆରଡିଓ ଜମିରେ ଯାନବାହାନ ଚଳାଚଳ ଯୋଗୁଁ ଅଞ୍ଚଳରେ ବ୍ୟାପକ ବାୟୁ ପ୍ରଦୂଷଣ ହେଉଛି। ଆରଟିଓଙ୍କ ଯାଂଚ ସମୟରେ ତାମୁଲିଆ ଫ୍ଲାଏ ଓଭର ବ୍ରିଜ ତଳେ ସଂକୀର୍ଣ୍ଣ ସ୍ଥାନ ଭାରୀ ଯାନବାହାନ ଦ୍ୱାରା ଅବରୋଧ ହେବା ଫଳରେ ଟ୍ରାଫିକ ମଧ୍ୟ ଜାମ ହେବା ଦ୍ୱାରା ଦୁର୍ଘଟଣା ମାନ ଘଟୁଛି ବୋଲି ବୋଲି ଅଭିଯୋଗ ହୋଇଛି। ଏତଦବ୍ୟତିତ ଆବାସିକ ଅଞ୍ଚଳରେ ବିସ୍ତାରିତ ଡିଆରଡିଓ ଅନୁର୍ବର ଜମିକୁ ଅନଧିକୃତ ଅଳିଆ ଡମ୍ପିଂ ପାଇଁ ବ୍ୟବହାର କରାଯାଉଛି ଯାହା ଅଞ୍ଚଳକୁ ପ୍ରଦୂଷଣ କରୁଛି। ଏଣୁ ଏହି ସବୁ ଦାବି ଗୁଡିକ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ବାସିନ୍ଦା ମହେଶ୍ୱର ବେହେରା, ଅଶୋକ କୁମାର ଜେନା, ଚିରଞ୍ଜନ ଦାସ, ଜ୍ୟୋର୍ତିମୟୀ ସ, ରମୀୟା କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ଦେଶୀ ଓ ବିଦେଶୀ ମଦ ଜବତ, ୫ ଗିରଫ

ବାଲେଶ୍ୱର,୨।୨(ସମିସ): ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ରେମୁଣାର ବିଭିନ୍ନ ସ୍ଥାନରେ ଚଢ଼ଉ



କରାଯାଇ ବ୍ୟାପକ ଭାବେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହାଛଡା ଦୁଇଜଣ ମହିଳାଙ୍କ ସମେତ ମୋଟ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବେପାରୀମାନେ ହେଲେ ଆରମଳା ଅଞ୍ଚଳର ଉମାକାନ୍ତ ସ,ଗୋବିନ୍ଦପୁର ଅଂଚଳର ହରିଶଚନ୍ଦ୍ର ନାୟକ, ବାଲଗୋପାଳପୁର ଅଂଚଳର ଚନ୍ଦନ ସାନ୍ତରା, ନିଳିଆବାଗ ଅଂଚଳର ଦୁଲି ସୋରେନ ଏବଂ ହୀରା ମାଝୀ। ଏ ନେଇ ଏକାଧିକ ମାମଲା ରୁଜୁ କରାଯିବା ସହ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରେମୁଣା ଅଂଚଳର ବାଲଗୋପାଳପୁର, ଆମଳା, ଗୋବିନ୍ଦପୁର ଆଦି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ଚୋରା କାରବାର ହେଉଥିବା ଖବର ପାଇ ଆଜି ଭ୍ରାମ୍ୟମାଣ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଚଢ଼ଉବେଳେ ସେମାନଙ୍କ ଠାରୁ ୨୬.୩୮୦ଲିଟରର ବିଦେଶୀ ମଦ,୨୪.୭୦୦ ଲିଟର ବିୟର ଏବଂ ୪୦ଲିଟର ଦେଶୀ ମଦ ଜବତ କରିଥିଲା। ଜବତ ମଦର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଅଭବାକରୀ ବିଭାଗ ପକ୍ଷରୁ କୁହାଯାଇଛି।

## ସିମୁଳିଆରେ ଅଷ୍ଟପ୍ରହରୀ ନାମଯଜ୍ଞ

ନୀଳଗିରି, ୨।୨ (ସମିସ): ନୀଳଗିରି ଏନ୍‌ଏସି ଅନ୍ତର୍ଗତ ସିମୁଳିଆ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ଟାରୁ ନାମଯଜ୍ଞ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୫୦ରୁ ଅଧିକ ମହିଳା କଳସଯାତ୍ରାରେ ବାହାରି ରୀତିନୀତି ଅନୁସାରେ ପୂଜାଅର୍ଚ୍ଚନା କରି ପୂର୍ଣ୍ଣକୁମ୍ଭ ଜଳଧାରଣ କରି ପୂଜାମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ କରିବାସହ ହୋମଯଜ୍ଞ କରିଥିଲେ। ସନ୍ଧ୍ୟାରେ ନୀଳଗିରିର ବିଧାୟକ ସନ୍ତୋଷ କୁମାର ଖଟୁଆ ପୂଜାମଣ୍ଡପ ନିକଟରେ ପହଞ୍ଚି ଥିଲେ। ପରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ପହଞ୍ଚି ଠାକୁରଙ୍କ ଆଶିଷ ଭିକ୍ଷା କରିଥିଲେ। ଗ୍ରାମର ରବିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ଗୌରହରି ମହଲ, କରୁଣାକର ବେହେରା, ମୁନା ମହଲ, ଆଲୋକ ବେହେରା, ଦୀପକ ଗୋଛାୟତ, ପ୍ରଫୁଲ୍ଲ ଦଳାଇ, ରାଜେନ୍ଦ୍ର ମହଲ, ଭଗବାନ ମହଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୧୮୯ ଅଭିଯୋଗରୁ ୨୧ଟିର ତତ୍କାଳ ଫଇସଲା

ବାଲେଶ୍ୱର,୨।୨(ସମିସ): ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୯ଟି ମାମଲା ବ୍ୟକ୍ତିଗତ ରହିଥିବାବେଳେ ୧୭ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୧୩ଟି ମାମଲା ରେଡକ୍ରସ ସମ୍ପର୍କିତ ଥିଲା। ଏହାବ୍ୟତିତ ୨୧ଟି ମାମଲାକୁ ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ପ୍ରଭାତ କୁମାର ବେହେରା ପ୍ରମୁଖ



ଅଧିକାରୀମାନେ ଉପସ୍ଥିତ ଥିଲେ।

**ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ ଦାବି :** ଜନ୍ମରୁ ଜଣେ ଦିବ୍ୟାଙ୍ଗଙ୍କ ବିକଳାଙ୍ଗ ପ୍ରମାଣପତ୍ର ଥାଇ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ପାଇପାରୁ ନାହାନ୍ତି। ଯାହାକୁ ନେଇ ଆଜି ସେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଛନ୍ତି। ସେ ହେଉଛନ୍ତି ସଦର ବ୍ଲକ ଅର୍ନ୍ତଗତ ସୁଲପଟା ଗ୍ରାମର ଗଣେଶ୍ୱର ବେହେରା। ତାଙ୍କ ସୂଚନା ଅନୁସାରେ,ସେ ଜନ୍ମରୁ ବିକଳାଙ୍ଗ ଅଟନ୍ତି। ତାଙ୍କ ମା ମଞ୍ଜୁରାଣୀ ବେହେରା ପର ଘରେ କାମ କରି ପରିବାର ଚଳାନ୍ତି। ଆର୍ଥିକ ଅଭାବ ହେତୁ ଏବେ ସେ ତାଙ୍କ ପୁଅକୁ ଠିକ ଭାବେ ଖାଇବାକୁ ଦେଇ ପାରୁ ନାହାନ୍ତି। ଅନ୍ୟପଟେ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ସତ୍ୱେ ଆଜି ପର୍ଯ୍ୟନ୍ତ ତାଙ୍କୁ ଭତା ମିଳିପାରି ନାହାନ୍ତି। ଏଣୁ ତାଙ୍କୁ ଭତ୍ତା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି।

## ଅଙ୍ଗନବାଡ଼ି କର୍ମୀଙ୍କୁ ଦରମା ପ୍ରଦାନ ଦାବି

ବାଲେଶ୍ୱର,୨।୨(ସମିସ): ଦୀର୍ଘ ବର୍ଷ ଧରି ଜଣେ ଅଙ୍ଗନବାଡି କର୍ମୀଙ୍କୁ ତାଙ୍କର ଦରମା ପ୍ରଦାନ କରାଯାଇନଥିବାରୁ ଆଜି ସେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସେ ହେଉଛନ୍ତି ସିମୁଳିଆ ବ୍ଲକ ଅର୍ନ୍ତଗତ ଆମରିଆ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଶାନ୍ତିଲତା ନାୟକ। ତାଙ୍କ କହିବା ଅନୁସାରେ, ସେ ୧୯୯୭-୯୮ ମସିହାରେ ସିମୁଳିଆ ବ୍ଲକ ଅର୍ନ୍ତଗତ ଅମରିଆ ଅଙ୍ଗନବାଡି କେନ୍ଦ୍ରରେ ନିଯୁକ୍ତି ପାଇଥିଲେ।



ଏପରିକି ବର୍ତ୍ତମାନ ପର୍ଯ୍ୟନ୍ତ ସେ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି। ମାତ୍ର ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ତାଙ୍କୁ ସିଡିପିଓ, ସୁପରଭାଇଜର କୌଣସି କାରଣ ପାଇଁ ତାଙ୍କୁ କେନ୍ଦ୍ରକୁ ପ୍ରବେଶ ଦେଉନଥିଲେ। ଏ ନେଇ ସେ ତତକାଳୀନ ଜିଲ୍ଲାପାଳଙ୍କୁ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ମାତ୍ର ୨୦୧୯ ମସିହାରେ ଏକ ବୈଠକ ମାଧ୍ୟମରେ ଅଙ୍ଗନବାଡି କର୍ମୀଙ୍କୁ ସମସ୍ତ ଦାୟିତ୍ୱ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ସେଇ ଆଦେଶ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଯାହାଫଳରେ ସେ ଦୀର୍ଘ ୫ବର୍ଷରୁ ଅଧିକ ହେବ ସେ ଦରମା ପାଇବାରେ ବଂଚିତ ହୋଇଛନ୍ତି। ଏଣୁ ତାଙ୍କୁ ତୁରନ୍ତ ଦରମା ପ୍ରଦାନ କରାଯାଉ ବୋଲି ସେ ଦବି କରିଛନ୍ତି।

## ଜ୍ଞାନଶ୍ରୀ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରଣାମ ପ୍ରତିଭା ଉତ୍ସବ

ବାଲେଶ୍ୱର,୨।୨(ସମିସ)

ସାମାଜିକ ସଂଗଠନ ଜ୍ଞାନଶ୍ରୀ ପକ୍ଷରୁ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ପ୍ରଣାମ ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ସୁବାସିନୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଚରଣ ହେମ୍ବ୍ରମ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରସ୍ତର ଶିଳ୍ପୀ ଅଦ୍ୱୈତ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଆଇଟିଆର ଅତିରିକ୍ତ ସହଯୋଗୀ ନିର୍ଦ୍ଦେଶକ ନୀଳାଦ୍ରି ରାୟ, ଫକୀରମୋହନ ଯୁକ୍ତ ଦୁଇ କଲେଜ ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତ, ସଂଗଠନ ମୁଖ୍ୟ ଉପଦେଷ୍ଟା କବି ପ୍ରଶାନ୍ତ ଦାସ, ସଂଗଠନ



ବରିଷ୍ଠ କର୍ମକର୍ତ୍ତା ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଜୀବ ନାୟକ, କେଶୁ ଦାସ, ସୁରେଶ ଗିରି ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଂଗଠନ ଆଇନ ପରାମର୍ଶଦାତା ସାହିରୁଲ ହକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଦ୍ୱୈତ ଗଡ଼ନାୟକଙ୍କୁ ଜ୍ଞାନଶ୍ରୀ ମହାସମ୍ମାନ ଓ ସୁବର୍ଣ୍ଣ ଦେହୁରୀଙ୍କୁ ଜ୍ଞାନଶ୍ରୀ ପ୍ରକୃତି ମିତ୍ର ସମ୍ମାନ, ଆଥଲେଟ ଦୂତୀ ଚାନ୍ଦଙ୍କୁ ଜ୍ଞାନଶ୍ରୀ କ୍ରୀଡା ସମ୍ମାନ, ଚଳଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତଙ୍କୁ ଜ୍ଞାନଶ୍ରୀ କଳା ପ୍ରତିଭା ସମ୍ମାନ, ଦେବଜ୍ୟୋତି ଦାସମହାପାତ୍ରଙ୍କୁ ବିକାଶ ଦାସ ସ୍ମୃତି ସମ୍ମାନ, ଲିପସିତା ସାହୁଙ୍କୁ ଦିଲ୍ଲୀପ ନାୟକ ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଆର ଆର ଜ୍ୟୋତି ବିକାଶ, ହୃଷିକେଶ ମହାର୍ଣ୍ଣା ଓ ଅଭିନେତ୍ରୀ ସଞ୍ଜନା ପ୍ରଧାନଙ୍କୁ ଜ୍ଞାନଶ୍ରୀ ଯୁବ ପ୍ରତିଭା ସମ୍ମାନ, ଡାକ୍ତର ରବି ନାରାୟଣ ଦାସଙ୍କୁ ଜ୍ଞାନଶ୍ରୀ ସ୍ୱାସ୍ଥ୍ୟ ମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ମିସାଇଲ ସିଟି ସିଂଗିଂ ସୁପର ଷ୍ଟାର, ଡ୍ୟାନସିଂ ସୁପର ଷ୍ଟାର, ଏକ୍ଟିଙ୍ଗ ସୁପର ଷ୍ଟାର ଏବଂ ପେଣ୍ଟିଙ୍ଗ ସୁପର ଷ୍ଟାରର ଗ୍ରାଣ୍ଡ ଫିନାଲେକୁ ଅନୁଗୁଳର ବର୍ଷିଆନ ପ୍ରକୃତି କବୀ ସୁବର୍ଣ୍ଣ ଦେହୁରୀ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଶ୍ରଦ୍ଧାଞ୍ଜଳି ରାୟ, ସିମନ ଦାସ ମହାପାତ୍ର, ଶୁଭମ ସାଇ ମହାପାତ୍ର, ଜୋସ୍ନା ସେନାପତି ଯୋଗ ଦେଇଥିଲେ। ପ୍ରଶାନ୍ତ ପଟେଲ ଅତିଥି ପରିଚୟ ଦେଇଥିବା ବେଳେ ସଂଗଠନର ମିଡ଼ିଆ ସଂଯୋଜକ ଅଜିମ ବାଲେଶ୍ୱରୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ତଥା ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ପୌରହିତ୍ୟ କରିଥିଲେ। ସନ୍ଧ୍ୟା ଅଧିବେଶନରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଜ୍ୟୋତି ପ୍ରକାଶ ପାଢ଼ୀ, ସହ ସମ୍ପାଦିକା ଜ୍ୟୋତି ପ୍ରଜ୍ଞା ଦାସ, ମୋନାଲିସା ପଣ୍ଡା ସନତ କୁମାର ପରିଡା।

୨୪ଘଣ୍ଟା ନପୁରୁଣୁ ମତ ବଦଳାଇଲେ ମନ୍ତ୍ରୀ

# ହଳଦିଆପଦର ଓଭର ବ୍ରିଜ୍ ନିର୍ମାଣ ଢାଞ୍ଚାରେ ରହିଛି ତ୍ରୁଟି




ବ୍ରହ୍ମପୁର, ୨।୨ (ସମିସ): ହଳଦିଆପଦର ଓଭର ବ୍ରିଜରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନିରୀହ ୫ଜଣଙ୍କ ଜୀବନ ଯିବା ଘଟଣାକୁ ନେଇ ଜୋର ଧରିଛି ଚର୍ଚ୍ଚା। ଭୁଲ କାହାର ତାକୁ ନେଇ ଚାଲିଛି ତର୍ଜମା। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି। ତେବେ ଓଭର ବ୍ରିଜ ନିର୍ମାଣ ଢାଞ୍ଚାରେ ତ୍ରୁଟି ଥିବାକୁ ନେଇ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବେଳେ ଏହାକୁ ଦୋହରାଇଥିଲେ ଖୋଦ୍ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ଏନେଇ ସେ ନିକଟ ଅତିତରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଥିଲେ। ତେବେ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ଅନୁକମ୍ପାମୂଳକ ସରକାରୀ ସହାୟତା ରାଶି ପ୍ରଦାନ କରିବାକୁ ଆସି ପରିବହନ ମନ୍ତ୍ରୀ ଦୁର୍ଘଟଣା ସ୍ଥଳରେ ଓଭର ବ୍ରିଜ୍‌ର କୌଣସି ତ୍ରୁଟି ନଥିବା ନେଇ କ୍ଲିନ୍‌ଚିଟ୍ ଦେଇଥିଲେ। ଯାହାକୁ ନେଇ ପୁଣି ଉଭୟ ମନ୍ତ୍ରୀ ଓ ସାଂସଦଙ୍କ ବିବୃତ୍ତିରେ ଫରକ ଦେଖିବାକୁ ମିଳିଥିଲା। ତେବେ ୨୪ଘଣ୍ଟା ନପୁରୁଣୁ ମନ୍ତ୍ରୀ ବିଭୂତି ଜେନାଙ୍କ ମତ ବଦଳିଯାଇଛି। ଆଜି ପୁଣି ବ୍ରହ୍ମପୁର ଠାରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖି ଓଭର ବ୍ରିଜ୍ ନିର୍ମାଣ ଢାଞ୍ଚାରେ ତ୍ରୁଟି ଥିବା ସ୍ୱୀକାର କରିଛନ୍ତି। ଏହାର ତୁରନ୍ତ ତଥା ସ୍ଥାୟୀ ପ୍ରତିକାର ଜରୁରୀ ବୋଲି କହିବା ସହିତ ଏଥିପାଇଁ ଅନେକଙ୍କର ଜୀବନ ଯାଇଥିବା ମଧ୍ୟ କହିଛନ୍ତି। ସେପଟେ କିଲର ଟ୍ରକର ଡ୍ରାଇଭର ପୂର୍ବରୁ ମଧ୍ୟ ଦୁଇଟି ଦୁର୍ଘଟଣାରେ ଲୋକଙ୍କ ଜୀବନ ନେଇଥିବା ଜଣାପଡ଼ିବା ପରେ ଚାଳକ ପ୍ରଦୀପ ଜାନୀର ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯିବ ଓ ଆଗକୁ ଯେଭଳି ସେ ଷ୍ଟିୟରିଂ ନ ଧରିପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ଶ୍ରୀ ଜେନା।

**କିଲର ଟ୍ରକ୍ ଚାଳକର ଲାଇସେନ୍ସ ରଦ୍ଦ ସହିତ ହେବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

## ଆଜି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୨।୨(ସମିସ): ମଙ୍ଗଳବାର ଗଞ୍ଜାମ ଜିଲ୍ଲାକୁ ପୁଣି ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିନିମନ୍ତେ ପୁଲିସ ଓ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଚାଲିଛି। ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ମା'ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ। ତାଙ୍କ ସହିତ ୨ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ସେପଟେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉକ୍ତ ସ୍ଥାନରେ ପହଞ୍ଚି ପୂର୍ବ ପ୍ରସ୍ତୁତି ତଦାରଖ କରିଛନ୍ତି। ଜିଲ୍ଲାର ୨୦୧ ଜଣ ବର-କନ୍ୟାଙ୍କ ସାମୂହିକ ବିବାହ କରାଯିବ। ଏହି ଯୋଜନା ଅଧୀନରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୪୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହାସହିତ ସେଠାରେ ବିବାହ ପଞ୍ଜୀକରଣ ସାର୍ଟିଫିକେଟ ଦିଆଯିବା ବ୍ୟବସ୍ଥା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ତାଙ୍କ ସହିତ ୫୦ ଜଣ ଅଫିସର ନିୟୋଜିତ ରହିବେ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

## ୨୧୧ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଛତ୍ରପୁର,୨।୨(ସମିସ): ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀଙ୍କୁ ଭେଟି ଅବଗତ କରାଇଛନ୍ତି। ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଉପସ୍ଥିତ ରହି ୨୧୧ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଥିଲା। କେତେକ ଅଭିଯୋଗର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ୨୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ଲକ୍ଷ ୩୭ହଜାର ୫୦୦ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଂଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା ପରିଷଦର ଇନ୍‌ଚାର୍ଜ ସିଡିଓ ବିଜୟ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡ଼ା ପିଡି ସୁନୀଲ କୁମାର କେର୍କଟାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନଟବର ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର,୨।୨(ସମିସ): କୋର୍ଟପେଟା ଛକ ସ୍ଥିତ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନରେ ବିଶିଷ୍ଟ ପ୍ରାକୃତିକ ଚାଷ ବିଷାରଦ, ପ୍ରଗତିଶୀଳ ଚିନ୍ତକ, ଲେଖକ ତଥା ଗବେଷକ ନଟବର ଷଡଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁଆରୀ ୨୧ରେ ୯୨ ବର୍ଷରେ ସେ ମୃତ୍ୟୁ ବରଣ କରିଥିଲେ। ସେ ନିଜ ଉଦ୍ୟମରେ ଦେଶୀ ଧାନ ବିହନ ପ୍ରଜାତି ସଂଗ୍ରହ କରି ତାର ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ କୃଷି କ୍ଷେତ୍ରରେ ସାମ୍ରାଜ୍ୟବାଦୀ କମ୍ପାନୀମାନଙ୍କ ବର୍ଦ୍ଧିତ ପ୍ରଭାବକୁ ନିଜର ଲେଖା ଓ କାର୍ଯ୍ୟ ମାଧ୍ୟମରେ ବିରୋଧ ସହ ତା'ର ବିକଳ୍ପ ଭାବେ ପ୍ରାକୃତିକ ଚାଷକୁ ଲୋକପ୍ରିୟ କରିଥିଲେ। କାର୍ଯ୍ୟକ୍ରମରେ ସୁଧୀର ରାଉତ, ପ୍ରଫୁଲ୍ଲ ସାମନ୍ତରା, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରବି ରଥ, ଡ. ବିଧୂପ୍ରଭା ରଥ, ସୀମାଞ୍ଚଳ ନାହାକ, ଶ୍ୟାମ ସୁନ୍ଦର ଖାଡଙ୍ଗା, କେ. ନାଦେଶୁ ସେନାପତି, ଅଶୋକ ଦଳାଇ, ସୁବାସ ରାଉତ, ଆଦିତ୍ୟ ରଥ, ବିଘ୍ନେଶ୍ୱର ସାହୁ, ଲୋକନାଥ ପରିଡା, ପ୍ରତାପ ନାୟକ, ସଞ୍ଜୀବ ରେଡ୍ଡୀ, ଅଳକନାଥ ମିଶ୍ର ଓ ପି. ପାର୍ବତୀ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟ ଶାସନ ସଚିବଙ୍କୁ ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର**

## ରେଳବାଇ କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାରେ ହୋଇନି ଆଖିଦୃଶିଆ ବିକାଶ

ବ୍ରହ୍ମପୁର, ୨।୨ (ସମିସ): ଦକ୍ଷିଣ ଓଡ଼ିଶାରେ ଗମନାଗମନର କ୍ଷେତ୍ରରେ ବ୍ରହ୍ମପୁର ଏକ ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ ରେଳ କ୍ଷେତ୍ରରେ ଯେଉଁଭଳି ବିକାଶ ଓ ଅଗ୍ରଗତି ହେବା କଥା ହୋଇପାରି ନାହିଁ ବୋଲି ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିବାବେଳେ କିଛି ପ୍ରକଳ୍ପ ଆରମ୍ଭ ହୋଇପାରିନି। ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ତାଙ୍କ ଓଏସ୍‌ଡି କଲ୍ୟାଣ ରଥଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଏନେଇ ବିସ୍ତୃତ ଆଲୋଚନା କରିଥିଲେ। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାରେ ସାମିଲ ହୋଇଥିବା ଗୋପାଳପୁର-ରେଢ଼ାଖୋଲ ଭାୟା ଭଞ୍ଜନଗର-ଫୁଲବାଣୀ ଦେଇ ନିର୍ମାଣ ହେବାକୁ ଥିବା ରେଳ ଲାଇନ ଅନ୍ୟତମ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶାର ଜନଜାତି ଅଧ୍ୟୁଷିତ, ଅନଗ୍ରସର ଓ ପ୍ରାକୃତିକ ଦୃଶ୍ୟରେ ଭରପୂର ଫୁଲବାଣୀ ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନୟନ ତଥା ଦ୍ରୁତ ବିକାଶ ନିମନ୍ତେ ଗୋପାଳପୁର-ବ୍ରହ୍ମପୁର-ଆସିକା-ଭଞ୍ଜନଗର-ଜି.ଉଦୟଗିରି-ଫୁଲବାଣୀ-ବୌଦ୍ଧ-ରେଢ଼ାଖୋଲ ରେଳ ଲାଇନ ଅତିଶୀଘ୍ର ନିର୍ମାଣ କରେଇବାର ଆବଶ୍ୟକତା ରହିଛି। ସେହିପରି ଓଡିଶାର ସର୍ବ ପୁରାତନ ତଥା ୧୮୬୯ ମସିହାରେ ନିର୍ମିତ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ କରିବା, ଶୀତଳାପଲ୍ଲି ଠାରେ ବନ୍ଦେ ଭାରତ ଫ୍ୟାକ୍ଟ୍ରି ନିର୍ମାଣ ନେଇ ପଦକ୍ଷେପ ନେବା, କୋଚିଂ ଡିପୋ ସ୍ଥାପନ, ୱାସିଂବେସିନ ନିର୍ମାଣ, ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ ତଥା ଏଠାରୁ ଦେଶର ପ୍ରମୁଖ ସହରକୁ ସିଧାସଳଖ ଯୋଗାଯୋଗ ଏବଂ ଗମନାଗମନ ନିମନ୍ତେ ସିଧାସଳଖ ଟ୍ରେନ ଯୋଗାଇଦେବା ସମ୍ବଳିତ ଦାବି ଗୁଡ଼ିକ ଉପରେ କମିଟି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ଦେବୀ ପ୍ରସାଦ ଦାସ, ସହ ସମ୍ପାଦକ ବି ଭି ସାଗର, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, କୋଷାଧ୍ୟକ୍ଷ ଏମ୍ ଲାବଣ୍ୟ ପାତ୍ର ଓ ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ କଳା ପରିଷଦର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨।୨(ସମିସ): ଗଞ୍ଜାମ କଳା ପରିଷଦର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସମ୍ପାଦକ ରମେଶ ହାଁସଦା, ମୁଖ୍ୟବକ୍ତା ଭାବେ ବିନାୟକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ କୁଳମଣି ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି କୃଷ୍ଣଚରଣ ସିଂହ ଓ ଉପଦେଷ୍ଟା ଦେବେନ୍ଦ୍ର ନନ୍ଦ ମଞ୍ଚାସିନ ଥିଲେ। ଅତିଥିମାନେ ଗଞ୍ଜାମ କଳା ପରିଷଦର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଳାପରିଷଦ ଦୀର୍ଘ ୬୮ବର୍ଷ ହେଲା କଳାସଂସ୍କୃତିର ବିକାଶ କ୍ଷେତ୍ରରେ ନୀରବଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିବା ଉପସ୍ଥିତ ଅତିଥି ମାନେ କହିଥିଲେ।



ସଭାପତି କେଦାର ଆପ୍ତା ଓ କଳାପରିଷଦ ସଂସ୍ଥାପନା ଦେବେନ୍ଦ୍ର ନନ୍ଦ କଳାପରିଷଦର ଇତିହାସ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ କଳାପରିଷଦ ଗଠନରେ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ ନିଃସ୍ୱାର୍ଥପର ଅବଦାନ ବିଷୟ ନିଜ ଭାଷଣରେ ଉପସ୍ଥାପନା କରିଥିଲେ।

ସାଂସ୍କୃତିକ ସମ୍ପାଦକ ଇଂ. ମନୋଜ ଦଣ୍ଡପାଟ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ପରିଶେଷରେ ବିଶ୍ୱଜିତ ଦାସ ଲିଖିତ ଓ ରାଜୁ ପାଢ଼ୀ ନିର୍ଦ୍ଦେଶୀତ ନାଟକ "ଆଗନ୍ତୁକ" ମଞ୍ଚସ୍ଥ ହୋଇଥିଲା। ନାଟକରେ ଅସିତ ମହାପାତ୍ର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର, କୋଷାଧକ୍ଷ ଇଂ. ଗଗନ ଚାନ୍ଦ ପଟ୍ଟନାୟକ, ଅନ୍ୟତମ ସମ୍ପାଦକ ଇଂ. ଅଭୟେନ୍ଦୁ ଶେଖର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ସୁବୋଧ ପଟ୍ଟନାୟକ, ସତ୍ୟ ମହାରଣା, ନୀଳାଞ୍ଚଳ ବେହେରା, ବାସନ୍ତୀ ପ୍ରଧାନ, ଉପଦେଷ୍ଟା ସରୋଜିନୀ ସାମଲ, ମଧୁସ୍ମିତା ରଥ ଓ ଗୁରୁ ବାଳଗୋପାଳ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇକଲ ଚୋରି ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର,୨।୨(ସମିସ): ସାଇକଲ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ପ୍ରଭାକର ମହାରଣା(୫୬)। ସୂଚନାଯୋଗ୍ୟ ଯେ, ପୁରୁଷୋତ୍ତମପୁର ଥାନା ଅଧିନସ୍ଥ ରାଜପୁର ଗ୍ରାମର ବାସୁଦେବ ସାହୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହି ପାଠ ପଢେ। ଗତ ୩୧ତାରିଖରେ ତାଙ୍କ ସାଇକଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି।

## ଆଜିଠାରୁ ସୁନାପୁର ବେଳାଭୂମି ମହୋତ୍ସବ

ବ୍ରହ୍ମପୁର,୨।୨(ସମିସ): ଆଜିଠାରୁ ୩ଦିନ ଧରି ଚାଲିବ ସୁନାପୁର ବେଳାଭୂମି ମହୋତ୍ସବ। 'ବ୍ଲୁ ଫ୍ଲାଗ' ବିଚର ମାନ୍ୟତା ପାଇଥିବା ତଥା 'ଇକୋ ରିଟ୍ରିଟ' ବ୍ୟବସ୍ଥା ଥିବା ସୁନାପୁର ବେଳାଭୂମିରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ତଥା ଚଳଚ୍ଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେବାକୁ ଥିବା ମହୋତ୍ସବ କମିଟିର ସଭାପତି ତଥା ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ସୂଚନା ଦେଇଛନ୍ତି। ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ସମୁଦ୍ର ଆଳତୀ କାର୍ଯ୍ୟକ୍ରମ ଯାହା ନିୟମିତ ଭାବେ ୩ଦିନ ଧରି ଆୟୋଜିତ ହେବ। ପ୍ରଥମ ରଜନୀର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ ଷ୍ଟାର ସବ୍ୟସାଚୀ ଏବଂ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଟିମ ଦ୍ୱାରା ପ୍ରଦର୍ଶିତ ହେବ। ଦୀର୍ଘ ପ୍ରାୟ ୭ବର୍ଷ ବ୍ୟବଧାନରେ ଆୟୋଜିତ ହେଉଥିବା ଏହି ମହୋତ୍ସବକୁ ଉପଭୋଗ କରିବାକୁ ଗଞ୍ଜାମ ସମେତ ପଡୋଶୀ ଆନ୍ଧ୍ର ସୀମାନ୍ତରୁ ମଧ୍ୟ ବହୁ ଦର୍ଶକଙ୍କ ଭିଡ଼ ଜମିବାର ସମ୍ଭାବନା ରହିଛି। ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବ୍ୟବସ୍ଥା ମଧ୍ୟ କରାଯାଇଛି।

**ଉଦ୍‌ଘାଟନ କରିବେ ବାଚସ୍ପତି**




**ମୁଖ୍ୟ ଆକର୍ଷଣ ସବ୍ୟସାଚୀ ଓ ଅସୀମା**



ଘୁମୁସର ବନଖଣ୍ଡରେ କୃଷ୍ଣସାର ମୃଗ ଗଣନା

■ କେନ୍ଦ୍ର ବଜେଟ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

## ଆତ୍ମନିର୍ଭର, ବିକଶିତ ଭାରତ ସ୍ୱପ୍ନ ସାକାର ହେବ: ମନ୍ତ୍ରୀ

ବ୍ରହ୍ମପୁର,୨।୨(ସମିସ): କେନ୍ଦ୍ର ବଜେଟ୍ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ରହ୍ମପୁରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ବର୍ଷ ପାଇଁ ଆଗତ ବଜେଟ ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର କରିବ ବୋଲି ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି ପ୍ରକ୍ରିୟାକରଣ, ଗବେଷଣା ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଦେଶର ମାଇନିଂ କ୍ୟାପିଟାଲ ଓଡ଼ିଶାରେ ରେୟାର ଆର୍ଥ କରିଡ଼ର ପ୍ରତିଷ୍ଠା ଘୋଷଣା ହୋଇଛି। ଫଳରେ ବିରଳ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ। ଏହା ଆମ ଜିଲ୍ଲାର ଛତ୍ରପୁର ଠାରେ ପ୍ରତିଷ୍ଠା ହୋଇଥିବା ମାଟିଖାଲ ସ୍ଥିତ ଭାରତୀୟ ବିରଳ ମୃତ୍ତିକା କମ୍ପାନୀରେ ଉତ୍ପାଦନ କ୍ଷମତା ବୃଦ୍ଧି ସହିତ ଆମ ଦେଶର ପ୍ରତିରକ୍ଷା ମନ୍ତ୍ରାଳୟକୁ ସଶକ୍ତ କରିବ। ସେହିଭଳି ଉପକୂଳ ଅଞ୍ଚଳ ପର୍ଯ୍ୟଟନ ଓ ଅର୍ଥନୈତିକ ହବ୍ ପାଲଟିବ। ଉପକୂଳ ସଂଯୋଗ ହେତୁ ଗଞ୍ଜାମ ଜିଲ୍ଲା ଲାଭାନ୍ୱିତ ହେବ। ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ। ସମନ୍ୱିତ ସହରୀ ଅଭିବୃଦ୍ଧି ଲକ୍ଷ୍ୟରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରକୁ ଇକନୋମି ସିଟି ରିଜିୟନ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ବ୍ରହ୍ମପୁର ମହାନଗର ମଧ୍ୟ ସୁଫଳ ପାଇବ। ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେ ଗଣ ଅଣ୍ଡାଦାନ ନିମନ୍ତେ ବିକଶିତ କରାଯିବ। ସେହିଭଳି ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲାର ନଡ଼ିଆ, କାଜୁ ଓ କିଆ ଚାଷକୁ ପ୍ରୋତ୍ସାହନ ମିଳିବ। ଗଞ୍ଜାମର ବାହୁଡ଼ାଠାରେ ଦେଶର ସର୍ବବୃହତ ବନ୍ଦର ନିର୍ମାଣ ହେବ। ଏ ବାବଦରେ ୨୧୫୦୦କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହା ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ଗୁରୁତ୍ୱକୁ ବହନ କରୁଛି ବୋଲି କୁହାଯାଇଥିଲା।




ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ବିଜେପି ନେତା ଅଜିତ ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଏହି ସାମ୍ବାଦିକ ସମ୍ମିଳନୀକୁ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର ଏବଂ ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା

## କୋର୍ଟରେ ହାଜର ହେଲେ ବିକ୍ରମ୍ ଓ ପିଣ୍ଟୁଙ୍କ ସମେତ ୧୫ ଅଭିଯୁକ୍ତ

ବ୍ରହ୍ମପୁର,୨।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ବ୍ରହ୍ମପୁର ଜେଲରେ ଥିବା ସମସ୍ତ ୧୪ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟକୁ ଅଣାଯାଇଥିବା ବେଳେ ଫୁଲବାଣୀ ଜେଲରୁ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ବ୍ରହ୍ମପୁର ଅଣାଯାଇଥିଲା। ଜିଲ୍ଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ସମସ୍ତ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ତେବେ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ମୋହନ ଦଳେଇଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ହାଜର କରାଯାଇ ପାରିନଥିଲା। ଫଳରେ ଆଜି ହେବାକୁ ଥିବା କୋର୍ଟ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ତେବେ କୋର୍ଟରେ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ ଓ ଶୂନ୍ୟ ଚନ୍ଦ୍ର ଦାସଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ଯାହାର ଶୁଣାଣି ମଧ୍ୟ ଆସନ୍ତା ୬ରେ ହେବାକୁ ଧାର୍ଯ୍ୟ କରାଯାଇଛି। ସେହିଭଳି କର୍ପୋରେଟର ମଳୟ ବିଶୋୟୀଙ୍କ ରକ୍ତ ସର୍କରା ଅଧିକ ରହିଥିବାରୁ ତାଙ୍କର ଗୋଡ଼ ଓ ପାଦରେ କ୍ଷତ ସୃଷ୍ଟି ହୋଇସାରିଛି। ଯାହାର ତୁରନ୍ତ ଚିକିତ୍ସା କରାନଗଲେ ତାଙ୍କ ଅବସ୍ଥା ସଂକଟାପନ୍ନ ଆଶଙ୍କା କରି ମଳୟଙ୍କ ଓକିଲ ଦୀପକ ପଟ୍ଟନାୟକ ଏକ ପିଟିସନ ଜରିଆରେ ତାଙ୍କୁ ତୁରନ୍ତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରି ଚିକିତ୍ସା କରାଯିବାକୁ ପିଟିସନ ଜରିଆରେ କୋର୍ଟକୁ ନିବେଦନ କରିଥିଲେ। ବିଚାରପତି ନିଜେ ଅଭିଯୁକ୍ତ ମଳୟ ବିଶୋୟୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହିତ ତାଙ୍କର ମେଡିକାଲ ରିପୋର୍ଟ ମାଗିଛନ୍ତି। ମେଡିକାଲ ରିପୋର୍ଟ ଆଧାରରେ ମଳୟଙ୍କ ଚିକିତ୍ସା ସମ୍ପର୍କିତ ନିଷ୍ପତ୍ତି ନିଆଯିବ।

ସେପଟେ ଆଜି ପୂର୍ବାହ୍ନରେ ଜେଲରେ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ମୋହନ ଦଳେଇ ଯୋଗାଭ୍ୟାସ କରୁଥିବା ବେଳେ ପଡ଼ିଯିବାରୁ ତାଙ୍କ ଗୋଡ଼ ହାଡ଼ ଭାଙ୍ଗିଯାଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଣୁ ସେ ଆଜି କୋର୍ଟରେ ହାଜର ହୋଇପାରି ନଥିଲେ। ମାମଲାରେ ଆଭାସୀ ଜରିଆରେ ପୂର୍ବରୁ କମିଟମେଣ୍ଟ ସରିଯାଇଥିବା ବେଳେ ବର୍ତ୍ତମାନ ଚାର୍ଜଫ୍ରେମ କରାଯିବ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରହିଥିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍(ତୃତୀୟ)ଙ୍କ ଅଦାଲତରେ ଏହି ମାମଲାର ବିଚାରଣା ହେବ ବୋଲି ସୂଚନା ମିଳିଛି। ଆସନ୍ତା ୬ତାରିଖରେ ୧୬ଜଣ ଅଭିଯୁକ୍ତ କୋର୍ଟରେ ହାଜର ହେବାପରେ ଚାର୍ଜଫ୍ରେମ ସହିତ ମାମଲାଟି ଜିଲ୍ଲା ଦୌରାଜଜଙ୍କ କୋର୍ଟରୁ ଅନ୍ୟ କୋର୍ଟଙ୍କୁ ସ୍ଥାନାନ୍ତର ହେବ ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

- **ମଦନଙ୍କ ଅନୁପସ୍ଥିତି ଯୋଗୁଁ ଆସନ୍ତା ୬ରେ ପୁଣି ହାଜର ହେବେ ସମସ୍ତ ଅଭିଯୁକ୍ତ**
- **'ଶୂନ୍ୟ' ଓ 'ରାଜେନ୍ଦ୍ର'ଙ୍କ ଜାମିନ ଏବଂ ମଳୟଙ୍କ ଚିକିତ୍ସା ସମ୍ପର୍କିତ ଆବେଦନର ହେବ ଶୁଣାଣି**

୨/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୬୮,୧୪୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



# ଆଜି ପୁରୀ ଆସୁଛନ୍ତି ରାଷ୍ଟ୍ରପତି







ପୁରୀ,୨।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପୁରୀ ଆସୁଛନ୍ତି। ଦୁଇଦିନିଆ ପୁରୀ ଗସ୍ତରେ ରାଷ୍ଟ୍ରପତି ଶ୍ୱେତଗଙ୍ଗା ତୀର୍ଥରେ ପିଣ୍ଡଦାନ ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ। ତାଙ୍କ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଭାରତର ପ୍ରଥମ ନାଗରିକଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛନ୍ତି ସଭିଏଁ। ଗସ୍ତ ସୂଚୀ ଅନୁଯାୟୀ, ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ମଙ୍ଗଳବାର ଅପରାହ୍ଣ ୪ଟା ୫୫ରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ହେଲିପ୍ୟାଡ୍‌ରୁ ବାହାରି ସିଧାସଳଖ ଲୋକଭବନରେ ପହଞ୍ଚିବେ। ସେଠାରେ ରାତ୍ରିଯାପନ କରିବେ। ରାତିରେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିବେ। ବୁଧବାର ସକାଳ ୬ଟା ୫୦ରେ ରାଷ୍ଟ୍ରପତି ଲୋକଭବନରୁ ବାହାରି ୭ଟାରେ କାକୁଡ଼ିଖାଇ ଛକରେ ପହଞ୍ଚିବେ। ସେଠାରୁ ବ୍ୟାଟେରି ଗାଡ଼ିରେ ଯାଇ ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟରେ ପହଞ୍ଚି ପିଣ୍ଡଦାନ କରିବେ। ସେଠାରୁ ବାହାରି ୭ଟା ୪୦ରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବେ। ମହାପ୍ରଭୁଙ୍କ ଦର୍ଶନ ସାରି ୮ଟା ୧୦ରେ ସିଂହଦ୍ୱାର ବାହାରକୁ ଆସିବେ। ୮ଟା ୨୦ରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚିବେ। ସେଠରେ ଜଳଖିଆ ସେବନ କରିବେ। ୯ଟା ୧୫ରେ ରାଷ୍ଟ୍ରପତି ଲୋକଭବନରୁ ବାହାରି

- **ଲୋକ ଭବନରେ ରାତ୍ରିଯାପନ**
- **ବୁଧବାର ପିଣ୍ଡଦାନ, ମହାପ୍ରଭୁଙ୍କ ଦର୍ଶନ**
- **ସରିଲା କାର୍‌କେଡ୍ ରିହର୍ସାଲ**

ତାଳବଣିଆ ହେଲିପ୍ୟାଡ୍‌ରେ ୯ଟା ୨୫ରେ ପହଞ୍ଚିବେ। ୯ଟା ୩୫ରେ ରାଷ୍ଟ୍ରପତି ପୁରୀ ଛାଡ଼ିବାର କାର୍ଯ୍ୟସୂଚୀ ରହିଛି।

ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ସୋମବାର ଅପରାହ୍ଣରେ ଜିଲ୍ଲା ପୁଲିସ ପକ୍ଷରୁ ତାଳବଣିଆ ହେଲିପ୍ୟାଡ୍‌ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ କାର୍‌କେଡ୍ ରିହର୍‌ସାଲ କରାଯାଇଛି। ଏଥିପାଇଁ ତାଳବଣିଆ ହେଲିପ୍ୟାଡ୍‌ଠାରୁ ଲୋକଭବନ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯାଇଥିଲା। ପ୍ରଥମେ କାର୍‌କେଡ୍ ତାଳବଣିଆ ହେଲିପ୍ୟାଡ୍‌ଠାରୁ ବାହାରି ଲୋକଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନଶ୍ଚ କାର୍‌କେଡ୍ ଭିଆଇପି ରୋଡ୍ ଦେଇ ମା' କାକୁଡ଼ିଖାଇ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ କାର୍‌କେଡ୍ ଶ୍ରୀମନ୍ଦିର ସିଂହଦ୍ୱାରକୁ ଆସିଥିଲା। ପୁନର୍ବାର ବଡ଼ଦାଣ୍ଡ, ଭିଆଇପି ରୋଡ୍ ଦେଇ କାର୍‌କେଡ୍ ଲୋକଭବନକୁ ଯାଇଥିଲା। ମଙ୍ଗଳବାର ଏବଂ ବୁଧବାର ରାଷ୍ଟ୍ରପତି ଏହି ସମସ୍ତ ରୁଟ୍ ଦେଇ ଯାତାୟାତ କରିବେ। ଏହା ପୂର୍ବରୁ ପ୍ରାକ୍ କାର୍‌କେଡ୍ ରିହର୍‌ସାଲ କରାଯାଇଛି। ଅପରାହ୍ଣ ୫ଟାରେ ଏହି କାର୍‌କେଡ୍ ରିହର୍‌ସାଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରାୟ ୧ଘଣ୍ଟା ପୂର୍ବରୁ ସମ୍ପୃକ୍ତ ରାସ୍ତା ବନ୍ଦ କରି ଦିଆଯାଇଥିଲା। ଫଳରେ ସ୍ଥାନୀୟ ଲୋକଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ସ୍କୁଲ ଛୁଟି ପରେ ପିଲାମାନେ ମଧ୍ୟ ଅପେକ୍ଷା କରିଥିଲେ। କୌଣସି ପ୍ରାକ୍ ସୂଚନା ଦିଆଯାଇ ନ ଥିବାରୁ ଦୀର୍ଘ ସମୟ ଅପେକ୍ଷା କରି ଲୋକଙ୍କ ଧୈର୍ଯ୍ୟ ଚ୍ୟୁତି ଘଟିଥିଲା। ସେମାନେ ବ୍ୟାରିକେଡ୍ ଭାଙ୍ଗି ଯିବାକୁ ଉଦ୍ୟମ କରିଥିଲେ। ଏସ୍‌ପି ପ୍ରତୀକ୍ ସିଂ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହାପରେ ପରିସ୍ଥିତି ସ୍ୱାଭାବିକ ହେବାରୁ କାର୍‌କେଡ୍ ରିହର୍‌ସାଲ୍ ହୋଇଥିଲା।

## ସ୍ୟାଣ୍ଡ ଆନିମେସନରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ




ପୁରୀ,୨।୨(ସମିସ): ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ତୀର୍ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ ସହ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ ନେବା ପାଇଁ ଶ୍ରୀକ୍ଷେତ୍ର ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତର ପ୍ରଥମ ନାଗରିକଙ୍କ ପୁରୀ ଗସ୍ତ ଏବଂ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନାକୁ ଅତି ସୁନ୍ଦର ଏବଂ ନିଖୁଣ ଭାବେ ସ୍ୟାଣ୍ଡ ଆନିମେସନରେ ଚିତ୍ରଣ କରିଛନ୍ତି ବିଶ୍ୱ ବିଖ୍ୟାତ ବାଲୁକା ସ୍ୟାଣ୍ଡ ଆନିମେଟର ମାନସ ସାହୁ। ଏହି ସ୍ୟାଣ୍ଡ ଆନିମେସନ ପ୍ରସ୍ତୁତ କରିବାକୁ ମାନସଙ୍କୁ ପ୍ରାୟ ୨ଘଣ୍ଟା ସମୟ ଲାଗିଥିଲା। ଏଥିରେ ସେ ୱେଲ୍‌କମ୍ ଟୁ ପୁରୀ ଓଡ଼ିଶାର ବାର୍ତ୍ତା ଦେଇ ରାଷ୍ଟ୍ରପତିଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ ଜଣାଇଛନ୍ତି।

## ଡ୍ରୋନ୍ ଉଡ଼ିବା ଉପରେ କଟକଣା

ପୁରୀ,୨।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ମଙ୍ଗଳବାର ପହଞ୍ଚି ପୁରୀ ଲୋକ ଭବନରେ ରାତ୍ରିଯାପନ କରିବେ ଓ ପରଦିନ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରି ମହାପ୍ରଭୁଙ୍କ ଦର୍ଶନ କରି ଫେରିଯିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ "ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୁରୀ ସହରର ୧୦ କି.ମି. ପରିସୀମା ଅଞ୍ଚଳକୁ "ନୋ ଫ୍ଲାଇଂ ଜୋନ୍' ବା "ଡ୍ରୋନ୍‌ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଏସ୍‌ପିଙ୍କ ସୁରକ୍ଷା ସମ୍ପର୍କିତ ପତ୍ର ଆଧାରରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷା ନେଇ ୩ ତାରିଖ ମଧ୍ୟାହ୍ନ ୧୨ଟାଠାରୁ ୪ ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡ୍ରୋନ୍ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ଟ୍ରାଫିକ୍ କଟକଣା ଜାରି

ପୁରୀ,୨।୨(ସମିସ): ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ନେଇ ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶେଷକରି ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ନ ହୁଏ ତାହାକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଯାତାୟାତ ନିୟନ୍ତ୍ରଣ ଲାଗି ଟ୍ରାଫିକ୍ କଟକଣା ଜାରି କରିଛି ପୁଲିସ। ବୁଧବାର ଅପରାହ୍ଣ ୨ଟା ପରଠାରୁ ରାଷ୍ଟ୍ରପତିଙ୍କ ଆଗମନ ପର୍ଯ୍ୟନ୍ତ ହେଲିପ୍ୟାଡ୍ ଛକଠାରୁ ଲୋକଭବନ ପର୍ଯ୍ୟନ୍ତ ସୁଭାଷ ବୋଷ ଛକ ମାର୍ଗ ନୋ ଭେଇକ୍ଲି ଜୋନ୍ ରହିବ। ସେହିପରି ୪ ତାରିଖ ଭୋର୍ ୫ଟାଠାରୁ ରାଷ୍ଟ୍ରପତି ପୁରୀ ଛାଡ଼ିବା ପର୍ଯ୍ୟନ୍ତ ଲୋକଭବନଠାରୁ ଗ୍ରାଣ୍ଡସେଣ୍ଟର ବା ଶ୍ରୀମନ୍ଦିର ପର୍ଯ୍ୟନ୍ତ ଭିଆଇପି ରୋଡ୍ ମାର୍ଗ ଏବଂ ଗ୍ରାଣ୍ଡସେଣ୍ଟରଠାରୁ ହେଲିପ୍ୟାଡ୍ ପର୍ଯ୍ୟନ୍ତ ସୁଭାଷ ବୋଷ ଛକ ଓ ସିଟି ରୋଡ୍ ମାର୍ଗ ନୋ ଭେଇକ୍ଲି ଜୋନ୍ ରହିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ସମସ୍ତ ବସ୍ (ପର୍ଯ୍ୟଟକ ବସ୍ ସହିତ) ତଳବାଣିଆରେ ପାର୍କି କରିବେ। ସେହିପରି କୋଣାର୍କ ପଟୁ ପୁରୀ ସହର ଦିଗକୁ ଆସୁଥିବା କାର୍‌ଗୁଡ଼ିକ ବାଇଦାସନଗର, ଆର୍‌ଓବି, ବାଟଗାଁ, ଅଠରନଳା, ବାନାମ୍ବର ଛକ, କୁମ୍ଭାରପଡ଼ା ଥାନା, ବଡ଼ଶଙ୍ଖ ରେଡ୍‌କ୍ରସ ରୋଡ୍ ମାର୍ଗରେ ଯାତାୟାତ କରିବେ। ଫେରିବାବେଳେ ଏହି ମାର୍ଗକୁ ଅନୁସରଣ କରିବେ। ସମାନ ଭାବେ କୋଣାର୍କ ପାର୍ଶ୍ୱରୁ ପୁରୀ ସହର ଦିଗକୁ ଆସୁଥିବା ବାଇକ୍ ଓ ତିନିଚକିଆ ଯାନ ଭୂଦାନ ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ପିକେଆର୍‌ଆଇଟି ଛକ, ପିକେଆର୍‌ଆଇଟି କଲୋନୀ, ୱାଟର ୱାର୍କ୍ସ ରୋଧ, ଶ୍ରୀକ୍ଷେତ୍ର କଲୋନୀ, ରାମ ମନ୍ଦିର, ଘୋଡ଼ାବଜାର ରେଡ୍‌କ୍ରସ ରୋଡ୍, ବଡ଼ଶଙ୍ଖ ମାର୍ଗ ଅନୁସରଣ କରିବେ। ଫେରିବାବେଳେ ରେଡ୍‌କ୍ରସ ରୋଡ୍, ଘୋଡ଼ା ବଜାର, ରାମ ମନ୍ଦିର, ବ୍ଲକ୍ ଅଫିସ, ଓଡ଼ିଶା ବେକେରୀ, ପିକେଆର୍‌ଆଇଟି କଲୋନୀ, ପିକେଆର୍‌ଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ ଦେଇ ଯିବେ। ଭୁବନେଶ୍ୱର ପାର୍ଶ୍ୱରୁ ପୁରୀ ସହର ଦିଗକୁ ଆସୁଥିବା ବାଇକ୍ ଓ ତିନିଚକିଆ ଯାନ ବାଟଗାଁ, ଅଠରନଳା, ବାନାମ୍ବର ଛକ, କୁମ୍ଭାରପଡ଼ା ଥାନା, ବଡ଼ଶଙ୍ଖ, ରେଡ୍‌କ୍ରସ ରୋଡ୍ ଦେଇ ଯାତାୟାତ କରିବେ। ଫେରିବାବେଳେ ସମାନ ମାର୍ଗ ଅନୁସରଣ କରିବେ। ଭୁବନେଶ୍ୱର ପାର୍ଶ୍ୱରୁ ସମୁଦ୍ରତଟ ଅଞ୍ଚଳକୁ ଯାଉଥିବା ଯାନ ଷ୍ଟର୍ଲିଂ ଛକ, ଚୈତନ୍ୟ ଛକ, ଦିଗବାରେଣୀ ମାର୍ଗରେ ଯାତାୟାତ କରିବେ। ଫେରନ୍ତା ମାର୍ଗ ମଧ୍ୟ ଏହା ରହିବ। ଆଚାର୍ଯ୍ୟ ହରିହର ଛକଠାରୁ ସୁଭାଷ ବୋଷ ଛକ ଦିଗକୁ କୌଣସି ଯାନକୁ ଅନୁମତି ମିଳିବ ନାହିଁ।

- **ହେଲିପ୍ୟାଡ୍ ଛକ-ଲୋକଭବନ-ଶ୍ରୀମନ୍ଦିର ନୋ ଭେଇକ୍ଲି ଜୋନ୍**
- **ଆଚାର୍ଯ୍ୟ ହରିହର ଛକଠାରୁ ସୁଭାଷ ବୋଷ ଛକ ଗାଡ଼ି ଚଳାଚଳ ମନା**

## ଶ୍ୱେତଗଙ୍ଗା ଚତୁଃପାର୍ଶ୍ୱରେ ରୁଫ୍‌ଟପ୍ ସୁରକ୍ଷା ବ୍ୟବସ୍ଥା

### ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି



ପୁରୀ,୨।୨(ସମିସ): ମଙ୍ଗଳବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଲୋକଭବନରେ ରାତ୍ରିଯାପନ କରିବେ। ବୁଧବାର ସକାଳ ୭ଟାରେ ରାଷ୍ଟ୍ରପତି କଡ଼ା ସୁରକ୍ଷା ମଧ୍ୟରେ ଶ୍ୱେତଗଙ୍ଗା ତୀର୍ଥରେ ପିଣ୍ଡଦାନ କରିବେ। ଏଥିପାଇଁ ନୂଆ ରୂପ ପାଇଛି ଶ୍ୱେତଗଙ୍ଗା ପୁଷ୍କରିଣୀ। ରାଷ୍ଟ୍ରପତି ପୁଷ୍କରିଣୀର ଗୋଟିଏ କୋଣରେ ସ୍ନାନ ସହ ପିଣ୍ଡଦାନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ରାଷ୍ଟ୍ରପତି ଓ ତାଙ୍କ ପରିବାର ଲୋକେ ବସିବା ପାଇଁ ବ୍ୟବସ୍ଥା ହୋଇଛି। ସାବତ ନିଯୋଗ ପକ୍ଷରୁ ପିଣ୍ଡଦାନ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ରଖାଯାଇଛି। ଶ୍ୱେତଗଙ୍ଗା ପୁଷ୍କରିଣୀର ଚତୁଃପାର୍ଶ୍ୱରେ ରୁଫ୍‌ଟପ୍ ସୁରକ୍ଷା ବ୍ୟବସ୍ଥା ରହିବ। କେବଳ ପିଣ୍ଡଦାନ ପାଇଁ ରାଷ୍ଟ୍ରପତି ଭବନରୁ ଅନୁମତି ପାଇଥିବା ୩ ଜଣଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଉପସ୍ଥିତ ରହିବେ। ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀକୁ ପିଣ୍ଡଦାନ



କରିବାକୁ ଆସିବାର ଯଥେଷ୍ଟ ପୂର୍ବରୁ ଶ୍ରୀମନ୍ଦିରରୁ ବାଲିସାହି ଦେଇ ସ୍ୱର୍ଗଦ୍ୱାରକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯିବ।

ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାରେ ଯେପରି ସାମାନ୍ୟତମ ତ୍ରୁଟି ନ ହୁଏ ତାହାକୁ ଗୁରୁତ୍ୱ ଦେଇ ପ୍ରସ୍ତୁତ ରହିଛି ପୁରୀ ପୁଲିସ। ସୋମବାର ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ପୁଲିସ ବ୍ରିଫିଂ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଓ ଏସ୍‌ପି ପ୍ରତୀକ୍ ସିଂଙ୍କ ସୁରକ୍ଷାରେ ନିୟୋଜିତ ପୁଲିସ ଅଧିକାରୀଙ୍କୁ ବ୍ରିଫିଂ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ କଡ଼ା ସୁରକ୍ଷା ମଧ୍ୟରେ ରହିବ ପୁରୀ ସହର। ରୁଟ୍ ପ୍ଲାନିଂ ଶେଷ ହୋଇଛି। ବ୍ଲୁ ବୁକ୍ ସୁରକ୍ଷା ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ଫୋର୍ସ ମୁୟତନ ହେବେ। ଏଥିସହ ୬ ଜଣ କମାଣ୍ଡାଣ୍ଟ, ୮ ଅତିରିକ୍ତ ଏସ୍‌ପି, ୨୪ ଡିଏସ୍‌ପି, ୩୩ ଇନ୍ସପେକ୍ଟର, ୧୨୩ ଏସ୍‌ଆଇ ଓ ଏଏସ୍‌ଆଇ, ୩୪୦ ହୋମ୍‌ଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ହେଲିପ୍ୟାଡ୍, ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବ। ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍, ଆଣ୍ଟି ଡ୍ରୋନ୍ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଦଳ, ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ସହରରେ ରାତ୍ରିକାଳୀନ ନାକା ଓ ଚେକିଂକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍‌କେଡ୍ ସମସ୍ତ ରୁଟ୍‌ରେ ସାଧାରଣ ଯାତାୟାତ ବନ୍ଦ ରହିବ। ରୁଟ୍ ଲାଇନ୍ ଏରିଆକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍ ଦାୟିତ୍ୱରେ ବରିଷ୍ଠ ପୁଲିସ ଅଧିକାରୀ ମୁତୟନ ରହିବେ। ପୁରୀବାସୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ବିକଳ୍ପ ରୁଟ୍‌ର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲ ଛକରୁ ସମସ୍ତ ଯାନବାହନ ଡାଇଭର୍ଟ କରାଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି ଶ୍ରୀ ନାୟକ ଏବଂ ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ରାଷ୍ଟ୍ରପତିଙ୍କୁ ଏ କି ସମ୍ମାନ?

ପୁରୀ, ୨।୨ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି। ଭାରତର ପ୍ରଥମ ନାଗରିକଙ୍କୁ ସ୍ୱାଗତ ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଗତମ୍ ଫ୍ଲେକ୍ସ ଲାଗିଛି। ନିଶ୍ଚିତ ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଏହି ଫ୍ଲେକ୍ସରେ ରାଷ୍ଟ୍ରପତିଙ୍କୁ ଯେଉଁଭଳି ସମ୍ମାନ ଦିଆଯାଇଛି ତାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୁରୀବାସୀ।

ଭିଆଇପି ରୋଡ୍‌ସ୍ଥିତ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରାଚୀରକୁ ଲଗାଇ ଏହି ସ୍ୱାଗତମ୍ ଫ୍ଲେକ୍ସ ମରାଯାଇଛି। ପୁରୀର ଯୁବ ସମାଜସେବୀ ସ୍ୱାଧୀନ କୁମାର ପଣ୍ଡା ଏହି ଫ୍ଲେକ୍ସରୁ ୩ଟି ତ୍ରୁଟିକୁ ଧରି ରାଜ୍ୟ ସରକାରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଭଳି ସମ୍ମାନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି, ସେହି ଫ୍ଲେକ୍ସରେ ରାଷ୍ଟ୍ରପତିଙ୍କ ଯେଉଁ ଫଟୋ ରହିଛି ମୁହଁରେ କଳା ବୋଳାଯାଇଛି। ସେହିପରି ଏଥିରେ ମାନ୍ୟବର ରାଷ୍ଟ୍ରପତି ଲେଖାଯାଇଛି। ଆମେ ସମସ୍ତେ ରାଷ୍ଟ୍ରପତିଙ୍କୁ ମହାମହିମର ଆଖ୍ୟା ଦେଉଥିବାବେଳେ ଖୋଦ୍ ରାଜ୍ୟ ସରକାର ମାନ୍ୟବର ଲେଖିବାକୁ ନେଇ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ସବୁଠୁ ବଡ଼ ପରିତାପର ବିଷୟ ହେଉଛି ଏହି ଫ୍ଲେକ୍ସ କଡ଼ରେ ନବବର୍ଷକୁ ସ୍ୱାଗତ ଜଣାଇ ଏକ ଫ୍ଲେକ୍ସ ଲାଗିଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ଜାତୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀଙ୍କ ସମେତ ବିଜେପିର କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କ ଫଟୋ ମଧ୍ୟ ରହିଛି। ଏହି ଫ୍ଲେକ୍ସ ତଳେ ମହାମହିମ ରାଷ୍ଟ୍ରପତିଙ୍କ ଫଟୋ ରଖାଯାଇଥିବାକୁ ନେଇ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଖୋଦ୍ ରାଜ୍ୟ ସରକାରଙ୍କ ରାଷ୍ଟ୍ରପତିଙ୍କୁ ଏ କିଭଳି ସମ୍ମାନ ବୋଲି ପ୍ରଶ୍ନ କରିଛନ୍ତି।




## ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ | ପ୍ରଥମ ମ୍ୟାଚ୍‌ରେ ସୁଆର ମହାସୁଆର ନିଯୋଗ ବିଜୟୀ

ପୁରୀ,୨।୨(ସମିସ): ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ସୋମବାର ଶୁଭାରମ୍ଭ ହୋଇଛି ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାକୁ ଉଦ୍‌ଘାଟନ କରିବା ସହ ପାରସ୍ପରିକ ସଦ୍‌ଭାବନା, ସହଯୋଗ ଓ ଭାଇଚାରା ଏହାଦ୍ୱାରା ବୃଦ୍ଧି ପାଇବ। ନିଜକୁ ସୁସ୍ଥ ରଖିବା ସହ ଶୃଙ୍ଖଳା ରକ୍ଷା ପାଇଁ କ୍ରୀଡ଼ା ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ତେବେ ପ୍ରଥମ ମ୍ୟାଚ୍ ସୁଆର ମହାସୁଆର ନିଯୋଗ ଓ ହଡ଼ପ ନାୟକ ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ସୁଆର ମହାସୁଆର ନିଯୋଗ ୧୫ ଓଭରରେ ୫ ୱିକେଟ ହରାଇ ୧୬୯ ରନ୍ କରିଥିବାବେଳେ ହଡ଼ପ ନାୟକ ନିଯୋଗ ୧୫ ଓଭରରେ ୮ ୱିକେଟ୍ ହରାଇ ୮୯ ରନ୍ କରି ପରାସ୍ତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଅନନ୍ତ ତିଆଡ଼ି, କେଦାରନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଚଳିତ ସିଜିନ୍‌ରେ ଅଂଶଗ୍ରହଣ କରୁଥିବା ୨୨ଟି ଟିମ୍‌କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ୨୮ଟି ମ୍ୟାଚ୍ ଖେଳାଯିବ।

## ଛୁରି ଦେଖାଇ ଦାଦାବଟି ଆଦାୟ; ଯୁବକ ଗିରଫ

ପୁରୀ,୨।୨(ସମିସ): ଛୁରି ଦେଖାଇ ଦାଦାବଟି ଆଦାୟକ କରିବା ଅଭିଯୋଗରେ ତାଳବଣିଆ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଜଗତସିଂହପୁର ଜିଲ୍ଲା ପୂରଣର ସ୍ୱାଧୀନ କୁମାର ଦାସ (୩୫)। ଅଭିଯୋଗ ଅନୁଯାୟୀ, ସ୍ୱାଧୀନ ସୋମବାର ପୂର୍ବାହ୍ଣରେ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଛୁରି ଧରି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଭୟଭୀତ କରାଇ ଦାଦବଟି ଆଦାୟ କରୁଥିଲା। ତାଳବଣିଆରେ ଚାଲିଥିବା ଭକ୍ତ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଲୋକଙ୍କୁ ସେ ଟାର୍ଗେଟ କରୁଥିଲା। ଖବର ପାଇ ପୁଲିସ ପହଞ୍ଚି ତାକୁ କାବୁ କରିଥିଲା। ତା' ନିକଟରୁ ଏକ ଛୁରି ଏବଂ ୬୦୦ ଟଙ୍କା ଜବତ କରାଯାଇଥିବା ବେଳେ ସୋମବାର ପୁଲିସ ଅଭିଯୁକ୍ତ ସ୍ୱାଧୀନକୁ କୋର୍ଟ ଚାଲାଣ କରିଛି।

**ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି**

## ୯୫ ଅଭିଯୋଗରୁ ୭୮ ବ୍ୟକ୍ତିଗତ

ପୁରୀ,୨।୨(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୯୫ଟି ଅଭିଯୋଗ ମିଳିଥିଲା। ସେଥିରୁ ୭୮ଟି ବ୍ୟକ୍ତିଗତ, ୧୨ଟି ଗ୍ରାମ ସମ୍ବନ୍ଧୀୟ ଓ ୫ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଛି। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ଲୋକନାଥ ରୋଡ୍‌ରେ ହିନ୍ଦୁ ସମ୍ମିଳନୀ | ଗୀତା ଶ୍ଳୋକ ନୁହେଁ; ଭଗବାନଙ୍କ ମୁଖ ନିସୃତ ମହାମନ୍ତ୍ର

ପୁରୀ,୨।୨(ସମିସ): ହିନ୍ଦୁ ଜାଗରଣର ଦିଗକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ଲକ୍ଷ୍ୟ ନେଇ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସନାତନ ସଂସ୍କୃତି, ପରମ୍ପରା ଏବଂ ସାମାଜିକ ଏକତାର ପ୍ରତୀକ ସ୍ୱରୂପ ହିନ୍ଦୁ ସମ୍ମିଳନୀ ସୋମବାର ସାରସ୍ୱତ ନିଗମାନନ୍ଦ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରସ୍ୱତ ନିଗମାନନ୍ଦ ଆଶ୍ରମର ଅଧ୍ୟକ୍ଷ ଡ. ଶଙ୍କରାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି, ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ମୁକ୍ତିମଣ୍ଡପ ପଣ୍ଡିତ ସଭାର ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଗୀତା ଶ୍ରବଣ, ମନନ ଓ ଚିନ୍ତନ ଘରେ ଘରେ ହେବା ଉଚିତ୍, ଯାହା ଦୁଃଖରୁ ନିବୃତ୍ତି ଓ ସୁଖପ୍ରାପ୍ତିରେ ସହାୟକ ହୋଇପାରିବ। ଗୀତା ଶ୍ଳୋକ ନୁହେଁ, ଏହା ଭଗବାନଙ୍କର ମୁଖ ନିସୃତ ମହାମନ୍ତ୍ର। ଶାସ୍ତ୍ରକୁ ବୁଝିବା ପାଇଁ ଗୁରୁ ଆବଶ୍ୟକ। ଆମର ଆଧୁନିକ ପାଠ ଯାହା କାଗଜ କଲମର ଶିକ୍ଷା ତାହା ପେଟ ପାଇଁ। ଆମ ମୁଣ୍ଡ ପାଇଁ ଶିକ୍ଷାର ଆବଶ୍ୟକତା ଅଛି ଯାହା ଆମେ ସଦ୍‌ଗୁରୁଙ୍କଠାରୁ ପାଉ। ପରିବାରରେ ମାର ଗୁରୁତ୍ୱ ସର୍ବାଧିକ, ମାର ବିକଳ୍ପ ନାହିଁ। ହିନ୍ଦୁ ଧର୍ମ ଯାହା ସନାତନ ଧର୍ମ ସେ ଆମକୁ ପିତୃଦେବ ଭବ, ମାତୃଦେବ ଭବ, ଆଚାର୍ଯ୍ୟଦେବ ଭବ ଓ ଅତିଥିଦେବ ଭବ ଶିକ୍ଷା ପ୍ରଦାନ କରେ। ହିନ୍ଦୁଧର୍ମର ବୈଦିକ ଧର୍ମଧାରା ଭୁଶୁଡ଼ି ଗଲାଣି, ଜ୍ଞାନ ବିସ୍ମୃତ ହେଲାଣି। ହିନ୍ଦୁତ୍ୱର ଶିକ୍ଷା ବିଶ୍ୱକୁ ସୁଖୀ ଓ ସମୃଦ୍ଧି ସମ୍ପନ୍ନ ଜୀବନ ଯାପନ ସହିତ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ଆମେ ହିନ୍ଦୁ, ଭାରତ ଆମର ମାତା ଏହି ଆହ୍ୱାନ ହିଁ ବିଶ୍ୱରେ ଭାରତ ବର୍ଷକୁ ଚର୍ଚ୍ଚିତ ଓ ବିକଶିତ କରିପାରିବ ବୋଲି ଅତିଥିମାନେ କହିଥିଲେ। ଶେଷରେ ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀକୁ ପରିଚାଳନାରେ ପଦ୍ମଚରଣ ମହାପାତ୍ର, ଦିଲ୍ଲୀପ ମିଶ୍ର, ରାଜୁ ପଣ୍ଡା, ଦର୍ପେନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ପାଢ଼ୀ, ଦୀପକ ନାୟକ, ବଳଭଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଷ୍ଣୁଦତ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।



# ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ବ୍ୟାପକ ଅନିୟମିତତା



ଦୋବଲ,୨।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ଗୋଖାସାହିଠାରେ ଚାଲିଥିବା ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ, ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୫ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସେପରି ଆଖିଦୃଶିଆ କାମ ହୋଇନାହିଁ। କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କାର୍ଯ୍ୟସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ପ୍ରତିବର୍ଷ ମରାମତି ନାମରେ ଏହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହୋଇଛି। ଏବେ ପୁଣି ଥରେ ନୂତନ କାର୍ଯ୍ୟରେ ସେହି ସମାନ ଢଙ୍ଗରେ କାର୍ଯ୍ୟ ହେଉଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି। ବନ୍ଧର ସୁରକ୍ଷା ଯଦି ଠିକ୍ ଭାବେ ନ ହୁଏ, ତେବେ ଆଗାମୀ ବର୍ଷା ଦିନେ ଏହା ଗ୍ରାମବାସୀଙ୍କ ପାଇଁ ବିପଦ ସାଜିବ। ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତି ବର୍ଷ ବନ୍ୟା ଆସି ଉକ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରେ। ଏହି ନଦୀ ବନ୍ଧରେ ଫାଟ ସୃଷ୍ଟି ହେବା ସହ ବନ୍ଧ ମଧ୍ୟ ଧସିଥାଏ। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବି କରି ସମସ୍ୟା ବିଷୟରେ ଜଣାଇବା ପରେ ମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ଏକ ବନ୍ଧ ନିର୍ମାଣ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ନୀତିରେ ସେଠାରେ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିବା ବେଳେ ଠିକାଦାରଙ୍କ ଇଚ୍ଛାରେ କାମ କରଯାଉଛି। ସେଠାରେ କେବଳ ଲୁହାପାତ ପୋତି ଦେଇ ଆଉ କାର୍ଯ୍ୟ କରୁନାହାନ୍ତି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ତୁରନ୍ତ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ତାଗିଦ୍ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି।

## ଐତିହାସିକ ଝାଡ଼ପଟା ଦୋଳ ମେଳଣ ପ୍ରସ୍ତୁତି ବୈଠକ

ଦୋଳସାହି,୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗାଁରେ ଅନୁଷ୍ଠିତ ହେଉଥିବା ଐତିହାସିକ ଦୋଳ ମେଳଣ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗଜ୍ଜୀବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ସରପଞ୍ଚ ମାମିନା ଜେନା ଯୋଗଦେଇଥିଲେ। ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ଦୋଳ ମେଳଣ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଠାକୁର ବାଡ଼ିଆ ନନ୍ଦ କିଶୋର ପାଣିଗ୍ରାହୀ, ଅତୁଲ୍ୟ ପାଢ଼ୀ, ପ୍ରାଣବନ୍ଧୁ ପାଣିଗ୍ରାହୀ, ମନୋଜ ତ୍ରିପାଠୀ, ଶ୍ରୀକାନ୍ତ ତ୍ରିପାଠୀ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ମନ୍ମଥ ଦାସ, ଶାନ୍ତନୁ ପାଣିଗ୍ରାହୀ, ସତ୍ୟାନନ୍ଦ ତ୍ରିପାଠୀ, ଅଜୟ ପଣ୍ଡା, ନରହରି ପୃଷ୍ଟି, ରାମଚନ୍ଦ୍ର ସାହୁ, ଦାଶରଥୀ ମହାପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ଷେତ୍ରପାଳରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା,୨।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମ ନିକଟସ୍ଥ ଶ୍ରୀକ୍ଷେତ୍ରପାଳ ପୀଠରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶାକର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ୪୪ ବର୍ଷର କ୍ଷେତ୍ରପାଳ ମନ୍ଦିରରେ ଯଜ୍ଞ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପଣ୍ଡା, ବିଷ୍ଣୁମୋହନ ପଣ୍ଡା, ଗୋପୀନାଥ ପଣ୍ଡା ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମୁଖ୍ୟ ପୁରୋଧା ଭାବରେ ବିଷ୍ଣୁ ମୋହନ ପଣ୍ଡା, ବାସନ୍ତିଲତା ପଣ୍ଡା ପ୍ରଥମଦିନ କାୟାଶୁଦ୍ଧି ତର୍ପଣ, ଗୋପୂଜା, ଗୋଦାନ, ଦ୍ୱିତୀୟ ଦିନ କ୍ଷେତ୍ରପାଳ ପୁଷ୍କରିଣୀରେ ଘଟଉତ୍ତୋଳନ କରି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପକୁ ଅଣାଯାଇଥିଲା। ମୁଖ୍ୟ ପୂଜକ ଭାବେ ମାଧ ପାଣିଗ୍ରାହୀ, ଭଗବାନ ପତି, ଅଭିମନ୍ୟୁ ପଣ୍ଡା, ବୁଲା ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ତ୍ରିଦିବସୀୟ କାର୍ଯ୍ୟକ୍ରମ ପରିଚାଳନାରେ ମାଳତୀ ପଣ୍ଡା, ହରିଶଙ୍କର ପଣ୍ଡା, ଶିବ ଶଙ୍କର ପଣ୍ଡା, ବିଜୟଲକ୍ଷ୍ମୀ ପଣ୍ଡା, ସୌଭାଗ୍ୟଲକ୍ଷ୍ମୀ ପଣ୍ଡା, ସନ୍ଦୀପ ରଥ, ଲଳିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ସରସଦାଠାରେ ଭାଗବତ ପାରାୟଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଟୁଙ୍ଗି ପରିସରରେ ୪୦ତମ ବାର୍ଷିକ ଭାଗବତ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବ୍ୟାସଜୀ ରାମଚନ୍ଦ୍ର ପତି, ଧାରକ ରୁଦ୍ରପ୍ରତାପ ମିଶ୍ର ଓ ପୂଜକ ନୀଳମଣି ପତିଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ପିତାମ୍ବର ଭଞ୍ଜ ଓ ଉମାକାନ୍ତ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଉମାକାନ୍ତ ପାତ୍ର ଓ ସମ୍ପାଦକ ନଟବର ରାଉଳଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ମଙ୍ଗଳ ଆଳତି, ଭାଗବତ ପାଠ, ଭଜନ ସମାରୋହ ଓ ପ୍ରବଚନ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଆୟୋଜିତ ବାର୍ଷିକ ଉତ୍ସବକୁ ସଦସ୍ୟ ନିରଞ୍ଜନ ପ୍ରଧାନ, ପିତବାସ ଭଞ୍ଜ, ରାଜକିଶୋର ସ୍ୱାଇଁ, ଶଶିଭୂଷଣ ସାହୁ, ନୃସିଂହ ନାୟକ, ଗଗନ ବିହାରୀ ଶଙ୍ଖୁଆ, ରବିନ୍ଦ୍ର ଷେଣ୍ଠ, ଜୟନ୍ତ ଷେଣ୍ଠ, ରବୀନ୍ଦ୍ର ସ୍ୱାଇଁ, ଶେଷଦେବ ସ୍ୱାଇଁ, ମୁରଲୀଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କୁଲ ଶିକ୍ଷା ପାଠ୍ୟକ୍ରମ ପ୍ରଶିକ୍ଷଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ହାରାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ଶିକ୍ଷା ଅଧିକାରିଣୀ ମଞ୍ଜୁଳା ନାୟକ, ବିଦ୍ୟୁତ୍‌ଲତା ଜେନା, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଶିକ୍ଷକ କରୁଣାକର ପ୍ରଧାନ, ଜୟଦେବ ସେନାପତି, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଶିବିର ପରିଦର୍ଶନ କରିଥିଲେ। ପ୍ରାୟ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଭଦ୍ରକ,୨।୨(ସମିସ): ଭଦ୍ରକ ବ୍ଲକ୍ ବେତରା ପଞ୍ଚାୟତ ମୂଳଗାଁର ବିଶିଷ୍ଟ ସମାଜସେବୀ, ଧର୍ମପରାୟଣ ବ୍ୟକ୍ତି ତଥା ବରିଷ୍ଠ ସାମ୍ବାଦିକ ଶାନ୍ତନୁ ପଣ୍ଡାଙ୍କ ପିତା ମାନଗୋବିନ୍ଦ ପଣ୍ଡାଙ୍କର ସୋମବାର ୮୭ ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଦୀର୍ଘ ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସମଗ୍ର ବେତରା ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଅନେକ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁବେଳେ ବଡ଼ ପୁଅ ଶ୍ରୀନିବାସ ପଣ୍ଡ, ସୁଧାଂଶୁ ପଣ୍ଡା, ଶାନ୍ତନୁ ପଣ୍ଡା, ଚନ୍ଦନ ପଣ୍ଡା, ପୁତ୍ର ବଧୂ ବ୍ରହ୍ମତ୍ରି ପଣ୍ଡା, ସରୋଜ ନଳିନୀ ପଣ୍ଡା, ରଶ୍ମିପ୍ରଭା ପଣ୍ଡା, ନାତୁଣୀ ଲୋପାମୁଦ୍ରା ପଣ୍ଡା ଉପସ୍ଥିତ ଥିଲେ।

## ମଣିନାଥପୁର ସରସ୍ୱତୀ ପୂଜା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ମା' ସରସ୍ୱତୀ ବାର୍ଷିକ ପୂଜା ଶନିବାର ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି କ୍ଲବ୍ ପରିସରରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଉନ୍ମୋଚନ କରିଥିଲେ। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡ଼ି ଅନୁଷ୍ଠିତ ହୋଇଥିଲା। ଶନିବାର ରାତ୍ରରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭସାଣ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ଯୁବକ ସଂଘର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

## ନଦୀପଠାରେ ବୃକ୍ଷରୋପଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଜଗନ୍ନାଥ ପ୍ରସାଦ ନିକଟସ୍ଥ ବୈତରଣୀ ନଦୀପଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନଦୀରୁ ଦିନକୁ ଦିନ ଚୋରା ବାଲି ପରିବହନ ବୃଦ୍ଧି ପାଉଥିବାବେଳେ ଏହା ଦ୍ୱାରା ବୈତରଣୀ



ଦିଗ ବଦଳୁଛି। ଏପରିକି ନଦୀ ତଡ଼ିକୁ ମଧ୍ୟ ଖନନ କରାଯାଉଛି। ତେଣୁ କୂଳ ସୁରକ୍ଷା ପାଇଁ ସମାଜସେବୀ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ଜଙ୍ଗଲ ଜମି ସମେତ ନଦୀପଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅକ୍ଷୟ ତ୍ରିପାଠୀ ଯୋଗଦେଇ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ବେହେରା, ଯଯାତି ମହାପାତ୍ର, ପ୍ରଦୀପ ମହାପାତ୍ର, ବସନ୍ତ ମହାପାତ୍ର, ମନୋଜ ମହାପାତ୍ର, ଗଗନ ବିହାରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ଦିନିଆ ପାଲା ପରିବେଷଣ



ଅସୁରାଳି,୨।୨(ସମିସ): ଧୂଷୁରୀସ୍ଥିତ ବ୍ରାହ୍ମଣପାଳ ଜାଗୁଳାଇ ସାହିରେ ଗାୟକ ଭୂଷଣ ପଣ୍ଡିତ କରୁଣାସିନ୍ଧୁ ନାୟକ ଫାଉଣ୍ଡେସନ ତରଫରୁ ୨ ଦିନିଆ ପାଲା ଆୟୋଜିତ ହୋଇଥିଲା। ସାହିରେ ଆୟୋଜିତ ଏହି ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନରେ ସ୍ଥାନୀୟ ଲୋକଙ୍କର ଭିଡ଼ ଦେଖାଯାଇଥିଲା। ପାଲାରେ ଅଂଶଗ୍ରହଣ କରିଥିବା କଳାକାରମାନେ ଥିଲେ ଗାୟିକା ବିଷ୍ଣୁପ୍ରିୟା ବେହେରା, ଯୁବ ସମ୍ରାଟ ପ୍ରଶାନ୍ତ ବେହେରା, ଗାୟକ ସତ୍ୟବ୍ରତ କର, ଗାୟିକା କବିତା ଦେ, ଗାୟକ ଶରତ ଚନ୍ଦ୍ର ସୂତାର, ଗାୟକ ପ୍ରଶାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ପ୍ରାଧ୍ୟାପକ ବ୍ରଜମୋହନ ନାୟକ, ଉପସଭାପତି ଅଧ୍ୟାପକ ରବିନ୍ଦ୍ର ବେହୁରିଆ, ସମ୍ପାଦକ ପଣ୍ଡିତ ନୃସିଂହ ଚରଣ ନାୟକ, କୋଷାଧ୍ୟକ୍ଷ ଡ. ନନ୍ଦ କିଶୋର ନାୟକ, ଉପଦେଷ୍ଟା ଓ ପୃଷ୍ଠପୋଷାକ ପ୍ରଫେସର ଡ. ରାଜକିଶୋର ନାୟକ, ସଦସ୍ୟ ବାଣୀ କବି ପଣ୍ଡିତ ଦୟାନିଧି ମିଶ୍ର, ଶିକ୍ଷକ ନିରୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ର ବଜେଟ ଜନବିରୋଧୀ ଓ ନୈରାଶ୍ୟଜନକ: ସିପିଆଇ(ଏମ୍‌ଏଲ୍)



ଭଦ୍ରକ, ୨।୨ (ସମିସ): ଦେଶରେ ବଢୁଥିବା ଅସମାନତା, ବେକାରୀ, ଆୟ ହ୍ରାସ, ଲୋକଙ୍କ କ୍ରୟ ଶକ୍ତି କମିବା ଏବଂ ମାନୁଫ୍ୟାକ୍‌ଚରିଂ କ୍ଷେତ୍ରର ଦୁର୍ଦ୍ଦଶା ମଧ୍ୟରେ ମୋଦୀ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ୍ ୨୦୨୬-୨୭ ବିଗତ ବର୍ଷଗୁଡ଼ିକ ଅପେକ୍ଷା ସବୁଠାରୁ ଖରାପ ବଜେଟ୍। ଏହି ବଜେଟ୍ "ବିକଶିତ ଭାରତ'ର ଫମ୍ପା ପ୍ରତିଶ୍ରୁତି ଦେଉଥିବାବେଳେ ପ୍ରକୃତରେ ଭାରତୀୟ ଅର୍ଥବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ଜୀବିକା ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଛି। କୃଷି ଏବଂ ସାଧାରଣ ଜନତାଙ୍କୁ ଅବହେଳା କରାଯିବା ସହିତ ଏହି ବଜେଟ୍ କୃଷକ, ଶ୍ରମିକ, ଯୁବକ ଏବଂ ମହିଳାଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଅଣଦେଖା କରିଛି। ସାମାଜିକ ସୁରକ୍ଷା ଏବଂ ଗରିବୀ ଦୂରୀକରଣ ଯୋଜନା ପାଇଁ ବଜେଟ୍ ବରାଦ କମାଇ ଦିଆଯାଇଛି କିମ୍ବା ସ୍ଥିର ରଖାଯାଇଛି ବୋଲି ସିପିଆଇ (ଏମ୍‌ଏଲ୍) ଲିବରେସନ ଜିଲ୍ଲା ସମ୍ପାଦକ ସମର ବଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସଙ୍କଟ, ସରକାରୀ ସ୍ୱାସ୍ଥ୍ୟସେବା ଡାକ୍ତର, ନର୍ସ ଏବଂ ଭିତ୍ତିଭୂମି ଅଭାବରୁ ଯୁଝୁଥିବାବେଳେ ସରକାର ଘରୋଇକରଣକୁ ପ୍ରୋତ୍ସାହନ ଦେଉଛନ୍ତି। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ପାଣ୍ଠି ହ୍ରାସ କରାଯାଇଛି। ଡ୍ରୋନ୍ ଏବଂ ଇଓ ବ୍ୟବହାର ନାମରେ କର୍ପୋରେଟ୍ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଅନ୍ୟପଟେ କ୍ଲାଉଡ୍ ଡାଟା ସେଣ୍ଟର ସ୍ଥାପନ ପାଇଁ ବହୁ ରାଷ୍ଟ୍ରୀୟ କମ୍ପାନୀଙ୍କୁ ଟ୍ୟାକ୍ସ ଛାଡ଼ କରାଯାଉଛି, ଯାହା ଭୂତଳ ଜଳ ହ୍ରାସ ଏବଂ ପରିବେଶ ପ୍ରଦୂଷଣର କାରଣ ସାଜିବ। ଧନୀ ଏବଂ କର୍ପୋରେଟ୍‌ମାନଙ୍କୁ ଟ୍ୟାକ୍ସ ଛାଡ଼ ମିଳୁଥିବାବେଳେ ସାଧାରଣ ଲୋକଙ୍କ ଉପରେ ମହଙ୍ଗା ମାଡ଼ ଜାରି ରହିଛି।

## ଶିକ୍ଷାବିତ୍ ହୃଦାନନ୍ଦ କରଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା

ଦୋବଲ,୨।୨(ସମିସ): ଜ୍ଞାନର ଆଲୋକ ବାଣ୍ଟିବା ପରେ ଏବେ ସମାଜ ସଂସ୍କାରରେ ବ୍ରତୀ। ଶିକ୍ଷକତାରୁ ଅବସର ନେବା ପରେ ମଧ୍ୟ ଯାହାଙ୍କ କର୍ମମୟ ଜୀବନ



ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ, ସେହି ବରିଷ୍ଠ ଶିକ୍ଷାବିତ୍ ହୃଦାନନ୍ଦ କରଙ୍କୁ ମିଳିଛି ରାଜ୍ୟସ୍ତରୀୟ ସ୍ୱୀକୃତି। ଅସୁରାଳିଠାରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ୍ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ "ଧାମନଗର ଶୀତ ମହୋତ୍ସବ'ର ଭବ୍ୟ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହୃଦାନନ୍ଦ କର କେବଳ ଜଣେ ଅବସରପ୍ରାପ୍ତ ଶିକ୍ଷକ ନୁହନ୍ତି, ବରଂ ଧାମନଗର ମାଟିର ଏକ ପରିଚିତ ବ୍ୟକ୍ତିତ୍ୱ। ଶିକ୍ଷକତା ସମୟରେ ନିଜର ଶୃଙ୍ଖଳିତ ଜୀବନ ଏବଂ ଛାତ୍ରବତ୍ସଳ ଗୁଣ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ପରିଚିତ। ଅବସର ପରେ ନିଜକୁ ବିଶ୍ରାମରେ ସୀମିତ ନ ରଖି ସେ ସମାଜସେବାକୁ ନିଜର ବ୍ରତ କରିଛନ୍ତି। ଶୀତ ମହୋତ୍ସବ ଭଳି ଏକ ସମ୍ମାନଜନକ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ଘଟଣାକୁ ଧାମନଗରର ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ୪ରୁ ନଟରାଜ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟ ମହୋତ୍ସବ

ଭଦ୍ରକ,୨।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସୌଜନ୍ୟରୁ ଓ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ଭଦ୍ରକର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୪ରୁ ୭ ତାରିଖ ଯାଏଁ ୪ଦିନ ବ୍ୟାପୀ 'ନାଟ୍ୟ ମହୋତ୍ସବ-୨୦୨୬' ଅନୁଷ୍ଠିତ ହେବ।

ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଦ୍ୱାବିଂଶତମ ବାର୍ଷିକୋତ୍ସବ ଅବସରରେ ଭଦ୍ରକ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ଏହି ନାଟ୍ୟ ମହୋତ୍ସବ। ପ୍ରଥମ ସନ୍ଧ୍ୟାରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ "ଜଣେ ରାଜା ଥିଲେ' ନାଟକ ମଞ୍ଚସ୍ଥ ହେବ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ଜିଲ୍ଲାପାଳ




ଦିଲ୍ଲୀପ ରାଉତରାଏ ଅତିଥିଭାବେ ଯୋଗଦେବେ। ସେହିଭଳି ୨ୟ ସନ୍ଧ୍ୟାରେ ବାରିପଦା 'ରୂପାନ୍ତର' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ 'ଅପଦାର୍ଥ', ୩ୟ ସନ୍ଧ୍ୟାରେ ରାଉରକେଲାର 'ସ୍ପନ୍ଦନ' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ "ଜନ୍ମ ମାଟି', ୭ ତାରିଖ ଶେଷ ସନ୍ଧ୍ୟାରେ ଭୁବନେଶ୍ୱର 'ବିଦ୍ୟା କନକ' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ "କୁହୁଡ଼ି' ମଞ୍ଚସ୍ଥ ହେବ ବୋଲି ଭଦ୍ରକ ପୁରୁଣା କଚେରି ପରିସରରେ ଥିବା ଓକିଲ ସଂଘ ସମ୍ମିଳନୀ କକ୍ଷରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥର ମଧ୍ୟ ଅନୁଷ୍ଠାନ ପକ୍ଷରୁ 'ନାଟକ ଦେଖନ୍ତୁ, ପୁରସ୍କାର ଜିତନ୍ତୁ' କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ନଟରାଜ ସାଂସ୍କୃତି ଅନୁଷ୍ଠାନ ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକ, ଉପସଭାପତି ଶିବପ୍ରସାଦ ମହାନ୍ତି, ସମ୍ପାଦକ ଦେବବ୍ରତ ମହାନ୍ତି (ବବି), ନାଟ୍ୟକାର ଲାଲାଟେନ୍ଦୁ ମହାନ୍ତି, ନିର୍ମଳ ପରିଡ଼ା, ଶୁଭେନ୍ଦୁ ବେହେରା, ପ୍ରଦୀପ ବାରିକ, ବୃନ୍ଦାବନ ସାହୁ ଓ କମଳଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟିକ ଅର୍ଜୁନ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧାମନଗର,୨।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତର ବିଶିଷ୍ଟ ସାରସ୍ୱତ ସାଧକ ଅର୍ଜୁନ ଚରଣ ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧାମନଗର କାନ୍ତ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ମହତାବ ସେବା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାନ୍ତ ସାହିତ୍ୟ ପରିଷଦର ସଭାପତି ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପରିଷଦର ସାଧାରଣ ସମ୍ପାଦକ ମନୋଜ କୁମାର ସିଂହ, ପ୍ରାକ୍ତନ ସଭାପତି ରସାନନ୍ଦ ମହାପାତ୍ର, ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା, ବାସୁଦେବ ତ୍ରିପାଠୀ, ବରିଷ୍ଠ ସଦସ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ସନ୍ତୋଷ ପାଢ଼ୀ, ଭାବଗ୍ରାହୀ ଖୁଣ୍ଟିଆ, ରାଧେଶ୍ୟାମ ପଣ୍ଡା, ସୁରେନ୍ଦ୍ର ସେଠୀ, ସିଦ୍ଧେଶ୍ୱର ସାମଲ, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅର୍ଜୁନ ଚରଣ ପଣ୍ଡାଙ୍କ ସ୍ୱରଚିତ ଓ ପ୍ରକାଶିତ ପ୍ରାୟ ୩୭ ଖଣ୍ଡ ପୁସ୍ତକ ବେଶ୍ ଲୋକାଦୃତ ହୋଇଥିବାବେଳେ ଏହି ସାହିତ୍ୟକୃତି ତାଙ୍କୁ ଅମର କରି ରଖିବ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ଦେହାନ୍ତରେ ଜିଲ୍ଲା ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ହରାଇଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।



## ପଞ୍ଚସଖା ଭବମୁକ୍ତି ସେବାଶ୍ରମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

ବନ୍ତ/ଆଗରପଡ଼ା,୨।୨(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଗୋପାଳପୁର ଗ୍ରାମରେ ପଞ୍ଚସଖା ଭବମୁକ୍ତି ସେବାଶ୍ରମ ପ୍ରତିଷ୍ଠା ଦିବସ ଓ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ଜନ୍ମ ବାର୍ଷିକୀ ଆଶ୍ରମରେ ୩ ଦିନ ଧରି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଏ ବର୍ଷ ଗୋପାଳପୁରସ୍ଥିତ ମହାଦେବ ପୁଷ୍କରିଣୀରେ ୩୧ଟି କଳସ ଘଟଉତ୍ତୋଳନ କରି ଗ୍ରାମ ବଜାର ପରିକ୍ରମା ପରେ ଆଶ୍ରମକୁ ଅଣାଯାଇଥିଲା। ପୂଜାରୀ ବିଷ୍ଣୁ ମୋହନ ଶତପଥୀଙ୍କ ସମେତ ସମସ୍ତ ପୂଜକ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଆଶ୍ରମର ମୁଖ୍ୟ ପୁରୋଧା ପ୍ରଧାନ ନ୍ୟାସିକ ବାବାଜୀ ରବିନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତପସ୍ୱିନୀ ପାଢ଼ୀଙ୍କ ଦ୍ୱାରା ପ୍ରବଚନ, ପାଲା, ଧୁଡୁକି, ଭଜନ, ନାମ ସଙ୍କୀର୍ତ୍ତନ ମଣ୍ଡଳୀ, ଓଡିଶୀ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନିକୁନି କଳାକାର ଯୋଗଦେଇଥିଲେ। ଏହି ନୃତ୍ୟ ସଂଗୀତ କାର୍ଯ୍ୟକ୍ରମରେ ଗଣେଶ ପ୍ରସାଦ ଦାସଙ୍କ ମଞ୍ଚ ପରିଚାଳନାରେ ୫୦ରୁ ଊର୍ଦ୍ଧ୍ୱ କଳାକାର ଅଂଶ ଗ୍ରହଣ କରିଥିବାବେଳେ ବିଜେତା କୁନି କଳାକାରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ପରିଚାଳନାରେ ବାବାଜୀ ବସନ୍ତ କୁମାର, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ଚକ୍ରଧର ଗିରି, ନିତ୍ୟାନନ୍ଦ ପାଳ, ପ୍ରକାଶ ଚନ୍ଦ୍ର ଗିରି, ସୁକାନ୍ତ ଗିରି, ବିଜୟ ଗିରି, ମାର୍କଣ୍ଡ ଗିରି, ରମାକାନ୍ତ ଜେନା, ସୁବାସ ଚନ୍ଦ୍ର ଗିରି, ସଞ୍ଜୟ ଗିରି, ପ୍ରଫୁଲ୍ଲ ଜେନା, ପଦ୍ମନାଭ ସାହୁ ସମେତ ସମସ୍ତ ଆଶ୍ରମ ଭକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଗୁଆମାଳ ପଞ୍ଚାୟତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ୪ ମାସ ହେଲା ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ରୋଗୀ

ଦୋଳସାହି,୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାଧାରଣ ଲୋକଙ୍କ ଦାବି ପରେ ଏକ ଆମ୍ବୁଲାନ୍ସ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ତେବେ ବିବାଦ ଯୋଗୁଁ ଗତ ୪ ମାସ ଧରି ରୋଗୀ ଏହି ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଜନସେବକଙ୍କ ବିବାଦ ପାଇଁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ୫ଟି ପଞ୍ଚାୟତର ରୋଗୀମାନେ ଚିକିତ୍ସା ସେବା ପାଇଁ ନିର୍ଭର କରିଥାନ୍ତି। ପଞ୍ଚାୟତର ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗର୍ଭବତୀ ମହିଳାଙ୍କ ପାଇଁ ଏକ ଆମ୍ବୁଲାନ୍ସ ଯୋଗାଇଦେବାକୁ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଗତ ୭ ମାସ ତଳେ ଲୋକେ ଦାବି କରିଥିଲେ। ଲୋକଙ୍କ ଦାବି ପରେ ଏକ ଆମ୍ବୁଲାନ୍ସ ସରକାରଙ୍କ ପକ୍ଷରୁ ଯୋଗାଇଦେବା ପାଇଁ ୪ ମାସ ତଳେ ପ୍ରଶାସନିକ ଅଧିକାରୀ ଗୁଆମାଳ ଡାକ୍ତରଖାନାକୁ ଗସ୍ତ କରିବା ସହ ଡାକ୍ତର ଓ ଜନପ୍ରତିନିଧିଙ୍କ ସହ ଆମ୍ବୁଲାନ୍ସ ରଖିବା ପାଇଁ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଡାକ୍ତର ପ୍ରଣବ ମହାନ୍ତିଙ୍କୁ ପଚାରିବାରୁ ଆମ୍ବୁଲାନ୍ସ ଆସିବା ପାଇଁ ସରକାରୀ ଭାବେ କାଗଜପତ୍ର ହୋଇଥିବା କହିବା ସହ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୨୪ ଘଣ୍ଟିଆ ଖୋଲା ରହିବା ନିୟମ ନ ଥିବା କହିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଗୁଆମାଳ ପଞ୍ଚାୟତର ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ ସଂଗ୍ରହ ପରେ ଆମ୍ବୁଲାନ୍ସ ଏଠାରେ ରହିବାକୁ ତଦନ୍ତରେ ଆସିଥିବା ପ୍ରଶାସନିକ କର୍ମଚାରୀଙ୍କୁ କହିଥିବା କହିଛନ୍ତି। ଏହି ଆମ୍ବୁଲାନ୍ସ ସେବାରୁ ରୋଗୀ ବଞ୍ଚିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଏହି ଆମ୍ବୁଲାନ୍ସ ଡାକ୍ତରଖାନା ପରିସରରେ ରଖିବାକୁ ସାଧାରଣରେ ଦାବି ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



● ଆଳି ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୫ଟି ଅଭିଯୋଗର ତ୍ୱରିତ ସମାଧାନ



କେନ୍ଦ୍ରାପଡ଼ା,୨।୨(ସମିସ): ଆଳି ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ସମସ୍ୟା ସମ୍ବଳିତ ୧୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିମଧ୍ୟରେ ୧୧୦ଟି ବ୍ୟକ୍ତିଗତ ଓ ୨୭ଟି ସାମୂହିକ ଅଭିଯୋଗ ଥିଲା। ଏଥିରୁ ୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣ ଲାଭାର୍ଥୀଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପଞ୍ଜିକୃତ ଅନ୍ୟ ଅଭିଯୋଗର ତୁରନ୍ତ ଓ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୂର୍ବରୁ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗର ସମୀକ୍ଷା ମଧ୍ୟ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍ ଅୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ବିଭାଗ), ଆଳି ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

ଡେରାବିଶ ବ୍ଲକର ୧୭ କ୍ଲଷ୍ଟରରେ ବହୁ ପ୍ରଧାନଶିକ୍ଷକ ପଦବୀ ଖାଲି

# ଭଗବତୀ କ୍ଲଷ୍ଟରର ୬ଟି ବିଦ୍ୟାଳୟରେ ନାହାନ୍ତି ପ୍ରଧାନଶିକ୍ଷକ

ପଞ୍ଚୁପାଣ୍ଡବ,୨।୨(ସମିସ)

ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବହୁ ଯୋଜନା କରୁଥିବାବେଳେ ଏଥିପାଇଁ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଦ୍ୟାଳୟ ଗୃହର ଉନ୍ନତି, ପିଲାଙ୍କୁ ମଧ୍ୟାହ୍ନଭୋଜନ, ମାଗଣା ପୋଷାକ ପ୍ରଦାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଥିବା ଅଭିଯୋଗ ହେଉଛି। କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାରୁ ଅନେକ କାର୍ଯ୍ୟ ଓ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ପ୍ରାଥମିକ ଶିକ୍ଷାରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳୁଛି ଡେରାବିଶ ବ୍ଲକରେ। ଏହି ବ୍ଲକର ଭଗବତୀ କ୍ଲଷ୍ଟରରେ ଥିବା ୧୦ଟି ବିଦ୍ୟାଳୟରୁ ୬ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାବେଳେ ବ୍ଲକରେ ୧୭ଟି କ୍ଲଷ୍ଟରା ଅଧିକାଂଶ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବା ଜଣାପଡ଼ିଛି।

ଭଗବତୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା ଅନ୍ୟତ୍ର ବଦଳି ହେବା ପରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୫୨ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ବହନ କରୁଛନ୍ତି। ସେହିପରି ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର ମଲ୍ଲିକଙ୍କ ଦେହାନ୍ତ ପରେ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇ ଶିକ୍ଷୟିତ୍ରୀ କାମ ତୁଲାଉଛନ୍ତି। ବଜାର ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୧୩୯ ପିଲାଙ୍କୁ ନେଇ ଶିକ୍ଷୟିତ୍ରୀ ଲିଲିମା ସାମଲ ପାଠପଢ଼ା ସହ ଦାୟିତ୍ୱ ନିର୍ବାହ କରୁଛନ୍ତି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନୀନା ଶତପଥୀଙ୍କ ଅବସର ପରେ ପ୍ରଧାନଶିକ୍ଷକ ନିଯୁକ୍ତ କରାଯାଇ ନ ଥିବାବେଳେ ବରାଇଲୋ ତରଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ୩୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନଶିକ୍ଷକ ନ ଥିବା ଅଭିଯୋଗ ହେଉଛି। ରାଧାକାନ୍ତଜୀଉ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ସାମଲ ପ୍ରାୟ ଦେଢ଼ ବର୍ଷ ହେବ ଅବସର ଗ୍ରହଣ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ବିଦ୍ୟାଳୟ ପରିସରରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମହାରଣା ନିଜ ବିଦ୍ୟାଳୟର ଦାୟିତ୍ୱ ତୁଲାଇବା ସହ ରାଧାକାନ୍ତଜୀଉର ଷଷ୍ଠରୁ ସପ୍ତମ ଶ୍ରେଣୀର ୧୮ ଜଣ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନିର୍ବାହ କରୁଛନ୍ତି।

ସେହିପରି ଯୁଗଜ୍ୟୋତି ନହଙ୍ଗ କ୍ଲଷ୍ଟର ହନୁମାନଜୀଉ ଉପ୍ରା ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଥିବାବେଳେ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇଥିଲେ ମଧ୍ୟ ସରକାର ହେଉ ଅବା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାରୁ ବିଭିନ୍ନ କାର୍ଯ୍ୟ ଅଧୁରା ରହୁଥିବାବେଳେ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଯେଉଁଠି ଦୁଇଟି ଶିକ୍ଷକ ଅଛନ୍ତି, ଜଣେ ଶିକ୍ଷକ କୌଣସି କାମରେ ଛୁଟି ନେଲେ ଆଉ ଜଣେ ଶିକ୍ଷକ କାଗଜପତ୍ର କାମ କରୁଥିବାବେଳେ ପିଲାଙ୍କୁ କ'ଣ ପାଠ ପଢ଼ାଇବେ ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ଶିକ୍ଷା ବିଭାଗ ଅଧିକାରୀ ତଥା ବିଇଓ ଶ୍ରୀକାନ୍ତ ବେହେରାଙ୍କ ପ୍ରମୋଶନରେ ବଦଳି ପରେ ସ୍ଥାୟୀ ବିଇଓ ନାହାନ୍ତି। ତୁରନ୍ତ ନୂତନ ବିଇଓ ନିଯୁକ୍ତି ଦେବା ସହ ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ଦେବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି।

## ସାମ୍ବାଦିକ ରାକେଶ ମହାନ୍ତି ସମ୍ମାନିତ

ଗରଦପୁର,୨।୨(ସମିସ): ସମାଜ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା, ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସାହସର ସହ ପ୍ରକାଶ କରିବା, ଅସହାୟ ଲୋକଙ୍କ ସାହାରା ହେବା, ଏହି ମାନବିକ ଦାୟିତ୍ୱକୁ ସାମ୍ବାଦିକତାରେ ପରିଣତ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ସାମ୍ବାଦିକ ରାକେଶ ମହାନ୍ତିଙ୍କୁ 'ନିରପେକ୍ଷ ସମ୍ବାଦଦାତା' ସମ୍ମାନରେ ସମ୍ମାନିତ କରାଯାଇଛି। ଦୀର୍ଘଦିନ ଧରି ସେ ସାମ୍ବାଦିକତା ସହ ସମାଜସେବାକୁ ନିଜର ଧେୟ ଭାବେ ଗ୍ରହଣ କରି ଅନେକ ଅସହାୟ ଓ ଗରିବ ଲୋକଙ୍କ ପାଇଁ ନ୍ୟାୟର ସ୍ୱର ହୋଇଛନ୍ତି। ତାଙ୍କର ଏହି ନିଷ୍ଠାବାନ ଓ ସାହସିକ କାର୍ଯ୍ୟକଳାପ



ପାଇଁ ସମାଜର ବିଭିନ୍ନ ସ୍ତରରୁ ପ୍ରଶଂସା ମିଳିଛି। ଗରଦପୁର ବ୍ଲକ ଅନ୍ତର୍ଗତ ଚାଉଳିଆ ବାମେରାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶାସ୍ତ୍ରିଜୀ ଯୁବ ସଂଗଠନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ଦାସ, ନବନିର୍ମାଣ କୃଷକ ସଂଗଠନ ନେତା ଶେଷଦେବ ନନ୍ଦ, ରାଜ୍ୟ ସଚେତନ ନାଗରିକ ମହାମଞ୍ଚ ଆବାହକ ବୃନ୍ଦାବନ ଦାସ, କେନ୍ଦ୍ରାପଡ଼ା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ହିମାଂଶୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାକେଶ ମହାନ୍ତିଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ବଟ ମହାପୁରୁଷ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡେରାବିଶ, ୨।୨(ସମିସ): ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନସ୍ଥ ଶ୍ରୀଧରପୁରସ୍ଥ ବଟମହାପୁରୁଷ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୪୧ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ଓ ସିନିୟର ବାଳକ ଓ ବାଳିକାଙ୍କୁ ନେଇ ୪ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ସମାଜସେବୀ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ସ୍ମାରକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଭାବେ ଏବିଇଓ ସଚିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ବିଶ୍ୱଜିତ ମୁଦୁଲି, ଶିକ୍ଷକ ଜୀବନ ନାୟକ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ଭାବଗ୍ରାହୀ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଚୌଧୁରୀ ସରୋଜ ପ୍ରହରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଦୀପିକା ମହନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିର୍ମଳା ହୋତା ଓ ପ୍ରଜ୍ଞା ପାରମିତା ନାୟକ ପରିଚାଳନା କରିଥିଲେ।

## ବ୍ଲକ୍ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨।୨(ସମିସ): ଚାନ୍ଦେଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସନ୍ଧ୍ୟାରାଣୀ ମଲିକ ତୃତୀୟ ବୃତ୍ତି ପରୀକ୍ଷାରେ ଡେରାବିଶ ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ଆଜି ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କମଳା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଆଲୁମୁନି କମିଟି ସଭାପତି ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ବିଧୁଭୂଷଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ଧ୍ୟାରାଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ମମତାମୟୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁନୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨।୨(ସମିସ): ସ୍ଥାନୀୟ ଅରୁଆ କଦଳୀବଣ ହାଇସ୍କୁଲ ପ୍ରଧାନଶିକ୍ଷକ ଅମୂଲ୍ୟ ପରିଡା ସରକାରୀ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ପାଇଁ ସ୍କୁଲ ପରିସରରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଦେବାଶିଷ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସିଆରସିସି ଶୁଭେନ୍ଦୁ ବେହେରା, ମୋ ସ୍କୁଲ କମିଟି ଅଧ୍ୟକ୍ଷ ନିରଞ୍ଜନ ମହାନ୍ତି, ପରିବେଶବିତ ବିଜୟ କବି, ଅଭିରାମ ରାଉଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବଦଳିଲେ ରାଜନଗର ବିଡିଓ ତିଳୋତ୍ତମା ପୃଷ୍ଟି

ରାଜନଗର,୨।୨(ସମିସ): ରାଜନଗର ବ୍ଲକରେ ଏକପ୍ରକାର ଅଚଳାବସ୍ଥା ଲାଗି ରହିଛି। ଜଣେ ଅଧିକାରୀ ଅଞ୍ଚଳ ବିଷୟରେ ଜାଣିବା ପୂର୍ବରୁ ଆଉ ଜଣେ ଦାୟିତ୍ୱ ନେଉଛନ୍ତି। ଦୁଇ ମାସ ପୂର୍ବେ ଯୋଗ ଦେଇଥିବା ମହିଳା ବିଡିଓଙ୍କୁ ଅଫିସ ଭିତରେ ଆକ୍ରମଣ ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ବିଜେପି ନେତା ବିଡିଓଙ୍କ କାର୍ଯ୍ୟାଳୟ ମଧ୍ୟରେ ପଶି କମ୍ପ୍ୟୁଟର ଉଠାଇ ଆକ୍ରମଣ କରିବା ଘଟଣାରେ ୬ ଦିନ ଧରି ରାଜନଗର ବ୍ଲକରେ ତାଲା ଝୁଲିଥିଲା। କେନ୍ଦ୍ରପଡ଼ା ଜିଲ୍ଲା ବିଜେପି ସାମ୍ବାଦିକ ସମ୍ମିଳନୀ କରି ଘଟଣା ପାଇଁ କ୍ଷମା ପ୍ରାର୍ଥନା କରିବା ପରେ ଘଟଣା ଥଣ୍ଡା ପଡିଥିଲା। ଏହି ଘଟଣାରେ ବିଜେପି ସାଧାରଣରେ ଲୋକହସା ହୋଇଥିବାରୁ ଶେଷରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରିଦିଆଯାଇଛି। ଆଜି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ବଦଳି ତାଲିକା ପ୍ରକାଶ ପାଇଛି। ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରାଯାଇଥିଲେ ମଧ୍ୟ ରାଜନଗର ବ୍ଲକରେ ବିଡିଓ ଭାବେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ରାଜନଗରରେ ଏବେ ବିକାଶ ଠପ ହୋଇପଡିଛି। ସରକାରୀ ଯୋଜନା ସଠିକ ଲୋକଙ୍କ ପାଖରେ ପହଞ୍ଚିପାରୁନି। ସାଧାରଣ ଲୋକ ତା'ର ସମସ୍ୟା ନେଇ ବ୍ଲକକୁ ଆସିଥାଏ। ଗ୍ରାମାଞ୍ଚଳର ଗରିବ ଲୋକ ଅଧିକ କାମ ବ୍ଲକ ପ୍ରଶାସନ ପାଖରେ ଥାଏ। ମାତ୍ର ରାଜନଗର ବ୍ଲକରେ ସାଧାରଣ ଲୋକ ସମସ୍ୟା ନେଇ କାହାକୁ ଅଭିଯୋଗ କରିବେ। ଆଜି ଯାହାକୁ ଅଭିଯୋଗ କରୁଛନ୍ତି, ଆସନ୍ତାକାଲି ତାଙ୍କ ସମସ୍ୟା ବିଷୟରେ କ'ଣ ହେଲା ବୁଝିବାକୁ ଆସିବା ବେଳକୁ ବିଡିଓଙ୍କ ସିଟରେ ଆଉ ଜଣେ କିଏ ବସିଛି। ପୁଣି ଅଭିଯୋଗ ମୂଳରୁ କଲେ ବି ପରଦିନ ବିଡିଓ ବଦଳି ଯାଉଛନ୍ତି। ରାଜନଗର ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ଦୀର୍ଘ ଦେଢବର୍ଷ ହେଲା ଲାଗି ରହିଛି। ରାଜନଗର ବ୍ଲକରେ ଦେଢ ବର୍ଷରେ ୭ ଜଣ ବିଡିଓ ଦାୟିତ୍ୱ ନେବା ବ୍ଲକରେ ଲାଗି ରହିଥିବା ପ୍ରଶାସନିକ ଅଚଳାବସ୍ଥାକୁ ସୂଚାଉଥିବା ଅଭିଯୋଗ ହେଉଛି।



ବିଜେପି ନେତାଙ୍କ ଆକ୍ରମଣ ଘଟଣାରେ ଚର୍ଚ୍ଚାରେ ଥିଲେ

● ରାଜକନିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ନୂତନ ବିଲ୍ଡିଂ

## କାମ ଶେଷ ନ କରି ହସ୍ତାନ୍ତର କଲେ ଠିକାଦାର

ରାଜକନିକା,୨।୨(ସମିସ): ଠିକାଦାରଙ୍କ ଇଚ୍ଛାରେ ଚାଲି ଆସିଥିବା ରାଜକନିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ନୂତନ ବିଲ୍ଡିଂ କାମ ଅଧାପନ୍ତରିଆ ଥିବାବେଳେ ଆଜି ଏହାକୁ ବିଭାଗକୁ ହସ୍ତାନ୍ତର କରାଯାଇଛି। ନୂତନ ବିଲଡିଂ ନିର୍ମାଣ ଦିନଠୁ ନିମ୍ନମାନର ସିମେଣ୍ଟ ବ୍ୟବହାର ନେଇ ଅଭିଯୋଗ ହେବା ପରେ ଏହାର ମାନରେ କୌଣସି ସୁଧାର ଆସି ନ ଥିଲା। ତେବେ ଏହି ସମସ୍ତ ନିର୍ମାଣକୁ ଯେନତେନ ପ୍ରକାରେ କରାଇ ବିଲଡିଂ ହସ୍ତାନ୍ତର କରିବାକୁ ଆରମ୍ଭ ହୋଇଥିବା ବିଭାଗୀୟ ଅଭିସନ୍ଧି ଆଜି ଫଳବତୀ ହୋଇଛି। ସାଧାରଣ ଲୋକଙ୍କ କର ଟିକସ ଅର୍ଥରେ ନିର୍ମାଣ ହୋଇଥିବା ବିଭାଗର ନୂଆ ବିଲଡିଂର



ପାଣି ପାଇଁ ସ୍ଥାୟୀ ବ୍ୟବସ୍ଥା କରା ନ ଯାଇ ଏକ ହ୍ୟାଣ୍ଡ ବୋରିଂ ଟୀୱେଲ ଖୋଳି ନାମକୁ ମାତ୍ର ଜଳଯୋଗାଣ ହୋଇଛି। ଯାହା ଖରାଦିନ ଆରମ୍ଭରେ ଶୁଖିବା ସ୍ଥିର ରହିଛି। ସେହିପରି ନୂଆ ବିଲ୍ଡିଂ ପାଇଁ ତିନି ଫେଜ ଲାଇନ ନ ଆଣି ପୁରୁଣା ବିଲଡିଂରୁ ଏକ କନେକ୍ସନ କରାଯାଇଛି। ତେବେ ଏହି ବିଲଡିଂ ନିର୍ମାଣରେ ଅଧା ଅର୍ଥ ଖର୍ଚ୍ଚ ହୋଇ ନ ଥିବାବେଳେ ଆଜି ଜିଲ୍ଲା ସ୍ତରର ବିଭାଗୀୟ ଅଧିକାରୀ ଆସି ବିଲଡିଂକୁ ହାତକୁ ନେଇଛନ୍ତି। ଏ ସମ୍ପର୍କରେ ପ୍ରାଣୀ ନିରୀକ୍ଷକଙ୍କୁ ପଚାରିବାରୁ ସବୁ ଜିଲ୍ଲାରୁ କରାଯାଉଛି। ଆମେ କିଛି ଜାଣିନୁ ବୋଲି କହିଛନ୍ତି। ସିଡିଭିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଉତ୍ତର ଦେଇନାହାନ୍ତି। ଏହି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପାଇଁ ୧ କୋଟି ୩୪ ଲକ୍ଷ ୮୬ ହଜାର ୫୦୪ ଟଙ୍କା ବ୍ୟୟ ଅଟକଳ କରାଇଥିଲା। ତେବେ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସରକାରୀ ଅର୍ଥର ଦୁରୁପଯୋଗ ଭଳି ଘଟଣାରେ ଜିଲ୍ଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ରାଧାରମଣ ମଠରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ

ପଟ୍ଟାମୁଣ୍ଡାଇ,୨।୨(ସମିସ): ସ୍ଥାନୀୟ ରାଧାରମଣ ମଠରେ ଶ୍ରୀଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ, ଭାଗବତ ପାରାୟଣ ଓ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ପ୍ରଭୁ ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ଶ୍ରୀମଦ ଭାଗବତ ସପ୍ତା ଶୁଭାଧିବାସ, ଶ୍ରୀମଦ ଭାଗବତ ପାରାୟଣ ଆରମ୍ଭ, ବଳୀରାଜାଙ୍କ ଦାନ, ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ଶୁଭାଧୀବାସ, ଶ୍ରୀଜଗନ୍ନାଥ ବିଗ୍ରହ ମନ୍ଦିର ଓ ବାର୍ଷିକ ଉତ୍ସବ, ହରିହାଟ, ନଗର କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଭୁଧେନ୍ଦ୍ର ରଥ, ବିଶ୍ୱଜିତ ରଥ ଭାଗବତ ପାରାୟଣ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ଏ ଅବସରରେ ଆୟୋଜିତ ହରିହାଟରେ ୬୪ ଜଣ ବ୍ରାହ୍ମଣ ଦେବତା ଅଂଶଗ୍ରହଣ କରିଥିଲେ। ବାବାଜୀ ଗୌରାଙ୍ଗ ଦାସ, ଅଚ୍ୟୁତାନନ୍ଦ ଦାସ, ନବୀନ ଦାସ, ପତିତପାବନ ଦାସ, ପୀତାମ୍ବର ଦାସ, ପ୍ରଭୁ ଦାସ, ପ୍ରେମାନନ୍ଦ ଦାସ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥ, ପୂର୍ବତନ ପୌର ଅଧ୍ୟକ୍ଷ ରବୀନ୍ଦ୍ର ମହାନ୍ତି, ରାଧାରମଣ ଆଇଟିଆଇ ନିର୍ଦ୍ଦେଶକ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ, ଓ ରାଧାରମଣ ନାୟକ ପରିଚାଳନା କରିଥିଲେ।



## କୂଅରେ ପଡ଼ି ପୂଜକଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୨।୨(ସମିସ): ସିଦ୍ଧପାଟଣାସ୍ଥ ସିଦ୍ଧ ବଳଦେବଜୀଉ ମଠର ପୂଜକ ନୂଆଗାଁ ଗ୍ରାମର ପ୍ରମୋଦ ଦାସ (୪୬) ଆଜି ସକାଳେ ଠାକୁର ପୂଜା କରିବା ପାଇଁ ପାଣି ଆଣିବାକୁ ନିକଟରେ ଥିବା କୂଅକୁ ଯାଇଥିଲେ। ଅସାବଧାନତାବଶତଃ ସେ କୂଅରେ ପଡ଼ିଯାଇଥିଲେ। ମଠ ଅନ୍ତେବାସୀ ଓ ସ୍ଥାନୀୟ ଲୋକ ପ୍ରମୋଦଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ କୂଅ ମଧ୍ୟରେ ପଡି ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ଅଗ୍ନିଶମ ବିଭାଗକୁ ଖବର ଦିଆଯିବା ପରେ ସେମାନେ ପହଞ୍ଚି ପ୍ରମୋଦକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରମୋଦଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ କାଉନସିଲର ମଳୟ ଓଝା ଦାବି କରିଛନ୍ତି।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ,୨।୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଜଣେ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଆଳି ଥାନା ସହିରା ଗ୍ରାମର ସ୍ୱର୍ଗତ ସୁଶାନ୍ତ ଖଣ୍ଡାୟତଙ୍କ ପୁଅ ଶୁଭଙ୍କର (୧୭) ମାମୁଁ ଘର ନରସିଂହପୁରପୁରରେ ରହି ପଟ୍ଟାମୁଣ୍ଡାଇ କଲେଜରେ +୨ କଳା ଦ୍ୱିତୀୟ ବର୍ଷରେ ପଢୁଥିଲେ। ତେବେ ଦିନ ପ୍ରାୟ ୧୨ଟା ସମୟରେ ଶୁଭଙ୍କର ବେକରେ ଗାମୁଛା ଗୁଡ଼ାଇ ହୋଇ ମାମୁଁ ଘର ଆଜବେଷ୍ଟସ କଡ଼ିରେ ଓହଳି ପଡିଥିଲେ। ବାହାରକୁ ଯାଇଥିବା ଆଈ ଓ ମାଆ ଘରେ ପହଞ୍ଚି ଶୁଭଙ୍କର ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁଭଙ୍କରଙ୍କ ଆତ୍ମହତ୍ୟାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

## ସଦାନନ୍ଦପୁର ବିଦ୍ୟାଳୟରେ ଅଞ୍ଜୁମଙ୍କୁ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ,୨।୨(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ଅଞ୍ଜୁମ ଫିର୍ଦୋସଙ୍କୁ ବିଦ୍ୟାଳୟରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇବା ପରେ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମଲିକ, ଶିକ୍ଷକ ମିର ମୋଜିବୁର ରହେମାନ, ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉର୍ମିଳା ସାହୁ,



ପରିଚାଳନା କମିଟିର ପୂର୍ବତନ ସଭାପତି ସେକ ରିଆସତ୍ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶୁଭେଚ୍ଛା ଜଣାଇଛନ୍ତି।

## ପଟ୍ଟାମୁଣ୍ଡାଇ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି

ପଟ୍ଟାମୁଣ୍ଡାଇ,୨।୨(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଗତ ୨୪ ତାରିଖରେ ଆରମ୍ଭ ହୋଇଥିବା ଏହି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ପଣ୍ଡିତ ଭ୍ରମରବର ତ୍ରିପାଠୀଙ୍କ ସମେତ ବହୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞର ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇଛି। ଏହି



ମହାଯଜ୍ଞର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ବିଜେପି ନେତା ମିଟୁ ମନୋଜ ନାୟକ ଓ ବହୁ ବ୍ୟକ୍ତି ପ୍ରଶାସନିକ ଅଧିକାରୀ ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ମୁଖ୍ୟ ଉପଦେଷ୍ଟା କିରଣ ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ରାଜନଗର,୨।୨(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ସମାଜ ବିଜ୍ଞାନ ଅଧ୍ୟାପିକା ଡଃ ମିତା ରାଉତ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରତ ଅଧ୍ୟକ୍ଷ ଇଂରାଜୀ ବିଭାଗର ମେଜର ମନୋରଞ୍ଜନ ମହାନ୍ତି ଗତ ମାସ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଅବସର ପରେ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଭାବେ ଅଧ୍ୟାପିକା ଡଃ ମିତା ରାଉତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଶିକ୍ଷାନୁଷ୍ଠାନରେ ଶିକ୍ଷାର ଉନ୍ନତି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ କାର୍ଯ୍ୟ କରିବେ। ମହାବିଦ୍ୟାଳୟର ବ୍ୟୟ ଅଧୀକ୍ଷକ ଅଧ୍ୟାପକ ଅଭିମନ୍ୟୁ ରାଉତ, ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ଷ୍ଟାଫ୍ ଆସୋସିଏସନ୍ ସଭାପତି ସନ୍ଦୀପ ମହାପାତ୍ର, ଅଧ୍ୟାପକ ପର୍ଶୁରାମ ନାଥ, ବସନ୍ତ ବେହେରା, ଅଭିଜିତ ଖୁଣ୍ଟିଆ, ଚିତ୍ତରଞ୍ଜନ ସ୍ୱାଇଁ, ଦିଲ୍ଲୀପ ମହାରଥା, ବରିଷ୍ଠ କିରାଣି ପ୍ରଦୀପ୍ତ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'ଡେରାବିଶର ସଂସ୍କୃତିକୁ ସମୃଦ୍ଧ କରିଛି ଯୁବ ମହୋତ୍ସବ'

ଡେରାବିଶ,୨।୨(ସମିସ)



ଇରା ମହାନ୍ତିଙ୍କ ସଙ୍ଗୀତରେ ମତୁଆଲା ଦର୍ଶକ

କୁରୁଜଙ୍ଗା ପଞ୍ଚାୟତର ମିନି ଷ୍ଟାଡ଼ିୟମରେ ଆୟୋଜିତ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗଦେଇ ଏହି ମହୋତ୍ସବ ଡେରାବିଶ ସଂସ୍କୃତିକୁ ସମୃଦ୍ଧ କରିଛି ବୋଲି କହିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ କାଟାରିଆ, ମୁଖ୍ୟବକ୍ତା ଭାବେ ୧୩ନଂ ଜୋନ ବିଜେପି ସଭାପତି ବିଜୟ ଜେନା ଯୋଗଦେଇ ମହୋତ୍ସବରେ ଉପସ୍ଥିତ ଥିବା ଯୁବକଙ୍କୁ ନିଶା ରାକ୍ଷସ କବଳରୁ ନିଜକୁ ଓ ନିଜ ପରିବାରକୁ ଦୂରେଇ ରଖିବା ପାଇଁ ଶପଥ ପାଠ କରାଇଥିଲେ। ଏ ଅବସରରେ ଅତିଥିମାନେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ଓଡ଼ିଆ ସଙ୍ଗୀତ ଜଗତକୁ ତାଙ୍କର ମହାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ପରେ ଇରା ମହାନ୍ତି ଓ ତାଙ୍କ ଗ୍ରୁପ୍ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ମତୁଆଲା ହୋଇଥିଲେ।

ଏଥିସହିତ ବଲାଙ୍ଗୀର ଲୋଇସିଂହାର ଶଙ୍କର ପ୍ରସାଦ ବେହେରାଙ୍କ ସଙ୍ଗୀତ ସାଧାନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପରେ ଅତିଥିମାନେ ଓରମାସ ଓ ମିଶନ ଶକ୍ତି ପକ୍ଷରୁ ହୋଇଥିବା ଷ୍ଟଲ୍ ପରିଦର୍ଶନରେ ଯାଇ ବିଭିନ୍ନ ସ୍ୱଦେଶୀ ଜିନିଷକୁ ବୁଲି ଦେଖିଥିଲେ। ବିଘ୍ନେଶ୍ୱର ନାୟକ, ସଂଜୟ ଦାସ, ସରପଞ୍ଚ ମାନସୀ ସାମଲ, ଅଭିମନ୍ୟୁ ରାଉତ, ତୁଷାରକାନ୍ତ ବୋଷ, ପ୍ରସନ୍ନ ମିଶ୍ର, ପଦ୍ମଲାଭ ଦାସ, ଅମର ମହାନ୍ତି, ଅଭିମନ୍ୟୁ ଦାଶ, ତ୍ରିଲୋଚନ ମଲ୍ଲ, ବିଶ୍ୱମୋହନ ଦାସ, ଶରତ ବେହେରା, ଚନ୍ଦ୍ରକାନ୍ତ ପ୍ରଧାନ, ଜଳଧର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA



# ଶ୍ରମିକଙ୍କ ମୃତ୍ୟୁକୁ ନେଇ ନାଲକୋ ଗେଟ୍ ସମ୍ମୁଖରେ ଧାରଣା

ନାଲକୋ ନଗର, ୨।୨(ସମିସ)

ନାଲକୋ ନଗର ଥାନା ଅନ୍ତର୍ଗତ କୁକୁଡ଼ାଙ୍ଗ ଗ୍ରାମର ପ୍ରଦୀପ କୁମାର ପ୍ରଧାନ ଗତ ଜାନୁଆରୀ ୧୬ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ସି ସିଫ୍ଟ ଡ୍ୟୁଟି କରିବାକୁ ନାଲକୋ ସ୍ମେଲଟର ପ୍ଲାଣ୍ଟକୁ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ଇଏସଆଇ ହସ୍ପିଟାଲ ଜରିଆରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି।




ସୋମବାର ପରିବାର ଲୋକ, ଗ୍ରାମବାସୀ ଓ ଠିକା ଶ୍ରମିକ ସଂଘଗୁଡ଼ିକ ପ୍ରଦୀପଙ୍କ ମୃତଦେହ ସ୍ମେଲଟର ମୁଖ୍ୟ ଫାଟକ ସମ୍ମୁଖରେ ରଖି କ୍ଷତିପୂରଣ ଦାବି ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଠିକାଦାରଙ୍କ ପ୍ରତିନିଧି, ପ୍ରଦୀପଙ୍କ ପରିବାର ଲୋକ, ନାଲକୋ କର୍ତ୍ତୃପକ୍ଷଙ୍କ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆବଶ୍ୟକ କାଗଜାତ ଦାଖଲ ପରେ ପ୍ରଦୀପଙ୍କ ପରିବାରରୁ ନିୟମ ଅନୁସାରେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣକୁ ଠିକାସଂସ୍ଥା ଜରିଆରେ ନିଯୁକ୍ତି ଓ ଇପିଏଫ ଓ ଇଏସଆଇ ଦ୍ୱାରା ପାଇବାକୁ ଥିବା ସମସ୍ତ ପ୍ରାପ୍ୟ ପ୍ରଦାନ ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ପରିବାର ଲୋକ ମୃତଦେହ ସଂସ୍କାର ନିମନ୍ତେ ନେଇଥିଲେ।

## ପଡ଼ିଆରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ପାଲଲହଡ଼ା,୨।୨(ସମିସ): ପାଲଲହଡ଼ା ବ୍ଲକ ଚଷାଗୁରୁଜାଙ୍ଗ ଗାଁ ମୁଣ୍ଡ କାମନା ଘର ନିକଟ ପଡ଼ିଆରୁ ରବିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ପଡ଼ିଆରେ କେଉଁ ପରିସ୍ଥିତିରେ ଓ କିଏ ନବଜାତ ଶିଶୁକୁ ଛାଡ଼ିଲା ତାକୁ ନେଇ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି। ପାଲଲହଡ଼ା ଥାନା ପୁଲିସ, ଆଇସିଡିଏସ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଚଷାଗୁରୁଜାଙ୍ଗର ଆଶାକର୍ମୀ କମଳିନୀ ସାହୁ ଶିଶୁକୁ ପାଲଲହଡ଼ା ମେଡିକାଲ ଆଣିଥିଲେ। ସ୍ୱାସ୍ଥ୍ୟ ଯାଞ୍ଚ ପରେ ଶିଶୁଟି ସୁସ୍ଥ ଥିବା ଜଣାପଡ଼ିଛି। ମଙ୍ଗଳବାର ଶିଶୁକୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯିବ । ଉଦ୍ଧାର ପ୍ରକ୍ରିୟାରେ ବିଶ୍ୱ ଯୁବକେନ୍ଦ୍ର ପ୍ରକଳ୍ପ ସହାୟକ ପୂର୍ଣ୍ଣଚନ୍ଦ୍ର କିଶାନ ସହଯୋଗ କରିଥିଲେ।

## କସ୍ତୁରୀବାହାଲ ଗାଁରେ ନାମଯଜ୍ଞ



କିଶୋରନଗର,୨।୨(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ରବିବାର ପ୍ରାତଃ ସମୟରୁ ପୁରୋହିତ ଆକାଶ ଦାଶ ଠାକୁରଙ୍କ ପୂଜାର୍ଚ୍ଚନା କରିବା ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ତ୍ରିବଣପୁର, କସ୍ତୁରୀବାହାଲ, ଦୋହଲି, ବଣିଆଦୋହଲି, ବଡ଼ରୋହିଲା, ବେଲତଇଲା, କୁମୁରସିଙ୍ଗା, କନ୍ଧରା, ଝରାପଡ଼ା ଆଦି ଗ୍ରାମର ୧୨ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

## ସୁନାଶଗଡ଼ ମହିମାଧାମରେ ଜଳିଲା ଅଖଣ୍ଡବତି

ବଅଁରପାଳ,୨।୨(ସମିସ): ବଅଁରପାଳ ବ୍ଲକ ନୂଆହତା ସୁନାଶଗଡ଼ ମହିମାଧାମରେ ରବିବାର ମାଘମେଳା ଆଜି ଆରମ୍ଭ ହୋଇଛି। ବ୍ରାହ୍ମ ମୁହୂର୍ତ୍ତରେ ଭିକ୍ଷା ମଣ୍ଡପରେ ପ୍ରଭୁଙ୍କୁ ଅମଣିଆ ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଅଖଣ୍ଡ ବତି ପ୍ରଜ୍ୱଳନ ସହ ଧୁନି ସ୍ଥାପନ କରି ଜଗତର ମଙ୍ଗଳ କାମନା କରାଯାଇଥିଲା।



କୌପୀନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ବୈଷ୍ଣବ ବାବା, ଅନାଦି ବାବା, କୁନି ମାତାଙ୍କ ଉପସ୍ଥିତିରେ ଅଖଣ୍ଡ ବତି ପ୍ରଜ୍ୱଳନ କରାଯାଇଥିଲା। ୨୧ ହାତିଆ, ୨ ହାତିଆ ଏବଂ ୫ ହାତିଆ ବତି ପ୍ରଜ୍ୱଳନ କରାଯାଇଥିଲା। "ଅଲେଖ ମହିମା' ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ୫୦ ଭଜନ ମଣ୍ଡଳୀ ଯୋଗଦେଇ ଚିତ୍ତାକର୍ଷକ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସୁନାଶଗଡ଼ ମହିମାଧାମରେ ଦର୍ଶନ କରିଥିଲେ। ସୁନାଶଗଡ଼ ମହିମାଧାମ ସଭାପତି ଦିଲୀପ ରାଉତ, ମଠ ସମ୍ପାଦକ ଉଦ୍ଧବ ବେହେରା, ପରିଚାଳକ ଅକ୍ଷୟ କୁମାର ନାଏକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ମହେଶ୍ୱର ବେହେରା, ଲିଙ୍ଗରାଜ ନାଏକ, ଉଦୟ ନାଏକ, ପାତୁ ନାଏକ, ଦୋଳଗୋବିନ୍ଦ ନାୟକ, ଭାବଗ୍ରାହୀ ନାୟିକ, ଲୋଚନ ନାଏକ, ନରେଶ ନାଏକ, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ସମାଜସେବୀ ଲକ୍ଷ୍ମୀଧର ବେହେରା, ଅଶୋକ ଧୀରଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇଥିଲେ।

## ଆମ୍ବେଦକର ସ୍ମୃତି ପରିଷଦର ସାଙ୍ଗଠନିକ ବୈଠକ
## ଭାଗୀରଥି ସଭାପତି, କୁମୁଦ ସମ୍ପାଦକ

କଣିହାଁ,୨।୨(ସମିସ): କଣିହାଁ ବ୍ଲକ କଲେଜ ରୋଡ଼୍‌ରେ ଅବସ୍ଥିତ ଡ. ବି.ଆର ଆମ୍ବେଦକର ସ୍ମୃତି ପରିଷଦ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠାନର ବାର୍ଷିକ ସାଧାରଣ ସଭା ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଚନ୍ଦନ ସ୍ୱରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଭାଗୀରଥି ନାଏକ ସଭାପତି, କୁମୁଦବାନ୍ଧବ ନାଏକ ସମ୍ପାଦକ, ସ୍ୱବର୍ଣ୍ଣ ନାଏକ ସହ-ସମ୍ପାଦକ, ରାଜେନ୍ଦ୍ର ନାଏକ ଉପ-ସଭାପତି ଓ ବିଜୟ ନାଏକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଉପଦେଷ୍ଟା କମିଟିରେ ଗଗନ ବିହାରୀ ନାଏକ, ପ୍ରଶ୍ନ ନାଏକ, ପ୍ରଶାନ୍ତ ନାଏକ, ବିପ୍ରବର ନାଏକ, ଚରଣ ନାଏକ, କ୍ଷେତ୍ରବାସୀ ଆୱାଜ ଓ ଦିବସ ବେହେରାଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ସାଗର ନାଏକ, ଖଗେଶ୍ୱର ନାଏକ, ଲକ୍ଷ୍ମୀଧର ନାଏକ, ହୃଦାନନ୍ଦ ନାଏକ, ଅଲେଖ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ୧୮ ତମ ପିତାବଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
## ହଣ୍ଡପାକୁ ହରାଇ କିଶୋରନଗର ଚାମ୍ପିଅନ

ଆଠମଲ୍ଲିକ,୨।୨(ସମିସ): ଆଠମଲ୍ଲିକ ବ୍ଲକ ଅଏଡ଼ାଠାରେ ଚାଲିଥିବା ୧୮ ତମ ମା' ପିତାବଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ହଣ୍ଡପା ଓ କିଶୋରନଗର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କିଶୋରନଗର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଚାମ୍ପିଅନ ଦଳକୁ ପରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବବିତା କର୍ଣ୍ଣ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ଉପଦେଷ୍ଟା ଅଧ୍ୟାପକ ଜ୍ୟୋତିର୍ମୟ ପ୍ରଧାନ ଓ ପରିଚାଳକ କମଳ ଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୁଲୁ ଓ ପପୁ ଖେଳ ପରିଚାଳନା କରିଥିଲେ।



## ନିତ୍ୟାନନ୍ଦ ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ

ତାଳଚେର,୨।୨(ସମିସ): ତାଳଚେର ସହରସ୍ଥିତ ଶ୍ରୀ ଶ୍ରୀ ପ୍ରଭୁ ନିତ୍ୟାନନ୍ଦଙ୍କ ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବ୍ରାହ୍ମଣୀ ନଦୀରୁ ଶତାଧିକ ମହିଳା କଳସରେ ଜଳ ଆଣି ଆଶ୍ରମରେ ସ୍ଥାପନ କରିବା ପରେ ପୂଜାର୍ଚ୍ଚନା କରାଯାଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ଭକ୍ତମାନେ ତାଳଚେର ଜଗନ୍ନାଥ ମନ୍ଦିରଠାରୁ ନଗରକୀର୍ତ୍ତନ କରି ଜୟନିତାଇ ଆଶ୍ରମରେ ପହଞ୍ଚିଥିଲେ। ଅନ୍ତିମ ଦିବସରେ ଶତାଧିକ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଆଶ୍ରମ ସେବକ ଗୋଲଖଚନ୍ଦ୍ର ଆଚାର୍ଯ୍ୟ, ବାବା ଆନନ୍ଦ ଗୋପାଳ ଦାସ, ସାମ୍ବାଦିକ ମନୋଜ ଶତପଥୀ, ଦେବେନ୍ଦ୍ର ସାହୁ ଓ ଆଶ୍ରମର ସେବକଙ୍କ ସମେତ ଭକ୍ତମାନେ ସହଯୋଗ କରିଥିଲେ।

## ରାଜିଙ୍ଗରେ ବାର୍ଷିକ ମାଘମେଳା ମହୋତ୍ସବ



କିଶୋରନଗର,୨।୨(ସମିସ): ଆଠମଲ୍ଲିକ ଉପଖଣ୍ଡ ରାଜିଙ୍ଗ ଗ୍ରାମରେ ମାଘମେଳା ମହୋତ୍ସବ ପାଳିତ ହୋଇଛି। ସନ୍ଧ୍ୟା ୬ଟାରେ ହୋମଯଜ୍ଞ ହୋଇ ସୋମବାର ସକାଳ ୫ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା। କର୍ତ୍ତା ଭାବେ ପ୍ରଶାନ୍ତ ସାଏ ଓ ତାଙ୍କ ଧର୍ମପତ୍ନୀ ତପସ୍ୱିନୀ ସାଏ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ୨୨ ଦଳ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଗ୍ରାମ ସଭାପତି ଦିଲୀପ ନାୟକ, ସମ୍ପାଦକ ସନ୍ତୋଷ ସିଂଙ୍କ ନେତୃତ୍ୱ ନେଇଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସୁରଥ ସିଂ ସାଜସଜ୍ଜା, ଅଲୋକ, ତୋରଣ ଦାୟିତ୍ୱ ତୁଲାଇଥିଲେ।

## ସାଇକଲ ଯାତ୍ରାରେ ପ୍ରକାଶଙ୍କ ପୁଣି ରେକର୍ଡ

ଅନୁଗୋଳ,୨।୨(ସମିସ): ଆଗରୁ ମାନସିକ ଥିବା ମନ୍ଦିର ମାଳିନୀ ନଗରୀ ରାଜଧାନୀ ଭୁବନେଶ୍ୱର ସାଇକଲରେ ଯାତ୍ରା କରିବାର ସ୍ୱପ୍ନକୁ ସତ୍ୟରେ ପରିଣତ କରି ଏକ ବିରଳ ରେକର୍ଡ ସୃଷ୍ଟି କରିପାରିଛନ୍ତି ପ୍ରକାଶ ଗଡ଼ନାୟକ। ସେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ସକାଳ ୬ଟା ୨୦ରେ ସାଇକଲରେ ଯାତ୍ରା ଆରମ୍ଭ କରି ଭୁବନେଶ୍ୱର ଆଚାର୍ଯ୍ୟବିହାରରେ ୧୦ଟା ୫୫ରେ ପହଞ୍ଚିଥିଲେ। ମାତ୍ର ସାଢ଼େ ୪ ଘଣ୍ଟାରୁ ବି କମ୍ ସମୟରେ ସେ ଏହି ଯାତ୍ରା ସମାପ୍ତ କରି ରେକର୍ଡ କରିଛନ୍ତି। ପରେ ୧୧ଟା ୨୫ରେ ସେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିଥିଲେ। ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ତାଙ୍କର ଏହି ସଫଳତାରେ ବୟସ କୌଣସି ପ୍ରଭାବ ପକାଇ ପାରି ନ ଥିଲା। ପରଦିନ ପ୍ରକାଶ ପୁଣି ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି ଅନୁଗୋଳ ପ୍ରତ୍ୟାବର୍ତ୍ତନ କରିଥିଲେ।



ସୂଚନାଯୋଗ୍ୟ, ପ୍ରକାଶ ୨୦୧୬ ଡିସେମ୍ବରରେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ସାଇକଲ ଯୋଗେ ସକାଳ ୬ଟାରେ ବାହାରି ଅପରାହ୍ନ ୧ଟା ୩୫ରେ ପୁରୀ ଶ୍ରୀକ୍ଷେତ୍ରଧାମରେ ମାତ୍ର ସାଢ଼େ ୭ ଘଣ୍ଟାରେ ପହଞ୍ଚି ରେକର୍ଡ କରିବା ସହ ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ତାଙ୍କ ପାଇଁ ବୟସ ସତେ ଯେପରି ଏକ ସଂଖ୍ୟା ମାତ୍ର ବୋଲି ପ୍ରମାଣିତ କରିଛନ୍ତି।

## ବଳରାମପ୍ରସାଦରେ ବିଶାଳ ହିନ୍ଦୁ ସମ୍ମିଳନୀ

ଅନୁଗୋଳ,୨।୨(ସମିସ): ଅନୁଗୋଳ ଜିଲ୍ଲା ବଳରାମପ୍ରସାଦ ମା' ହିଙ୍ଗୁଳାଙ୍କ ମନ୍ଦିରରେ ଶନିବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାନ୍ତ ସହ ସଂଘ ଚାଳକ ହେମନ୍ତ କୁମାର ଧର ଯୋଗଦେଇ ହିନ୍ଦୁ ସମ୍ମିଳନୀର ଆବଶ୍ୟକତା ଉପରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ଢେଙ୍କାନାଳ ବିଭାଗ କାର୍ଯ୍ୟବାହ ଚନ୍ଦ୍ରଶେଖର ବେହେରା ଯୋଗଦେଇ ବର୍ତ୍ତମାନଠାରୁ ହିନ୍ଦୁମାନେ ସଂଗଠିତ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ଶ୍ୟାମପ୍ରସାଦ ପୁରୀଜୀ, ଶଙ୍କରାଚାର୍ଯ୍ୟଙ୍କ ସେବାସଚିବ ବରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ, ଜିଲ୍ଲା କାର୍ଯ୍ୟବାହ ଅନିଲ କୁମାର ମହାନ୍ତି, ସ୍ୱୟଂ ସେବକ ପର୍ଶୁରାମ ବାରିକ, ମାୟାଧର ସାହୁ, ମୀନକେତନ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ମଳୟ କୁମାର ସିଂହ, ସହ ସଂଯୋଜକ ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ଅନିଲ ବେହେରା, ଗୋକୁଳ ଅମାନ୍ତ, ଭଗବାନ ଭୋଇ, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ଅମାନ୍ତ, ବଜରଙ୍ଗ ଦଳ ସଂଯୋଜକ ନୀଳମାଧବ ବେହେରା, ରିପାନ ଅମାନ୍ତ, ପ୍ରକାଶ ସୁବୁଦ୍ଧି, ପ୍ରଶାନ୍ତ ମହାପାତ୍ର, ରଞ୍ଜନ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ● ଅନ୍ୱେଷା ୨.୦ରେ ଅନୁଗୋଳ ପୁଲିସକୁ ବଡ଼ ସଫଳତା
## ନିଖୋଜ ୧୯୨ ମହିଳା ଓ ୧୮ ଶିଶୁ ଉଦ୍ଧାର

ଅନୁଗୋଳ,୨।୨(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ଜାନୁଆରୀ ୨୧ରୁ ୩୦ ମଧ୍ୟରେ ନିଖୋଜ ଥିବା ୧୯୨ ମହିଳା ଓ ୧୮ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଅନୁଗୋଳ ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଟିମ୍ ଗଠନ କରାଯାଇ ଅନୁସନ୍ଧାନ କରାଯିବା ପରେ ନିଖୋଜ ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରାଯାଇପାରିଛି। ତାଳଚେର ଥାନା ଅଞ୍ଚଳରୁ ୨୩ ମହିଳା, ଅନୁଗୋଳ ସଦର ଥାନା ଅଞ୍ଚଳରୁ ୧୬ ମହିଳା, ନାଲକୋ ଅଞ୍ଚଳରୁ ୧୩ ମହିଳା, ଜରପଡ଼ା ଅଞ୍ଚଳରୁ ୧୩ ମହିଳା, କଳିଆରି ଅଞ୍ଚଳରୁ ୧୩ ମହିଳା, ହଣ୍ଡପା ଅଞ୍ଚଳରୁ ୧୨ ମହିଳା, ଅନୁଗୋଳ ଥାନା ଅଞ୍ଚଳରୁ ୧୨ ମହିଳା, ଛେଣ୍ଡିପଦା ଥାନା ଅଞ୍ଚଳରୁ ୧୧ ମହିଳା, ଅନୁଗୋଳ ସଦର ଅଞ୍ଚଳରୁ ୩ ଶିଶୁ, ବଅଁରପାଳ ଥାନା ଅଞ୍ଚଳରୁ ୩ ଶିଶୁ ଏବଂ ବାଗଡ଼ିଆ ଅଞ୍ଚଳରୁ ୪ ଶିଶୁଙ୍କୁ ପୁଲିସ ଉଦ୍ଧାର କରିଛି।

## ଉତ୍ତରପଡ଼ା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ,୨।୨(ସମିସ): ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଛି। ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ହେଉଛି ସମାଜ ଓ ଦେଶର ଭବିଷ୍ୟତ ଗଢ଼ିବାର ମୂଳ ଆଧାର ବୋଲି ମୁଖ୍ୟଅତିଥି କହିଥିଲେ। ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାର ଗୁଣମାନ ବୃଦ୍ଧି ଓ ନୋଡାଲ ବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ଅଶୋକ କୁମାର ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, କାଉନସିଲର ବଳରାମ ଜେନା ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ବୃନ୍ଦାବନ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଯୋଗାଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ● ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ମାରକୀ କ୍ରିକେଟ
## ଦେଉଳବେଡ଼ା ଫୋଟିଙ୍ଗ ଦଳ ଚାମ୍ପିଅନ



ତାଳଚେର,୨।୨(ସମିସ): ତାଳଚେର ପୌରପରିଷଦ ୧୯ନଂ ୱାର୍ଡ ହାଣ୍ଡିଧୁଆଁ ଖେଳପଡ଼ିଆରେ ହାଣ୍ଡିଧୂଆଁ ଯୁବଗୋଷ୍ଠୀ ପକ୍ଷରୁ ଆୟୋଜିତ ଦ୍ୱିତୀୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆରହାଟ ଏମବିସିସିକୁ ଦେଉଳବେଡ଼ା ଫୋଟିଙ୍ଗ ଦଳ ହରାଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, ଅନୁଗୋଳ ଜିଲ୍ଲା ବିଜେଡି ଉପ ସଭାପତି ଦିଲୀପ କୁମାର ପ୍ରଧାନ, ଜିଲ୍ଲା ଯୁବ ବିଜେଡି ଉପ ସଭାପତି ଲିପୁନା ଭୁକ୍ତା, ସୁଧୀର ସାମନ୍ତଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, କାଉନସିଲର ଉପସ୍ଥିତ ଥିଲେ।

## ତାଳଚେର ସହରାଞ୍ଚଳରେ ମା' ମଙ୍ଗଳାଙ୍କ ଝାମୁଯାତ୍ରା

ତାଳଚେର,୨।୨(ସମିସ): ତାଳଚେର ସହରାଞ୍ଚଳରେ ମା' ମଙ୍ଗଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି। ସହରର ବିଭିନ୍ନ ସାହିରେ ଏହି ଯାତ୍ରା ପାଳନ କରାଯାଉଛି। ଏହି ଯାତ୍ରାରେ ମାନସିକଧାରୀମାନେ ଅଗ୍ନିକୁ ଝାସ ଦେଇ ଅପର ପାର୍ଶ୍ୱକୁ ନିଆଁ ଉପରେ ଚାଲିଚାଲି ଯାଇଥାନ୍ତି। ମା'ଙ୍କୁ ଦେହୁରୀ କାନ୍ଧରେ ବୋହି ନଗର କୀର୍ତ୍ତନ କରାଯାଇଥାଏ। ପୂଜାର ଶେଷ ଦିନରେ ଯିଏ ଯାହା ମା'ଙ୍କ ଉଦ୍ଦେଶ୍ୟରେ ମାନସିକ କରିଥାଏ ତାକୁ ସମର୍ପଣ କରି ପରମ୍ପରା ଅନୁସାରେ ବଳି ମଧ୍ୟ ଦିଆଯାଇଥାଏ।

## ● କଣ୍ଟିଆପଶି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରୌପ୍ୟଜୟନ୍ତୀ ପାଳନ
## ଗହମକୁ ହଲାଇ ତାଳପଦା ଚାମ୍ପିଅନ

ଅନୁଗୋଳ,୨।୨(ସମିସ): କଣ୍ଟିଆପଶି ମା' ଗ୍ରାମଶ୍ରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠାନର ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତଥା ରୌପ୍ୟଜୟନ୍ତୀ ପାଳନ ହୋଇଛି। ପୂର୍ବତନ ନୌସେନା ଅଧିକାରୀ ସମାଜସେବୀ ତପନ ବେହେରା ଏହାକୁ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗହମ ଓ ତାଳପଦା ମଧ୍ୟରେ ଖେଳାଯାଇଥିଲା। ତିନି ମ୍ୟାଚ ବିଶିଷ୍ଟ ଫାଇନାଲରେ ତାଳପଦା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଗହମ ଦଳର ଡିଜିଟାଲ ରାଜୁ ମ୍ୟାନ ଅଫ ଦି ମ୍ୟାଚ ଏବଂ କାହ୍ନା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ପରାଛାଟ ସରପଞ୍ଚ ବବିତା ଘଟୁଆରୀ, କଣ୍ଟିଆପଶି ଗ୍ରାମ ସଭାପତି ତୀର୍ଥରାଜ ସାହୁ, ବିଜେପି ମଣ୍ଡଳ ସଭାପତି କାର୍ତ୍ତିକ ସାହୁ, ପଞ୍ଚାୟତ ବିଜେପି ସଭାପତି ମନୋଜ ସାହୁ, ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ସାହୁ, ସମାଜସେବୀ ରଞ୍ଜନ ଘଟୁଆରୀ, ପ୍ରତାପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଦିଲୀପ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଚାମ୍ପିଅନ ଓ ରନର୍ସଅପ ଦଳକୁ ଅତିଥି ପୁରସ୍କୃତ କରିଥିଲେ। କ୍ଲବ ସଭାପତି ନିରଞ୍ଜନ ସାହୁ, ଉପସଭାପତି ଲିପୁ ସାହୁ, କୋଷାଧ୍ୟକ୍ଷ ମୁନ୍ନା ପ୍ରଧାନ, ସରୋଜ ପ୍ରଧାନ, ଜିତେନ୍ଦ୍ର ବେହେରା, ସିପୁ ସାହୁ, ସମୀର ପ୍ରଧାନ, ଧ୍ରୁବଚରଣ ବେହେରା, ଅମର ବେହେରା, ରାହୁଲ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।




## ସମାଜସେବୀଙ୍କ ପରଲୋକ

କଣିହାଁ,୨।୨(ସମିସ): କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମର ସମାଜସେବୀ ଅଶୋକ କୁମାର ଗଡ଼ନାୟକଙ୍କର ବୌଦ୍ଧରେ ଏକ କାର୍ ଦୁର୍ଘଟଣାରେ ପରଲୋକ ହୋଇଛି। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ସହ ସମ୍ପାଦକ ଦାୟିତ୍ୱରେ ରହି ରେଙ୍ଗାଳି ପ୍ରକଳ୍ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜାଭିୟର ଇଂରାଜୀ ବିଦ୍ୟାଳୟର ଉପଦେଷ୍ଟା ଓ ବଜ୍ରକୋଟ ଅରବିନ୍ଦ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବର୍ତ୍ତମାନ ରେଙ୍ଗାଲି ଅରବିନ୍ଦ ବିଦ୍ୟାଳୟର ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ମରଶରୀର ରେଙ୍ଗାଳି ପହଞ୍ଚିବା ପରେ ଜାଭିୟର୍ସ ପବ୍ଲିକ ସ୍କୁଲ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## 'ସନ୍ତୁଳିତ ଜଳବାୟୁ ପାଇଁ ଆର୍ଦ୍ରଭୂମି ସୁରକ୍ଷା ଅପରିହାର୍ଯ୍ୟ'

ଅନୁଗୋଳ,୨।୨(ସମିସ)




ପରିବେଶ ସନ୍ତୁଳନ, ସୁସ୍ଥ ପରିସଂସ୍ଥା ଓ ଜଳବାୟୁ ସ୍ଥିରତା ପାଇଁ ଆର୍ଦ୍ରଭୂମିର ସୁରକ୍ଷା ଓ ସଂରକ୍ଷଣ ଅପରିହାର୍ଯ୍ୟ। ପ୍ରାକୃତିକ ଆବର୍ତ୍ତନ ପ୍ରକ୍ରିୟାକୁ ବଜାୟ ରଖିବା ସହ ଭୂତଳ ଜଳଧାରଣ କ୍ଷମତା ବୃଦ୍ଧି କରିବାରେ ଆର୍ଦ୍ରଭୂମିର ଭୂମିକା ଯଥେଷ୍ଟ। ସୁସ୍ଥ ଶରୀର ପାଇଁ ଫୁସଫୁସ ଓ ବୃକ୍କ ଯେମିତି ଅପରିହାର୍ଯ୍ୟ, ଠିକ ସେମିତି ସନ୍ତୁଳିତ ପୃଥିବୀ ପାଇଁ ଜଙ୍ଗଲ ଓ ଆର୍ଦ୍ରଭୂମିର ସୁରକ୍ଷା ଅପରିହାର୍ଯ୍ୟ। ମାତ୍ର ସମ୍ପ୍ରତି ଜନସଂଖ୍ୟା ବିସ୍ଫୋରଣ ଏବଂ ସେହି ହାରରେ ଆଧୁନିକତା ଓ ଆବଶ୍ୟକତା ଦୃଷ୍ଟିରୁ ଆର୍ଦ୍ରଭୂମିର ବିଲୋପ ବଡ଼ ଚିନ୍ତାର କାରଣ ହୋଇଛି। ଯୁବ ଓ ଛାତ୍ର ସମାଜ ଆର୍ଦ୍ରଭୂମି ବିଷୟରେ ସଚେତନ ହେଲେ ଭବିଷ୍ୟତରେ ଏହାର ସୁରକ୍ଷା ହୋଇପାରିବ ବୋଲି ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି।

ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ରନ୍ତଲାଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ଜିତେନ୍ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ପରିବେଶବିତ୍ ତଥା ନିୟୁଜ୍ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଆର୍ଦ୍ରଭୂମିର ପ୍ରକାରଭେଦ, ବିଶ୍ୱ, ଭାରତ ଏବଂ ଓଡ଼ିଶାରେ ରାମସର୍ ସାଇଟର ସ୍ଥିତି ଓ ଅବସ୍ଥିତି, ଜୀବନଜୀବିକା ପରିଚାଳନାରେ ଆର୍ଦ୍ରଭୂମିର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ସରୋଜ କୁମାର ପ୍ରଧାନ, ସୁଧାଂଶୁ ଶେଖର ନାଥ, ପ୍ରଦୀପ କୁମାର ସାହୁ ଏବଂ ନିୟୁଜ୍ ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ ସ୍ଥାନୀୟ ଆର୍ଦ୍ରଭୂମି ପ୍ରତି ଥିବା ବିପଦ, ଆର୍ଦ୍ରଭୂମି ସଂକୋଚନର ବିଭିନ୍ନ କାରଣ ଏବଂ ନିରାକରଣ ଓ ସଂରକ୍ଷଣ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ଅନୁଷ୍ଠାନର ବିନୟ କୁମାର ସାହୁ ସହଯୋଗ କରିଥିଲେ।